
ଦଶ ମହାବିଦ୍ୟା ଓ ନବଦୁର୍ଗା



ଜ୍ୟୋତିର୍ବିଦ୍ ଡ. ପ୍ରଦୀପ କୁମାର ଚୌଧୁରୀ
ଜ୍ୟୋତିର୍ବିଦ୍ ରୁଦ୍ରପ୍ରସନ୍ନ ଦ୍ୱିବେଦୀ

ଦଶ ମହାବିଦ୍ୟା
ଓ
ନବଦୁର୍ଗା

ଜ୍ୟୋତିର୍ବିଦ୍ ଡ. ପ୍ରଦୀପ କୁମାର ଚୌଧୁରୀ
ଜ୍ୟୋତିର୍ବିଦ୍ ରୁଦ୍ର ପ୍ରସନ୍ନ ଦ୍ୱିବେଦୀ

ଜ୍ଞାନଯୁଗ ପବ୍ଲିକେଶନ
ଭୁବନେଶ୍ୱର

ଦଶ ମହାବିଦ୍ୟା ଓ ନବଦୁର୍ଗା

ଜ୍ୟୋତିର୍ବିଦ୍ ଡ. ପ୍ରଦୀପ କୁମାର ଚୌଧୁରୀ
ଭି.ଏ.୩୪/୪, ୟୁନିଟ୍-୨,ଭୁବନେଶ୍ୱର-୯
ଦୂରଭାଷ:(୦୬୭୪)୨୫୩୫୫୪୪
ମୋବାଇଲ:୦୯୪୩୭୨୮୪୨୧୧

ଜ୍ୟୋତିର୍ବିଦ୍ ରୁଦ୍ରପ୍ରସନ୍ନ ଦ୍ୱିବେଦୀ
ଫୋନ୍ ନଂ.(୦୬୭୪)୨୫୩୩୧୭୯୭
୧୮, ପାୱାନି କମ୍ପ୍ଲେକ୍ସ, ଭୁବନେଶ୍ୱର -୩୦

ସ୍ୱତ୍ୱ :ଲେଖକ

ISBN 81-89726-74-9 7

ପ୍ରକାଶନ ଉପଦେଷ୍ଟା :
ଶ୍ରୀ ବିନୋଦ ବିହାରି ବିଶୋଇ
ମୋବାଇଲ୍ : ୯୯୩୭୬୯୪୭୮୧

ପ୍ରକାଶକ : ଜ୍ଞାନଯୁଗ ପବ୍ଲିକେଶନ
ଏନ୍-୬/୪୨୮, ଆଇ.ଆର୍.ସି. ଭିଲେଜ
ନୂଆପଲ୍ଲୀ, ଭୁବନେଶ୍ୱର -୧୫
ଫୋନ ନଂ : ୦୬୭୪-୨୫୫୨୦୯୧

ମୁଦ୍ରଣ : କ୍ରିଏଟିଭ୍ ଅଫ୍‌ସେଟ୍
ଭୁବନେଶ୍ୱର - ୭୫୧୦୧୫
ଫୋନ୍ ନଂ.- ୦୬୭୪-୨୫୫୨୦୯୧

ଦ୍ୱିତୀୟ ସଂସ୍କରଣ : ୨୦୧୬

ଡି.ଟି.ପି : ପ୍ରସନ୍ନ କୁମାର ରଥ

ମୂଲ୍ୟ : ଟ.୧୫୦.୦୦
(ଏକ ଶତ ପଚାଶ ଟଙ୍କା ମାତ୍ର)

Dasha Mahavidya 'O' Nava Durga

Jyotirbid Dr. Pradeep Ku. Choudhury
Qrs. - VA-34/4, Unit - II
Bhubaneswar - 751 009
Phone - (0674) 2535544(R)
Mob-09437284211

Jyotirbid Rudra Prasanna Dwivedi

18, Pawani Complex, BBSR - 30

Ph. No.- 0674-2531797

ISBN 81-89726-74-9

Publisher's Advisor :
Binod Bihari Bisoi
Mobile : 9937694781

Publisher :
Gyanayuga Publication
N-6/428, IRC Village,
Nayapalli, Bhubaneswar -15
Phone : 0674-2552091

Printed at :
Creative Offset
Bhubaneswar - 751 015
Ph: 0674-2552091

Second Edition : 2016

D.T.P. : Prasanna Kumar Ratha

Price : Rs.150.00
(Rupees One Hundred Fifty only)


Published by : Smt. Susama Bisoi on behalf of Gyanajuga Publication, N-6/428, IRC Village, Nayapalli, Bhubaneswar - 751 015, Odisha, Ph. - 0674-2552091, 2556107



ଅତୁଲିତବଲଧାମଂ ସ୍ୱର୍ଣ୍ଣଶୈଳାଭଦେହଂ
ଦନୁଜବନକୃଶାନୁଂ ଜ୍ଞାନିନାମଗ୍ରଗଣ୍ୟମ୍
ସକଳଗୁଣନିଧାନଂ ବାନରାଣାମଧୀଶଂ
ରଘୁପତିପ୍ରିୟଭକ୍ତଂ ବାତଜାତଂ ନମାମି ॥

ଅସୀମ ବଳର ସମାହାର, ସୁବର୍ଣ୍ଣ ପର୍ବତ ସ୍ୱରୂପ କାନ୍ତିଯୁକ୍ତ ଶରୀର, ଦୈତ୍ୟରୂପୀ ବନର ଅଗ୍ନିସଦୃଶ, ଜ୍ଞାନୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ, ସକଳ ଗୁଣର ଅଧିକାରୀ, ବାନରମାନଙ୍କ ଅଧୀଶ୍ୱର, ରାମଙ୍କ ପ୍ରିୟତମ ଭକ୍ତ, ହେ ପବନପୁତ୍ର ବୀର ହନୁମାନ ! ତୁମଙ୍କୁ ମୋର ବିନମ୍ର ପ୍ରଣାମ ଜଣାଇ ଏହି ଅର୍ଘ୍ୟ **"ଦଶ ମହାବିଦ୍ୟା ଓ ନବଦୁର୍ଗା"**କୁ ତୁମର ପବିତ୍ର ଚରଣ କମଳରେ ଅର୍ପଣ କରୁଅଛି ।

- ପ୍ରଦୀପ କୁମାର ଚୌଧୁରୀ



ଶିରିଡିର ମହାନ୍‌ସନ୍ଥ ସଦ୍‌ଗୁରୁ ସାଇବାବା ଏହି ଧରା ବକ୍ଷରେ ଅସୀମ ଐଶ୍ୱରିକ ଶକ୍ତିର ଅବତାର ମହାମାନବ, ଯିଏ କି ସଂସାରକୁ ଅମୃତପଥର ଯାତ୍ରୀ ହୋଇ ଅମୃତର ସନ୍ଧାନ କରିବା ପାଇଁ ଅନୁପ୍ରାଣିତ କରି ଆସିଛନ୍ତି ଏବଂ ସେ ସମସ୍ତ ଗ୍ରହ ଓ ନକ୍ଷତ୍ରକୁ ପ୍ରତିନିଧିତ୍ୱ କରିବା ସଙ୍ଗେ ସଙ୍ଗେ ଈଶ୍ୱର ଏକ ଓ ଅଭିନ୍ନ, ସେ ଭିନ୍ନ ଭିନ୍ନ ରୂପରେ ବିରାଜମାନ ଏବଂ ଈଶ୍ୱର କୌଣସି ନିର୍ଦ୍ଦିଷ୍ଟ ଜାତି, ବର୍ଣ୍ଣ, ଗୋଷ୍ଠୀ, ଅଞ୍ଚଳ, ଲିଙ୍ଗ ଭିତରେ ଆବଦ୍ଧ ନୁହଁନ୍ତି । ଈଶ୍ୱର ଶୂନ୍ୟମୟ ବ୍ରହ୍ମ, ଅନନ୍ତ ଓ ଅସୀମ । ସେ ବ୍ରହ୍ମା, ସେ ବିଷ୍ଣୁ, ସେ ମହେଶ୍ୱର, ସେ ମାତା ମହାଲକ୍ଷ୍ମୀ, ମାତା ମହାକାଳୀ, ମାତାମହାସରସ୍ୱତୀ ସେ ହିଁ ମା' କାମାକ୍ଷା । ଏହି ମହାନ୍ ଆଦର୍ଶରେ ଅନୁପ୍ରାଣିତ ମହାନ୍ ସନ୍ଥ ସଦ୍‌ଗୁରୁ ଶ୍ରୀ ଶିରିଡି ସାଇବାବା ଚରଣକମଳରେ ଏହି ଅର୍ଘ୍ୟ **"ଦଶ ମହାବିଦ୍ୟା ଓ ନବଦୁର୍ଗା"** ଅର୍ପଣ କରୁଛି ।

- ପ୍ରଦୀପ କୁମାର ଚୌଧୁରୀ




ନୀଳ ସମୁଦ୍ରକୂଳେ, ନୀଳ ପର୍ବତର ନୀଳକନ୍ଦରର ଚୂଡାରେ ନୀଳଚକ୍ରନେଇ ନୀଳବ୍ରହ୍ମରୂପେ ଘନନୀଳବର୍ଣ୍ଣ ଶନିଙ୍କ ପୂର୍ଣ୍ଣ ସ୍ୱରୂପ ଜଗତର ନାଥ, ଶ୍ରୀଜଗନ୍ନାଥ, ଯିଏ କି ବିଶ୍ୱରୁ ଉର୍ଦ୍ଧ୍ୱ, ସମ୍ପୂର୍ଣ୍ଣ ଜଗତର ପ୍ରତୀକ, ବ୍ରହ୍ମମୟ ଜ୍ୟୋତିଃପୁରୁଷ, ଯିଏ କି ସର୍ବଗଣଙ୍କୁ ପ୍ରତିନିଧିତ୍ୱ କରନ୍ତି ଏବଂ ନାନା ରୂପରେ ବିଦ୍ୟମାନ, ଯାହାଙ୍କୁ ଥରେ ମାତ୍ର ଦର୍ଶନ କଲେ ଏ ଜୀବ ଜନ୍ମମରଣ ଚକ୍ରରୁ ମୁକ୍ତି ପାଇ ଅମୃତର ପଥଗାମୀ ହୁଏ, ସେହି ଶୂନ୍ୟମୟ ପୂର୍ଣ୍ଣବ୍ରହ୍ମ ପରମେଶ୍ୱରଙ୍କ ଚରଣ କମଳରେ ଏହି ଅର୍ଘ୍ୟ **"ଦଶ ମହାବିଦ୍ୟା ଓ ନବଦୁର୍ଗା"** ପୁସ୍ତକକୁ ଅର୍ପଣ କରୁଅଛି ।

- ପ୍ରଦୀପ କୁମାର ଚୌଧୁରୀ




"ତୁମେ କେବେ ଭାବିବ ନାହିଁ ଯେ, ମୁଁ ତୁମମାନଙ୍କୁ ଛାଡି ଚାଲିଗଲି । ମୋତେ ବିଶ୍ୱାସକର, ମୁଁ ଏ ଶରୀର ତ୍ୟାଗ କରି ଚାଲିଗଲେ ମଧ୍ୟ ମୋ ସମାଧି ଭିତରେ ଥିବା ହାଡ କଥା କହିବ; ମୋ ସମାଧି ତୁମକୁ ମନୋବଳ ଦେବ, ଆତ୍ମବିଶ୍ୱାସ ଦେବ । ଯିଏ ସର୍ବାନ୍ତକରଣରେ ମୋ ନିକଟରେ ଆତ୍ମ ସମର୍ପଣ କରିବ, ମୁଁ ତାକୁ ରକ୍ଷା କରିବି ।"

- ଶ୍ରୀ ସାଇ



ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଆଧ୍ୟାତ୍ମିକ ଗୁରୁ ଶ୍ରୀ ରାମନାରାୟଣ ଦାଶ ମହାରାଜ ଓ ସୁରମଣି ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଜ୍ୟୋତିର୍ବିଦ୍ ଚୌଧୁରୀଙ୍କ ଏକ ପୁସ୍ତକ ଉନ୍ମୋଚନ ଅବସରରେ ।



ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଜ୍ୟୋତିଷଗୁରୁ

ଶ୍ରୀଯୁକ୍ତ ଏମ୍. ସତ୍ୟନାରାୟଣ ।

ଉପକ୍ରମଣିକା

ସୃଷ୍ଟିର ପ୍ରତ୍ୟେକ ଦୃଶ୍ୟମାନ ବା ପ୍ରତୀୟମାନ ରୂପରେଖ ବର୍ଗର ବିକାଶ ମୂଳ ଅବସ୍ଥାରୁ ସଂଗଠିତ ହୋଇଥାଏ । ବିକାଶ ଜନିତ କ୍ରମିକ ପରିବର୍ତ୍ତନର ଶେଷରେ ବିଲୟ ଘଟେ । ଜୀବନ ଚକ୍ରରେ ଜନ୍ମ ଓ ମୃତ୍ୟୁ ଦୁଇଟି ମଧ୍ୟବର୍ତ୍ତୀ ଅବସ୍ଥା । ସମୁଦ୍ର ବକ୍ଷରେ ତରଙ୍ଗର ଉତ୍‌ଥାନ ପତନ, ମାନବ ଓ ପଶୁପକ୍ଷୀ ଜଗତର ଜନ୍ମମୃତ୍ୟୁ, ବନସ୍ପତିରାଜିର ଉଦ୍‌ଗମ ଓ ଭୂମିରେ ମିଶ୍ରଣ, ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତ, ଏ ସବୁର ପ୍ରତ୍ୟକ୍ଷ ଅନୁଭୂତି ଥାଇ ମଧ୍ୟ ମନୁଷ୍ୟ କାମନା ରହିତ ହୋଇପାରୁନାହିଁ । ଏହାର ମୂଳ କାରଣ ହେଲା ନିଜର ଭ୍ରାନ୍ତ ବ୍ୟକ୍ତିତ୍ୱ ବୋଧ, ଅହଂଭାବ ଓ ଆସକ୍ତି ବନ୍ଧନର ଅଜ୍ଞତା । ପୁନଶ୍ଚ ପ୍ରକୃତିର ପ୍ରଳୟଙ୍କରୀ ତାଣ୍ଡବଲୀଳା ସମ୍ବନ୍ଧରେ ବାରମ୍ବାର ପ୍ରଭାବିତ ଓ ସନ୍ତୁଳିତ ହୋଇ ମନୁଷ୍ୟ ବିଭିନ୍ନ ଯଜ୍ଞ, ହୋମ, ସଂକୀର୍ତ୍ତନ, ଦେବଦେବୀ ପୂଜା ଉପାସନା, ନୂତନ ବୈଜ୍ଞାନିକ ପଦ୍ଧତିରେ ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ କରିବାର ପ୍ରଚେଷ୍ଟା ଆଦି ସଂପାଦନ କରି ମଧ୍ୟ ସୃଷ୍ଟିର ଆଦ୍ୟାଶକ୍ତି ମହାମାୟାଙ୍କ କରୁଣା ଲାଭରୁ ବଞ୍ଚିତ ।

ମନୁଷ୍ୟ ବସ୍ତୁତଃ ଶକ୍ତିବାଦୀ। ଶକ୍ତିଉପାସନା ବ୍ୟତିରେକ ଶକ୍ତିମାନଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କେବେ ହେଁ ସମ୍ଭବପର ନୁହେଁ। କରୁଣାମୟୀ ମା' ହିଁ ଶକ୍ତିର କାରଣ। ସେ ହିଁ ତା'ର ସନ୍ତାନକୁ ପିତା ସହିତ ପରିଚିତ କରାଇଥାଏ। ପିତାଙ୍କୁ ପାଇବାକୁ ହେଲେ ମା' ଙ୍କୁ ହିଁ ଆଶ୍ରୟ କରିବାକୁ ହୁଏ। ଏହି ଶକ୍ତିମୟୀ ମା' ହେଉଛନ୍ତି ଭଗବତୀ (ଯୋଗମାୟା/ ମହାମାୟା)। ସଂସାରର ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଓ ସଂହାରକର୍ତ୍ତା ରୁଦ୍ରଙ୍କର କ୍ରମାନୁଯାୟୀ ରାଜସିକ, ସାତ୍ତ୍ୱିକ ଓ ତାମସିକ ଶକ୍ତି ପ୍ରଦାୟିନୀ ମଧ୍ୟ ସେହି କଲ୍ୟାଣମୟୀ ଭଗବତୀ। ଭଗବତୀ ବ୍ରହ୍ମ ସ୍ୱରୂପିଣୀ ଓ ପ୍ରକୃତି ପୁରୁଷାତ୍ମକ ଜଗତ୍ ତାଙ୍କଠାରୁ ଉତ୍‌ପନ୍ନ ଅଟେ।

ଏହି ଭଗବତୀଙ୍କର ଅସଂଖ୍ୟ ରୂପ ଅଛି । ତନ୍ମଧ୍ୟରୁ ଶ୍ରୀ ଶ୍ରୀ ନବଦୁର୍ଗା ଓ ଦଶମହାବିଦ୍ୟା ରୂପ ପ୍ରସିଦ୍ଧ । ପୁନଶ୍ଚ ଦେବୀ ନିଜେ ତିନି ପ୍ରଧାନ ମହାଦେବୀ ରୂପେ ବିରାଜମାନ ହୋଇଛନ୍ତି ।

ମହାକାଳୀ-ଜୀବନ ସଂଗ୍ରାମର ବିଜୟଶକ୍ତି ତଥା ପ୍ରଚଣ୍ଡ ରୁଦ୍ର ଶକ୍ତି ।

ମହାଲକ୍ଷ୍ମୀ-ଆନନ୍ଦ, ପୂର୍ଣ୍ଣତା ଓ ସୌନ୍ଦର୍ଯ୍ୟଶକ୍ତି ତଥା ପରମ ବୈଷ୍ଣବୀ ।

ମହାସରସ୍ୱତୀ - ଦିବ୍ୟଜ୍ଞାନ ଓ ବ୍ରହ୍ମସାକ୍ଷାତ୍‌କାର ଶକ୍ତି ତଥା ବ୍ରହ୍ମମୟୀ ମା' ତାରା ।

ଶକ୍ତିଙ୍କର ଏହି ତ୍ରିବିଧ ସମନ୍ୱୟକୁ ମହାନ୍ ତେଜମୟୀ "ଦୁର୍ଗା" ନାମରେ ଅଭିହିତ କରାଯାଇଅଛି । ବୈଦିକ ମତାନୁସାରେ ଭଗବତୀ ଦୁର୍ଗାଙ୍କୁ ଭୟନିବାରଣାର୍ଥେ ପବିତ୍ର ହୃଦୟରେ ଜପକଲେ ମହାମାୟା ପୁରୁଷି-ଶକ୍ତି ଭାବେ ଜାଗ୍ରତ ହୋଇ ପ୍ରସନ୍ନ ପୂର୍ବକ ଅଭୟ ପ୍ରଦାନ କରିଥାଆନ୍ତି ।

"ଓଁ ଉତ୍ତିଷ୍ଠ ପୁରୁଷି କିଂ ସ୍ୱପିଷି ଭୟଂ ମେ ସମୁପସ୍ଥିତଂ
ଯଦି ଶକ୍ୟ ମଶକ୍ୟଂ ହୁଂ ଦୁର୍ଗେ ଭଗବତୀ ଶମୟ ସ୍ୱାହା"

ଦେବୀ କବଚରେ ନବଦୁର୍ଗାଙ୍କୁ ସ୍ମରଣ କରାଯାଇ କୁହାଯାଇଛି ଯେ ଆଦିଶକ୍ତି ଦୁର୍ଗାଙ୍କ ପ୍ରଥମରୂପ ଶୈଳପୁତ୍ରୀଙ୍କଠାରୁ ନବମରୂପ ସିଦ୍ଧିଦାତ୍ରୀଙ୍କ ପର୍ଯ୍ୟନ୍ତ ନବରାତ୍ର ପୂଜା, ଆରାଧନା, ଉକ୍ତ (ସାଧକ)ର ସର୍ବକଷ୍ଟ ନିବାରଣ କରିଥାଏ । ରୂପ କ୍ରମରେ ଶକ୍ତିମୟୀ ଦେବୀ ପ୍ରେରଣାମୟୀ, ପବିତ୍ରଶିକ୍ଷା ପ୍ରଦାୟିନୀ, କାର୍ଯ୍ୟ ପଦ୍ଧତିର ଆନନ୍ଦଦାୟିନୀ, ଆତ୍ମନିଗ୍ରହ ବିଶୁଦ୍ଧକାରିଣୀ, ଐଶ୍ୱରିକଶକ୍ତି ସଂଚାରିଣୀ, ସଦାଶୁଦ୍ଧକାରିଣୀ, ଆତ୍ମଗର୍ବଖଣ୍ଡିନୀ, ଉଦ୍ଦୀପ୍ତ ଜ୍ଞାନାଲୋକ ସଞ୍ଚାଳିନୀ ତଥା ସମ୍ପୂର୍ଣ୍ଣତା ପ୍ରାପ୍ତି କରୁଣାବର୍ଷିଣୀ ଅଟନ୍ତି । ନବଦୁର୍ଗାଙ୍କ ଉପାସନା ଓ ସାଧନା ମାଧ୍ୟମରେ ନବଗ୍ରହଙ୍କ ଶାନ୍ତିବିଧାନ ମଧ୍ୟ କରାଯାଇଥାଏ ।

ଦଶମହାବିଦ୍ୟା ଦେବୀମହାମାୟାଙ୍କୁ ଦଶଦିଗରୁ ଦଶରୂପରେ ଘେରି ରହିଅଛନ୍ତି ।

ଦେବାଧିଦେବ ମହାଦେବଙ୍କର ଶକ୍ତି ଏହି ଦଶମହାବିଦ୍ୟା ଅନନ୍ତ ସିଦ୍ଧି ପ୍ରଦାନ କାରିଣୀ । ଦଶମହାବିଦ୍ୟାର ପ୍ରଥମ ଶକ୍ତି ହେଲେ ମା' କାଳୀ (ମହାକାଳୀ) । କଳିକାଳରେ କାଳୀଙ୍କ ଆରାଧନା ଶ୍ରେଷ୍ଠ ବୋଲି ପ୍ରତିପାଦିତ ହୋଇଛି, କାରଣ "କାଳସ୍ୟ ସ୍ତ୍ରୀ ଇତି କାଳୀ" ସମୟ ବା କାଳଚକ୍ରର ରାଶିଚକ୍ର ଓ ନବଗ୍ରହଙ୍କ ସ୍ଥିତି ସହିତ ସମ୍ବନ୍ଧ ରହିଛି । ନବଗ୍ରହଙ୍କ ଶକ୍ତି ଦଶମହାବିଦ୍ୟା-କାଳୀ-ଶନି, ତାରା-ବୃହସ୍ପତି, ଷୋଡଶୀ (ତ୍ରିପୁରାସୁନ୍ଦରୀ)-ବୁଧ, ଭୁବନେଶ୍ୱରୀ (ଶ୍ରୀବିଦ୍ୟାଲଳିତା)-ଚନ୍ଦ୍ର, ଛିନ୍ନମସ୍ତା-ରାହୁ, ଧୂମାବତୀ-କେତୁ, ବଗଳାମୁଖୀ-ମଙ୍ଗଳ, ମାତଙ୍ଗୀ-ରବି ଓ କମଳା (ମା' ଲକ୍ଷ୍ମୀ), ଶୁକ୍ରଙ୍କର ଇଷ୍ଟଦେବୀ (ଶକ୍ତିସ୍ୱରୂପିଣୀ) ଭାବେ ପୂଜିତ ଓ ଆରାଧ୍ୟ । କିନ୍ତୁ ରାଶିଚକ୍ରର ଦ୍ୱାଦଶଭାବ ମଧ୍ୟରୁ ଲଗ୍ନଭାବକୁ ମା' ଭୈରବୀ ପ୍ରଭାବିତ କରିଥାଆନ୍ତି । ଏଣୁ ଦଶମହାବିଦ୍ୟା ଧ୍ୟାନ, ଜପ, ପୂଜା ଓ ସାଧନା ଦ୍ୱାରା ଭକ୍ତକୁ ଗ୍ରହାନୁକୂଳ ପ୍ରାପ୍ତି ମିଳିଥାଏ ।

କଲ୍ୟାଣକାମୀ ବ୍ୟକ୍ତି ପାଇଁ ସନ୍ତୋଷ ହିଁ ପରମ ବନ୍ଧୁ ଅର୍ଥାତ୍ ମିତ୍ର । ଏହି ପରମ ସନ୍ତୋଷ ଲାଭ ନିମନ୍ତେ ପୁସ୍ତକଟିର ରଚନା । ଦେବୀଗଣଙ୍କର ଗୁଣାଧ୍ୟାନ, ବୀଜମନ୍ତ୍ର

ପ୍ରଣାମ ମନ୍ତ୍ର, ଅର୍ଚ୍ଚନ ଓ କବଚ ଇତ୍ୟାଦି ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଅଛି । ଅନେକଙ୍କ ମତରେ ସିଦ୍ଧଗୁରୁଙ୍କ ବିନା ଚଣ୍ଡି, ଦଶମହାବିଦ୍ୟା, ନବଦୁର୍ଗାସ୍ତୋତ୍ର ଧ୍ୟାନ, ଜପ ଇତ୍ୟାଦିର ପୂଜାଉପାସନା ବୈଦିକ/ତାନ୍ତ୍ରିକ ବିଧିବିଧାନ, ପଦ୍ଧତି ବିନା କରଣୀୟ ନୁହେଁ । କିନ୍ତୁ ଶକ୍ତି ଉପାସନା ପାଠର ମୂଳ ଲକ୍ଷ୍ୟ ହେଲା, ବ୍ୟକ୍ତି ନିଜର ଜୀବନ ପ୍ରବାହକୁ ଶକ୍ତି ଆରାଧନା ସ୍ତୋତ୍ରରେ ସାମିଲ୍ କରି ଜୀବନଚର୍ଯ୍ୟା ସଂପାଦନ କରିବା । ଶୁଦ୍ଧପୁତ ଭାବେ ନିର୍ମଳ ଆସନରେ ଉପବିଷ୍ଟ ହୋଇ ସ୍ପଷ୍ଟ ଉଚ୍ଚାରଣ ସହିତ ଚଣ୍ଡି, ଦଶମହାବିଦ୍ୟା ପାଠ କଲେ ମା'ଙ୍କ କୃପାପ୍ରାପ୍ତି ହୋଇଥାଏ । ଅନେକ ମତ ପ୍ରକାଶ କରିଥାଆନ୍ତି ଯେ, ଅର୍ଥ ବା ଭାବାର୍ଥ ନ ବୁଝି ପାଠକଲେ ଏହା ନିଷ୍ଫଳା ହୋଇଥାଏ । କିନ୍ତୁ ଏକାଗ୍ରଚିତ୍ତ ଓ ସ୍ଥିରମନରେ ଦେବୀଙ୍କୁ ସମର୍ପଣ ପୂର୍ବକ ପତ୍ୟହ ପାଠ କରି, ଅଭ୍ୟାସ ଦ୍ୱାରା ପାଠର ସମୟସୀମା ଧିରେ ଧିରେ ବଢାଇଲେ, ଭକ୍ତ ନିଜେ ଅନୁଭବ କରିପାରିବ ଯେ ତାର ସମସ୍ତ ଯାତନା, ଦୁଃଖକଷ୍ଟ, ବାଧାବିଘ୍ନ, ଭ୍ରାନ୍ତି ଓ ଅହଂଭାବ କ୍ରମେ ଦୂରୀଭୂତ ହୋଇ ତାକୁ ପରମଶାନ୍ତି ମାର୍ଗରେ ଅଗ୍ରସର ହେବାର ଶକ୍ତି ପ୍ରାପ୍ତ ହେଉଅଛି ।

ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ଜ୍ୟୋତିଷଶାସ୍ତ୍ର, ଆଧ୍ୟାତ୍ମିକ ବିଜ୍ଞାନ, ଧର୍ମସାହିତ୍ୟ କ୍ଷେତ୍ରକୁ ପରିପୁଷ୍ଟ କରିବା ପାଇଁ ଅନେକ ପୁସ୍ତକ ଓ ସଂକଳନ ରଚନା କରିଅଛନ୍ତି । ତାଙ୍କ ଲିଖିତ ପୁସ୍ତକ ମଧ୍ୟରୁ ସଦ୍‌ଗୁରୁ ଶ୍ରୀ ଶିରିଡି ସାଇବାବା ଓ ନବଗ୍ରହ ଶାନ୍ତିବିଧାନ, ଶନିମହାଗ୍ରହ ପ୍ରଭାବ ଓ ପ୍ରତିକାର, ମୁହୂର୍ତ୍ତ ଜ୍ୟୋତିଷ ବିଜ୍ଞାନ, ଜ୍ୟୋତିଷ ଚନ୍ଦ୍ରିକା ବହୁଜନ ଆଦୃତ । ଶ୍ରୀ ଚୌଧୁରୀ ମଧ୍ୟ ଓଡିଶା ଓ ଭାରତ ବର୍ଷରେ ବହୁ ସମ୍ମାନରେ ଭୂଷିତ ହୋଇଅଛନ୍ତି । ତତ୍କାଳୀନ ଜଟିଳ ପ୍ରଶ୍ନ ସମୂହର ସରଳ ସମାଧାନ ତଥା ଭବିଷ୍ୟବାଣୀ, ବାସ୍ତୁଶାସ୍ତ୍ରରେ ନିର୍ଭୁଲ୍ ପରାମର୍ଶ, ଗ୍ରହନକ୍ଷତ୍ରଙ୍କ ପ୍ରତିକୂଳ ପ୍ରଭାବରେ ଜଟିଳ ପରିସ୍ଥିତିର ନିରାକରଣ ଇତ୍ୟାଦିରେ ଡ. ପ୍ରଦୀପ କୁମାରଙ୍କ ନିଜସ୍ୱ ବିଶ୍ଳେଷଣ ଓ ସଫଳତା ଶତମୁଖ ପ୍ରଶଂସିତ । ସଦ୍‌ଗୁରୁ ଶ୍ରୀ ଶିରିଡି ସାଇବାବାଙ୍କ ଅସୀମ କରୁଣାରୁ ତାଙ୍କ ସହିତ ମୋର ପରିଚୟ ଓ ବନ୍ଧୁତା । ପ୍ରଥମ ପରିଚୟ ପରଠାରୁ ଜ୍ୟୋତିଷଶାସ୍ତ୍ର, ଆଧ୍ୟାତ୍ମିକଶାସ୍ତ୍ର ଓ ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରେ ଆମେ ଦୁହେଁ ଶିରିଡିସାଇଙ୍କ ଭାଷାରେ ଋଣାନୁବନ୍ଧନରେ ଅନୁବନ୍ଧିତ । ବାବାଙ୍କ ଅସୀମ କୃପା ଓ ଶକ୍ତିମୟୀ ମା'ଙ୍କର ଅପାର କରୁଣା ଏହି ପୁସ୍ତକ (ସଂକଳନ)ର ପାଠକମାନଙ୍କୁ ଆନନ୍ଦ ଓ ଶାନ୍ତି ପ୍ରଦାନ କରୁ । ଏହା ହିଁ ପ୍ରାର୍ଥନା ।

ରୁଦ୍ର ପ୍ରସନ୍ନ ଦ୍ୱିବେଦୀ

ମୁଖବନ୍ଧ

ଯୁଗେ ଯୁଗେ ମାତୃପୂଜାର ପରମ୍ପରା ରହିଆସିଛି । ମାତା ଜୀବର ଜନ୍ମଦାତ୍ରୀ, ଶ୍ରେଷ୍ଠ ଆଶ୍ରୟଦାତ୍ରୀ ତଥା ସର୍ବଦା ନିଜର ସୃଷ୍ଟିକୁ ସୁରକ୍ଷା ଯୋଗାଇ ଆସିଛି । ଆମ ସଂସ୍କୃତି ବି ମାତୃକୈନ୍ଦ୍ରିକ. ଏହି କାରଣରୁ ଆମ ଦେଶକୁ ଭାରତମାତା ରୂପରେ ବର୍ଣ୍ଣନା କରାଯାଉଛି । ଏହି କ୍ଷେତ୍ରରେ ମାତୃଜାତି ସର୍ବଦା ପୂଜନୀୟା, ବନ୍ଦନୀୟା ତଥା ସ୍ମରଣୀୟା । ସବୁ ସାଧନାର ସିଦ୍ଧି ମୂଳରେ ମାତୃଶକ୍ତିର ପ୍ରଚ୍ଛନ୍ନ ଆଶୀର୍ବାଦ ରହିଛି । ସ୍ୱତନ୍ତ୍ର ଭାବରେ ମନୁଷ୍ୟର ସର୍ବକାମନାର ସିଦ୍ଧିଠାରୁ ମୋକ୍ଷ ପର୍ଯ୍ୟନ୍ତ ସବୁ ହିଁ ମାତୃଶକ୍ତିର କରାମତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସ୍ରଷ୍ଟାଙ୍କ ଠାରୁ ଆରମ୍ଭ କରି ସୃଷ୍ଟିର ସମସ୍ତ ଜୀବ ମାତୃଶକ୍ତିର ଆଶ୍ରିତ । ମାତୃଶକ୍ତି ଜଡବସ୍ତୁରେ ଶକ୍ତି ସଞ୍ଚାର କରି ଜୀବନ ପ୍ରଦାନ କରେ । ମାତୃଶକ୍ତି ଜୀବକୁ ସଦ୍‌ମାର୍ଗ, ସଦ୍‌ବୁଦ୍ଧି, ସଦ୍‌ଜ୍ଞାନ ଓ ସତ୍‌ଚିନ୍ତା ପ୍ରଦାନ କରି ମୁକ୍ତି ତଥା ମୋକ୍ଷ ଆଡକୁ ଅନୁଗାମୀ କରାଏ । ଶିବ ଯେପରି ଶକ୍ତି ବିନା ଶବ, ସେହିପରି ସମ୍ପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡ ଶକ୍ତି ବିନା ଜଡ, ସ୍ଥାଣୁ ଓ ଅଚଳ । ଜନନୀ ହିଁ ପ୍ରଥମ ସ୍ରଷ୍ଟା, ଯାହାର ଜଠରରୁ ସୃଷ୍ଟିର ଗର୍ଭସଞ୍ଚାର ହୁଏ । ଜନନୀ ହିଁ ପ୍ରଥମ ସଞ୍ଚାରିତଶକ୍ତି, ସେହି ଶକ୍ତି ବଳରେ ସୃଷ୍ଟି ସଞ୍ଚାଳିତ ହୁଏ । ଜନନୀ ଜୀବନର ପ୍ରଥମ ଜ୍ୟୋତି, ଯାହାକୁ ଆଶ୍ରା କରି ଏ ସୃଷ୍ଟି ଜନ୍ମ ନିଏ, ପରିଚାଳିତ ହୁଏ ଏବଂ ବିଲୟ ହୋଇ ଏକ ପରିବର୍ତ୍ତନର ନୂଆ ରୂପରେଖ ସୃଷ୍ଟି କରେ । ଯେପରି ପୃଥିବୀ ବୃଷ୍ଟିକୁ ଅପେକ୍ଷା କରିଥାଏ, ଠିକ୍ ସେହିପରି ସୃଷ୍ଟି ଏହାର ସ୍ରଷ୍ଟାଙ୍କୁ ଚାତକ ଭଳି ଚାହିଁ ରହିଥାଏ । ପ୍ରତ୍ୟେକ ଧର୍ମଶାସ୍ତ୍ରରେ ନାରୀ ଜାତିକୁ ପ୍ରାଧାନ୍ୟ ଦିଆଯାଇଛି । ଏପରିକି ଯୁଗପୁରଷଗଣ ତଥା ଦେବତାମାନେ ମାତୃ ଜାତିଠାରୁ ଶକ୍ତି ଆହରଣ କରି ପରେ ତାକୁ ପରିପ୍ରକାଶ କରିଛନ୍ତି । ଗୌରୀ-ଶଙ୍କର, ଲକ୍ଷ୍ମୀ-ନାରାୟଣ, ରାଧା-କୃଷ୍ଣ, ସୀତା-ରାମ ଇତ୍ୟାଦିଙ୍କ ସମେତ ମହାଭାରତର ଦ୍ରୌପଦୀ-ଗାନ୍ଧାରୀ-କୁନ୍ତୀ, ରାମାୟଣରେ ମାତାସୀତା, ବାଇବେଲ୍‌ରେ ମାତାମେରୀ, ବୁଦ୍ଧଙ୍କ ଜୀବନ ଚରିତ୍ରରେ ଗୋପାଙ୍କ ଭୂମିକା ଏହାର ପ୍ରମାଣ । ଭାରତବର୍ଷ ହେଉଛି ସତ୍ୟ, ଧର୍ମ ଓ ନ୍ୟାୟର ରତ୍ନଗର୍ଭା । ଏହି ରତ୍ନକୁ ପାଥେୟ କରି ଆମ ମାତୃଭୂମି ସମଗ୍ର ବିଶ୍ୱକୁ ମାନବବାଦର ଆଦର୍ଶ ଯଥା ସତ୍‌ଚିନ୍ତା, ସଦ୍‌ଜ୍ଞାନ, ସତ୍‌କର୍ମ, ସହିଷ୍ଣୁତା, ପରୋପକାର, ସମତା, ଦୟା, କ୍ଷମା, କରୁଣା ଓ ସହାନୁଭୂତି

ଯୁଗେ ଯୁଗେ ଦେଇଆସିଛି । ଏହି ପବିତ୍ର ଭୂମିରେ ନଦନଦୀ ଠାରୁ ଆରମ୍ଭ କରି ଆକାଶ ଏବଂ ପୃଥିବୀ ସବୁ ମା' ରୂପରେ ପୂଜା ପାଆନ୍ତି । ସୃଷ୍ଟିର ଆରମ୍ଭ ହୁଏ ଶବ୍ଦରୁ, ଶବ୍ଦରୁ ନାଦ, ନାଦରୁ ବ୍ରହ୍ମ, ବ୍ରହ୍ମରୁ ଶକ୍ତି, ଶକ୍ତିରୁ ହିଁ ସୃଷ୍ଟି । ଶକ୍ତି ଏ ସୃଷ୍ଟିକୁ ସୃଷ୍ଟି କରିଛି । ସେହି ଶକ୍ତି ରୂପାନ୍ତରରେ ମାତୃସ୍ୱରୂପିଣୀ ।

ଆମ ହିନ୍ଦୁଧର୍ମଶାସ୍ତ୍ର ମାତୃଶକ୍ତିକୁ ତିନୋଟି ଆଧାରରେ ବିଭକ୍ତ କରିଛି ଯଥା - ସୃଷ୍ଟିର ସର୍ଜନା, ସୃଷ୍ଟିର ପାଳନ ଏବଂ ସୃଷ୍ଟିର ସଂହାର। ଏହି ତିନୋଟି କାର୍ଯ୍ୟକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସମ୍ପାଦନ କରୁଛନ୍ତି ବୋଲି ଆମ ଧର୍ମଶାସ୍ତ୍ର ବର୍ଣ୍ଣନା କରୁଥିବା ବେଳେ ପରୋକ୍ଷରେ ଏହାକୁ ତ୍ରିମାତୃଶକ୍ତି ଯଥା- ମାତାସରସ୍ୱତୀ, ମାତାମହାଲକ୍ଷ୍ମୀ ଓ ମାତାମହାକାଳୀ ବା ପାର୍ବତୀ ଏହିକାର୍ଯ୍ୟକୁ ସମ୍ପାଦନା କରିଥା'ନ୍ତି ବୋଲି ବିଶ୍ୱାସ ରହିଛି । ସୃଷ୍ଟିର ସର୍ଜନା ମାତାସରସ୍ୱତୀଙ୍କ ଦ୍ୱାରା ହେଲାବେଳେ, ସୃଷ୍ଟିର ଲାଳନପାଳନ ମାତାମହାଲକ୍ଷ୍ମୀ ଏବଂ ସମସ୍ତ ଦୁଷ୍ଟଶକ୍ତିର ବିନାଶ ବା ସଂହାର କାର୍ଯ୍ୟକୁ ମାତାପାର୍ବତୀ ବା ଦୁର୍ଗା ସଂପାଦନା କରିଥା'ନ୍ତି।

ଭାରତୀୟ ଦର୍ଶନ, ଧର୍ମ, ଇତିହାସ କିମ୍ବଦନ୍ତୀ ସବୁ ମାତୃକୈନ୍ଦ୍ରିକ । ଭାରତୀୟ ଦର୍ଶନରେ ଆମ ଦେଶ, ଆମ ନଦନଦୀ, ପ୍ରକୃତି, ଗୋ-ସମ୍ପଦ ସବୁ ମାତାରୂପରେ ପୂଜା ହୁଏ । ଆମ ଇତିହାସ ଓ କିମ୍ବଦନ୍ତୀ ଏହାର ମୁକସାକ୍ଷୀ । ରାମାୟଣ ପୃଷ୍ଠାରେ ଦୁଷ୍ଟଶକ୍ତି ରାବଣର ସଂହାରର ପର୍ବ ମାତାସୀତାଙ୍କଠାରୁ ଆରମ୍ଭ ହୋଇଥିଲା ଏବଂ ମର୍ଯ୍ୟଦାପୁରୁଷୋତ୍ତମ ଶ୍ରୀରାମ ନବରାତ୍ର ଦୁର୍ଗାଙ୍କ ପୂଜାକରି ଦୁଷ୍ଟଶକ୍ତି ରାବଣ ଉପରେ ଅଚୀରେ ବିଜୟଲାଭ କରିଥିଲେ । ଠିକ୍ ସେହିପରି ଦ୍ରୌପଦୀଙ୍କଠାରୁ ହିଁ ମହାଭାରତ ଯୁଦ୍ଧର ଅୟମାରମ୍ଭ ହୋଇଥିଲା । ଶ୍ରୀକୃଷ୍ଣଙ୍କ ପରାମର୍ଶରେ ପାଣ୍ଡବମାନେ ମାତାଗାନ୍ଧାରୀଙ୍କ ଆଶୀର୍ବାଦ ଲାଭକରି ଏବଂ ମାତା ଦୁର୍ଗାଙ୍କୁ ପୂଜା କରିବା ପରେ ଦୁଷ୍ଟ କୌରବଶକ୍ତି ଉପରେ ବିଜୟଲାଭ କରିଥିଲେ । ଆମ ଧର୍ମର ମାନ୍ୟତା ଅନୁଯାୟୀ ମାତାଦୁର୍ଗା ସୃଷ୍ଟିକୁ ସନ୍ତୁଳିତ ରଖିବା ପାଇଁ ଦୁଷ୍ଟଶକ୍ତିର ବିନାଶକରି ପାପୀ ଓ ଅଧର୍ମୀମାନଙ୍କୁ ଦଣ୍ଡଦେଇ, ସଚ୍ଚପାଳନ, ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତିଷ୍ଠା କରିଛନ୍ତି । ସାରା ସଂସାରର ଦୁର୍ଗତିକୁ ନାଶ କରିଥିବା ହେତୁ ସେ ହେଲେ ମାତାଦୁର୍ଗା । ମାତାଦୁର୍ଗାଙ୍କ ଆଶୀର୍ବାଦ ଫଳରେ ବ୍ୟକ୍ତି ସମସ୍ତ ଦୁଷ୍ଟଶକ୍ତିକୁ ସହଜରେ ମୁକାବିଲା କରି ବିଜୟପ୍ରାପ୍ତି କରେ । ଧନ, ଐଶ୍ୱର୍ଯ୍ୟ, ବିଦ୍ୟା, ସଦ୍‌ବୁଦ୍ଧି, ସଦ୍‌ଜ୍ଞାନ, ସତ୍‌କର୍ମ, ଯଶ, କୀର୍ତ୍ତି, ସୌଭାଗ୍ୟ, ଉତ୍ତମ ସ୍ତ୍ରୀ ବା ସ୍ୱାମୀ, ସନ୍ତାନ, ସୁଖ, ଯାନବାହନ, ଭୂମି, କ୍ଷମତା, ପ୍ରଶଂସା ଲାଭ କରେ ଏବଂ ଶତ୍ରୁ, ଋଣ ଓ ରୋଗ ଦମନ କରି ଗ୍ରହାନୁକୂଳ ପ୍ରାପ୍ତି ହୋଇ ବ୍ୟକ୍ତି ଉଚ୍ଚପଦପଦବୀରେ କ୍ଷମତାସୀନ ହୋଇ ଲୋକପୂଜ୍ୟ ହୁଏ । ନବଗ୍ରହଙ୍କ ସହିତ ଦୁର୍ଗାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ତେଣୁ ନବଦିନବ୍ୟାପୀ ନବଦୁର୍ଗାଙ୍କୁ ପୂଜା କରି ଶ୍ରୀରାମ ରାବଣକୁ ସଂହାର କରିଥିଲେ ।

ଗ୍ରହମାନଙ୍କ କୁପ୍ରଭାବରୁ ମୁକ୍ତି ନିମନ୍ତେ ଏବଂ ସଫଳ ପ୍ରାପ୍ତି ନିମନ୍ତେ ପରୋକ୍ଷ ଭାବରେ ଦୈବୀଶକ୍ତିର ପୂଜା, ଆରାଧନା, ଉପାସନା, ଧ୍ୟାନ, ଜପ, ହୋମ, ଯଜ୍ଞ, ଯନ୍ତ୍ରଧାରଣ କରି ବ୍ୟକ୍ତି ତଥା ଜୀବଜଗତ ସୁସ୍ଥ ଓ ସମୃଦ୍ଧ ହୁଏ । ଏହାର ଦୃଷ୍ଟାନ୍ତ ପୌରାଣିକ କିମ୍ବଦନ୍ତୀର ପୃଷ୍ଠା ମଣ୍ଡନ କରିଛି । ନବଗ୍ରହଙ୍କ ନବରାତ୍ର ପୂଜା ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସଂପର୍କ ରହିଛି । ରାମଚନ୍ଦ୍ର ଶତ୍ରୁଦମନ, ରାବଣ ସଂହାର, ସୀତାମାତାଙ୍କ ଉଦ୍ଧାର, ଦୃଷ୍ଟଶକ୍ତିର ବିନାଶ ଏବଂ ବିଜୟ ପ୍ରାପ୍ତି ନିମନ୍ତେ ଦୈବୀଶକ୍ତିର ଆରାଧନା ନବଦିନ ବ୍ୟାପୀ ନବରାତ୍ର ଦୁର୍ଗାମାତାଙ୍କ ପୂଜା କରିବା ରାମାୟଣ ପୃଷ୍ଠା ମଣ୍ଡନ କରିଛି । ନବରାତ୍ର ପୂଜା କରି ନବଦୁର୍ଗାଙ୍କୁ ସନ୍ତୁଷ୍ଟ କରି ଆଶୀର୍ବାଦ ନେଇ ରାବଣର ସଂହାର, ଦୃଷ୍ଟଶକ୍ତିର ବିନାଶ ପୂର୍ବକ ଶ୍ରୀରାମଚନ୍ଦ୍ର ଜୟଲାଭ କରିଥିଲେ ନବରାତ୍ର ପୂଜାର ଦଶମ ଦିନ । ଏହି ଦିନକୁ ଦଶହରା ବା ବିଜୟ ଉତ୍ସବ ରୂପେ ପାଳନ କରାଯାଏ । ନବରାତ୍ର ପୂଜାରେ ପରୋକ୍ଷ ଭାବରେ ନବଦୁର୍ଗାଙ୍କୁ ପ୍ରତ୍ୟେକ ଗ୍ରହଙ୍କ ଅଧିଷ୍ଠାତ୍ରୀ ମାତୃ ରୂପରେ ପୂଜା ବା ଆରାଧନା ଦ୍ୱାରା ନବଗ୍ରହଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ ସୁପ୍ରଭାବରେ ବ୍ୟକ୍ତି, ଜାତି, ସମାଜ, ଏପରିକି ସଂପୂର୍ଣ୍ଣ ଜଗତର କଲ୍ୟାଣ କରାଯାଇପାରେ ଏହି ଦୃଷ୍ଟାନ୍ତରୁ ଅନୁମେୟ ।

ସୃଷ୍ଟିର ପାଳନକର୍ତ୍ତା ଶ୍ରୀବିଷ୍ଣୁଙ୍କ ଦଶ ଅବତାର ଭଳି ମାତାପାର୍ବତୀ ଦଶଗୋଟି ରୂପରେ ପ୍ରତୀୟମାନ, ଯାହାକି ଦଶମହାବିଦ୍ୟା ରୂପେ ପରିଚିତ । ଯଥା - କାଳୀ, ତାରା, ଷୋଡଶୀ, ଭୁବନେଶ୍ୱରୀ, ଛିନ୍ନମସ୍ତା, ଭୈରବୀ, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା । ମାତାପାର୍ବତୀ ବିଭିନ୍ନ ଅବସ୍ଥାରେ ଦଶଗୋଟି ରୂପରେ ପ୍ରତୀୟମାନ ହୋଇ ଦଶମହାବିଦ୍ୟାର ସ୍ରଷ୍ଟା ସାଜିଲେ । ଦଶମହାବିଦ୍ୟାର ନଅଗୋଟି ବିଦ୍ୟା ବିଭିନ୍ନ ଗ୍ରହଙ୍କ ଅଧିଷ୍ଠାତ୍ରୀ ଦେବୀ ଭାବରେ ଗ୍ରହଣ ହେଲାବେଳେ ଲଗ୍ନର ଅଧିଷ୍ଠାତ୍ରୀ ଭାବରେ ଏକବିଦ୍ୟା ବିଚାର ହୋଇ ଦଶମହାବିଦ୍ୟାଚକ୍ରକୁ ସମ୍ପୂର୍ଣ୍ଣ କରେ ।

ପ୍ରତ୍ୟେକ ବର୍ଷ ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଦୁର୍ଗାପୂଜା ଉତ୍ସବ ପାଳିତ ହୁଏ । ଏଥିରେ ନବରାତ୍ର ପୂଜା ହୁଏ । ନବରାତ୍ର ପୂଜା ଅର୍ଥାତ୍ ଦୈବୀଶକ୍ତିର ସ୍ୱରୂପକୁ ନବଗ୍ରହ ଉଦ୍ଦେଶ୍ୟରେ ପରୋକ୍ଷ ଭାବରେ ଆରାଧନା କରି ସୁଫଳ ପାଇବା ।

ରାବଣ ସଂହାର ପୂର୍ବକ ଶ୍ରୀରାମଚନ୍ଦ୍ରଙ୍କ ରଣକ୍ଷେତ୍ରରେ ମା' ନବଦୁର୍ଗା ପୂଜା ଏବଂ ମହିଷାସୁର ସଂହାର ନିମନ୍ତେ ମା' ଦୁର୍ଗାଙ୍କ ନବଦୁର୍ଗା ଅବତାର ପଛରେ ଏକ ଲୌକିକ ତତ୍ତ୍ୱ ନବଗ୍ରହ ସହ ବା ଗ୍ରହଜଗତ ସହ ସଂପର୍କ ଅଛି, ଏହା ରାମାୟଣ ପୃଷ୍ଠାରୁ ଏବଂ ଦେବୀ ପୁରାଣରୁ ଅନୁମେୟ ।

ନବଦିନବ୍ୟାପୀ ନବରାତ୍ର ପୂଜାରେ ନବଗ୍ରହଙ୍କ ଅଧିଷ୍ଠାତ୍ରୀ ଦେବୀ ଭାବରେ ପୂଜା ପାଆନ୍ତି । ଯଥା :

ନବଗ୍ରହ	ଦଶମହାବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ
ଲଗ୍ନ	ମା' ଭୈରବୀ
ରବିମହାଗ୍ରହ	ମା' ମାତଙ୍ଗୀ
ଚନ୍ଦ୍ରମହାଗ୍ରହ	ମା' ଭୁବନେଶ୍ୱରୀ
ମଙ୍ଗଳମହାଗ୍ରହ	ମା' ବଗଳାମୁଖୀ
ବୁଧମହାଗ୍ରହ	ମା'ତ୍ରିପୁରାସୁନ୍ଦରୀ
ବୃହସ୍ପତିମହାଗ୍ରହ	ମା' ତାରା
ଶୁକ୍ରମହାଗ୍ରହ	ମା' କମଳାତ୍ମିକା
ଶନିମହାଗ୍ରହ	ମା'ଦକ୍ଷିଣକାଳୀ
ରାହୁମହାଗ୍ରହ	ମା' ଛିନ୍ନମସ୍ତା
କେତୁମହାଗ୍ରହ	ମା' ଧୂମାବତୀ

ବ୍ୟକ୍ତିର ଜନ୍ମକୁଣ୍ଡଳୀ, ଦ୍ୱାଦଶ ରାଶିଚକ୍ର ଓ ନବଗ୍ରହକୁ ନେଇ ଗଠିତ ହେଲାବେଳେ ଏହାର ମୂଳଭୂମିକା ଲଗ୍ନ ସଂପାଦନ କରିଥାଏ । ଲଗ୍ନମାନେ ନିଜେ ବ୍ୟକ୍ତି । ନବଗ୍ରହ ଲଗ୍ନ ବା ବ୍ୟକ୍ତି ଉପରେ କିପରି ପ୍ରଭାବିତ କରିଥା'ନ୍ତି ତାହା ବ୍ୟକ୍ତିର ଲଗ୍ନଠାରୁ ନବଗ୍ରହସ୍ଥିତି ଓ ସେମାନଙ୍କର ପରସ୍ପର ସଂଯୋଗ ବା ସଂପର୍କ ଦ୍ୱାରା ନିର୍ଣ୍ଣୟ କରିହୁଏ । ଜାତକ ଚକ୍ରର ନବଗ୍ରହ ସ୍ଥିତି ଏବଂ ଲଗ୍ନ ଅର୍ଥାତ୍ ନବଗ୍ରହ+ଲଗ୍ନ ବି ଏକ ଗ୍ରହ= ଦଶଗ୍ରହଙ୍କୁ ଦଶଟି ଅଧିଷ୍ଠାତ୍ରୀ ଦେବୀ ବା ଦଶମହାବିଦ୍ୟା । ଦଶମହାବିଦ୍ୟା ଚକ୍ର ବ୍ୟକ୍ତି ଜନ୍ମକୁଣ୍ଡଳୀ ଚକ୍ରରେ ସମ୍ପୂର୍ଣ୍ଣ ଜନ୍ମକୁଣ୍ଡଳୀ ଚକ୍ରକୁ ପ୍ରତିପାଦନ କରେ ।

ଦଶମହାବିଦ୍ୟାରେ ଉଲ୍ଲେଖ ଅଛି ପ୍ରତ୍ୟେକ ଗ୍ରହଙ୍କୁ ସନ୍ତୁଷ୍ଟ କରି ଶୁଭଫଳ ପ୍ରାପ୍ତି ନିମନ୍ତେ ଏବଂ ସମସ୍ତ ଅଶୁଭ ଫଳ ପରିହାର ନିମନ୍ତେ ସେମାନଙ୍କ ଅଧିଷ୍ଠାତ୍ରୀ ଦେବୀଙ୍କ ପୂଜା ହୋମ, ଜପ, ଯଜ୍ଞ, ଧ୍ୟାନ, ଆରାଧନା କରାଯାଏ ।

ଦଶମହାବିଦ୍ୟା ଆରାଧନା ଓ ନବରାତ୍ର ପୂଜା ଦ୍ୱାରା କେବଳ ଦୈବୀଶକ୍ତିର ଆଶୀର୍ବାଦ ନୁହେଁ, ସମ୍ପୂର୍ଣ୍ଣ ଗ୍ରହମଣ୍ଡଳ ବା ନବଗ୍ରହଙ୍କ ଆଶୀର୍ବାଦ ପ୍ରାପ୍ତି ହୁଏ । ଏଥିରେ ବ୍ୟକ୍ତି, ଜାତି, ସମାଜ, ରାଷ୍ଟ୍ର, ଜୀବଜଗତ ଏବଂ ସଂପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡର କଲ୍ୟାଣ ସାଧିତ ଅଛି, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ଯା ଦେବୀ ସର୍ବଭୂତେଷୁ ଦଶମହାବିଦ୍ୟା ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।।
ଯା ଦେବୀ ସର୍ବଭୂତେଷୁ ନବଦୁର୍ଗାରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।
ଯା ଦେବୀ ସର୍ବଭୂତେଷୁ ନବଗ୍ରହ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।।

ମୋର ଜ୍ୟୋତିଷ ସାଧନାର ଗୁରୁ **ଶ୍ରୀଯୁକ୍ତ ଏମ୍. ସତ୍ୟନାରାୟଣ,** ମୋର ଆଧ୍ୟାତ୍ମିକ ଗୁରୁ **ଶ୍ରୀ ରାମନାରାୟଣ ଦାଶମହାରାଜ,** ମୋର ପିତା **ଶ୍ରୀଯୁକ୍ତ ଦୟାନିଧି ଚୌଧୁରୀ** ଓ ମାତା **ଶ୍ରୀମତୀ ସରୋଜିନୀ ଚୌଧୁରୀଙ୍କ** ଆଶୀର୍ବାଦ ଓ ପ୍ରେରଣା ଯୋଗୁଁ ଏହି ସଂକଳନ ସମ୍ଭବ ହେଲା । ଜ୍ୟୋତିଷଶାସ୍ତ୍ରରେ ଗଭୀର ପ୍ରବେଶ ଥିବା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ **ଶ୍ରୀ ରୁଦ୍ର ପ୍ରସନ୍ନ ଦ୍ୱିବେଦୀ** ଏବଂ ସାହିତ୍ୟ ଓ ଧର୍ମଶାସ୍ତ୍ରରେ ପ୍ରବେଶ ଥିବା **ଲକ୍ଷ୍ମୀପୁର ବ୍ଲକର ଶିକ୍ଷାନୁପରିଦର୍ଶକ ଶ୍ରୀ ମହାଦେବ ଶତପଥୀ** ଏହି ପୁସ୍ତକ ପ୍ରକାଶନ ନିମନ୍ତେ ସହଯୋଗ ଓ ଉତ୍ସାହ ପ୍ରଦାନ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

- ପ୍ରଦୀପ କୁମାର ଚୌଧୁରୀ

ସୂଚୀପତ୍ର

କ୍ର.ନଂ.	ବିଷୟ		ପୃଷ୍ଠା
କ.	**ଦଶମହାବିଦ୍ୟାଗୁଡିକର ବିଭିନ୍ନ ନାମ** • ମହାଫଳଦାୟ ଦଶମହାବିଦ୍ୟା • ଦଶର ରହସ୍ୟ • ଦଶମହାବିଦ୍ୟାର ପ୍ରଥମ ଦର୍ଶନ • କୁଳ ପରମ୍ପରା • ଆଦ୍ୟା ମହାଦେବୀ	...	୧୯
୧.	**କାଳୀ** • କାଳୀମନ୍ତ୍ର • କାଳୀଧ୍ୟାନମ୍ • କାଳୀସ୍ତବ • ଜଗନ୍ମଙ୍ଗଳକାଳୀ କବଚ	...	୨୭
୨.	**ତାରା** • ତାରାମନ୍ତ୍ର • ତାରାଧ୍ୟାନ • ତାରାସ୍ତୋତ୍ର • ତାରାକବଚ	...	୪୨
୩.	**ଷୋଡଶୀ (ଲଳିତା)** • ଷୋଡଶୀ ମନ୍ତ୍ର • ଷୋଡଶୀ (ଲଳିତା ଧ୍ୟାନ) • ଶ୍ରୀଷୋଡଶୀ ତ୍ରିପୁର-ସୁନ୍ଦରୀ ପ୍ରାତଃ ସ୍ମରଣ • ଶ୍ରୀ ଲଲିତା ପ୍ରାତଃ-ସ୍ତୋତ୍ର-ପଞ୍ଚକମ୍ • ଶ୍ରୀତ୍ରିପୁରା ସୁନ୍ଦରୀ ପ୍ରାତଃ ଶ୍ଲୋକ ପଞ୍ଚକମ୍ • ଷୋଡଶୀ (ଲଳିତା) ସ୍ତୋତ୍ରମ୍ • ଧ୍ୟାନମ୍ • ଶ୍ରୀ ଷୋଡଶୀ (ତ୍ରିପୁରା-ସୁନ୍ଦରୀ ଲଳିତା) କବଚ • ଫଳଶ୍ରୁତି	...	୪୬
୪.	**ଭୁବନେଶ୍ୱରୀ** • ଭୁବନେଶ୍ୱରୀଙ୍କ ଧ୍ୟାନ • ଭୁବନେଶ୍ୱରୀ ସ୍ତୋତ୍ର • ପାତକ ଦହନ ଭୁବନେଶ୍ୱରୀ କବଚ	...	୫୮

୫. ଛିନ୍ନମସ୍ତିକା ... ୬୭
- ଛିନ୍ନମସ୍ତା ମନ୍ତ୍ର • ଛିନ୍ନମସ୍ତା ଧ୍ୟାନ • ଛିନ୍ନମସ୍ତା କବଚ

୬. ତ୍ରିପୁର ଭୈରବୀ ... ୭୩
- ଭୈରବୀ ମନ୍ତ୍ର • ଭୈରବୀ ଧ୍ୟାନ • ଭୈରବୀ କବଚ

୭. ଧୂମାବତୀ ... ୭୯
- ଧୂମାବତୀ ମନ୍ତ୍ର • ଧୂମାବତୀ ଧ୍ୟାନ • ଧୂମାବତୀ କବଚ

୮. ବଗଳାମୁଖୀ ... ୮୧
- ବଗଳାମୁଖୀ ମନ୍ତ୍ର • ବଗଳାମୁଖୀ ଧ୍ୟାନ • ବଗଳାମୁଖୀ ସ୍ତୋତ୍ର

୯. ମାତଙ୍ଗୀ ... ୮୪
- ମାତଙ୍ଗୀ ମନ୍ତ୍ର • ମାତଙ୍ଗୀ ଧ୍ୟାନ • ମାତଙ୍ଗୀ ସ୍ତୋତ୍ର

୧୦. କମଳା ... ୮୮
- କମଳା ମନ୍ତ୍ର • କମଳା ଧ୍ୟାନ • କମଳା ସ୍ତୋତ୍ର
- କମଳା (ଲକ୍ଷ୍ମୀ) କବଚ • ଦଶମହାବିଦ୍ୟା ସ୍ତୋତ୍ର
- ଦଶମହାବିଦ୍ୟା କବଚ

ନବଦୁର୍ଗା

୧. ଶୈଳପୁତ୍ରୀ ... ୧୧୨
୨. ବ୍ରହ୍ମଚାରିଣୀ ... ୧୧୪
୩. ଚନ୍ଦ୍ରଘଣ୍ଟା ... ୧୧୬
୪. କୂଷ୍ମାଣ୍ଡା ... ୧୧୮
୫. ସ୍କନ୍ଦମାତା ... ୧୨୦
୬. କାତ୍ୟାୟନୀ ... ୧୨୨
୭. କାଳରାତ୍ରୀ ... ୧୨୪
୮. ମହାଗୌରୀ ... ୧୨୫
୯. ସିଦ୍ଧିଦାତ୍ରୀ ... ୧୨୭

କ. ମହାବିଦ୍ୟାଗୁଡିକର ବିଭିନ୍ନ ନାମ

କ୍ରମିକ ସଂଖ୍ୟା	ମୂଳସଂଖ୍ୟା	ମହାବିଦ୍ୟା	ଅନ୍ୟନାମ	ବିଶେଷତା
୧	୦	କାଳୀ	ଆଦ୍ୟା, ମୂଳପ୍ରକୃତି ପ୍ରଥମା, ମୁଣ୍ଡମାଳିନୀ	ମହାବିଦ୍ୟା ସିଦ୍ଧଦାତ୍ରୀ
୨	୧	ତାରା	କଙ୍କାଳ ମାଳିନୀ	ସିଦ୍ଧବିଦ୍ୟା
୩	୨	ଷୋଡଶୀ	ଶ୍ରୀବିଦ୍ୟା, ତ୍ରିପୁରା ଲଳିତା, ତ୍ରିପୁରାସୁନ୍ଦରୀ	ସିଦ୍ଧବିଦ୍ୟା ମୋକ୍ଷଦାତ୍ରୀ
୪	୩	ଭୁବନେଶ୍ୱରୀ	ରାଜରାଜେଶ୍ୱରୀ	ସିଦ୍ଧବିଦ୍ୟା, ଭୋଗଦାତ୍ରୀ
୫	୪	ଛିନ୍ନମସ୍ତିକା	ଛିନ୍ନା, ଛିନ୍ନମସ୍ତା	ମୋକ୍ଷବିଦ୍ୟା
୬	୫	ଭୈରବୀ	ତ୍ରିପୁରା ଭୈରବୀ ସିଦ୍ଧି ଭୈରବୀ	ସିଦ୍ଧବିଦ୍ୟା ମଙ୍ଗଳଦାତ୍ରୀ
୭	୬	ଧୂମାବତୀ	ଅଲକ୍ଷ୍ମୀ	ସ୍ତମ୍ଭନ ବିଦ୍ୟା
୮	୭	ବଗଳାମୁଖୀ	ବଗଳାମୁଖୀ, ପୀତାମ୍ବରା	ବ୍ରହ୍ମାସ୍ତ୍ର ଏବଂ ତ୍ରୈଲୋକ୍ୟ ସ୍ତମ୍ଭନୀ-ବିଦ୍ୟା
୯	୮	ମାତଙ୍ଗୀ	ସୁମୁଖୀ, ଉଚ୍ଛିଷ୍ଟ ଚାଣ୍ଡାଳିନୀ	ମୋହିନୀବିଦ୍ୟା
୧୦	୯	କମଳା	ଲକ୍ଷ୍ମୀ, ନାରାୟଣ	ମୋହବିଦ୍ୟା, ମୋକ୍ଷବିଦ୍ୟା

ଉପରୋକ୍ତ ବର୍ଣ୍ଣନା ଅନୁସାରେ ହିଁ ଦଶମହାବିଦ୍ୟାଙ୍କୁ ଜାଣିହୁଏ, କିନ୍ତୁ କେଉଁଠି କେଉଁଠି ଏହାଙ୍କର ଅନ୍ୟନାମ ମଧ୍ୟ ଦେଖିବାକୁ ମିଳେ । ଏଠାରେ ପ୍ରସ୍ତୁତ ତାଲିକାରେ କ୍ରମିକ ସଂଖ୍ୟା, ବ୍ରହ୍ମସଂଖ୍ୟା (ମୂଳସଂଖ୍ୟା), ମହାବିଦ୍ୟାର ପ୍ରଚଳିତ ନାମ, ଅନ୍ୟନାମ ତଥା ବିଦ୍ୟାଗୁଡିକର ବିଶେଷତ୍ୱ ବ୍ୟକ୍ତ କରାଯାଇଛି ।

'ପରାତନ୍ତ୍ର' ନାମକ ଏକ ଦୁର୍ଲଭ ପାଣ୍ଡୁଲିପି ଅନୁସାରେ ଏକ ମହାଶକ୍ତି ଭିନ୍ନ ଭିନ୍ନ ଛଅଟି ସିଂହାସନରେ ଆରୁଢ ହୋଇ କ୍ରମାନ୍ୱୟରେ ଛଅଟି ଆତ୍ମାୟର ଅଧିଷ୍ଠାତ୍ରୀ ଦେବୀ ରୂପେ ବର୍ଣ୍ଣିତ ଯାହା ନିମ୍ନପ୍ରକାର ଅଟେ ।

ପୂର୍ବାମ୍ନାୟର ଦେବୀ - ପୂର୍ଣ୍ଣେଶ୍ୱରୀ
ଦକ୍ଷିଣାମ୍ନାୟର ଦେବୀ - ବିଶ୍ୱେଶ୍ୱରୀ
ଉତ୍ତରାମ୍ନାୟର ଦେବୀ - କାଳୀ
ପଶ୍ଚିମାମ୍ନାୟର ଦେବୀ - କୁତ୍‌ଜିକା
ଉର୍ଦ୍ଧ୍ୱାମ୍ନାୟର ଦେବୀଙ୍କୁ ଷୋଡଶୀ କୁହାଯାଏ ।

ଦଶମହାବିଦ୍ୟାଙ୍କ ମନ୍ତ୍ର

ଦୁର୍ଲଭ ଓ ସୁଲଭ ପାଣ୍ଡୁଲିପି ତଥା ପ୍ରକାଶିତ ପୁରାଣ, ଆଗମ ଆଦି ଶାସ୍ତ୍ରଗୁଡିକରେ ଅନେକ ପ୍ରକାର ମନ୍ତ୍ର ଦେଖାଯାଏ । ଏଥିରେ ଦଶମହାବିଦ୍ୟାଙ୍କର ପ୍ରଧାନତଃ ଏକ ଏକ ମନ୍ତ୍ର ପ୍ରସ୍ତୁତ କରାଯାଇଛି, ଯାହାକୁ ଆପଣ ଉପାସନା ସମୟରେ ପ୍ରୟୋଗ କଲେ ଉତ୍ତରୋତ୍ତର ସୌଭାଗ୍ୟ ପ୍ରାପ୍ତ ଲାଭ ହେବ ।

କାଳୀମନ୍ତ୍ର :

ଓଁ କ୍ରୀଂ କ୍ରୀଂ କ୍ରୀଂ ହ୍ରୀଂ ହ୍ରୀଂ ହୁଂ ହୁଂ ଦକ୍ଷିଣ-କାଳିକେ
କ୍ରୀଂ କ୍ରୀଂ କ୍ରୀଂ ହ୍ରୀଂ ହ୍ରୀଂ ହୁଂ ହୁଂ ସ୍ୱାହା ।।

ତାରା ମନ୍ତ୍ର :

ଓଁ ଐଂ ଓଁ ହ୍ରୀଂ କ୍ରୀଂ ହୂଂ ଫଟ୍ ।।

ଛିନ୍ନମସ୍ତିକା ମନ୍ତ୍ର :

ଶ୍ରୀଂ ହ୍ରୀଂ କ୍ଲୀଂ ଐଂ ବଜ୍ରବୈରୋଚନୀୟୈ ହୁଁ ହୁଂ ଫଟ୍ ସ୍ୱାହା ।।

ଷୋଡଶୀ ମନ୍ତ୍ର :

ଓଁ ଐଂ ହ୍ରୀଂ ଶ୍ରୀଂ କ ଏଇଲ ହ୍ରୀଂ ହ ସ କ ହ ଲ ହ୍ରୀଂ ସ କ ଲ ହ୍ରୀଂ ମହାଜ୍ଞାନମୟୀ ବିଦ୍ୟା ଷୋଡଶୀ ମାଂ ସଦାଭବତୁ ।।

ଭୁବନେଶ୍ୱରୀ ମନ୍ତ୍ର :

ଐଂ ହ୍ରୀଂ ଶ୍ରୀ ।।

ତ୍ରିପୁରା ଭୈରବୀ ମନ୍ତ୍ର :

ହସ୍ରୈଂ ହସ୍କଲରୀଂ ହ ସ୍ରୈଂଃ ।।

ଧୂମାବତୀ ମନ୍ତ୍ର :

ଧୂଂ ଧୂଂ ଧୂମାବତୀ ଠଃ ଠଃ ।।

ବଗଳାମୁଖୀ ମନ୍ତ୍ର :

ଓଁ ହ୍ରୀଂ ବଗଳାମୁଖୀ ସର୍ବଦୁଷ୍ଟାନାଂ ବାଚଂ ମୁଖଂ ପଦଂ
ସ୍ତମ୍ଭୟ ଜିହ୍ୱାଂ କୀଳୟ-କୀଳୟ ବୁଦ୍ଧିଂ
ବିନାଶୟ ହ୍ଲୀଂ ଓଁ ସ୍ୱାହା ।।

ମାତଙ୍ଗୀ ମନ୍ତ୍ର :

ଓଁ ହ୍ଲୀଂ କ୍ଲୀଂ ହୁଂ ମାତଙ୍ଗି ଫଟ୍ ସ୍ୱାହା ।।

କମଳା ମନ୍ତ୍ର :

ଐଂ ହ୍ରୀଂ ଶ୍ରୀଂ କଳୀଂ ସୌଃ ଜଗତ୍ ପ୍ରସୂତି ନମଃ ।।

କଳିଯୁଗରେ ମହାଫଳଦାୟୀ ଦଶମହାବିଦ୍ୟା

କାଳୀ, ତାରା ମହାବିଦ୍ୟା, ଷୋଡଶୀ ଭୁବନେଶ୍ୱରୀ ।
ଭୈରବୀ, ଛିନ୍ନମସ୍ତିକା ଚ ବିଦ୍ୟା ଧୂମାବତୀ ତଥା ।।
ବଗଳା ସିଦ୍ଧବିଦ୍ୟା ଚ ମାତଙ୍ଗୀ କମଳାତ୍ମିକା ।
ଏତାଦଶ-ମହାବିଦ୍ୟାଃ ସିଦ୍ଧ-ବିଦ୍ୟାଃ ପ୍ରକୀର୍ତ୍ତିତାଃ ।।

ମହାବିଦ୍ୟା ବିଷୟରେ କିଛି କହିବା ସୂର୍ଯ୍ୟଙ୍କୁ ଦୀପ ଦେଖାଇବାର ଭ୍ରମ ଅଟେ କାହିଁକି ନା ବିରାଟ ଅନନ୍ତକୁ ସଂକ୍ଷେପରେ ଶବ୍ଦରେ ପ୍ରକାଶ କରିବା ଅତ୍ୟନ୍ତ କଠିନ ହୋଇଥାଏ । ପୁଣି ଏହି ଛୋଟ ପୁସ୍ତକରେ ମା' ଜଗଦମ୍ବାଙ୍କ ଅପାର କରୁଣାରୁ ଦଶମହାବିଦ୍ୟାଙ୍କ ବିଷୟରେ କିଛି ଲେଖୁଛି ।

ଆମ ସମସ୍ତଙ୍କର ଚରମ ଲକ୍ଷ୍ୟ ଆନନ୍ଦ ଉପଲବ୍ଧି କରିବା ଓ ସୁଖ ଉପଭୋଗ କରିବା । ଏହା ପାଇବା ମାନବଜୀବନର ନୈସର୍ଗିକ ଅଧିକାର ।

ସାରା ଜଗତ ଆନନ୍ଦର ଉଦ୍ଭବ ସ୍ଥଳ ଅଟେ ଓ ଆନନ୍ଦ ହିଁ ଆମର ଉଦ୍‌ଗମ ସ୍ଥାନ ଅଟେ । ଆନନ୍ଦ ଯୋଗୁଁ ହିଁ ଆତ୍ମା ଜୀବନ ଧାରଣ କରେ ଓ ଅନନ୍ତ ଶୂନ୍ୟରେ ବିଲୀନ ହୋଇଯାଏ ।

ଏହି ସୃଷ୍ଟିର ମାର୍ଗରେ ଅବତୀର୍ଣ୍ଣ ହୋଇଯିବା ପରେ ଆମେ ବିଷୟାସକ୍ତ ହୋଇଯାଉ । ଏହା ଯୋଗୁଁ ଆମର ଚିତ୍ତରେ ଆନନ୍ଦର ସ୍ଥାୟୀତ୍ୱ ରହେ ନାହିଁ । ଏହାର କାରଣ କେବଳ ଏହି ଯେ, ଯେଉଁ ବିଷୟ ପାଇଁ ଆମର ଚିତ୍ତ ବୁଡିରହେ ସେଥିରେ ସ୍ଥାୟିତ୍ୱ ନାହିଁ । ଏହାର କାରଣ ଏକ ବିଷୟରେ ଯେତେବେଳେ ଚିତ୍ତ ଅଭାବ ଅନୁଭବ କରେ, ସେତେବେଳେ ଅନ୍ୟ ଆକାଂକ୍ଷା ଆଡକୁ ଗତିକରେ । ଏହି କ୍ରମ ନିରନ୍ତର ଚାଲିଆସୁଛି ଯେଉଁ କାରଣରୁ

ଆନନ୍ଦ ଓ ସୁଖାନୁଭୂତି ଉପଲବ୍ଧି ହେଉନାହିଁ । ଜୀବନ ଓ ସଂସାର ଏକ ମୃଗତୃଷ୍ଣା ଭଳି ଦୃଷ୍ଟିଗୋଚର ହେଉଛି । କାନ୍ଦି କାନ୍ଦି ଆସୁଛି ଓ କାନ୍ଦି କାନ୍ଦି ଚାଲିଯାଉଛି, କାରଣ ଆମେ ସାଂସାରିକ ଜୀବନର ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିପାରୁ ନାହୁଁ । ଖାଲି କଳସରେ କିଛି ଜଳ ରଖି ଘଡିକୁ ବଜାଇଲେ ଶବ୍ଦ ହୁଏ ଓ ପୂର୍ଣ୍ଣକଳସରୁ ଏଭଳି ଶବ୍ଦ ହୁଏ ନାହିଁ, କିନ୍ତୁ ଜଳ ଉଛୁଳି ପଡେ । ମାନବୀୟ ଆତ୍ମା ନିଜକୁ ଅଜ୍ଞାନ ଓ ଅହଂକାରରୁ, ତା' ପରେ ଇଚ୍ଛା ଓ ବାସନାରୁ ମୁକ୍ତ କରେ ପୁଣି ନିରାତିଶୟ ଆନନ୍ଦ, ଅବିଚଳିତ ଶାନ୍ତି ଓ କଲୁଷହୀନ ପବିତ୍ର ଜୀବନ ପ୍ରାପ୍ତି ହୁଏ । ଏହି କାର୍ଯ୍ୟ ଅତ୍ୟଧିକ କଠିନ ଯେ ମାନବ ବିଷୟାନୁସକ୍ତରୁ ବିରତ ରହୁ । ଏଭଳି ସ୍ଥିତିରେ ଜୀବନ ସାରହୀନ ପ୍ରତୀତ ହେବାକୁ ଲାଗେ । ଆମେ ସମସ୍ତ ପ୍ରକାର ଭୋଗ ଚାହୁଁ ଓ ଏହା ସହିତ ମୋକ୍ଷ ପାଇଁ ମଧ୍ୟ ଅଭିଳାଷ ରଖୁ ।

ଅନେକ କର୍ମ କରିବା ପରେ ଯେତେବେଳେ ଆମେ କର୍ମ ଅନୁସାରେ ଭୋଗ ଉପଲବ୍ଧି କରିବା ସମ୍ଭବ ହୁଏ ନାହିଁ, ସେତେବେଳେ ଆମର ହୃଦୟ ବ୍ୟଥିତ ହୋଇଉଠେ ଯେ ଯେତେବେଳେ ଭୋଗ ଆମେ କରିପାରୁନାହୁଁ ତେବେ ମୋକ୍ଷର କଳ୍ପନା ବ୍ୟର୍ଥ ଅଟେ । ଏହି ଲକ୍ଷ୍ୟରୁ କକ୍ଷଚ୍ୟୁତ ହେଲେ ଆମେ ଭିନ୍ନ ଭିନ୍ନ ମାର୍ଗ ଅନୁକରଣ କରୁ । ଯଦ୍ଦ୍ୱାରା ଏକ ଉପାସନାରୁ ଅନ୍ୟ ଉପାସନାକୁ ଯିବା ପାଇଁ ଆକର୍ଷିତ ହେଉ । ତଥାପି ଅନ୍ତହୀନ ଲକ୍ଷ୍ୟର ଅନ୍ତହୀନ ଉପଲବ୍ଧି ହୋଇପାରେ ନାହିଁ । କାରଣ ଆମେ ଯେଉଁଠାକୁ ଯାଉ, ସେଠାରେ ସେ ନିଜେ ହିଁ ଜାଗ୍ରତ ବା ସିଦ୍ଧ ନୁହଁନ୍ତି । ଏହି ବିଶେଷତା କେବଳ ଦଶମହାଉପାସ୍ୟ ବିଦ୍ୟାରେ ହିଁ ଅଛି, ଯେ ଏମାନେ ସିଦ୍ଧ ଓ ଜାଗ୍ରତ ଅଟନ୍ତି । ଅନେକ ଉପାସକ ଏହାଙ୍କ କୃପା ପ୍ରାପ୍ତ ହୋଇ ଏହାଙ୍କର ଦର୍ଶନ ମଧ୍ୟ କରିଛନ୍ତି । ଏହି ମହାବିଦ୍ୟାମାନେ ନିଜ ହୃଦୟରେ ଏତେ ମମତା ରଖିଛନ୍ତି ଯେ ସାଧକର ଲଗ୍ନ ଓ ଶ୍ରଦ୍ଧା ଅନୁସାରେ ନିଜର ପ୍ରଭାବ ଶୀଘ୍ର ବ୍ୟକ୍ତ କରିଦିଅନ୍ତି, ଯେଉଁ କାରଣରୁ ବ୍ୟକ୍ତି ଉତ୍ସାହିତ ହୋଇ ଆନନ୍ଦର କାମନା ସହିତ ଆନନ୍ଦ ବିଭୋର ଅବସ୍ଥା ଭୋଗକରେ । ଏହା ସେହି ମହାବିଦ୍ୟାଗୁଡିକ ଅଟନ୍ତି, ଯିଏ କି ଜୀବଙ୍କୁ ଭୋଗ ଓ ମୋକ୍ଷ ପ୍ରଦାନ କରନ୍ତି ।

ଦଶର ରହସ୍ୟ

ସଂସାରରେ ଦଶଦିଗ ସ୍ପଷ୍ଟ ଅଟେ। ଏହି ପ୍ରକାଶ ଦଶ ସଂଖ୍ୟା ମଧ୍ୟ ପୂର୍ଣ୍ଣତଃ ପୂର୍ଣ୍ଣବ୍ରହ୍ମାଙ୍କର ସୂଚକ ଅଟେ।

କୌଣସି ରସହ୍ୟର ଶୁଭାରମ୍ଭ ଶୂନ୍ୟରୁ ହୋଇଥାଏ । ଶୂନ୍ୟ ! ଅର୍ଥାତ୍ ଆଦି ଅନ୍ତ ନ ଥିବା ସଂଖ୍ୟା, ଯାହା ସହିତ ଯୋଡି ହୁଏ ତାକୁ ବଡ କରେ ଓ ନିଜେ ଏକକ୍ରମର ଉତ୍ସ ହୋଇଯାଏ । ଏହା ହିଁ ଶୂନ୍ୟର ସ୍ୱଭାବ । ଏହାପରେ ଏକ, ଦୁଇ, ତିନିଠାରୁ ନଅ ପର୍ଯ୍ୟନ୍ତ ସଂଖ୍ୟା ହୋଇଥାଏ । ଶୂନ୍ୟରୁ ହିଁ ସୃଷ୍ଟି ହୋଇଥାଏ । ଯେତେବେଳେ କିଛି ନ

ଥିଲା ଏହି ସମୟରେ ଶୂନ୍ୟ ଥିଲା । ଏହି ଶୂନ୍ୟର ଅର୍ଥ ଶୂନ ନୁହେଁ କିନ୍ତୁ ପୂର୍ଣ୍ଣ ଅଟେ । ଏଥିରୁ ନଅ ସଂଖ୍ୟାର ପରିକଳ୍ପନା । ଯାହା ଏକ ଠାରୁ ନଅ ପର୍ଯ୍ୟନ୍ତ ହୋଇଥାଏ । ଏହି ରହସ୍ୟ କ, ଚ, ଟ, ପ, ତ, ୟ, କ୍ଷ, ତ୍ର ତଥା ଜ୍ଞ ର ଅଟେ । କାହିଁକି ନା ଏହା ଆଦ୍ୟ ଅକ୍ଷର ଅଟେ । ଏହାଠାରୁ ଅନ୍ୟ ଶବ୍ଦମାନଙ୍କର ଗଠନ ହୋଇଥାଏ । ପ୍ରତ୍ୟେକ ମନୁଷ୍ୟ ଦେହର ନବଦ୍ୱାର ସ୍ପଷ୍ଟ ଓ ଦଶମ ଦ୍ୱାର ଅଦୃଶ୍ୟ ଅଟେ, କାରଣ ଏହା ଶୂନ୍ୟ ରୂପକ ବିରାଟ, ଯାହାଠାରୁ ସମସ୍ତ ସଂଖ୍ୟା-ରୂପକ ଭାବନାର ନିର୍ଗମ । ଶିର ପ୍ରଦେଶରେ ଶୂନ୍ୟ ସର୍ବଦା କାର୍ଯ୍ୟରତ ଥାଏ ।

ଦଶମହାବିଦ୍ୟାର ପ୍ରଥମ ଦର୍ଶନ

ଦେବୀ ପାର୍ବତୀଙ୍କୁ ଆଦ୍ୟଭବାନୀ ଭାବେ ମାନି ନିଆଯାଇଛି । ଏହାଙ୍କର ପାଣିଗ୍ରହଣ ସଂସ୍କାର ଦେବାଧିଦେବ ମହାଦେବଙ୍କ ସହିତ ଦେବୀଙ୍କ ଅଭିଳାଷ ଅନୁସାରେ ହୋଇଥିଲା । ପାର୍ବତୀଙ୍କ ପିତା ଦକ୍ଷ ଥରେ ଯଜ୍ଞ କଲେ ଯେଉଁଥିରେ ସେ ଶିବଙ୍କୁ ଆମନ୍ତ୍ରଣ କଲେ ନାହିଁ । ପାର୍ବତୀ ଏହି ଯଜ୍ଞର ସୂଚନା ପାଇବା ପରେ ଶିବଙ୍କୁ ସେଠାକୁ ଯିବା ପାଇଁ ବିନମ୍ର ନିବେଦନ କଲେ । ଯାହାକୁ ଶିବ ଅସ୍ୱୀକାର କରିଦେଲେ । ନିଜ ସ୍ୱାମୀଙ୍କର ଯିବା ପାଇଁ ଇଚ୍ଛା ନାହିଁ ଜାଣି ପାର୍ବତୀ ନିଜେ ଯିବା ପାଇଁ ଶିବଙ୍କ ଆଦେଶ ଚାହିଁଲେ ତେଣୁ ଶିବ ଦକ୍ଷଙ୍କର ଶତ୍ରୁତା ବ୍ୟବହାରକୁ ଧ୍ୟାନରେ ରଖି ପାର୍ବତୀଙ୍କୁ ପୁନଃର୍ବାର ମନା କରିଦେଲେ । ନିଜ କଥାକୁ ବାରମ୍ବାର ନ ଶୁଣିବାରୁ ପାର୍ବତୀ କହିଲେ –

"ତତୋ ଅହଂ ତତ୍ର ଯାସ୍ୟାମି, ତଦାଜ୍ଞାପୟ ବା ନବା ।
ପ୍ରାପ୍ସ୍ୟାମି ଯଜ୍ଞଭାଗଂ ବା ନାଶୟିଷ୍ୟାମି ବ ମଖମ୍ ।।"

ଅର୍ଥାତ୍ ଆପଣଙ୍କର ଆଜ୍ଞା ହେଉ ବା ନ ହେଉ କିନ୍ତୁ ମୁଁ ସେଠାକୁ ନିଶ୍ଚିତ ଯିବି । ସେଠାକୁ ଯାଇ ମୁଁ ଯଜ୍ଞରେ ଅଂଶ ଗ୍ରହଣ କରିବି ନଚେତ୍ ଯଜ୍ଞ ନଷ୍ଟ କରିଦେବି ।

ଶିବ ପୁନର୍ବାର ବୁଝାଇବା ପରେ ପାର୍ବତୀ ରାଗି ଉଠିଲେ ଓ ସେ ରୁଦ୍ରରୂପ ଧାରଣ କଲେ । ଏହାଙ୍କ ନେତ୍ର କ୍ରୋଧରେ ଲାଲ୍ ହୋଇଗଲା । ଅଧର କ୍ରୋଧରେ କମ୍ପି ଉଠିଲା ଓ ତୀବ୍ର ଅଟ୍ଟହାସ୍ୟ କଲେ ।

କିଛି ସ୍ମରଣ କରି ଶିବ ଧ୍ୟାନରେ ଦେଖିଲେ ଯେ ପାର୍ବତୀଙ୍କ ଶରୀର କ୍ରୋଧାଗ୍ନିରେ ଜଳିଯାଇ କ୍ରମଶଃ କଳା ପଡିଯାଇଥିଲା ।

ନିଜ ଜୀବନ ସଙ୍ଗିନୀର ଏହି ଭୀଷଣ ରୂପ ଦେଖି ସେ ଦୂରକୁ ଚାଲିଯିବା ସମ୍ଭବତଃ ଉଚିତ୍ ଭାବିଲେ, ଏଣୁ ସେଠାରୁ ଚାଲିଗଲେ । ସେ କିଛି ଦୂର ଚାଲି ଗଲେ ଓ ନିଜ ଆଗରେ ଏକ ଦିବ୍ୟ ସ୍ୱରୂପ ଦେଖି ଆଚମ୍ବିତ ହୋଇଗଲେ । ତା' ପରେ ସେ ନିଜ ଡାହାଣ, ବାମ, ଉପର ତଥା ତଳକୁ ଅର୍ଥାତ୍ ସବୁଆଡକୁ ଚାହିଁଲେ ଓ ପ୍ରତ୍ୟେକ ଦିଗରୁ

ଏକ ବିଭିନ୍ନ ଦେବୀଙ୍କ ସ୍ୱରୂପ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ହଠାତ୍ ତାଙ୍କର ପାର୍ବତୀଙ୍କ କଥା ସ୍ମରଣ ହେଲା ଓ ସେ ଚିନ୍ତାକଲେ ଯେ କ'ଣ ଏହା ସତୀଙ୍କ ପ୍ରତାପ ନୁହେଁ । ଏଣୁ ସେ କହିଲେ - "ପାର୍ବତୀ ! କ'ଣ ମାୟା ଅଟେ ?"

ନିଜ ସ୍ୱାମୀଙ୍କ ପ୍ରଶ୍ନ ଶୁଣି ପାର୍ବତୀ ବିନମ୍ର ଭାବରେ କହିଲେ - ସ୍ୱାମୀ ! ଆପଣଙ୍କ ସମ୍ମୁଖରେ ଯେଉଁ କୃଷ୍ଣବର୍ଣ୍ଣର ଦେବୀ ଦେଖାଗଲେ ସେ "କାଳୀ" ଅଟନ୍ତି । ଆପଣଙ୍କ ଉପରେ ମହାକାଳ ସ୍ୱରୂପିଣୀ ଯେଉଁ ନୀଳବର୍ଣ୍ଣର ଦେବୀ ଦେଖାଗଲେ ସେ "ତାରା" ଅଟନ୍ତି । ଆପଣଙ୍କ ପଶ୍ଚିମରେ ଶ୍ୟାମବର୍ଣ୍ଣା ଓ କଟା ହୋଇଥିବା ଶିର ଉଠାଇ ଯେଉଁ ଦେବୀ ଛିଡା ହୋଇଛନ୍ତି ସେ "ଛିନ୍ନମସ୍ତିକା" ଅଟନ୍ତି । ଆପଣଙ୍କ ବାମ ପାଖରେ ଦେବୀ "ଭୁବନେଶ୍ୱରୀ" ଛିଡା ହୋଇଛନ୍ତି, ଆପଣଙ୍କ ପଛପାଖରେ ଶତ୍ରୁମର୍ଦ୍ଦନ କରିବା ଦେବୀ "ବଗଳାମୁଖୀ" ଛିଡା ହୋଇଛନ୍ତି । ଆପଣଙ୍କ ଅଗ୍ନିକୋଣରେ ବିଧବାରୂପିଣୀ "ଧୂମାବତୀ" ଛିଡା ହୋଇଛନ୍ତି । ବାୟବ୍ୟ କୋଣରେ "ମାତଙ୍ଗୀ" ଛିଡା ହୋଇଛନ୍ତି । ଐଶାନ୍ୟ କୋଣରେ ଦେବୀ "ଷୋଡଶୀ" ଛିଡା ହୋଇଛନ୍ତି । "ଭୈରବୀ"ରୂପା ହୋଇ ମୁଁ ନିଜେ ଉପସ୍ଥିତ ହୋଇଛି ।

ଏହା ପରେ ଶିବଙ୍କ ଦ୍ୱାରା ଏହାଙ୍କ ମହାତ୍ମ୍ୟ ପଚରାଯିବାରୁ ପାର୍ବତୀ କହିଥିଲେ - ଏହି ସବୁ ଦେବୀଙ୍କର ପୂଜାର୍ଚ୍ଚନା କରିବା ଦ୍ୱାରା ଚତୁଃବର୍ଗର ଅର୍ଥାତ୍ ଧର୍ମ, ଭୋଗ, ମୋକ୍ଷ ତଥା ଅର୍ଥର ଫଳ ପ୍ରାପ୍ତି ହୁଏ । ଏହାଙ୍କର କୃପାରେ ଷଟ୍‌କର୍ମ ସିଦ୍ଧି ତଥା ଅଭିଷ୍ଟର ଉପଲବ୍ଧ ହୋଇଥାଏ ।

ଶିବ ନିବେଦନ କରିବା ପରେ ଏହି ଦେବୀମାନେ କ୍ରମଶଃ କାଳୀକା ଦେବୀଙ୍କ ରୂପରେ ଲୀନ ହୋଇଗଲେ ।

କୁଳ ପରମ୍ପରା

ସାଧକମାନେ ଦଶମହାବିଦ୍ୟାଙ୍କ ଉପାସନା ନିଜ ନିଜ ଶ୍ରଦ୍ଧା ଅନୁସାରେ କରନ୍ତି କିନ୍ତୁ ସାଧନାରେ କିଛି ବିଶେଷତ୍ୱ ରଖିବା ପାଇଁ ଦୀକ୍ଷା ମଧ୍ୟ ନିଅନ୍ତି ।

ଦଶମହାବିଦ୍ୟା ସହ ସମ୍ବନ୍ଧଥିବା କୌଣସି ଦୀକ୍ଷା ମଧ୍ୟ ଦୁଇ ଭାଗରେ ବିଭକ୍ତ ଅଟେ । ଏହି ଦୁଇ ବିଭାଗକୁ "କୂଳ" କୁହାଯାଏ । ଏହା ଦୁଇଟି ନାମରେ ଜଣାଯାଏ, ଯାହାକୁ "କାଳୀକୂଳ" ତଥା "ଶ୍ରୀକୂଳ" କୁହାଯାଏ ।

ଯେଉଁ ସାଧକ ଭଗବତୀ କାଳୀ, ତାରା ତଥା ଛିନ୍ନମସ୍ତିକାଙ୍କ ଦୀକ୍ଷା ନିଅନ୍ତି ଓ ଏହାଙ୍କୁ ନିଜର ଆରାଧ୍ୟ ଦେବୀ ଭାବରେ ମାନନ୍ତି ଏହାଙ୍କୁ "କାଳୀକୂଳ"ର ସାଧକ କୁହାଯାଏ । ଅନ୍ୟ ସବୁ ମହାବିଦ୍ୟାଗୁଡିକର ସାଧକଙ୍କୁ "ଶ୍ରୀକୂଳ" ସାଧକ ବୋଲି କୁହାଯାଏ ।

ଆଦ୍ୟା ମହାଦେବୀ

ନିଜ କୂଳ ଅନୁସାରେ ଦଶମହାବିଦ୍ୟାର ଉପାସନା ଦ୍ୱାରା ନିଜ ବିଭିନ୍ନତା ପ୍ରାପ୍ତ ହୋଇଥାଏ । ମହାବିଦ୍ୟାଗୁଡିକୁ ଆଦି ସ୍ୱରୂପ ଭାବେ ମାନିବାକୁ ହୁଏ । ଅର୍ଥାତ୍ ଯେତେବେଳେ କିଛି ନ ଥିଲା ସେତେବେଳେ ଏହି ମହାଦେବୀମାନେ ବିଦ୍ୟମାନ ଥିଲେ । ଆଦିର ସୂଚକ ଶୂନ୍ୟ ଅଟେ । ଶୂନ୍ୟ ଅର୍ଥାତ୍ କିଛି ମଧ୍ୟ ନାହିଁ । ଏହି ଶୂନ୍ୟରୂପା ଶକ୍ତି କାଳୀ ଅଟନ୍ତି । ଏହା ମୂଳତତ୍ତ୍ୱ ଅଟେ । ମହାନିର୍ଗୁଣ ସ୍ୱରୂପ ହୋଇଥିବାରୁ ଏହାଙ୍କ ଉପମା ଅନ୍ଧକାର ସହିତ ତୁଳନୀୟ । ଏହି ମୂଳତତ୍ତ୍ୱ ମହାସଗୁଣ ସ୍ୱରୂପ ହେଲେ ବୋଲି ସୁନ୍ଦରୀ କୁହାଯାଏ ।

"ସା କାଳୀ ଦ୍ୱିବିଧା ପ୍ରୋକ୍ତା ଶ୍ୟାମା ରକ୍ତା ପ୍ରଭେଦତଃ ।
ଶ୍ୟାମାତୁ ଦକ୍ଷିଣା ପ୍ରୋକ୍ତା ରକ୍ତା ଶ୍ରୀସୁନ୍ଦରୀ ମତା ।।"

ଅର୍ଥାତ୍ ଯିଏ କାଳୀ ଦେବୀ ଅଟନ୍ତି ସେ ଶ୍ୟାମା ତଥା ରକ୍ତା ଭେଦରେ ଦୁଇ ରୂପରେ ପରିଚିତା । ଶ୍ୟାମା ସ୍ୱରୂପା ଦେବୀଙ୍କୁ 'କାଳୀ' ତଥା ରକ୍ତ ସ୍ୱରୂପା ଦେବୀଙ୍କୁ 'ଶ୍ରୀ ସୁନ୍ଦରୀ' କୁହାଯାଏ ।

ଏହି ଦେବୀ ସମୁଦାୟ ବ୍ରହ୍ମାଣ୍ଡର ପରିକ୍ରମା କରିଥିଲେ ଓ ଏହାଙ୍କର ଉତ୍ପତ୍ତି ପୂର୍ବରୁ ସେ କେବଳ ନିଜେ ହିଁ ଥିଲେ । ଏହି ଆଦି ଅନ୍ତରହିତ ସତ୍ତାକୁ କାମକଳା ତଥା ଶୃଙ୍ଗକଳା ନାମରେ ସମସ୍ତେ ଜାଣନ୍ତି । ଏହି ମୂଳ ଶକ୍ତି ତ୍ରିଦେବ ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ ତଥା ଶିବଙ୍କର ପ୍ରାଦୁର୍ଭାବର କାରଣ ଅଟନ୍ତି । ଏହାଙ୍କଠାରୁ ସମସ୍ତ ମରୁତଗଣ, ଗନ୍ଧର୍ବ, ଅପସରାଗଣ, କିନ୍ନର ଆଦି ସୃଷ୍ଟି ହେଲେ । ସମସ୍ତ ଦିଗରେ ଦୃଶ୍ୟ ତଥା ଅଦୃଶ୍ୟ ଏହାଙ୍କ ଦ୍ୱାରା ସୃଜିତ ।

ତଦେତତ୍ ସର୍ବାକାର ମହାତ୍ରିପୁରସୁନ୍ଦରୀମ୍ ।
ତ୍ୱ ଚାବ ଚ ସର୍ବ ବିଶ୍ୱ ସର୍ବଦେବତାଃ ।।
ଇତରତ ସର୍ବ ମହାତ୍ରିପୁର ସୁନ୍ଦରୀମ୍ ।
ସତ୍ୟମେକଂ ଲଳିତାଅ ଅଖ୍ୟଂ ବସ୍ତୁ ।
ତଦଦ୍ୱିତୀୟମ୍ ଖଣ୍ଡାର୍ଥ ପରଂବ୍ରହ୍ମ ।।

ଅର୍ଥାତ୍ ଏହି ପ୍ରକାରେ ମହାତ୍ରିପୁରା ସୁନ୍ଦରୀ ସମସ୍ତ ସ୍ଥୂଳରେ ଅଧିଷ୍ଠିତ ଅଟନ୍ତି । ମୁଁ ତୁମେ, ଦେବତାମାନେ, ସମୁଦାୟ ସୃଷ୍ଟି, ଦୃଶ୍ୟ ଅଦୃଶ୍ୟ ସବୁ କିଛି ନିଜେ ତ୍ରିପୁରାସୁନ୍ଦରୀ ହିଁ ଅଟନ୍ତି । ଯାହା ସତ୍ୟ, ଯାହା ପରଂବ୍ରହ୍ମ ତତ୍ତ୍ୱ ସେ ହିଁ ଲଳିତା ଅର୍ଥାତ୍ ମହାତ୍ରିପୁରା ସୁନ୍ଦରୀ ହିଁ ଅଟନ୍ତି ।

ଯେଉଁ ପ୍ରକାର ଜଳ କେବଳ ଜଳ ହୋଇଥାଏ କିନ୍ତୁ ଗଙ୍ଗାର ଜଳ ଗଙ୍ଗାଜଳ, ଯମୁନାର ଜଳକୁ ଯମୁନା ଜଳ କୁହାଯାଏ । ସେହି ପ୍ରକାର ଶୂନ୍ୟରୂପା ମୂଳ ପ୍ରକୃତିକୁ

ଭୁବନେଶ୍ୱରୀ, କାଳୀ ତଥା ସୁନ୍ଦରୀ କୁହାଯାଇଥାଏ । ମୂଳତଃ ଏହି ସବୁ ଶକ୍ତି ଏକ ଓ ଅଭିନ୍ନ ।

ଇୟଂ ନାରାୟଣୀ କାଳୀ ତାରା ସ୍ୟାତ ଶୂନ୍ୟବାହିନୀ ।


ସୁନ୍ଦରୀମ୍ ରକ୍ତକାଳୀୟଂ ଭୈରବୀନାଦିନୀ ତଥା ।।

ଅର୍ଥାତ୍ ଯିଏ ନାରାୟଣୀ ସେ କାଳୀ ହିଁ ଅଟନ୍ତି । ଏହି କାଳୀ ତାରା ରୂପରେ ଶୂନ୍ୟରେ ନିବାସ କରନ୍ତି । ରକ୍ତ କାଳୀଙ୍କୁ ସନ୍ଦରୀ କହନ୍ତି ଏବଂ ପୁଣି ଏହାଙ୍କୁ ଶକ୍ତି ଭୈରବନାଦିନୀ ଆଦି ରୂପରେ ସମସ୍ତେ ଜାଣନ୍ତି ।


ଦଶମହାବିଦ୍ୟାଙ୍କର ଏକାଠି କିପରି ପୂଜା ହୁଏ ?

ଦଶମହାବିଦ୍ୟାଙ୍କର ଉପାସନା ଯୋଗସିଦ୍ଧି ସହିତ ଜୀବନମୁକ୍ତି ପାଇଁ ମଧ୍ୟ ନିଶ୍ଚିତ ସାଧନ ଅଟେ । ଏଣୁ ଏହା ଆବଶ୍ୟକ ଅଟେ ଯେ, ଏହାଙ୍କ ପୂଜା ବିଧାନ ତଥା ସ୍ଥାପନ ବିଧି ବିଶେଷ ଭାବେ ବୁଝିଯିବା ଉଚିତ୍ । ମହାଭାଗବତରେ ନାରଦଙ୍କର ପ୍ରଶ୍ନ କରିବା ପରେ ମହାଦେବ ଦେବ ପଞ୍ଚଆୟତନ ସମାନ ଦଶଆୟତନ ମହାବିଦ୍ୟା ପୂଜା ବିଧି ଛଅସ୍ତରୀ ଅଧ୍ୟାୟରେ ବତାଇଛନ୍ତି । ସେ କହିଛନ୍ତି କାଳୀ ଅଥବା କାମାକ୍ଷାଙ୍କୁ କେନ୍ଦ୍ରରେ ସ୍ଥାପନ କରି କାଳୀଙ୍କ ବାମପାଖରେ ତାରା ତଥା ଡାହାଣ ପାଖରେ ଭୁବନେଶ୍ୱରୀଙ୍କୁ ପ୍ରତିଷ୍ଠା କର । ଅଗ୍ନିକୋଣରେ ଷୋଡଶୀ ତଥା ନୈରତ କୋଣରେ ଭୈରବୀଙ୍କୁ ସ୍ଥାପନ କର । ବାୟବ୍ୟ କୋଣରେ ଛିନ୍ନମସ୍ତା ତଥା ପୃଷ୍ଠଭାଗରେ ବଗଳାମୁଖୀଙ୍କୁ ବିରାଜମାନ କର । ଈଶାନ କୋଣରେ ତ୍ରିପୁରାସୁନ୍ଦରୀ, ଉର୍ଦ୍ଧ୍ୱଭାଗରେ ମାତଙ୍ଗୀ, ପଶ୍ଚିମରେ ଧୂମାବତୀଙ୍କୁ ପୂଜା କରାଯାଏ । ଏହି ମହାପୀଠ ଅଧଭାଗରେ ମହାରୁଦ୍ର ତଥା ବ୍ରହ୍ମା, ବିଷ୍ଣୁ ଆଦି ଦେବତାମାନଙ୍କୁ ଏହାଙ୍କର ଶକ୍ତିମାନଙ୍କ ସହିତ ପ୍ରତିଷ୍ଠା କର ।

❖❖❖



ଶ୍ରୀ କାଳୀ



ଶ୍ରୀ କାଳୀଯନ୍ତ୍ର

୧. କାଳୀ

ପ୍ରଥମ ମହାବିଦ୍ୟା କାଳୀଙ୍କୁ ଆଦ୍ୟ ମହାବିଦ୍ୟା ମଧ୍ୟ କୁହାଯାଏ । କାରଣ ଉପରୋକ୍ତ ବର୍ଣ୍ଣନା ବ୍ୟତୀତ ମଧ୍ୟ ଏହାଙ୍କୁ ପ୍ରଥମସ୍ଥାନ ଦିଆଯାଇଅଛି । ଏହାଙ୍କୁ ଭଗବାନ୍ ବିଷ୍ଣୁଙ୍କ ଯୋଗ ନିଦ୍ରା ମଧ୍ୟ କୁହାଯାଏ ।

କୌଣସି ମହାବିଦ୍ୟାଙ୍କ ମାୟାଗ୍ରନ୍ଥରୁ ଉପଲବ୍ଧ ହୁଏ କିନ୍ତୁ ଏହାଙ୍କର ବାସ୍ତବିକ ପ୍ରାଦୁର୍ଭାବ ପ୍ରାୟ ଲୁପ୍ତ ହୋଇ ରହିଥାଏ । ଏହି ପ୍ରକାର କାଳୀଙ୍କର ପ୍ରାଦୁର୍ଭାବ ମଧ୍ୟ ଲୁପ୍ତ ଅଟେ କାରଣ ଯେତେବେଳେ କେହି ନ ଥିଲେ ସେତେବେଳେ ଏହାଙ୍କୁ କିଏ ଜାଣିଥିଲା ? କିପରି ଜାଣିଥିଲା ? ଏହା ଉପରେ ମଧ୍ୟ କିଛି ପ୍ରାଚ୍ୟ ବିଶାରଦ ଭିନ୍ନ ଭିନ୍ନ ଦୃଷ୍ଟି କୋଣରୁ ଆଲୋଚନା କରିଛନ୍ତି ଯାହା ନିମ୍ନ ଆଲୋଚନାରୁ ସ୍ୱତନ୍ତ୍ର ଅଟେ ।

ଏହି ଦେବୀ ନିତ୍ୟ ଓ ଅଜନ୍ମା ଅଟନ୍ତି ତଥାପି ଦେବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଯେତେବେଳେ ସେ ଏହି ଅଭିନ୍ନ ରୂପରେ ଅବତାର ଗ୍ରହଣ କଲେ ସେତେବେଳେ ଏହି ରୂପ ଜଣାପଡିଲା କଳ୍ପର ଶେଷରେ ଯେତେବେଳେ ସମସ୍ତ ସୃଷ୍ଟି ଏକାର୍ଣ୍ଣବରେ ନିମଗ୍ନ ହୋଇ ରହିଥିଲା ସେତେବେଳେ ଭଗବାନ୍ ବିଷ୍ଣୁ କ୍ଷୀର ସମୁଦ୍ରରେ ଶେଷ ନାଗ ଶଯ୍ୟା ଉପରେ ଯୋଗନିଦ୍ରାର ଆଶ୍ରୟ ନେଇ ନିଦ୍ରାମଗ୍ନ ହୋଇଥିଲେ । ଏହି ସମୟରେ ବିଷ୍ଣୁଙ୍କ କାନର ମଇଳାରୁ ଦୁଇଜଣ ଭୟାନକ ଅସୁର ଉତ୍ପନ୍ନ ହେଲେ ଯିଏ କି ମଧୁ ତଥା କୈଟଭ ନାମରେ ବିଖ୍ୟାତ ହେଲେ । ଏହି ଦୁଇଜଣ ବ୍ରହ୍ମାଙ୍କୁ ଖାଇବା ପାଇଁ ଆଗେଇଲେ । ଭଗବାନଙ୍କ ନାଭି କମଳ ଉପରେ ଥିବା ବ୍ରହ୍ମା ଏହା ଦେଖି ବିଚଳିତ ହୋଇଉଠିଲେ । ସେ ଭଗବାନଙ୍କୁ ଅତ୍ୟଧିକ ଡାକିଲେ, କିନ୍ତୁ ସେ ଶୋଇ ରହିଥିଲେ । ତା' ପରେ ସେ ଆଦ୍ୟଭବାନୀଙ୍କୁ ସ୍ତୁତି କଲେ ଯାହାର ଫଳସ୍ୱରୂପ ଭଗବାନ୍‌ଙ୍କ ନେତ୍ର, ମୁଖ, ନାସିକା, ବାହୁ, ହୃଦୟ ତଥା ବକ୍ଷସ୍ଥଳରୁ ବାହାରି କାଳୀ ଏହାଙ୍କ ସମ୍ମୁଖରେ ଛିଡା ହୋଇଗଲେ ।

ଆଉ ଏକ ଅନ୍ୟ ବୃତ୍ତାନ୍ତ ମଧ୍ୟ ମିଳେ । ଯାହାର ଅନୁସାରେ ଚଣ୍ଡ-ମୁଣ୍ଡ ସହ ଯୁଦ୍ଧ କରି ଅମ୍ବିକା ଅତ୍ୟଧିକ ରାଗିଗଲେ, ଯେଉଁ କାରଣରୁ ଏହାଙ୍କ ମୁଖମଣ୍ଡଳ କଳା ହୋଇଗଲା । ଲଲାଟ ଉପରକୁ ଉଠିଗଲା ଓ ଏଥିରୁ ତତ୍‌କ୍ଷଣାତ୍ ବିକରାଳ ମୁଖୀ କାଳୀଙ୍କ ଆବିର୍ଭାବ ହେଲା ।

ମହର୍ଷି ବାଲ୍ମିକୀ ରାମାୟଣ ଲେଖିଥିଲେ ଯାହା ଆଜି ସର୍ବ ବିଦିତ ଅଟେ । ସେ ଆଉ ଏକ ଗୁପ୍ତ ରାମାୟଣ ଲେଖିଥିଲେ । ଯାହାକୁ ଅଦ୍ଭୁତ ରାମାୟଣ କୁହାଯାଏ । ଏହା

ଅନୁସାରେ ସହସ୍ରମୁଖ ରାବଣ ସହିତ ଯୁଦ୍ଧ କରି ମୂର୍ଚ୍ଛିତ ହୋଇଯାଇଥିଲେ । ସୀତା ତାଙ୍କୁ ମୃତ ବୋଲି ଭାବି ଅତିଶୟ ରାଗିଯିବାରୁ କାଳୀ ହୋଇଗଲେ ଓ ସହସ୍ରମୁଖ ରାବଣକୁ ବଧ କଲେ ।

ଏହାଙ୍କର ଭବ୍ୟ ଶ୍ରୀବିଗ୍ରହ ଆସାମ, ବଙ୍ଗଳାରେ ଅତ୍ୟଧିକ ଦୃଷ୍ଟିଗୋଚର ହୋଇଥାଏ । ଜଳନ୍ଧର ପୀଠରେ ଚାମୁଣ୍ଡାଦେବୀ ନାମକ ଶ୍ରୀବିଗ୍ରହ ମଧ୍ୟ ଏହାଙ୍କର ସ୍ୱରୂପ ଅଟେ ।

କାଳୀମନ୍ତ୍ର

କ୍ରୀଂ କ୍ରୀଂ କ୍ରୀଂ ହ୍ରୀଂ ହ୍ରୀଂ ହୁଂ ଦକ୍ଷିଣକାଳୀକେ କ୍ରୀଂ କ୍ରୀଂ କ୍ରୀଂ ହ୍ରୀଂ ହ୍ରୀଂ ହୁଂ ହୁଂ ହୁଂ ସ୍ୱାହା ।

କାଳୀ ଧ୍ୟାନମ୍

କରାଳବଦନାଂ ଘୋରାଂ ମୁକ୍ତକେଶୀଂ ଚତୁର୍ଭୁଜାମ୍ ।
କାଳିକାଂ ଦକ୍ଷିଣାଂ ଦିବ୍ୟଂ ମୁଣ୍ଡମାଳାବିଭୂଷିତାମ୍ ।
ସଦ୍ୟାଚ୍ଛିନ୍ନଶିରଃ ଖଙ୍ଗବାମାଧୋର୍ଦ୍ଧ୍ୱକରାମ୍ବୁଜାମ୍ ।
ଅଭୟଂ ବରଦଞ୍ଚୈବ ଦକ୍ଷିଣାଧୋର୍ଦ୍ଧ୍ୱପାଣିକାମ୍ ।
ମହାମେଘପ୍ରଭାଂ ଶ୍ୟାମାଂ ତଥା ଚୈବ ଦିଗମ୍ବରୀମ୍ ।
କଣ୍ଠାବସକ୍ତମୁଣ୍ଡାଳୀଗଳଦ୍ରୁଧିର ଚର୍ଚ୍ଚିତାମ୍ ।
କର୍ଣ୍ଣାବତଂ ସନାନୀତଶବଯୁଗ୍ମଭୟାନକାମ୍ ।
ଘୋର ଦଂଷ୍ଟ୍ରକରାଳାସ୍ୟାଂ ପୀନୋନ୍ନତପୟୋଧରାମ୍ ।
ଶବାନାଂ କରସଂଘାତୈଃ କୃତକାଞ୍ଚିଂ ହସମୁଖୀମ୍ ।
ସୃକ୍କଚ୍ଛଟା ଗଳଦ୍ରକ୍ତଧାରା ବିସ୍ଫୁରିତାନନାମ୍ ।
ଘୋରରାବାଂ ମହାରୌଦ୍ରୀଂ ଶ୍ମଶାନାଳୟବାସୀନିମ୍ ।
ବାଳାର୍କ ମଣ୍ଡଳାକାର ଲୋଚନତ୍ରିତୟାନ୍ୱିତାମ୍ ।
ଦନ୍ତୁରାଂ ଦକ୍ଷିଣବ୍ୟାପୀମୁକ୍ତାଳମ୍ବିକ - ଚୋଚୟାମ୍ ।
ଶବରୂପ ମହାଦେବ ହୃଦୟୋପରି ସଂସ୍ଥିତାମ୍ ।
ମହାକାଳେନ ଚ ସମଂ ବିପରୀତ ରତାତୁରାମ୍ ।
ସୁଖପ୍ରସନ୍ନବଦନାଂ ସ୍ମେରାନନସରୋରୁହାମ୍ ।।

କାଳୀକା ଦେବୀ ଭୟଙ୍କର ମୁଖୀ, ମୁକୁଳିତ କେଶୀ ଓ ଚାରିହାତ ଓ ମୁଣ୍ଡମାଳାରେ ଅଳଙ୍କୃତ ଅଟନ୍ତି । ଏହାଙ୍କର ବାମପାଖର ଦୁଇହାତରେ ସଙ୍ଗେ ସଙ୍ଗେ କଟା ହୋଇଥିବା

ଶବର ଶିର ଓ ଖଣ୍ଡ ଓ ଦକ୍ଷିଣ ପାଖରେ ଦୁଇହାତରେ ଅଭୟ ଓ ବରମୁଦ୍ରା ସୁଶୋଭିତ ଅଟେ । କଣ୍ଠରେ ମୁଣ୍ଡମାଳା ରହିଛି । ସେ କଳା ମେଘ ଭଳି ଶ୍ୟାମବର୍ଣ୍ଣା ଅଟନ୍ତି, ଦିଗମ୍ବରୀ ଅଟନ୍ତି । କଣ୍ଠରେ ଥିବା ମୁଣ୍ଡମାଳାରୁ ଟପ୍ ଟପ ରକ୍ତ ଝରୁଥିବା ଓ ରକ୍ତରେ ତାଙ୍କର ଶରୀର ଲିପ୍ତ ଅଟେ । ସେ ଘୋର ଦଂଷ୍ଟ୍ରା ଅଟନ୍ତି । କରାଳ ବଦନା ଓ ଉନ୍ନତ ପୀନସ୍ତନ ଯୁକ୍ତ ଅଟନ୍ତି । ଏହାଙ୍କ ଦୁଇ କାନରେ ମୃତଲୋକର ମୁଣ୍ଡ ଭୂଷଣ ରୂପେ ଶୋଭା ପାଇଆସୁଛି । ଦେବୀଙ୍କ ଅଣ୍ଟାରେ ଶବର ହାତ ପାପୁଲି ବିଦ୍ୟମାନ । ସେ ହାସ୍ୟମୁଖୀ ଅଟନ୍ତି । ଏହାଙ୍କ ଦୁଇ ଓଠରୁ ରକ୍ତ ଧାରା ଝରୁଥାଏ, ଯେଉଁ କାରଣରୁ ହୃଦୟ କମ୍ପିତ ହୋଇଥାଏ । ଦେବୀ ଘୋର ଶବ୍ଦ କରନ୍ତି, ମହାଭୟଙ୍କରୀ ଅଟନ୍ତି ଓ ସେ ଶ୍ମଶାନ ବାସିନୀ ଅଟନ୍ତି । ଏହାଙ୍କର ତିନିନେତ୍ର ନବୀନ ସୂର୍ଯ୍ୟଭଳି ଅଟେ । ତାଙ୍କର ଲମ୍ବା ଲମ୍ବା ଦାନ୍ତ ଓ ଖୁବ୍ ଲମ୍ବା କୋଣରେ ସେ ଯୁକ୍ତ ଅଟନ୍ତି । ସେ ଶବରୂପୀ ମହାଦେବଙ୍କ ହୃଦୟରେ ଥାଆନ୍ତି । ସେ ଚତୁର୍ଦ୍ଦିଗ ଭ୍ରମଣ କରନ୍ତି । ଦେବୀ ମହାକାଳଙ୍କ ସହିତ ବିପରୀତ ରତି (ମୈଥୁନ)ରେ ଆସନ୍ତ ଅଟନ୍ତି । ସେ ପ୍ରସନ୍ନ ମୁଖୀ ସହାସ୍ୟ ବଦନା ଅଟନ୍ତି । ସେ ସମସ୍ତ କାମନା ପୂରଣ କରନ୍ତି ।

କାଳୀସ୍ତବ

କର୍ପୂରଂ ମଧ୍ୟମାନ୍ତ୍ୟସ୍ୱରପରରହିତଂ ସେନ୍ଦୁବାମାକ୍ଷୀଯୁକ୍ତଂ ।
ବୀଜନ୍ତେ ମାତରେତ ତ୍ରିପୁରହରବଧୁ ତ୍ରିକୃତଂ ଯେ ଜପନ୍ତି ।
ତେଷାଂ ଗଦ୍ୟାନି ଚ ମୁଖକୁହରାଦୁଲ୍ଲ ସନ୍ତ୍ୟେବ ବାଚଃ ।
ସ୍ୱଚ୍ଛନ୍ଦଂ ଧ୍ୱାନ୍ତଧାରା ଧରରୁଚିରେ ସର୍ବସିଦ୍ଧିଂ ଗତାନାମ୍ ।।

ହେ ଜନନୀ ! ତୁମର ଶରୀରର କାନ୍ତି ଶ୍ୟାମବର୍ଣ୍ଣ ମେଘଭଳି ସୁନ୍ଦର ଅଟେ । ଯିଏ ତୁମର ଏକାକ୍ଷରୀ ବୀଜମନ୍ତ୍ରକୁ ତିନିଗୁଣ କରି ଜପ କରନ୍ତି, ସେ ଶିବଙ୍କର ଅଣିମା ଆଦି ଅଷ୍ଟସିଦ୍ଧି ପ୍ରାପ୍ତ ହୁଅନ୍ତି ଏବଂ ତାଙ୍କ ମୁଖରୁ ଗଦ୍ୟପଦ୍ୟ ପୂର୍ଣ୍ଣବାଣୀ ନିସୃତ ହୋଇଥାଏ ।

ଈଶାନଃ ସେନ୍ଦୁବାମ ଶ୍ରବଣ ପରିଗତଂ ବୀଜମନ୍ୟନ୍ମହେଶୀ ଦ୍ୱନ୍ଦଂ
ତେ ମନ୍ଦଚେତା ଯଦି ଜପତି ଜନୋ ବାରମେକଂ କଦାଚିତ୍ ।
ଜିତ୍ୱା ବାଚାମଧଶଂ ଧନଦମପି ଚିରଂ ମୋହୟନ୍ନମ୍ବୁଜାକ୍ଷୀବୃନ୍ଦଂ
ଚନ୍ଦ୍ରାର୍ଦ୍ଧଚୂଡେ ପ୍ରଭବତୀ ସ ମହାଘୋର ବାଣାବତଂ ସେ ।।

ହେ ମହେଶ୍ୱରୀ । ତୁମର କପାଳରେ ଅର୍ଦ୍ଧଚନ୍ଦ୍ର ଶୋଭାପାଉଛି । ଦୁଇକାନରେ ଦୁଇଟି ମହାଭୟଙ୍କର ବାଣ ଅଣଙ୍କାର ସଦୃଶ ରହିଛ । ବିଷୟାଶକ୍ତ ପୁରୁଷ ମଧ୍ୟ ତୁମର

'ହୁଂ' ବୀଜ ମନ୍ତ୍ରକୁ ଦୁଇଗୁଣ କରି ପବିତ୍ର ଅଥବା ପବିତ୍ର ସମୟରେ ଏକ ବାର ଜପ କଲେ ବିଦ୍ୟା ଓ ଧନରେ ସୁରଗୁରୁ ଭୃଗୁ ଓ କୁବେରଙ୍କୁ ମଧ୍ୟ ପରାସ୍ତ କରିବା ପାଇଁ ସମର୍ଥ ହୁଅନ୍ତି । ଏହି ସୁନ୍ଦରୀ ସ୍ତ୍ରୀ ମାନଙ୍କୁ ମଧ୍ୟ ମୋହିତ କରିପାରନ୍ତି । ଏଥିରେ ସନ୍ଦେହ ନାହିଁ ।

ଈଶୌ ବୈଶ୍ୱାନରସ୍ଥଃ ଶଶଧରବିଳସଦ୍ଧାମନେତ୍ରେଣ ଯୁକ୍ତୋ
ବୀଜଂତେ ଦୁନ୍ଦୁମନ୍ୟାଦ୍ଧି ଗଳିତଚିକୁରେ କାଳୀକେୟେଜପନ୍ତି
ଦ୍ୱେଷ୍ଟାରଂଘ୍ନନ୍ତି ତେ ଚ ତ୍ରିଭୁବନଅପି ତେ ବଶ୍ୟଭାବଂ ନୟନ୍ତି
ସ୍ମୃକ୍ଲଦ୍ୱନ୍ଦାସ୍ରଧାରାଦ୍ୱୟଧରବଦନେ ଦକ୍ଷିଣେ କାଳୀକେତି ।।

ହେ ମୁକୁଳାକେଶୀ ! ତୁମେ ବିଶ୍ୱସଂହର୍ତ୍ତା କାଳ ସହିତ ବିହାର କରୁଅଛ । ଏହି କାରଣରୁ ତୁମର ନାମ କାଳିକା ଅଟେ । ତୁମେ ବାମପଟେ ରହି ଦକ୍ଷିଣରେ ଥିବା ମହାଦେବଙ୍କୁ ପରାଜିତ କରି ନିଜେ ନିର୍ବାଣ ଦାନ କରିଅଛ । ଏହି କାରଣରୁ 'ଦକ୍ଷିଣା' ନାମରେ ତୁମେ ପ୍ରସିଦ୍ଧ ହୋଇଅଛ । ତୁମେ ପ୍ରଣବରୂପୀ ଶିବଙ୍କୁ ନିଜ ମହାତ୍ମ୍ୟରୁ ତିରସ୍କାର କରିଛ । ତୁମ ଦୁଇ ଓଷ୍ଠରୁ ରକ୍ତରଧାରା ବୋହୁଥିବା କାରଣରୁ ତୁମର ମୁହଁ ଖୁବ୍ ଶୋଭାପାଉଛି । ଯିଏ ତୁମର ହ୍ରୀଂ ହ୍ରୀଂ ଏହି ଦୁଇ ବୀଜକୁ ଜପ କରନ୍ତି, ସେ ଶତ୍ରୁମାନଙ୍କୁ ପରାଜିତ କରି ତ୍ରିଭୁବନକୁ ବଶୀଭୂତ କରିପାରନ୍ତି ଅଥବା ଯିଏ ଏହି ମନ୍ତ୍ରକୁ ଜପ କରନ୍ତି, ସେ ଶତ୍ରୁକୁଳକୁ ବଶୀଭୂତ କରି ତ୍ରିଭୁବନରେ ବିଚରଣ କରନ୍ତି ।

ଉର୍ଦ୍ଧ୍ୱବାମେ କୃପାଣଂ କରତଳ କମଳେ ଛିନ୍ନମୁଣ୍ଡଂ ତଥାଧଃ
ସବ୍ୟେ ଚାର୍ଭୀର୍ବରଞ୍ଚ ତ୍ରିଜଗଦଘହରେ ଦକ୍ଷିଣେ କାଳିକେତି ।
ଜପ୍ତବୈତନ୍ନାମବର୍ଣ୍ଣ ତବ ମନୁବିଭବଂ ଭାବୟନ୍ତ୍ୟେତଦନ୍ୟ
ତେଷାମଷ୍ଟୌ କରସ୍ଥାଃ ପ୍ରକଟିତବଦନେ ସିଦ୍ଧୟ ସ୍ୟୁନ୍ୟକସ୍ୟ ।।

ହେ ଜଗନ୍ମାତଃ ! ତୁମେ ସଂସାରରେ ପାପୀମାନଙ୍କର ପାପହରଣ କର । ତୁମ ଦାନ୍ତର ପଂକ୍ତି ମହାଭୟଙ୍କର ଅଟେ । ତୁମେ ଉପରର ବାମହାତରେ ଖଣ୍ଡା, ତଳେଥିବା ବାମ ହାତରେ ମୁଣ୍ଡ, ଉପରର ଡାହାଣ ହାତରେ ଅଭୟ ମୁଦ୍ରା ଓ ତଳର ଡାହାଣ ହାତରେ ବରମୁଦ୍ରା ଧାରଣ କରିଅଛ । ଯିଏ ତୁମ ନାମର ସ୍ୱରୂପ ଦକ୍ଷିଣ କାଳୀଙ୍କୁ ଜପ କରେ, ଯିଏ ତୁମର ସ୍ୱରୂପକୁ ମନନ କରେ ତାଙ୍କ ପାଖରେ ଅଣିମାଦି ଅଷ୍ଟସିଦ୍ଧି ଉପଲବ୍ଧ ହୁଏ ।

ବର୍ଗାଦ୍ୟଂ ବହ୍ନିସଂସ୍ଥଂ ବିଧୁରତି ଲଳିତଂ ତତ୍ତ୍ରୟଂ କୁର୍ଚ୍ଚଯୁଗ୍ମଂ
ଲଜ୍ଜାଦ୍ୱନ୍ଦଞ୍ଚ ପଶ୍ଚାତିସ୍ମୃତମୁଖୀ ତଦଧଷ୍ଟଦ୍ୱୟଂ ଯୋଜୟିତ୍ୱା
ମାତର୍ଯେ ଯେ ଜପନ୍ତି ସ୍ମରହର ମହିଳେ ଭାବୟନ୍ତେ ସ୍ୱରୂପଂ ତେ
ଲକ୍ଷ୍ମୀଲାସ୍ୟଲୀଳାମକମଳଦଳଦୃଶଃ କାମରୂପା ଭବିନ୍ତି ।।

ହେ ହରଙ୍କୁ ସ୍ମରଣ କରୁଥିବା ମହିଳା ! ତୁମର ଶ୍ରୀମୁଖ ମଣ୍ଡଳରେ ମୃଦୁମଧୁର ହସ ସବୁବେଳେ ଶୋଭାପାଉଛି । ଯେଉଁ ଲୋକ ତୁମର ସ୍ୱରୂପକୁ ଧ୍ୟାନ କରି ତୁମର ନବାକ୍ଷର ମନ୍ତ୍ର (ଅର୍ଥାତ୍ କ୍ରୀଂ କ୍ରୀଂ କ୍ରୀଂ ହୂଂ ହୂଂ ହ୍ରୀଂ ହ୍ରୀଂ ସ୍ୱାହା) କୁ ଜପ କରନ୍ତି, ସେ ସାକ୍ଷାତ କାମଦେବଙ୍କ ଭଳି ମନୋହର ଆକର୍ଷଣ ଶକ୍ତିକୁ ପ୍ରାପ୍ତ କରନ୍ତି । ଏହାଙ୍କର ନେତ୍ରକମଳ ଲୀଳାପଦ୍ମ ଦଳଭଳି ଲମ୍ବା ଓ ରମଣୀୟ ହୋଇଥାଏ ।

ପ୍ରତ୍ୟେକଂ ବା ତ୍ରୟଂ ବା ଦ୍ୱୟମପି ଚ ପରଂ ବୀଜମତ୍ୟନ୍ତଗୁ ହ୍ୟାଂ
ତ୍ୱନାମ୍ନା ଯୋଜୟିତ୍ୱା ସକଳମପି ସଦା ଭାବବନ୍ତୋ
ଜପନ୍ତି, ତେଷାଂ ନେତ୍ରାରବିନ୍ଦେ ବିହରତି କମଳା
ବକ୍ତ୍ରଶୁଭ୍ରାଂଶୁବିମ୍ବେ ବାଗ୍‌ଦେବୀ
ଦିବ୍ୟମୁଣ୍ଡସ୍ରଗତିଶୟଲସତ୍କୁଚପୀନସ୍ତନାଢ୍ୟେ ।।

ହେ ଜଗତ୍‌ମାତା ! ତୁମର ଉପଦେଶ ଅନୁସାରେ ଏହି ତ୍ରିଭୁବନ ନିଜ ନିଜ କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି । ଏହି କାରଣରୁ ତୁମେ 'ଦେବୀ' ନାମରେ ପରିଚିତ ହୋଇଅଛ । ତୁମର କଣ୍ଠ ମୁଣ୍ଡମାଳ ଧାରଣ କରି ଶୋଭାପାଉଅଛି । ତୁମର ବକ୍ଷରେ ସୁଉଚ୍ଚ ସ୍ତନଯୁଗଳ ଶୋଭାପାଉଛି । ହେ ମହେଶ୍ୱରୀ ! ଯେଉଁ ପୁରୁଷ ତୁମକୁ ଧ୍ୟାନ କରି 'ଦକ୍ଷିଣକାଳୀ' ଙ୍କୁ ଓ ଶେଷରେ ପୂର୍ବ କଥିତ ଏକାକ୍ଷର ମନ୍ତ୍ର ଅଥବା ଏହି ତ୍ରିଗୁଣିତ ତିନି ଅକ୍ଷର ମନ୍ତ୍ର ବା ବର୍ଗ ଆଦି ଶ୍ଲୋକରେ ଉଚ୍ଚାରଣ କରି ନବାକ୍ଷର ମନ୍ତ୍ର ଅଥବା ଗୁହ୍ୟ ବାଇଶି ଅକ୍ଷର ମନ୍ତ୍ର ମିଶାଇ ଜପ କରନ୍ତି, ଲକ୍ଷ୍ମୀ ଏହାଙ୍କର ନେତ୍ରରେ ଓ ସରସ୍ୱତୀ ଜିହ୍ୱାରେ ବାସ କରନ୍ତି ।

ଗତାସୁନାଂ ବାହୁ ପ୍ରକରକୃତକଞ୍ଚୀ ପରିଳସ-
ନ୍ନିତମ୍ବାଂ ଦିଗବସ୍ତ୍ରାଂ ତ୍ରିଭୁବନ ବିଧାତ୍ରୀଂ ତ୍ରିନୟନାମ୍ ।।
ଶ୍ମଶାନସ୍ଥେ ତଳ୍ପେ ଶିବହୃଦି ମହାକାଳସୁରତ
ପ୍ରସକ୍ତାଂ ତ୍ୱାଂ ଧ୍ୟାୟନ୍‌ଜନନୀ ଜଡଚେତା ଅପି କବିଃ ।।

ହେ ଜନନୀ ! ତୁମେ ତ୍ରିଲୋକର ସୃଷ୍ଟିକର୍ତ୍ତୀ ତ୍ରିଲୋଚନା ଅଟ । ତୁମେ ଦିଗମ୍ବରୀ ଅଟ । ତୁମର ନିତମ୍ବ ଶବବାହୁ, କର କାଞ୍ଚନରେ ଅଳଙ୍କୃତ ଅଟେ । ତୁମେ ଶ୍ମଶାନରେ ବାସ କରୁଥିବା ଶବରୂପୀ ମହାଦେବଙ୍କ ହୃଦୟ ଉପରେ ମହାକାଳଙ୍କ ସହିତ ରତିକ୍ରୀଡାରେ ରତ ହୋଇଅଛି । ବିଷୟାଶକ୍ତ ବ୍ୟକ୍ତି ମଧ୍ୟ ତୁମକୁ ଏହି ପ୍ରକାର ଧ୍ୟାନ କରି ଅଲୌକିକ କବିତ୍ୱ ପାଇପାରନ୍ତି ।

ଶିବାଭିର୍ଘୋରାଭିଃ ଶବ ନିବସମୁଣ୍ଡସ୍ରିନିକରୈଃ ।
ପରଂ ସଂକୀର୍ଣ୍ଣାୟାଂ ପ୍ରକଟିତଚିତାୟାଂ ହରବଧୂମ୍ ।।
ପ୍ରବିଷ୍ଟଂ ସନ୍ତୁଷ୍ଟାଂମୁପରି ସୁରତେନାତିଯୁବତୀଂ ।
ସଦା ତ୍ୱାଂ ଧାୟନ୍ତି କ୍ୱଚିଦପି ନ ତେଷାଂ ପରିଭବଃ ।।

ହେ ଦେବୀ! ହେ କାଳିକା! ତୁମେ ମହାଦେବଙ୍କର ପ୍ରିୟତମା ଅଟ । ତୁମେ ବିପରୀତ ବିହାରରେ ସନ୍ତୁଷ୍ଟ ହୋଇଥାଅ । ତୁମେ ନବଯୁବତୀ ଅଟ । ଯେଉଁ ସ୍ଥାନରେ ଭୟଙ୍କର ଶବ ଭ୍ରମଣ କରନ୍ତି ତୁମେ ଏହି ଶବ ମୁଣ୍ଡଗୁଡିକର ଅସ୍ଥିରେ ଆଚ୍ଛାଦିତ ହୋଇ ଶ୍ମଶାନରେ ନୃତ୍ୟକର । ତୁମର ଏହି ପ୍ରକାର ମନନ କରିବା ଦ୍ୱାରା ପରାଭବ ପ୍ରାପ୍ତ ହୁଏ ନାହିଁ ।

ବଦାମସ୍ତେ କିଂ ବା ଜନନୀ ବୟମୁଚ୍ଚୈର୍ଜୈତଧିୟୋ ।
ନ ଧାତା ନାର୍ପାଶୋ ହରିରପି ନ ତେ ବେତି ପରମମ୍ ।।
ତଥାପି ତ୍ୱଦ୍ଭାକ୍ତିର୍ମୂଖରୟତି ଚାସ୍ମାକମସିତେ ।
ତଦେତତ୍କ୍ଷନ୍ତବ୍ୟଂ ନ ଖଳୁ ଶିଶୁରୋଷଃ ସମୁଚିତଃ ।।

ହେ ଜନନୀ ! ଯେତେବେଳେ ମହାଦେବ, ବ୍ରହ୍ମା ଓ ନାରାୟଣ ମଧ୍ୟ ତୁମର ପରମତତ୍ତ୍ୱ ଜାଣନ୍ତି ନାହିଁ, ତେବେ ମୁଁ ମୂଢମତି ତୁମର ତତ୍ତ୍ୱ କେଉଁ ପ୍ରକାରେ ବର୍ଣ୍ଣନା କରିବି ? ମୁଁ ତୁମର ଯେଉଁ ବିଷୟରେ ପ୍ରବୃତ୍ତ ହୋଇଛି, ତୁମ ପ୍ରତି ଭଜନରେ ମୋର ଉତ୍ସୁକତା ଏହାର କାରଣ ଅଟେ । ମୁଁ ଅନଧିକାର ବିଷୟରେ ଉଦ୍ୟମ କରିବା ଦେଖି ଆପଣଙ୍କଠାରେ କ୍ରୋଧ ଉତ୍ପନ୍ନ ହୋଇପାରେ କିନ୍ତୁ ମୂର୍ଖ ସନ୍ତାନ ଜାଣି ମୋତେ କ୍ଷମାକରି ଦେବେ ।

ସମନ୍ତାଦାପୀନସ୍ତନ ଜଘନ ଧୃଗଯୌବନବତୀ ।
ରତାସକ୍ତୋ ନବତଂ ଯଦି ଜପତି ଭକ୍ତସ୍ତବମମୁମ୍ ।।
ବି ବାସାସ୍ତ୍ୱାଂ ଧାୟନ୍ ଗଳିତଚି କୁରସ୍ତସ୍ୟ ବଶଗାଃ ।
ସମସ୍ତାଃ ସିଦ୍ଧୋ ଘା ଭୂବି ଚିରତରଂ ଜୀବତି କବିଃ ।।

ହେ ହରମହିଳା ! ଯେଉଁ ପୁରୁଷ ନଗ୍ନ ଓ ମୁକ୍ତକେଶ ହୋଇ ପୁଷ୍ଟ ଓ ଉଚ୍ଚ ପୀନ କୁମ୍ଭ ସ୍ତନଥିବା ଯୁବତୀ ନାରୀ ସହିତ ରତିକ୍ରୀଡା କରିବା ସମୟରେ ତୁମର ମନ୍ତ୍ର ଜପ କରେ, ସେ ସରସ୍ୱତୀଙ୍କ କୃପାରୁ କବିତ୍ୱ ପ୍ରାପ୍ତ ହୋଇ ବହୁ କାଳ ପର୍ଯ୍ୟନ୍ତ ପୃଥିବୀରେ ରହେ ଓ ଏହାଙ୍କୁ ସମ୍ପୂର୍ଣ୍ଣ ଅଭିଷ୍ଟ ପ୍ରାପ୍ତ ହୁଏ ।

ସମଃ ସୁସ୍ଥୀଭୂତୋ ଜପତି ବିପରୀତୋ ଯଦି ସଦା ।
ବିଚିନ୍ତ୍ୟ ତ୍ୱାଂ ଧାୟନ୍ନତିଶୟମହାକାଳ ସୁରତାମ୍ ।।
ତଦା ସତ୍ୟ କ୍ଷୋଣୀତଳବିହରମାଣସ୍ୟ ବିଦୃଷଃ ।
କରାମ୍ଭୋଜେ ବଶ୍ୟାଃ ସ୍ମରହରବଧୂ ସିଦ୍ଧିନି ବହାଃ ।।

ହେ ହରବଲ୍ଲଭେ ! ଆପଣ ମହାକାଳଙ୍କ ସହ ବିହାର ସୁଖ ଅନୁଭବ କରୁଛନ୍ତି । ବିପରୀତ ଆସକ୍ତ ହୋଇ ଯେଉଁ ସାଧକ ସ୍ଥିର ମନରେ ଆପଣଙ୍କର ଧ୍ୟାନ କରେ ତାହାଙ୍କୁ ସର୍ବଶାସ୍ତ୍ରରେ ପାରଦର୍ଶୀ ଶକ୍ତି ପ୍ରାପ୍ତ ହୁଏ ଓ ସମସ୍ତ ସିଦ୍ଧି ଏହାଙ୍କ କରତଳରେ ରହେ ।

ପ୍ରସୂତେ ସଂସାର ଜନନୀ ଜଗତୀଂ ପାଳୟତି ଚ ।
ସମସ୍ତଂ କ୍ଷିତ୍ୟାଦି ପ୍ରଳୟ ସମୟେ ସଂହରତି ଚ ।।
ଅତସ୍ତ୍ୱାଂ ଧାତାପି ତ୍ରିଭୁବନପତିଃ ଶ୍ରୀପତିରପି ।
ମହେଶୋଅପି ପ୍ରାୟଃ ସକଳମପି କିଂ ସ୍ତୌମି ଭବତିମ୍ ।।

ହେ ଜଗତ୍‌ମାତା ! ତୁମଠାରୁ ହିଁ ସାରାଜଗତର ସମସ୍ତ ପଦାର୍ଥ ଉତ୍ପନ୍ନ ହୋଇଛି, ଏଣୁ ଆପଣ ସୃଷ୍ଟିକର୍ତ୍ତା ବ୍ରହ୍ମା ଅଟନ୍ତି । ଆପଣ ସମସ୍ତ ଜଗତକୁ ପାଳନ କରୁଛନ୍ତି । ଏଣୁ ଆପଣ ନାରାୟଣ ଅଟନ୍ତି । ମହାପ୍ରଳୟ ସମୟରେ ଏହି ଜଗତ ତୁମଠାରୁ ହିଁ ଲୟ ପ୍ରାପ୍ତି କରିଥିଲା । ଏଣୁ ଆପଣ ମହେଶ୍ୱର ଏହି ଜଗତ ତୁମଠାରୁ ହିଁ ଲୟ ପ୍ରାପ୍ତି କରିଥିଲା । ଏଣୁ ଆପଣ ମହେଶ୍ୱର ଅଟନ୍ତି । କିନ୍ତୁ ଏହା ସ୍ପଷ୍ଟ ଭାବେ ବୁଝାଯାଏ ଯେ ଆପଣଙ୍କ ପତି ହୋଇଥିବା ଯୋଗୁଁ ମହେଶ୍ୱର ପ୍ରଳୟ ସମୟରେ ଲୟକୁ ପ୍ରାପ୍ତ ହେଲେ ନାହିଁ ।

ଅନେକେ ସେବନ୍ତେ ଭବଦଧିକଗୀର୍ବାଣ ନିବହାନ୍ ।
ବିମୂଢାସ୍ତେ ମାତଃ କିମପି ନ ହିଁ ଜାନନ୍ତି ପରମମ୍ ।।
ସମାରାଧ୍ୟାମାଦ୍ୟାଂ ହରିହରବିରିଞ୍ଚାଦିବିବୁଧୈଃ ।
ପ୍ରସକ୍ତୋଅସ୍ମି ସ୍ୱୈରଂ ରତିରସ ମହାନନ୍ଦନିରତାମ୍ ।।

ହେ ଜଗଦମ୍ବା ! ତୁମେ ସବୁବେଳେ ରତିରସ ଆନନ୍ଦରେ ନିମଗ୍ନ ହୋଇ ରହୁଛ । ତୁମେ ସମସ୍ତଙ୍କର ଆଦିସ୍ୱରୂପିଣୀ ଅଟ । ଅନେକ ମୂଢବୁଦ୍ଧି ମନୁଷ୍ୟ ଅନ୍ୟାନ୍ୟ ଦେବତାଙ୍କୁ ଆରାଧନା କରୁଛନ୍ତି କିନ୍ତୁ ସେମାନେ ଅବଶ୍ୟ ତୁମର ଏହି ଅନିର୍ବଚନୀୟ ପରମତତ୍ତ୍ୱ ଜାଣିନାହାନ୍ତି । ଯେହେତୁ ସେମାନଙ୍କର ଉପାସ୍ୟ ବ୍ରହ୍ମା, ବିଷ୍ଣୁ, ଶିବ ଇତ୍ୟାଦି ଦେବଗଣ ମଧ୍ୟ ସବୁବେଳେ ତୁମର ଉପାସନାରେ ହିଁ ରତି ଥାଆନ୍ତି ।

ଧରିତ୍ରୀ କୀ ଳାଳଂ ଶୂଚିରପି ସମୀରୋଅପି ଗଗନଂ ।
ତ୍ୱମେକା କଲ୍ୟାଣୀ ଗିରିଶରମଣୀ କାଳୀ ସକଳମ୍ ।।
ସ୍ତୁତିଃ କା-ତେ ମାତସ୍ତବକରୁଣୟା ମାମଗତିକଂ ।
ପ୍ରସନ୍ନା ତ୍ୱଂ ଭୂୟା ଭବମନୁ ନ ଭୂୟାନ୍ମମ ଜନୁଃ ।।

ହେ ଜନନୀ ! କ୍ଷିତି, ଅପ୍, ତେଜ, ବାୟୁ ଓ ଆକାଶ ଏହି ପଞ୍ଚଭୂତ ମଧ୍ୟ ତୁମର ସ୍ୱରୂପ ଅଟନ୍ତି । ତୁମେ ଭଗବାନ୍ ଶଙ୍କରଙ୍କ ହୃଦୟରଞ୍ଜିନୀ ଅଟ । ତୁମେ ଏହି ତ୍ରିଭୂବନର ମଙ୍ଗଳ ବିଧାନ କରୁଛ । ହେ ଜନନୀ ! ଏହି ଅବସ୍ଥାରେ ପୁଣି ତୁମର କି ସ୍ତୁତି କରିବୁ ? କାରଣ କିଛି ବିଲକ୍ଷଣ ଗୁଣ ଆରୋପ ନ କରି ବର୍ଣ୍ଣନା କରିବାକୁ ସ୍ତୁତି କୁହାଯାଏ । ହେ ମାତା ! ତୁମର କେଉଁ ଗୁଣ ବା ନାହିଁ, ଯାହା ଜାଣି ତୁମର ସ୍ତବ କରିବୁ ନାହିଁ ତୁମେ ସ୍ୱୟଂ ଜଗନ୍ମୟୀ ମାତା ଅଟ । ତୁମର ବିଷୟରେ ଯେଉଁ କୀର୍ତ୍ତି ଅଛି ଏହା ସବୁ ତୁମର ସ୍ୱରୂପ ବର୍ଣ୍ଣନା କରି କରାଯାଇଛି । ହେ କୃପାମୟୀ ! ତୁମେ ଦୟାକରି ଏହି ନିରାଶ୍ରୟ ସେବକ ପ୍ରତି ପ୍ରସନ୍ନ ହେଲେ ପୁନର୍ବାର ଏହି ସେବକର ପୁନଃଜନ୍ମ ନେବାକୁ ପଡିବ ନାହିଁ ।

ଶ୍ମଶାନ ସ୍ଥ ସ୍ୱସ୍ଥୋ ଗଳି ତଚିକୁରୋ ଦିକ୍‌ପଟଧରଃ ।
ସହସ୍ରନ୍ତ୍ୱର୍କାଣାଂ ନି-ଜଗଳିତ ବୀର୍ଯ୍ୟେଣ କୁସୁମମ୍ ।
ଜପଂସ୍ତ୍ୱପ୍ରତ୍ୟେକମମୁମପି ତବ ଧ୍ୟାନନିରତୋ ।
ମହାକାଳୀ ସ୍ୱୈରଂ ସ ଭବତି ଧରିତ୍ରୀ ପରିବୃତଃ ।।

ହେ ମହାକାଳୀ ! ଯେଉଁ ବ୍ୟକ୍ତି ଶ୍ମଶାନ ଭୂମିରେ ବସ୍ତ୍ରହୀନ ଓ କେଶ ମୁକୁଳା କରି ଯଥାବିଧି ଆସନରେ ବସି ସ୍ଥିର ଚିତ୍ତରେ ତୁମର ସ୍ୱରୂପକୁ ମନରେ ଧ୍ୟାନ କରି ତୁମର ମନ୍ତ୍ର ଜପକରନ୍ତି ଓ ନିଜର ସ୍ୱଗଳିତ ବୀର୍ଯ୍ୟରେ ସହସ୍ର ଅର୍କଫୁଲ ଗୋଟିଏ ଗୋଟିଏ କରି ତୁମର ପ୍ରସନ୍ନତା ପାଇଁ ଅର୍ପଣ କରନ୍ତି, ସେ ସାରା ପୃଥିବୀର ପ୍ରଭୁ ହୁଅନ୍ତି ।

ଗୃହେ ସମ୍ମାର୍ଜ୍ଜନ୍ୟା ପରିଗଳିତ ବୀର୍ଯ୍ୟ ହି ଚିକୁରଂ ।
ସମୂଳଂ ମଧ୍ୟାହ୍ନେ ବିତରତି ଚିତାୟାଂ କୁଜଦିନେ ।।
ସମୁଚ୍ଚାର୍ଯ୍ୟ ପ୍ରେମ୍ନା ଜପମନୁ ସକୃତ କଳି ସତତଂ ।
ଗଜାରୁଢୋ ଯାତି କ୍ଷିତିପରି ବୃଢଃ ସତ୍‌କବିବର ।।

ହେ ଦେବୀ ! ଯିଏ ମଙ୍ଗଳବାର ଦିନ ମଧ୍ୟାହ୍ନ ସମୟରେ କଂଘୀ ଦ୍ୱାରା ଶୃଙ୍ଗାର କରି ଗୃହିଣୀର କଂଘୀର ସମସ୍ତ କେଶ ନେଇ ପୂର୍ବ ବର୍ଣ୍ଣିତ ତୁମର ଯେ କୌଣସି ମନ୍ତ୍ର ଜପ କରି ତୁମକୁ ଭକ୍ତି ସହିତ ଏହି ଜନିଷ୍ଠ ଚିତାଗ୍ନିରେ ଅର୍ପଣ କରନ୍ତି, ସେ ପୃଥିବୀର ଅଧୀଶ୍ୱର

ହୋଇ ସର୍ବଦା ହାତୀ ଉପରେ ବସି ବିଚରଣ କରିବା ପାଇଁ ସମର୍ଥ ହୁଅନ୍ତି ଓ ବ୍ୟାସ କବିକୁଳଙ୍କ ପରି ପ୍ରାଧାନ୍ୟ ପ୍ରାପ୍ତ ହୋଇଥାଆନ୍ତି ।

ସୁପୁଷ୍ପୈରାକୀର୍ଣ୍ଣ କୁସୁମଧନୁଷୋ ମନ୍ଦିରମହୋ ।
ପୁରୋ ଧ୍ୟାୟନ୍ ଯଦି ଜପତି ଭକ୍ତସ୍ତବମନୁମ୍ ।।
ସ ଗନ୍ଧର୍ବ ଶ୍ରେଣୀଂ ପତିରପି କବିତ୍ୱାମୃତନଦୀ।
ନଦୀନଃ ପର୍ଯ୍ୟନ୍ତେ ପରମପଦଲୀନଃ ପ୍ରଭବତୀ ।।

ହେ ଜଗତମାତା ! ସାଧକ ଯଦି ସ୍ୱୟଂ ପୁଷ୍ପ ରଞ୍ଜିତ ମଦନ ଗୃହକୁ ଅଭିମୁଖ କରି ମନ୍ତ୍ର ଅର୍ଥ ସହିତ ତୁମର ଧ୍ୟାନ କରୁ କରୁ ପୂର୍ବବର୍ଣ୍ଣିତ କୌଣସି ଏକ ମନ୍ତ୍ର ଜପ କରନ୍ତି, ତେବେ ସେ କବିତ୍ୱରୂପକ ନଦୀରୁ ସମୁଦ୍ରଭଳି କବିତ୍ୱ ଲାଭ କରନ୍ତି । ସେ ଦେହାନ୍ତ ସମୟରେ ତୁମର ଚରଣକମଳରେ ଲୀନ ହୋଇ ମୁକ୍ତିଲାଭ କରନ୍ତି ତେଣୁ ଏହା କିଛି ବିଚିତ୍ର କଥା ନୁହେଁ ।

ତ୍ରିପଞ୍ଚାରେ ପୀଠେ ଶବଶିବହୃଦି ସ୍ମେରବଦନାଂ ।
ମହାକାଳେନୋ ଢୈର୍ମଦନରସଳାବଣ୍ୟ ନିରତାମ୍ ।।
ମହାଶକ୍ତୋ ନକ୍ତଂ ସ୍ୱୟଂମପି ରତାନନ୍ଦିନିରତୋ ।
ଜନୋ ଯୋ ଧ୍ୟାୟେତ୍ୱାମୟି ଜନନୀ ସ ସ୍ୟାତ ସ୍ମରହରଃ ।।

ହେ ଜଗତମାତା ! ତୁମର ମୁଖମଣ୍ଡଳରେ ମୃଦୁହାସ୍ୟ ବିରାଜିତ । ତୁମେ ସର୍ବଦା ଶିବଙ୍କ ସଙ୍ଗବିହାର ଅନୁଭବ କରୁଅଛ । ଯେଉଁ ସାଧକ ରାତ୍ରିରେ ନିଜର ବିହାର ସୁଖ ଅନୁଭବ କରି ଶବହୃଦୟ ରୂପକ ଆସନରେ ପଞ୍ଚ ଦଶକୋଣ ଯୁକ୍ତ ତୁମର ଯନ୍ତ୍ରରେ ତୁମକୁ ପୂର୍ବୋକ୍ତ ପ୍ରକାର ଧ୍ୟାନ କରନ୍ତି, ସେ ଖୁବ୍ ଶୀଘ୍ର ଶିବତ୍ୱ ପ୍ରାପ୍ତ ହୁଅନ୍ତି ।

ସଲୋମାସ୍ଥି ସ୍ୱୈରଂ ପଲଳମପି ମାର୍ଜ୍ଜାରମସିତେ ।
ପରଞ୍ଚୌଷ୍ଟ୍ରଂ ମୈଷଂ ନରମହିଷାୟୋଷ୍ଟାଗମପି ବା ।।
ବଳିନ୍ତେ ପୂଜାୟାମପି ବିତରଣଂ ମର୍ତ୍ତ୍ୟବସତାଂ ।
ସତାଂ ସିଦ୍ଧିଃ ସର୍ବା ପ୍ରତିପଦମପୂର୍ବା ପ୍ରଭବତି ।।

ହେ ଜନନୀ ! ପୃଥିବୀବାସୀ ସାଧକଗଣ ଯଦି ତୁମ ପୂଜାରେ ବିଲେଇମାଂସ, ଓଟମାଂସ, ନରମାଂସ, ମଇଁଷିମାଂସ ଅଥବା ଛେଳିମାଂସ ଲୋମଯୁକ୍ତ ଓ ଅସ୍ଥିସହିତ ଅର୍ପଣ କରନ୍ତି, ତେବେ ସେମାନଙ୍କର ଅତ୍ୟାଶ୍ଚର୍ଯ୍ୟ ବିଷୟ ସମୂହ ତୁମର ପାଦପଦ୍ମ ଦୟାରୁ ସିଦ୍ଧି ଲାଭ କରିଥାଏ ।

ବଶୀ ଲକ୍ଷଂ ମନ୍ତ୍ରଂ ପ୍ରଜପତି ହବିଷ୍ୟାଶନରତୋ ।
ଦିବା ମାତର୍ଯୁଷ୍ମ ଚରଣଯୁଗଳ ଧ୍ୟାନନିପୂଣଃ ।।
ପରଂ ନକ୍ତଂ ନଗ୍ନୋ ନିଧୁବନ ବିନୋଦେନ ଚ ମନୁଂ ।
ଜପେ ଲକ୍ଷଂ ସସ୍ୟାତସ୍ମରହର ସମାନଃ କ୍ଷିତିତଳେ ।।

ହେ ଜଗତ୍‌ମାତା ! ଯିଏ ଇନ୍ଦ୍ରିୟକୁ ନିଜର ବଶୀଭୂତ କରି ହବିଷ୍ୟ ଭୋଜନ କରି ସକାଳୁ ଦ୍ୱିପ୍ରହର ପର୍ଯ୍ୟନ୍ତ ତୁମର ଦୁଇଚରଣରେ ଚିତ୍ତ ଲଗାଇ ଜପ କରନ୍ତି ଓ ପଶୁଭାବାନୁସାରେ ଏକଲକ୍ଷ ଜପ କରନ୍ତି ଅଥବା ଯେଉଁ ସାଧକ ରାତ୍ରି ସମୟରେ ନଗ୍ନ ହୋଇ ରତିକ୍ରିୟାରେ ମଗ୍ନ ହୁଅନ୍ତି ଓ ବୀରସାଧନ ଅନୁସାରେ ଏକଲକ୍ଷ ଜପ କରନ୍ତି, ଏହି ଦୁଇ ପ୍ରକାରର ସାଧକ ପୃଥିବୀରେ ସ୍ମରହର ଶିବଙ୍କ ସମାନ ହୁଅନ୍ତି ।

ଇଦଂ ସ୍ତୋତ୍ରଂ ମାତସ୍ତବମନୁସମୁଦ୍ଧାରଣ ଜନୁଃ ।
ସ୍ୱରୂପାଖ୍ୟଂ ପାଦାମ୍ବୁଜ ଯୁଗଳ ପୂଜାବିଧିଯୁତମ୍ ।।
ନିଶାର୍ଦ୍ଧଂ ବା ପୂଜା ସମୟମାଧି ବା ଯସ୍ତୁ ପଠତି ।
ପ୍ରଳାପନ୍ତ ତସ୍ୟାପି ପ୍ରସରତି କବିତ୍ୱାମୃତରସଃ ।।

ହେ ଜନନୀ ! ମୋ ଦ୍ୱାରା ବର୍ଣ୍ଣିତ ଏହି ସ୍ତବରେ ତୁମର ମନ୍ତ୍ରର ଉଦ୍ଧାର ଓ ତୁମର ସ୍ୱରୂପର ବର୍ଣ୍ଣନା ହୋଇଛି । ତୁମର ଚରଣ କମଳର ପୂଜା ବିଧିର ବିଧାନ ମଧ୍ୟ ଏଥିରେ ବ୍ୟକ୍ତ କରାଯାଇଛି । ଯେଉଁ ସାଧକ ଅର୍ଦ୍ଧରାତ୍ରରେ ଅଥବା ପୂଜା ସମୟରେ ଏହି ସ୍ତବକୁ ପଢନ୍ତି, ଏହାଙ୍କର ଅର୍ଥବିହୀନ କଥାରୁ ମଧ୍ୟ କବିତ୍ୱ ସୁଧାରସ ପ୍ରବାହିତ ହୋଇଥାଏ ।

କୁରଙ୍ଗାକ୍ଷୀବୃନ୍ଦଂ ତମନୁସରତି ପ୍ରେମତରଳଂ ।
ବଶସ୍ତସ୍ୟ କ୍ଷୋଣୀ ପତିରପି କୁବେରପ୍ରତିନିଧିଃ ।।
ରିପୁଃ କାରାଗାରଂ କଳୟତି ଚ ତତ୍ତ୍ୱେଳିକଳୟା ।
ଚିରଂ ଜୀବନ୍ମୁକ୍ତଃ ସ ଭବତି ଚ ଭକ୍ତଃ ପ୍ରତିଜନୁଃ ।।

ମୃଗନେତ୍ରୀ ନାରୀମାନେ ଏହି ସ୍ତବକୁ ପଢୁଥିବା ସାଧକଙ୍କୁ ପ୍ରିୟ ବୋଲି ଜାଣି ଏହାଙ୍କର ଅନୁଗାମୀନୀ ହୁଅନ୍ତି । କୁବେରଙ୍କ ସମାନ ରାଜା ମଧ୍ୟ ଏହାଙ୍କର ବଶୀଭୂତ ହୁଅନ୍ତି । ଏହି ସାଧକମାନଙ୍କର ଶତ୍ରୁଗଣ କାରାଗାରରେ ରହନ୍ତି । ଏହି ସାଧକ ପ୍ରତ୍ୟେକ ଜନ୍ମରେ ଜଗଦମ୍ବିକାଙ୍କର ପରମ ଭକ୍ତ ହୁଅନ୍ତି । ସେ ସର୍ବଦା ପରମ ଆନନ୍ଦରେ ବିହାର କରନ୍ତି ଓ ଅନ୍ତଃକାଳରେ ମୋକ୍ଷପ୍ରାପ୍ତ ହୋଇଥାଆନ୍ତି ।

ଜଗନ୍ମଙ୍ଗଳ କାଳୀ କବଚ

ଭୈରବ ଉବାଚ

କାଳୀପୂଜା ଶ୍ରୁତା ନାଥ ଭାବାଶ୍ଚ ବିବିଧାଃ ପ୍ରଭୋ ।
ଇଦାନୀଂ ଶ୍ରୋତୁମିଚ୍ଛାମି କବଚଂ ପୂର୍ବସୂଚିତମ୍ ।।
ତ୍ୱମେବ ଶରଣଂ ନାଥ ତ୍ରାହି ମାଂ ଦୁଃଖସଙ୍କଟାତ୍ ।
ତ୍ୱମେବ ସ୍ରଷ୍ଟା ପାତା ଚ ସଂହର୍ତ୍ତା ଚତ୍ୱମେବ ହି ।।

ଭୈରବ ପଚାରିଲେ- ହେ ନାଥ ! ହେ ପ୍ରଭୁ ! ମୁଁ କାଳୀପୂଜା ଓ ଏହାଙ୍କର ବିଭିନ୍ନ ଭାବ ବିଷୟରେ ଶୁଣିଛି । ବର୍ତ୍ତମାନ ପୂର୍ବରୁ କୁହାଯାଇଥିବା କବଚ ଶୁଣିବାକୁ ଇଚ୍ଛା ହେଉଛି, ଏହା ବର୍ଣ୍ଣନା କରି ମୋତେ ଦୁଃଖ ବିପଦରୁ ରକ୍ଷା କରନ୍ତୁ । ଆପଣ ହିଁ ସୃଷ୍ଟି ରଚନା କରିଛନ୍ତି, ଆପଣ ସୃଷ୍ଟି ରକ୍ଷା କରୁଛନ୍ତି ଓ ଆପଣ ହିଁ ସଂହାର କରୁଛନ୍ତି । ଆପଣ ହିଁ ମୋର ଆଶ୍ରୟ ।

ଭୈରବ ଉବାଚ

ରହସ୍ୟଂ ଶୃଣୁ ବକ୍ଷାମି ଭୈରବୀ ପ୍ରାଣବଲ୍ଲଭେ ।
ଶ୍ରୀ ଜଗନ୍ମଂଗଳଂ ନାମ କବଚଂ ମନ୍ତ୍ରବିଗ୍ରହମ୍ ।
ପଠିତ୍ୱା ଧରୟିତ୍ୱା ଚ ତ୍ରୈଲୋକ୍ୟଂ ମୋହୟେତ୍ କ୍ଷଣାତ୍ ।।

ଭୈରବ କହିଲେ - ହେ ପ୍ରାଣବଲ୍ଲଭ ! ଶ୍ରୀଜଗନ୍ମଂଗଳ ନାମକ କବଚ କଥା କହୁଛି । ଶୁଣ ! ଏହାକୁ ପାଠ କଲେ ଅଥବା ଏହାକୁ ଧାରଣ କଲେ ଖୁବ୍ ଶୀଘ୍ର ତ୍ରୈଲୋକ୍ୟବାସୀଙ୍କୁ ମୋହିତ କରାଯାଇପାରେ ।

ନାରାୟଣୋଅପି ଯତ୍କୃତ୍ୱା ନାରୀ ଭୂତ୍ୱା ମହେଶ୍ୱରମ୍ ।
ଯୋଗେଶଂ କ୍ଷୋଭମନ ୟଦଯତ୍କୃତ୍ୱା ଚ ରଘୁଦ୍ୱହଃ ।
ବରବୃପାନ୍ ଜଘାନୈବ ରାବଣାଦିନିଶାଚରାନ୍ ।।

ନାରାୟଣ ଏହାକୁ ଧାରଣ କରି ନାରୀରୂପରେ ଯୋଗେଶ୍ୱର ଶିବଙ୍କୁ ମୋହିତ କରିଥିଲେ । ଶ୍ରୀରାମ ଏହାକୁ ଧାରଣ କରି ରାବଣ ଆଦି ରାକ୍ଷସମାନଙ୍କୁ ସଂହାର କରିଥିଲେ ।

ଯସ୍ୟ ପ୍ରସାଦାଦୀଶୋଅହଂ ତ୍ରୈଲୋକ୍ୟ ବିଜୟୀ ପ୍ରଭୁଃ ।
ଧନାଧିପଃ କୁବେରୋଅପି, ସୁରେଶୋଅଭୁଚ୍ଛତ୍ରୀପତିଃ ।
ଏବଂ ହି ସକଳା ଦେବାଃ ସର୍ବାସିଦ୍ଧିଶ୍ୱରାଃ ପ୍ରିୟେ ।।

ହେ ପ୍ରିୟେ ! ଏହାଙ୍କ ପ୍ରସାଦରୁ ମୁଁ ତ୍ରୈଲୋକ୍ୟଜୟୀ ହୋଇଅଛି । କୁବେର ଏହାଙ୍କ ପ୍ରସାଦରେ ଧନାଧିପତି ହୋଇଛନ୍ତି । ଶଚୀପତି ଇନ୍ଦ୍ର ଓ ସମସ୍ତ ଦେବତାଗଣ ଏହାଙ୍କ ପ୍ରଭୁତ୍ୱରେ ସର୍ବସିଦ୍ଧିଶ୍ୱର ହୋଇଛନ୍ତି ।

ଶ୍ରୀଜଗନ୍ମଙ୍ଗଳ ସ୍ୟାସ୍ୟ କବଚସ୍ୟ ଋଷିଶିଶବଃ ।
ଛନ୍ଦୋଅନୁଷ୍ଟୁପ୍‌ଦେବତା ଚ କାଳୀକା ଦକ୍ଷିଣେରିତା ।।
ଜଗତାଂ ମୋହନେ ଦୁଷ୍ଟନିଗ୍ରହେ ଭୁକ୍ତିମୁକ୍ତିଷୁ ।
ଯୋଷିଦାକର୍ଷଣେ ଚୈବ ବିନିୟୋଗଃ ପ୍ରକୀର୍ତ୍ତିତଃ ।।

ଏହି କବଚର ଋଷି ଶିବ, ଛନ୍ଦ ଅନୁଷ୍ଟପ୍, ଦେବତା ଦକ୍ଷିଣ କାଳୀକା ଏବଂ ସମ୍ମୋହନଦୁଷ୍ଟନିଗ୍ରହ ଭୁକ୍ତିମୁକ୍ତି ଓ ଯୋଶିଦାକର୍ଷଣ ପାଇଁ ବିନିଯୋଗ ।

ଶିରୋମେ କାଳିକା ପାତୁ କ୍ରୀଂ କାରୈକାକ୍ଷରୀ ପରା ।
କ୍ରୀଂ କ୍ରୀଂ କ୍ରୀଂ ମେ ଲଲାଟଂକାଳିକା ଖଡ୍‌ଗ ଧାରିଣୀ ।।
ହୁଂ ହୁଂ ପାତୁ ନେତ୍ରଯୁଗ୍ମଂ ହ୍ରୀଂ ହ୍ରୀଂ ପାତୁ ଶ୍ରୁତୀ ମମ ।
ଦକ୍ଷିଣକାଳୀକା ପାତୁ ଘ୍ରାଣଯୁଗ୍ମଂ ମହେଶ୍ୱରୀ ।।
କ୍ରୀଂ କ୍ରୀଂ କ୍ରୀଂ ରସନାଂ ପାତୁ ହୁଂ ହୁଂ ପାତୁ କପୋଳକମ୍ ।
ବଦନଂ ସକଳଂ ପାତୁ ହ୍ରୀଂ ହ୍ରୀଂ ସ୍ୱାହା ସ୍ୱରୂପିଣୀ ।।

କାଳୀକା ଓ କ୍ରୀଂ କାର ମୋର ମସ୍ତକକୁ, କ୍ରୀଂ କ୍ରୀଂ କ୍ରୀଂ ଓ ଖଡ୍‌ଗ ଧାରିଣୀ କାଳିକା ମୋର ଲଲାଟକୁ, ହୁଂ ହୁଂ ଦୁଇ ନେତ୍ରକୁ, ହ୍ରୀଂ ହ୍ରୀଂ ମୋର କର୍ଣ୍ଣକୁ, ଦକ୍ଷିଣ କାଳିକା ଘ୍ରାଣରନ୍ଧ୍ରକୁ, କ୍ରୀଂ କ୍ରୀଂ କ୍ରୀଂ ମୋର ଜିହ୍ୱାକୁ, ହୁଂ ହୁଂ କପାଳକୁ ଓ ହ୍ରୀଂ ହ୍ରୀଂ ସ୍ୱାହା ସ୍ୱରୂପିଣୀ ମହାକାଳୀ ମୋର ସମ୍ପୂର୍ଣ୍ଣ ଶରୀରକୁ ରକ୍ଷା କରନ୍ତୁ ।

ଦ୍ୱାବିଂଶତ୍ୟକ୍ଷରୀ ସ୍କନ୍ଧୌ ମହାବିଦ୍ୟା ସୁଖପ୍ରଦା ।
ଖଡ୍‌ଗମୁଣ୍ଡଧରା କାଳୀ ସର୍ବାଙ୍ଗମଭୀତୋଅବତୁ ।।
କ୍ରୀଂ ହୁଂ ହ୍ରୀଂ ତ୍ୟକ୍ଷରୀ ପାତୁ ଚାମୁଣ୍ଡା ହୃଦୟଂମମ ।
ହେ ହୁଂ ଔଂ ଐଂ ସ୍ତନ ଦ୍ୱୟଂ ହ୍ରୀଂ ଫଟ୍ ସ୍ୱାହା କକୁଡସ୍ଥଲମ୍ ।।
ଅଷ୍ଟାକ୍ଷରୀ ମହାବିଦ୍ୟା ଭୂଜୌ ପାତୁ ସ କର୍ତ୍ତୁକା ।
କ୍ରୀଂ କ୍ରୀଂ ହୂଂ ହୂଂ ହ୍ରୀଂ ହ୍ରୀଂ କରୌ ପାତୁ ଷଡାକ୍ଷରୀ ମମ ।।

ବାଇଶି ଅକ୍ଷର ବିଶିଷ୍ଟ ସୁଖଦାୟିନୀ ମହାବିଦ୍ୟା ମୋର ଦୁଇ କାନ୍ଧକୁ, ଖଡ୍‌ଗମୁଣ୍ଡ ଧାରିଣୀ କାଳୀ ମୋର ସର୍ବାଙ୍ଗକୁ, କ୍ରୀଂ ହୁଂ ହ୍ରୀଂ ଚାମୁଣ୍ଡା ମୋର ହୃଦୟକୁ, ଐଂ ହୁଂ ଔଂ ଐଂ ମୋର ଦୁଇ ସ୍ତନକୁ, ହ୍ରୀଂ ଫଟ୍ ସ୍ୱାହା । ମୋର କକୁସ୍ଥକୁ ଏବଂ ଅଷ୍ଟାକ୍ଷରୀ ମହାବିଦ୍ୟା ମୋର ଦୁଇ ଭୁଜକୁ ଓ କ୍ରୀଂ ଇତ୍ୟାଦି ଷଡାକ୍ଷରୀ ବିଦ୍ୟା ମୋର ଦୁଇ ହାତକୁ ରକ୍ଷା କରନ୍ତୁ ।

କ୍ରୀଂ ନାଭିଂ ମଧ୍ୟ ଦେଶଞ୍ଚ ଦକ୍ଷିଣା କାଳୀକାଅବତୁ ।
କ୍ରୀଂ ସ୍ୱାହା ପାତୁ ପୃଷ୍ଠନ୍ତୁ କାଳିକା ସା ଦଶାକ୍ଷରୀ ।।
ହ୍ରୀଂ କ୍ରୀଂ ଦକ୍ଷିଣେ କାଳିକେ ହୁଂ ହ୍ରୀଂ ପାତୁ କଟୀଦ୍ୱୟମ୍ ।
କାଳୀ ଦଶାକ୍ଷରୀ ବିଦ୍ୟା ସ୍ୱାହା ପାତୁରୁଯୁଗ୍ମକମ୍ ।
ଓଁ ହ୍ରୀଂ କ୍ରୀଂ ମେ ସ୍ୱାହା ପାତୁ କାଳିକା ଜାନୁନୀ ମମ ।।
କାଳୀହୃନ୍ନାମବିଦ୍ୟେୟଂ ଚତୁବର୍ଗ ଫଳପ୍ରଦା ।।

କ୍ରୀଂ ମୋର ନାଭିକୁ, ଦକ୍ଷିଣକାଳିକା ମୋର ମଝିକୁ, କ୍ରୀଂ ସ୍ୱାହା ଓ ଦଶାକ୍ଷରୀ ବିଦ୍ୟା ମୋର ପିଠିକୁ, ହ୍ରୀଂ କ୍ରୀଂ ଦକ୍ଷିଣ କାଳିକେ, ହୁଂ ହ୍ରୀଂ ମୋର କଟିକୁ, ଦଶାକ୍ଷରୀ ବିଦ୍ୟା ମୋର ଉରୁକୁ ଓ ଓଁ ହ୍ରୀଂ କ୍ରୀଂ ସ୍ୱାହା ମୋର ଜାନୁଦେଶକୁ ରକ୍ଷା କରନ୍ତୁ । ଏହି ବିଦ୍ୟା ଚତୁଃବର୍ଗ ଫଳଦାୟିନୀ ଅଟେ ।

କ୍ରୀଂ ହ୍ରୀଂ ହ୍ରୀଂ ପାତୁ ଗୁଲ୍‌ଫଂ ଦକ୍ଷିଣେ କାଳିକେ ଅବତୁ ।
କ୍ରୀଂ ହୂଂ ହ୍ରୀଂ ସ୍ୱାହା ପଦଂ ପାତୁ ଚତୁଃର୍ଦ୍ଦଶାକ୍ଷରୀ ମମ ।।

କ୍ରୀଂ ହ୍ରୀଂ ହ୍ରୀଂ ମୋର ଗୁଚ୍ଛକୁ, କ୍ରୀଂ ହୂଂ ହୂଂ ସ୍ୱାହା ଓ ଚତୁର୍ଦ୍ଦଶାକ୍ଷରୀ ବିଦ୍ୟା ମୋର ଶରୀରକୁ ରକ୍ଷା କରନ୍ତୁ ।

ଖଡ୍‌ଗମୁଣ୍ଡ ଧରା କାଳୀ ବରଦା ଭୟବାରିଣୀ ।
ବିଦ୍ୟାଭିଃ ସକଳାଭିଃ ସା ସର୍ବଗମଭୀତୋଭବତୁ ।।

ଖଡ୍‌ଗମୁଣ୍ଡ ଧାରଣ କରିଥିବା ବରଦା ଭବହାରିଣୀ କାଳୀ ସମସ୍ତ ବିଦ୍ୟାଙ୍କ ସହିତ ମୋର ସର୍ବାଙ୍ଗକୁ ରକ୍ଷା କରନ୍ତୁ ।

କଳୀକପାଳିନୀ କୂଲ୍ୱା କୁରୁକୁଲ୍ୱା ବିରୋଧିନୀ ।
ବିପ୍ରଚିତ୍ତା ତଥୋ ଗ୍ରୋଗ୍ରେ ପ୍ରଭା ଦୀପ୍ତା ଘନତ୍ୱିଷଃ ।

ନୀଳା ଘନା ବାଳିକା ଚ ମାତା ମୂଦ୍ରାମିତା ଚ ମାମ୍ ।
ଏତାଃ ସର୍ବା ଖଡ୍‌ଗଧରା ମୁଣ୍ଡମାଳା ବିଭୂଷିତାଃ ।।
ରକ୍ଷନ୍ତୁ ମାଂ ଦିକ୍ଷୁ ଦେବୀ ବ୍ରାହ୍ମୀ ନାରାୟଣୀ ତଥା ।
ମାହେଶ୍ୱରୀ ଚ ଚାମୁଣ୍ଡା କୌମାରୀ ଚାପରାଜିତା ।।
ବାରାହୀ ନାରସିଂହୀ ଚ ସର୍ବାଶ୍ଚାମିତ ଭୂଷଣାଃ ।
ରକ୍ଷନ୍ତୁ ସ୍ୱାୟୁଧୈର୍ଦିକ୍ଷୁ ମାଂ ବିଦିକ୍ଷୁ ଯଥା ତଥା ।।

ବ୍ରାହ୍ମୀ, ନାରାୟଣୀ, ମାହେଶ୍ୱରୀ, ଚାମୁଣ୍ଡା, କୁମାରୀ, ଅପରାଜିତା, ବାରାହୀ, ନୃସିଂହଦେବୀମାନେ ସମସ୍ତ ଅଳଙ୍କାର ଧାରଣ କରିଛନ୍ତି । ଏହିସବୁ ମାଆ ମୋତେ ସବୁଦିଗରେ ସର୍ବଦା ରକ୍ଷା କରନ୍ତୁ ।

ଇତ୍ୟେବଂ କଥିତଂ ଦିବ୍ୟଂ କବଚଂ ପରମାଦ୍‌ଭୂତମ୍ ।
ଶ୍ରୀଜଗନ୍ମାଂଗଳଂ ନାମ ମହାମଂତ୍ରୌଘବିଗ୍ରହମ୍ ।।
ତ୍ରୈଲୋକ୍ୟାକର୍ଷଣଂ ବ୍ରହ୍ମକବଚଂ ମନ୍ମୁଖୋଦିତମ୍ ।
ଗୁରୁପୂଜାଂ ବିଧାୟାଥ ଗୃହ୍ଣୀୟାତ୍ କବଚଂ ତତଃ ।
କବଚଂ ତ୍ରିଃ ସକୃଦବାପି ଯାବଜ୍ଜୀବଞ୍ଚ ବା ପୁନଃ ।।

ଏହାକୁ ଜଗନ୍ମଂଗଳ ନାମକ ମହାମନ୍ତ୍ର ସ୍ୱରୂପ ଦିବ୍ୟ କବଚ କୁହାଯାଏ । ଏହା ଦ୍ୱାରା ତ୍ରିଭୁବନ ଆକର୍ଷିତ ହୋଇଥାଏ । ଗୁରୁଙ୍କୁ ପୂଜା କରିବା ପରେ ଏହି କବଚକୁ ଗ୍ରହଣ କରିବା ଦରକାର । ଏହାକୁ ଥରେ ବା ତିନିଥର ଅଥବା ଜୀବନସାରା ପାଠ କର ।

ଏତଚ୍ଛତାର୍ଦ୍ଧମାବୃତ୍ୟ ତ୍ରୈଲୋକ୍ୟ ବିଜୟୋ ଭବେତ୍ ।
ତ୍ରୈଲୋକ୍ୟଂ କ୍ଷୋଭୟତ୍ୟେବ କବଚସ୍ୟ ପ୍ରସାଦତଃ ।
ମହାକବିର୍ଭବେନ୍ମାସାତ୍ ସର୍ବସିଦ୍ଧିଶ୍ୱରୋ ଭବେତ୍ ।।

ଏହାକୁ ପଚାଶ ଥର ଆବୃତ୍ତି କଲେ ତ୍ରୈଲୋକ୍ୟ ବିଜୟୀ ହୋଇପାରନ୍ତି । ଏହି କବଚର ପ୍ରଭାବରେ ତ୍ରିଭୁବନ କ୍ଷୋଭିତ ହୋଇଥାଏ । ଏହି କବଚର ପ୍ରଭାବରେ ଏକ ମାସରେ ସର୍ବସିଦ୍ଧିଶ୍ୱର ହେବାର ମଧ୍ୟ ପ୍ରମାଣ ଅଛି ।

ପୁଷ୍ପାଞ୍ଜଳୀନ୍ କାଳିକାୟୈ ମୂଳେନୈବ ପଠେତ୍ ସକୃତ୍ ।
ଶତବର୍ଷ ସହସ୍ରାଣାଂ ପୂଜାୟାଃ ଫଳ ମାପ୍ନୁୟାତ୍ ।।

ମୂଳମନ୍ତ୍ର ଦ୍ୱାରା କାଳିକାଙ୍କ ପୁଷ୍ପାଞ୍ଜଳୀ ଦେଇ ଏହି କବଚକୁ ଥରେ ଲେଖାଏଁ ପାଠକଲେ ଶତସହସ୍ର ବାର୍ଷିକୀ ପୂଜାର ଫଳ ପ୍ରାପ୍ତି ହୋଇଥାଏ ।

ଭୂର୍ଜେ ବିଲିଖିତ ଞ୍ଚୈବ ସ୍ୱର୍ଣ୍ଣସ୍ଥଂ ଧାରୟେତ୍ ଯଦା ।
ଶିଖାୟାଂ ଦକ୍ଷିଣେ ବାହୌ କଣ୍ଠେ ବା ଧାରୟେତ୍ ଯଦା ।।
ତ୍ରୈଲୋକ୍ୟଂ ମୋହୟେତ୍ କ୍ରୋଧାତ୍ ତ୍ରୈଲୋକ୍ୟଂ ଚୂର୍ଣ୍ଣୟେତ୍କ୍ଷଣାତ୍ ।
ବହ୍ୱପତ୍ୟାଜୀବବତ୍ସା ଭବତ୍ୟେବ ନ ସଂଶୟଃ ।।

ଭୁଜପତ୍ର ଅଥବା ସ୍ୱର୍ଣ୍ଣପତ୍ର ଉପରେ ଏହି କବଚ ଲେଖି ଶିର ବା ଡାହାଣ ହାତ କିମ୍ବା କଣ୍ଠରେ ଧାରଣ କଲେ ଧାରଣ କରିଥିବା ବ୍ୟକ୍ତି ତ୍ରିଭୁବନ ମୋହିତ ବା ଚୂର୍ଣ୍ଣ କରିବା ପାଇଁ ସମର୍ଥ ହୋଇଥାଏ । ନାରୀ ହୋଇଥିଲେ ବହୁ ସନ୍ତାନବତୀ ହୋଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ।

ନ ଦେୟଂ ପରଶିଷ୍ୟେ ଭ୍ୟୋ ହ୍ୱାଭକ୍ତେ ଭ୍ୟୋ ବିଶେଷତଃ ।
ଶିଷ୍ୟେ ଭ୍ୟୋ ଭକ୍ତିଯୁକ୍ତେଭ୍ୟମଚାନ୍ୟଥା ମୃତ୍ୟୁମାପ୍ନୁୟାତ୍ ।।
ସ୍ୱର୍ଦ୍ଧାମୃଦ୍ଧୂୟ କମଳା ବାଗ୍‌ଦେବୀ ମନ୍ଦିରେ ମୂଖେ ।
ପ୍ରୌତ୍ରାନ୍ତ ସ୍ଥୈର୍ଯ୍ୟମାସ୍ଥାୟ ନିବସତ୍ୟେବ ନିଶ୍ଚିତମ୍ ।।

ଅଭକ୍ତ ବା ପରଶିଷ୍ୟକୁ ଏହି କବଚ ପ୍ରଦାନ କର ନାହିଁ । କେବଳ ଭକ୍ତିଯୁକ୍ତ ନିଜ ଶିଷ୍ୟକୁ ହିଁ ଦିଅ । ଏଥିରେ ଅନ୍ୟଥା କଲେ ମୃତ୍ୟୁ ମୁଖରେ ପଡିବାକୁ ହୁଏ । ଏହି କବଚର ପ୍ରସାଦରୁ ଲକ୍ଷ୍ମୀ ସାଧକଙ୍କ ଘରେ ଓ ସରସ୍ୱତୀ ମୁଖରେ ବାସକରନ୍ତି ।


ଇଦଂ କବଚ ମଜ୍ଞାତ୍ୱା ଯୋ ଜପେତ୍କାଳିଦକ୍ଷିଣାମ୍ ।
ଶତଲକ୍ଷଂ ପ୍ରଜପ୍ତାପି ତସ୍ୟ ବିଦ୍ୟା ନ ସିଧ୍ୟତି ।
ସ ଶସ୍ତ୍ରଘାତ ମାପ୍ନୋତି ସୋଅଚିରାନ୍ମୃତ୍ୟୁମାପ୍ନୁୟାତ୍ ।।

ନ ଜାଣି ନ ଶୁଣି ଯେଉଁ ପୁରଷ କାଳୀ ମନ୍ତ୍ର ଜପ କରନ୍ତି ସେ ଶହେ ଲକ୍ଷ ଜପ କରିବା ପରେ ମଧ୍ୟ ସିଦ୍ଧି ଲାଭ କରିପାରନ୍ତି ନାହିଁ ଓ ଏହି ପୁରୁଷ ଖୁବ୍ ଶୀଘ୍ର ଶସ୍ତ୍ରାଘାତରେ ପ୍ରାଣତ୍ୟାଗ କରନ୍ତି ।

❖❖❖



ଶ୍ରୀ ତାରା



ଶ୍ରୀ ତାରା ଯନ୍ତ୍ର

୨. ତାରା

ଯେତେବେଳେ କାଳୀ ନୀଳା ରୂପ ଧାରଣ କଲେ ତାଙ୍କୁ ତାରା କୁହାଗଲା । ଏହି ଦେବୀ ତାରଣ କରନ୍ତି ଅର୍ଥାତ୍ ମୋକ୍ଷ ପ୍ରଦାନ କରନ୍ତି । ଏଣୁ ଏହାଙ୍କୁ ତାରା କୁହାଯାଏ । ଉପାସନା କଲେ ଏହି ଦେବୀ ବାକ୍ୟ ସିଦ୍ଧି ପ୍ରଦାନ କରନ୍ତି, ଏଣୁ ଏହାଙ୍କୁ ନୀଳ-ସରସ୍ୱତୀ ମଧ୍ୟ କୁହାଯାଏ । ଏହା ମଧ୍ୟ ମାନିବାକୁ ହୁଏ ଯେ, 'ହୟଗ୍ରୀବ'କୁ ବଧ କରିବା ପାଇଁ ଦେବୀ ନୀଳା ବିଗ୍ରହ ରୂପ ଧାରଣ କରିଥିଲେ । ସେ ଖୁବ୍ ଶୀଘ୍ର ତାଙ୍କର ପ୍ରଭାବ ଦେଖାଇଥାଆନ୍ତି ତେଣୁ ତାଙ୍କୁ ଉଗ୍ରା ବୋଲି କହନ୍ତି । ଉଗ୍ର ହୋଇଥିବା କାରଣରୁ ତାଙ୍କୁ 'ଉଗ୍ରତାରା' ମଧ୍ୟ କୁହାଯାଏ । ଭୟାନକରୁ ଅଧିକ ଭୟାନକ ସଙ୍କଟରେ ଦେବୀ ନିଜ ସାଧକଙ୍କୁ ରକ୍ଷା କରନ୍ତି ଏଣୁ ଏହାଙ୍କୁ ଉଗ୍ରତାରିଣୀ ମଧ୍ୟ କହନ୍ତି । କାଳିକାଙ୍କୁ ମଧ୍ୟ 'ଉଗ୍ରତାରା' କୁହାଯାଇଥାଏ । ଏହାଙ୍କର ଉଗ୍ରଚଣ୍ଡା ତଥା ଉଗ୍ରତାରା ରୂପ ଦେବୀଙ୍କର ହିଁ ସ୍ୱରୂପ ଅଟେ । ତାରା ରୂପକ ଦ୍ୱିତୀୟ ମହାବିଦ୍ୟା ନିଜର ସାଧକମାନଙ୍କ ଉପରେ ଖୁବ୍ ଶୀଘ୍ର ପ୍ରସନ୍ନ ହୋଇ ଏକ ରାତ୍ରିରେ ଦର୍ଶନ ଦେଇଥାଆନ୍ତି । ଏହାଙ୍କ ଭବ୍ୟ ଶ୍ରୀବିଗ୍ରହ ଭାରତର ଜଳନ୍ଧର ପୀଠର କାଙ୍ଗଡା ନାମକ ସ୍ଥାନରେ 'ବଜ୍ରେଶ୍ୱରୀ ଦେବୀ' ନାମରେ ଶୋଭାପାଉଛନ୍ତି ।

ତାରାମନ୍ତ୍ର

ଭଗବତୀ ତାରାଙ୍କର ନିମ୍ନଲିଖିତ ତିନୋଟି ମନ୍ତ୍ର ଆଜିକାଲି ବିଶେଷ ଭାବେ ପ୍ରଚଳିତ ।

୧. ହ୍ରୀଂ ସ୍ତ୍ରୀଂ ହୂଂ ଫଟ୍ ।

୨. ଶ୍ରୀଂ ହ୍ରୀଂ ସ୍ତ୍ରୀଂ ହୂଂ ଫଟ୍ ।

୩. ଓଁ ହ୍ରୀଂ ସ୍ତ୍ରୀଂ ହୂଂ ଫଟ୍ ।

ଉପରୋକ୍ତ ତିନୋଟି ମନ୍ତ୍ର ମଧ୍ୟରୁ ସାଧକ ନିଜ ସୁବିଧା ଅନୁସାରେ ଯେ କୌଣସି ମନ୍ତ୍ରରେ ଉପାସନା କରିପାରନ୍ତି ।

ତାରାଧ୍ୟାନ

ପ୍ରତ୍ୟାଳୀଢପଦାଂ ଘୋରାଂ ମୁଣ୍ଡମାଳା ବିଭୂଷିତାମ୍ ।
ଖର୍ବାଂ ଲମ୍ବୋଦରୀଂ ଭୀମାଂ ବ୍ୟାଘ୍ରଚର୍ମାବୃତାଂ କଟୌ ।।
ନବ ଯୌବନ ସମ୍ପନ୍ନାଂ ପଞ୍ଚମୁଦ୍ରା ବିଭୂଷିତାମ୍ ।

ଚତୁର୍ଭୁଜାଂ ଲୋଳଜିହ୍ୱାଂ ମହାଭୀମାଂ ବରପ୍ରଦାମ୍ ।
ଖଡ୍‌ଗକର୍ତ୍ତୃ ସମାଯୁକ୍ତ ସବ୍ୟେତ୍ତର ଭୁଜଦ୍ୱୟାମ୍ ।
କପୋଲୋପଳ ସଂଯୁକ୍ତ ସବ୍ୟପାଣି ଯୁଗାନ୍ୱିତାମ୍ ।
ପିଂଗାଗ୍ରୈକଜଟାଂ ଧାୟେମ୍ମୈଳାବ କ୍ଷୋଭ୍ୟଭୂଷିତାମ୍ ।
ବାଳାର୍କମଣ୍ଡଳାକାର ଲୋଚନତ୍ରୟ ଭୂଷିତାମ୍ ।।
ଜ୍ୱଳଚ୍ଚିତାମଧ୍ୟଗତାଂ ଘୋରଦଂଷ୍ଟ୍ରା କରାଳିନୀମ୍ ।
ସ୍ୱାଦେଶସ୍ଥେରବଦନାଂ ହ୍ୱାଳଂକାର ବିଭୂଷିତାମ୍ ।
ବିଶ୍ୱବ୍ୟାପକତୋୟାନ୍ତଃ ଶ୍ୱେତପଦ୍ମୋପରିଂସ୍ଥିତାମ୍ ।।

ତାରା ଦେବୀ ଏକ ପାଦ ଆଗକୁ କରି ବୀର ପଦରେ ବିରାଜିତ ହୋଇଛନ୍ତି । ସେ ଘୋର ରୂପିଣୀ ଅଟନ୍ତି ଓ ମୁଣ୍ଡମାଳାରେ ବିଭୂଷିତା ଅଟନ୍ତି । ଖର୍ବା, ଲମ୍ବୋଦରୀ, ଭୀମା, ବ୍ୟାଘ୍ରଚର୍ମ ପରିଧାନୀ, ନବଯୁବତୀ ଓ ପଞ୍ଚମୁଦ୍ରା ବିଭୂଷିତା ଅଟନ୍ତି । ସେ ଚତୁଃର୍ଭୁଜା ସେ ଲୋକରସନାଯୁକ୍ତ, ମହାଭୀମା ଓ ବରଦାୟିନୀ ଅଟନ୍ତି । ଏହାଙ୍କର ଦକ୍ଷିଣ ଦୁଇ ହସ୍ତରେ ଖଡ୍‌ଗ ଓ କର୍ତ୍ତୁକା ତଥା ବାମ ଦୁଇ ହସ୍ତରେ କପାଳ ଓ ଉତ୍ପଳ ରହିଛି । ଏହାଙ୍କର ଜଟା ପିଙ୍ଗଳ ବର୍ଣ୍ଣ ଅଟେ, ତିନିନେତ୍ର ବାଳସୂର୍ଯ୍ୟ ଭଳି ରକ୍ତବର୍ଣ୍ଣ ଅଟେ । ସେ ଜଳୁଥିବା ଚିତାରେ ରହନ୍ତି, ଘୋର ଦଂଷ୍ଟ୍ରା, କରାଳା ଅଟନ୍ତି । ସେ ହାସ୍ୟମୁଖୀ ଅଟନ୍ତି । ସେ ସବୁ ପ୍ରକାର ଅଳଙ୍କାରରେ ଅଳଙ୍କୃତ ଅଟନ୍ତି ଓ ସେ ବିଶ୍ୱବ୍ୟାପୀ ଜଳ ଭିତରେ ଶ୍ୱେତପଦ୍ମରେ ସ୍ଥିତ ଅଟନ୍ତି ।

ତାରାସ୍ତୋତ୍ର :

ତାରାଚ ତାରିଣୀ ଦେବୀ ନାଗମୁଣ୍ଡ ବିଭୂଷିତା ।
ଲୋକଜିହ୍ୱା ନୀଳବର୍ଣ୍ଣା ବ୍ରହ୍ମାରୂପଧରା ତଥା ।।
ନାଗାଞ୍ଚିତ କଟି ଦେବୀ ନିଳାମ୍ବର ଧରାପରା ।
ନାମାଷ୍ଟକ ମିଦଂ ସ୍ତୋତ୍ରଂ ଯ ପଠେତ୍ ଶୃଣୁୟାଦପି ।
ତସ୍ୟ ସର୍ବାର୍ଥସିଦ୍ଧିଃ ସ୍ୟାତ ସତ୍ୟଂ ସତ୍ୟଂ ମହେଶ୍ୱରୀ ।।

ତାରା, ତାରିଣୀ, ନାଗମୁଣ୍ଡରେ ବିଭୂଷିତ, ଲୋଳାୟ ଜିହ୍ୱା, ନୀଳ ବର୍ଣ୍ଣଧାରିଣୀ, ବ୍ରହ୍ମରୂପଧାରିଣୀ ଅଟନ୍ତି । ସେ ନୀଳାମ୍ବର ଧାରଣ କରି କଟୀରେ ନାଗ ଧାରଣ କରିଛନ୍ତି । ଏହି ଅଷ୍ଟନାମାତ୍ମକ ତାରାଷ୍ଟକ ସ୍ତୋତ୍ରକୁ ପାଠ ଅଥବା ଶ୍ରବଣ କଲେ ସର୍ବାର୍ଥ ସିଦ୍ଧି ପ୍ରାପ୍ତ ହୋଇଥାଏ ।

ତାରା କବଚ

ଭୈରବ ଉବାଚ :

ଦିବ୍ୟଂ ହି କବଚଂ ଦେବୀ ତାରାୟାଃ ସର୍ବକାମଦମ୍ ।
ଶୃଣୁଶ୍ୱ ପରମଂ ତତ୍ତ୍ୱ ତବ ସ୍ନେହାତ୍ ପ୍ରକାଶିତମ୍ ।।

ଭୈରବ କହିଲେ ହେ ଦେବୀ ! ତାରା ଦେବୀଙ୍କର ଦିବ୍ୟ କବଚ ସର୍ବ କାମପ୍ରଦ ଓ ପରମ ଶ୍ରେଷ୍ଠ ଅଟେ । ତୁମ ପ୍ରତି ସ୍ନେହଥିବା ଯୋଗୁଁ ଏହା କହୁଅଛି ।

ଅକ୍ଷୋଭ୍ୟ ଋଷିରିତ୍ୟସ୍ୟ ଛନ୍ଦସ୍ତ୍ରିଷ୍ଟୁବୁଦାହୃତମ୍ ।
ତାରା ଭଗବତୀ ଦେବୀ ମନ୍ତ୍ରସିଦ୍ଧୌ ପ୍ରକୀର୍ତ୍ତିତମ୍ ।।

ଏହି କବଚର ଋଷି ଅକ୍ଷୋଭ୍ୟ, ଛନ୍ଦ ତ୍ରିଷ୍ଟୁପ୍, ଦେବତା ଭଗବତୀ ତାରା ଓ ମନ୍ତ୍ରସିଦ୍ଧି ନିମିତ୍ତ ଏହା ବିନିଯୋଗ ହୁଏ ।

ଓଁ କାରୋ ମେ ଶିରଃ ପାତୁ ବ୍ରହ୍ମାରୂପା ମହେଶ୍ୱରୀ ।
ହ୍ରୀଂକାରଃ ପାତୁ ଲଲାଟେ ବୀଜରୂପା ମହେଶ୍ୱରୀ ।।
ସ୍ତ୍ରୀଂକାରଃ ପାତୁ ବଦନେ ଲଜ୍ଜାରୂପା ମହେଶ୍ୱରୀ ।
ହୁଂକାର ପାତୁ ହୃଦୟେ ତାରିଣୀ ଶକ୍ତିରୂପଧୃକ୍ ।।

ଓଁ ବ୍ରହ୍ମରୂପା ମହେଶ୍ୱରୀ ମୋର ମସ୍ତକକୁ, ହ୍ରୀଂ ବୀଜରୂପା ମହେଶ୍ୱୀର ମୋର ଲଲାଟକୁ, ସ୍ତ୍ରୀଂ ଲଜ୍ଜା ରୂପ ମହେଶ୍ୱରୀ ମୋର ମୁହଁକୁ ଓ ହୁଂ ଶକ୍ତିରୂପ ଧାରିଣୀ ତାରିଣୀ ମୋର ହୃଦୟକୁ ରକ୍ଷା କରନ୍ତୁ ।

ଫଟ୍‌କାରଃ ପାତୁ ସର୍ବାଙ୍ଗେ ସର୍ବସିଦ୍ଧି ଫଳପ୍ରଦା ।
ଖର୍ବା ମାଂ ପାତୁ ଦେବେଶୀ ଗଣ୍ଡଯୁଗ୍ମେ ଭୟାପହା ।।
ଲମ୍ବୋଦରୀ ସଦା ସ୍କନ୍ଧଯୁଗ୍ମେ ପାତୁ ମହେଶ୍ୱରୀ ।
ବ୍ୟାଘ୍ର ଚର୍ମାବୃତା କଟୀ ପାତୁ ଦେବୀ ଶିବପ୍ରିୟା ।।

ଫଟ୍ ସର୍ବସିଦ୍ଧି ଫଳପ୍ରଦା ସର୍ବାଗସ୍ୱରୂପିଣୀ ଭୟନାଶିନୀ ଖର୍ବାଦେବୀ ମୋର ଦୁଇକର୍ଣ୍ଣକୁ, ମହେଶ୍ୱରୀ ଲମ୍ବୋଦରୀ ଦେବୀ ମୋର ଦୁଇକାନ୍ଧକୁ ଓ ବ୍ୟାଘ୍ରଚର୍ମବୃତା ଶିବପ୍ରିୟା ମୋର କଟୀକୁ ରକ୍ଷା କରନ୍ତୁ ।

ପୀନୋନ୍ନତସ୍ତନୀ ପାତୁ ପାର୍ଶ୍ୱଯୁଗ୍ମେ ମହେଶ୍ୱରୀ ।
ରକ୍ତବର୍ତ୍ତୁଳନେତ୍ରା ଚ କଟୀଦେଶେ ସଦାବତୁ ।।
ଲଳଜିହ୍ୱା ସଦାପାତୁ ନାଭୌ ମାଂ ଭୁବନେଶ୍ୱରୀ ।
କରାଳାସ୍ୟା ସଦା ପାତୁ ଲିଙ୍ଗଦେବୀ ହରପ୍ରିୟା ।।

ଉନ୍ନତ ପୀନସ୍ତନୀ ମହେଶ୍ୱରୀ ମୋର ଦୁଇ ପାଖକୁ, ରକ୍ତବର୍ଣ୍ଣନେତ୍ର ଧାରିଣୀ ମୋର ଅଣ୍ଡାକୁ, ଲୋଳଜିହ୍ୱା ଭୁବନେଶ୍ୱରୀ ମୋର ନାଭିକୁ ଓ କରାଳ ବଦନା ହରପ୍ରିୟା ମୋର ଲିଙ୍ଗକୁ ସର୍ବଦା ରକ୍ଷା କରନ୍ତୁ ।

ବିବାଦେ କଳହେ ଚୈବ ଅଗ୍ନୌଚ ରଣମଧ୍ୟତଃ ।
ସର୍ବଦା ପାତୁ ମାଂ ଦେବୀ ଝିଣ୍ଟିରୂପା ବୃକୋଦରୀ ।।

ଝିଣ୍ଟିରୂପା ବୃକୋଦରୀ ଦେବୀ ବିବାଦ ଓ କଳହରେ, ଅଗ୍ନି ମଧ୍ୟେ ଓ ରଣକ୍ଷେତ୍ରରେ ସର୍ବଦା ମୋତେ ରକ୍ଷା କରନ୍ତୁ ।

ସର୍ବଦା ପାତୁ ମାଂ ଦେବୀ ସ୍ୱର୍ଗେ ମର୍ତ୍ତ୍ୟେ ରସାତଳେ ।
ସର୍ବାସ୍ତ୍ରଭୂଷିତା ଦେବୀ ସର୍ବଦେବ ପ୍ରପୂଜିତା ।
କ୍ରୀଂ କ୍ରୀଂ ହୁଂ ହୁଂ ଫଟ୍ ପାହି ପାହି ସମନ୍ତତଃ ।।

ସର୍ବଦେବତାଙ୍କ ଦ୍ୱାରା ପୂଜିତ ସମସ୍ତ ଅସ୍ତ୍ରରେ ବିଭୂଷିତ ମହାଦେବୀ ସ୍ୱର୍ଗଲୋକ, ମର୍ତ୍ତ୍ୟଲୋକ ଓ ରସାତଳ ଲୋକରେ ମୋତେ ରକ୍ଷାକରନ୍ତୁ ।

କରାଳା ଘୋରଦଶନା ଭୀମନେତ୍ରା ବୃକୋଦରୀ ।
ଅଟ୍ଟହାସା ମହାଭାଗା ବିଘୂର୍ଣ୍ଣିତ ତ୍ରିଲୋଚନା ।
ଲମ୍ବୋଦରୀ ଜଗଦ୍ଧାତ୍ରୀ ଡାକିନୀ ଯୋଗୀନୀଯୁତା ।
ଲଜ୍ଜାରୂପା ଯୋନିରୂପା ବିକଟା ଦେବପୂଜିତା ।।
ପାତୁ ମାଂ ଚଣ୍ଡୀ ମାତଙ୍ଗୀ ଉଗ୍ରଚଣ୍ଡା ମହେଶ୍ୱରୀ ।।

ମହାକରାଳ ଘୋର ଦାନ୍ତଥିବା ଭୟଙ୍କର ନେତ୍ର, ଲମ୍ବଉଦର, ଜୋରରେ ହସୁଥିବା, ଘୂର୍ଣ୍ଣିତ ନେତ୍ର, ମହାଭାଗବାଲୀ, ଜଗତରମାତା, ଡାକିନୀ ଯୋଗିନୀଙ୍କ ସହ ଯୁକ୍ତ, ଲଜ୍ଜାରୂପ, ଯୋନିରୂପ, ବିକଟ ତଥା ଦେବତାଙ୍କ ଦ୍ୱାରା ପୂଜିତ, ଉଗ୍ରଚଣ୍ଡା, ମହେଶ୍ୱରୀ ମାତଙ୍ଗୀ ମୋତେ ସର୍ବଦା ରକ୍ଷା କରନ୍ତୁ ।

ଜଳେ ସ୍ଥଳେ ଚାନ୍ତରୀକ୍ଷେ ତଥା ଚ ଶତ୍ରୁ ମଧ୍ୟତଃ ।
ସର୍ବତଃ ପାତୁ ମାଂ ଦେବୀ ଖଡ୍ଗହସ୍ତା ଜୟପ୍ରଦା ।।

ଖଡ୍ଗ ହସ୍ତରେ ଧାରଣ କରିଥିବା ଦେବୀ ମୋତେ ଜଳରେ, ସ୍ଥଳରେ, ଶୂନ୍ୟରେ, ଶତ୍ରୁ ଘେର ମଧ୍ୟରେ ଓ ଅନ୍ୟାନ୍ୟ ସମସ୍ତ ସ୍ଥାନରେ ରକ୍ଷା କରନ୍ତୁ ।

କବଚଂ ପ୍ରପଠେଦ୍ୟସ୍ତୁ ଧାରୟେତ୍ ଶୃଣୁୟାଦପି ।
ନ ବିଦ୍ୟତେ ଭୟଂ ତସ୍ୟ ତ୍ରିଷୁ ଲୋକେଷୁ ପାର୍ବତୀ ।।

ଯେଉଁ ସାଧକ ଏହି କବଚକୁ ପାଠ କରନ୍ତି ବା ଧାରଣ କରନ୍ତି ବା ଶୁଣନ୍ତି, ହେ ପାର୍ବତୀ ! ତିନି ଲୋକରେ କୌଣସିଠାରେ ମଧ୍ୟ ଏହାଙ୍କୁ ଭୟ ସ୍ପର୍ଶ କରି ନ ଥାଏ ।

❖❖❖



ଶ୍ରୀ ଷୋଡ଼ଶୀ



ଶ୍ରୀ ଷୋଡ଼ଶୀ ଯନ୍ତ୍ର

୩. ଷୋଡଶୀ (ଲଳିତା)

ଏହି ଦେବୀ କାଳିକାଙ୍କ ଭଳି ସିଦ୍ଧିର ଦାତ୍ରୀ ଅଟନ୍ତି ଓ ଏହାଙ୍କ କୃପାରୁ ସାଧକମାନଙ୍କୁ ପ୍ରାୟ ସିଦ୍ଧି ମିଳିଥାଏ । ଏହାଙ୍କୁ ଶ୍ରୀବିଦ୍ୟା ମଧ୍ୟ କୁହାଯାଏ । ସେ ମୂଳତଃ ଆଦି-ଭବାନୀଙ୍କ ଅନନ୍ତ ନାମ ତଥା ସ୍ୱରୂପ ଅଟନ୍ତି କିନ୍ତୁ ଏହାଙ୍କର ପରମ ତେଜସ୍ୱୀ ରୂପ ତଥା ଅଭିନ୍ନ ପରିଚୟ କେବଳ ଏତିକି ଯେ, ଆଦ୍ୟ ମହାଦେବୀ ନିଜେ ଦୁଇ ପ୍ରକାରରେ ଆବିର୍ଭାବ ହୋଇଥିଲେ, ଯାହା ଶ୍ୟାମବର୍ଣ୍ଣା ଓ ରକ୍ତବର୍ଣ୍ଣା ଅଟେ । ଶ୍ୟାମବର୍ଣ୍ଣା ହୋଇ ଏହି ଦେବୀ କାଳୀ ତଥା ରକ୍ତବର୍ଣ୍ଣା ହୋଇ ଏହି ମହାବିଦ୍ୟା ଷୋଡଶୀ ।

ଏକ ସମୟର କଥା ଅଗସ୍ତିମୁନି ସମସ୍ତ ପୀଠ ଦର୍ଶନ କରିବା ପାଇଁ ବାହାରିଲେ । ମଝିରେ ସେ ଦେଖିଲେ ଅସଂଖ୍ୟ ଜୀବ ଦୁଃଖରେ କାତର ହୋଇ ଜୀବନ ଯାପନ କରୁଛନ୍ତି । ଏମାନଙ୍କର ଦୁଃଖରେ ରହିବା ଦେଖି ତାଙ୍କ ମନରେ କରୁଣା ଜାତ ହେଲା । ନିଜର ଆଗ ଗାଁରେ କାଞ୍ଚିପୁର ନାମକ ସ୍ଥାନରେ ସେ ବିଷ୍ଣୁଙ୍କୁ ତପସ୍ୟା କରି ତାଙ୍କୁ ପ୍ରସନ୍ନ କଲେ । ବିଷ୍ଣୁ ପ୍ରତ୍ୟକ୍ଷରେ ଆବିର୍ଭୂତ ହେଲେ । ସେ ସନ୍ତୁଷ୍ଟ ଓ ପ୍ରସନ୍ନ ହୋଇଥିବା ଦେଖି ମୁନୀ କହିଲେ - ପ୍ରଭୁ ! ଜଗତର ସମସ୍ତ ଜୀବ ଦୁଃଖରେ ବ୍ୟାକୁଳ ହୋଇ ଜୀବନ ବିତାଉଛନ୍ତି । ଦୟାକରି ଏମାନଙ୍କୁ ଉଦ୍ଧାର କରିବାର ଉପାୟ ଅବଲମ୍ବନ କରନ୍ତୁ ।

ମୁନୀଙ୍କ କଥାଶୁଣି ମହାବିଷ୍ଣୁ ତାଙ୍କୁ ଏକ ସ୍ଥୂଳ ପ୍ରତିମା ପ୍ରଦାନ କଲେ ତଥା ଏହାଙ୍କ ବିଷୟରେ ମଧ୍ୟ ତାଙ୍କୁ ବିତାଇଲେ । ଏହାଙ୍କର ବିସ୍ତାରିତ ମହାତ୍ମ୍ୟ ପ୍ରକାଶ କରିବା ପାଇଁ ସେ ନିଜ ଅଂଶ ସମ୍ଭୂତ ହୟଗ୍ରୀବଙ୍କୁ ନିଯୁକ୍ତ କଲେ ଯିଏ ତାଙ୍କୁ ଭଣ୍ଡାସୁରଙ୍କ କଥା ଶୁଣାଇଲେ । ଏହି ଅସୁର ବିଶେଷ ତପବଳରେ ଶିବଙ୍କ ଦ୍ୱାରା ବରଦାନ ପ୍ରାପ୍ତ ହୋଇଥିଲେ ଓ ତା' ପରେ ସେ ଏକଶହ ପାଞ୍ଚ ବ୍ରହ୍ମାଣ୍ଡର ପ୍ରଭୁ ହୋଇପାରିଥିଲେ ।

ଷୋଡଶୀଙ୍କର ପ୍ରଧାନ ସ୍ଥାନ ତିନୋଟି ଯିଏ ନିଜର ସ୍ଥିତି ଅନୁସାରେ ଏକ ତାନ୍ତ୍ରିକ ତ୍ରିକୋଣ ରୂପେ ପରିଗଣିତ । ଏହାଙ୍କର ସ୍ଥାନ କାମଗିରୀ, ଜାଲନ୍ଧର-ପୀଠ ତଥା ପୂର୍ଣ୍ଣାଗିରି ଅଟେ । ଏହିଭଳି ଭାବେ ତିଆରି ହୋଇଥିବା ତ୍ରିକୋଣ ମଧ୍ୟରେ ଓଡିଶା ରହିଛି । ଆମ ଦେଶରେ କାମାକ୍ଷୀ (କାଞ୍ଚିପୁର), ଭ୍ରାମରୀ (ମଳୟଃ), କୁମାରୀ (କେରଳ), ଅମ୍ବା (ଗୁଜୁରାଟ), ମହାଲକ୍ଷ୍ମୀ (କରବୀର), କାଳିକା (ମାଳବ), ଲଳିତା (ପ୍ରୟାଗ), ବିନ୍ଧ୍ୟବାସିନୀ, ବିଶାଳାକ୍ଷୀ (କାଶୀ) ମଙ୍ଗଳଚଣ୍ଡୀ (ଗୟା), ସୁନ୍ଦରୀ (ବଙ୍ଗଳା) ତଥା ଗୁହେଶ୍ୱରୀ (ନେପାଳ) ନାମକ ସିଦ୍ଧ ସ୍ଥାନ (ଦେବୀଙ୍କ ପ୍ରମୁଖ ବାରଟି ଶ୍ରୀବିଗ୍ରହ) ଭକ୍ତମାନଙ୍କର ଅଭିଳାଷ ପୂର୍ଣ୍ଣ କରି ଆସୁଛନ୍ତି ।

ଷୋଡଶୀ ମନ୍ତ୍ର

୧. ଐଂ କ୍ଲୀଂ ସୌଃ ।
୨. ଐଂ ସୌଃ କ୍ଲୀଂ ।
୩. କ୍ଲୀଂ ଐଂ ସୌଃ ।
୪. କ୍ଲୀଂ ସୌଃ ଐଂ ।

ଷୋଡଶୀ (ଲଳିତା ଧ୍ୟାନ)

ବିଦ୍ୟାକ୍ଷ ମାଳା ସୁକପାଳ ମୁଦ୍ରା ରାଜତ୍ କରାଂ
କୁନ୍ଦ ସମାନ କାନ୍ତିମ୍ ।
ମୁକ୍ତା ଫଳାଳଂକୃତି ଶୋଭିତାଙ୍ଗୀ,
ବାଳାଂ ସ୍ମରେଦ୍ ବାଙ୍ଛମୟ ସିଦ୍ଧି ହେତୋ ॥
ଭଜେତ୍ କଳ୍ପ ବୃକ୍ଷାଧ ଉଦ୍ଦୀପ୍ତ ରତ୍ନାସନେ,
ସନିଷ୍ପଣାଂ ମଦାଘୂର୍ଣ୍ଣିତାକ୍ଷିମ୍ ।
କରୈବୀଜ ପୁରଂ କପାଳେଷୁ ଚାପଂ ।
ସ ପାଶାଂକୁଶାଂ ରକ୍ତ ବର୍ଣ୍ଣ ଦଧାନାମ ॥
ବ୍ୟାଖାନ ମୁଦ୍ରାମୃତ କୁମ୍ଭ ବିଦ୍ୟାମକ୍ଷ,
ସ୍ରଜଂ ସନ୍ଦଧତୀଂ କରାଗ୍ରୈଃ ।
ଚିଦ୍‌ରୂପିଣୀଂ ଶାରଦଚନ୍ଦ୍ର କାନ୍ତିଂ,
ବାଳାଂ ସ୍ମରେନ୍ନୌକ୍ତିକ ଭୂଷିତାଂଗୀମ୍ ॥

ଶ୍ରୀ ଷୋଡଶୀ ତ୍ରିପୁର-ସୁନ୍ଦରୀ ପ୍ରାତଃ-ସ୍ମରଣ

'କ' ସ୍ଥୂରିକା-କୃତ-ମନୋଜ୍ଞ-ଲଲାମ-ଭାସ୍ୱଦର୍ଦ୍ଧେନ୍ଦୁ-
ମୁଗ୍ଧ-ନିଟିଳାଞ୍ଚଳ-ନୀଳ-କେଶୀମ୍ ।
ପ୍ରାଲମ୍ବମାନ-ନବ-ମୌକ୍ତିକ-ହାର-ଭୂଷାଂ,
ପ୍ରାତଃ ସ୍ମରାମି ଲଳିତାଂ କମଳାୟତାକ୍ଷୀମ୍ ॥୧॥

'ଏ' ଶାଙ୍କ-ବୃତ-ସମୂପାର୍ଜିତ-ପୂଣ୍ୟ-ରାଶିଂ,
ଉତ୍ତପ୍ତ-ହେମ-ତନୁ-କାନ୍ତି-ଝରୀ-ପରିତାମ୍ ।
ଏକାଗ୍ର-ଚିତ୍ତ-ମୁନୀ-ମାନସ-ରାଜ-ହଂସୀ,
ପ୍ରାତଃ ସ୍ମରାମି ଲଳିତାଂ ପରମେଶ୍ୱରୀଂତାମ୍ ॥୨॥

‘ଈ’ ଷଦ୍-ବିଳାସି-ନୟନାନ୍ତ-ନିରୀକ୍ଷଣେନ୍,
ସାମ୍ରାଜ୍ୟ-ଦାନ-ଚତୁରାଂ-ଚତୁରାନନ୍ୟେଡ୍ୟାମ୍ ।
ଈଷାଡଂକ-ବାସ-ରସିକାଂ ରସ-ସିନ୍ଧି-ଦାତ୍ରୀଂ,
ପ୍ରାତଃ ସ୍ମରାମି ମନସା ଲଳିତାଧି-ନାଥାଂ ॥୩॥

‘ଲ’ କ୍ଷ୍ମାଶ-ପଦ୍ମା-ଭବନାଦି-ପଦେଷ୍ଟୃର୍ଭିଃ ।
ସଂଶୋଭିତେ ଚ ଫଳକେନ ସଦା-ଶିବେନ ।
ମଞ୍ଚେ ବିତାନ-ସହିତେ ସ-ସୁଖଂ ନିଷଣଣାଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ-ନାଥାଂ ॥୪॥

‘ହ୍ରୀଂ’ କାର-ମନ୍ତ୍ର-ଜପ-ତର୍ପଣ-ହୋମ-ତୁଷ୍ଟାଂ,
ହ୍ରୀଂକାର ମନ୍ତ୍ର-ଜଳ-ଜାତ-ସୁରାଜ-ହଂସୀମ୍ ।
ହ୍ରୀଂକାର-ହେମ-ନବ-ପଂଜର-ଶାରୀକାଂ ତାଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ୍ର-ନାଥାମ୍ ॥୫॥

‘ହ’ ଲ୍ଲୋସ-ଲାସ୍ୟ-ମୃଦୁ-ଗୀତ-ରସଂ ପିବନ୍ତି
ମାକୂଣିତାକ୍ଷମନବଦ୍ୟ-ଗୁଣାମ୍ବୁ-ରାଶିମ୍ ।
ସୁପ୍ତୋତ୍ଥିତାଂ ଶୃତିଂ-ମନୋହର-କୀର-ବାଗ୍ମୀ (ବାଗ୍ମୀ)
ପ୍ରାତଃ ସ୍ମରାମି ମନସା ଲଳିତାଧ୍ର-ନାଥାଂ ॥୬॥

‘ସ’ ଚିନ୍ମୟୀଂ ସକଳ-ଲୋକ-ହିତୈଷିଣୀଂ ଚ,
ସମ୍ପତ୍-କରୀଂହୟ-ମୁଖୀଂ ମୁଖ--ଦେବତେଡ୍ୟାମ୍ ।
ସର୍ବାନ୍ବଦ୍ୟ-ସୁକୁମାର-ଶରୀର-ରମ୍ୟାଂ
ପ୍ରାତଃ ସ୍ମରାମି ମନସା ଲଳିତାଧ୍ର-ନାଥାମ୍ ॥୭॥

‘କ’ ନ୍ୟାଭିରର୍ଧ-ଶଶୀ-ମୁଗ୍ଧ-କିରୀଟ-
ଭାସ୍ୱଚ୍ଛୁଡାଭିରଙ୍କ-ଗତ-ହୃଦ୍ୟ-ବିପଞ୍ଚିକାଭିଃ ।
ସଂସ୍ତୁୟ-ମାନ-ଚରିତାଂ ସରସରୀରୁହାକ୍ଷୀଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ୍ର-ନାଥାମ୍ ॥୮॥

‘ହ’ ତ୍ୱା ଅସୁରେନ୍ଦ୍ରମତି-ମାତ୍ର-ବଳାବଳିପ୍ତ-
ଭଣ୍ଡାସୂରଂ ସମର-ଚଣ୍ଡମଘୋର-ସୈନ୍ୟମ୍ ।
ସଂରକ୍ଷିତାର୍ତ-ଜନତାଂ ତପନେନ୍ଦୁ-ନେତ୍ରାଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ୍ରି-ନାଥାମ୍ ॥୯॥

‘ଲ’ ଦ୍ଧା ବନମ୍ର-ରମଣୀୟ-ସୁଖେନ୍ଦୁ-ବିମ୍ବାଂ,
ଲାକ୍ଷାରୁଣାଘ୍ରି-ସରସୀରୁହ-ଶୋଭ-ମାନମ୍ ।
ରୋଳମ୍ବ-ଜାଳ-ସମ-ନୀଳ-ସୁକୁନ୍ତଳାଢ୍ୟାଂ,
ପ୍ରାତଃ ସ୍ମରାମି ମନସା ଲଳିତାଧି-ନାଥାଂ ॥୧୦॥

‘ହ୍ରୀଂ’ କାରିଣାଂ ହିମ-ମହୀଧର-ପୂଣ୍ୟ-ରାଶିଂ,
ହ୍ରୀଂକାର-ମନ୍ତ୍ର-ମହନୀୟ-ମନୋଜ୍ଞ-ରୂପାମ୍ ।
ହ୍ରୀଂକାର-ଗର୍ଭମନୁ-ସାଧକ-ସିଦ୍ଧି-ଦାତ୍ରୀଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ୍ରି-ନାଥାମ୍ ॥୧୧॥

‘ସ’ ଦ୍ଧାତ-ଜନ୍ମ-ମରଣାଦି-ଭୟେନ ଦେବୀଂ,
ସମ୍ପୁଳ-ନୀଳୟାଂ ଶରଦିନ୍ଦୁ-ଶୁଭ୍ରାମ୍,
ଅର୍ଦ୍ଧେନ୍ଦୁ-ଚୂଡ-ବନିତାମଣିମାଦି-ବନ୍ଦ୍ୟାଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ୍ରି-ନାଥାମ୍ ॥୧୨॥

‘କ’ ଲ୍ୟାଣ-ଶୈଳ-ଶିଖରେଷୁ ବିହାର-ଶୀଳାଂ,
କାମେଶ୍ୱରଙ୍କ-ନୀଳୟାଂ କମନୀୟ-ରୂପାମ୍ ।
କାଦ୍ୟର୍ଣ୍ଣ-ମନ୍ତ୍ର-ମହନୀୟ-ମହାନୁଭାବାଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ୍ରି-ନାଥାମ୍ ॥୧୩॥

‘ଲ’ ମ୍ବୋଦରସ୍ୟ ଜନନୀଂ ତନୁ-ରୋମ-ରାଜିଂ,
ବିମ୍ବାଧରାଂ ଚ ଶରଦିନ୍ଦୁ-ମୁଖୀଂ ମୃଡାନିମ୍ ।
ଲାବଣ୍ୟ-ପୂଣ୍ୟ-ଜଳଧିଂଜଳ-ଜାତ-ହସ୍ତାଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ୍ରିଂ-ନାଥାଂ ॥୧୪॥

ହ୍ରୀଂକାର-ପୂର୍ଣ୍ଣ-ନିଗମୈଃ ପ୍ରତିପାଦ୍ୟମାନାଂ,
ହ୍ରୀଂକାର-ପଦ୍ମା-ନିଳୟାଂହତ-ଦାନବେନ୍ଦ୍ରମ୍ ।
ହ୍ରୀଂକାର ଗର୍ଭମନୁରାଜ-ନିଷେବ୍ୟମାନାଂ,
ପ୍ରାତଃ ସ୍ମରାମି ମନସା ଲଳିତାଧ୍ରି-ନାଥାମ୍ ॥୧୫॥

ଶ୍ରୀ ଚକ୍ର-ରାଜ-ନିଳୟାଂ ଶ୍ରୀତ-କାମ-ଧେନୁଂ,
ଶ୍ରୀକାମ-ରାଜ-ଜନନୀଂ ଶିବ-ଭାଗ-ଧେୟମ୍ ।
ଶ୍ରୀମଦ୍-ଗୁହସ୍ୟ କୂଳ-ମଣ୍ଡଳ-ଦେବତାଂତାମ୍ ।
ପ୍ରାତଃ ସ୍ମରାମି ମନସା ଲଳିତାଧ୍ରି-ନାଥାମ୍ ॥୬॥

ଶ୍ରୀ ଲଳିତା ପ୍ରାତଃ-ସ୍ତୋତ୍ର-ପଞ୍ଚକମ୍

ପ୍ରାତଃ ସ୍ମରାମି ଲଳିତା-ବଦନାରବିନ୍ଦଂ,
ବିମ୍ବାଧରଂ ପୃଥୁଳ-ମୌକ୍ତିକ-ଶୋଭି-ନାସାମ୍ ।
ଆକର୍ଣ୍ଣ-ଦୀର୍ଘ-ନୟନଂ ମଣି-କୁଣ୍ଡଳାଢ୍ୟଂ,
ମନ୍ଦ-ସ୍ମିତଂ ମୃଗ-ମଦୋଜ୍ୱଳ-ଭାଲ-ଦେଶମ୍ ॥୧॥

ପ୍ରାତର୍ଭଜାମି ଲଳିତା-ଭୁଜ-କଞ୍ଜ-ବଲ୍ଲୀଂ
ରକ୍ତାଙ୍ଗୁଳୀୟ-ଲସଦଂଗୁଳି-ପଲ୍ଲବାଢ୍ୟାମ୍ ।
ମାଣିକ୍ୟ-ହେମ-ବଳୟାଙ୍ଗଦ-ଶୋଭ-ମାନାଂ,
ପୁଣ୍ଡ୍ରେକ୍ଷୁ-ଚାପ-କୁସୁମେଷୁ ସୃଣିର୍ଦ୍ଦଧାନାମ୍ ॥୨॥

ପ୍ରାତର୍ନମାମି ଲଳିତା-ଚରଣାରବିନ୍ଦଂ,
ଭକ୍ତେଷ୍ଟ-ଦାନ-ନିରତଂ ଭବ-ସିନ୍ଧୁ-ପୋତମ୍ ।
ପଦ୍ମାସନାଦି-ସୂର-ନାୟକ-ପୂଜନୀୟଂ
ପଦ୍ମାକୁଶ-ଧ୍ୱଜ-ସୁଦର୍ଶନ-ଲାଛ୍ଛନାଢ୍ୟମ୍ ॥୩॥
ପ୍ରାତଃ-ସ୍ତୁବେ ପର ଶିବାଂ ଲଳିତାଂ ଭବାନୀଂ,
ତ୍ରୟନ୍ତ-ବେଦ୍ୟ-ବିଭବାଂ କରୁଣାନବଦ୍ୟାମ୍ ।
ବିଶ୍ୱସ୍ୟ ସୃଷ୍ଟି-ବିଲୟ ସ୍ଥିତି-ହେତୁ-ଭୁତାଂ,
ବିଶ୍ୱେଶ୍ୱରୀ ନିଗମ-ବାଡ୍-ମନସାଦି ଦୂରାମ୍ ॥୪॥

ପ୍ରାତର୍ବଦାମି ଲଳିତେ ! ତବ ପୂଣ୍ୟ ନାମ,
କାମେଶ୍ୱରୀତି କମଳେତି ମହେଶ୍ୱରୀତି ।
ଶ୍ରୀଶାମ୍ଭବୀତି ଜଗତାଂ ଜନନୀପରେତି,
ବାଗ-ଦେବତେତି ବଚସା ତ୍ରିପୁରେଶ୍ୱରୀତି ॥୫॥

ଫଳଶ୍ରୁତି :

ଯଚ୍ଛଲୋକ-ପଞ୍ଚକମିଦଂ ଲଳିତାମ୍ବିକାୟାଃ,
ସୌଭାଗ୍ୟଦଂ ସୁ-ଲଳିତଂ ପଠତି ପ୍ରଭାତେ ।
ତସ୍ମୈ ଦଦାତି ଲଳିତା ଝଟିତି ପ୍ରସନ୍ନା,
ବିଦ୍ୟାଂ ଶ୍ରୀୟଂ ବିମଳ-ସୌଖ୍ୟଂଅନନ୍ତ-କୀର୍ତ୍ତିମ୍ ॥

ଶ୍ରୀ ତ୍ରିପୁରାସୁନ୍ଦରୀ ପ୍ରାତଃ ଶ୍ଲୋକ-ପଞ୍ଚକମ୍

ପ୍ରାତର୍ନମାମି ଜଗତାଂ ଜନନ୍ୟାଶ୍ଚରଣାମ୍ବୁଜଂ ।
ଶ୍ରୀମତ-ତ୍ରିପୁର-ସୁନ୍ଦର୍ଯ୍ୟା ନମିତା ଯା ହରାଦିଭିଃ ॥୧॥
ପ୍ରାତସ୍ତ୍ରୀପୁର-ସୁନ୍ଦର୍ଯ୍ୟା ନମାମି ପଦ-ପଙ୍କଜଂ ।
ହରି-ହରୋ ବିରଞ୍ଚିଶ୍ଚ ସୃଷ୍ଟ୍ୟାଦିନ୍ କୁରୁତେ ଯଥା ॥୨॥
ପ୍ରାତସ୍ତ୍ରୀପୁର-ସୁନ୍ଦର୍ଯ୍ୟା ନମାମି ଚରଣାମ୍ବୁଜଂ ।
ଯତ୍-ପାଦମମ୍ବୁ ଶିରସି ଭାତି ଗଙ୍ଗାଂ ମହେଶିତୁଃ ॥୩॥
ପ୍ରାତଃ ପାଶାଙ୍କୁଶ-ଶରାନ୍‌ଚାପ-ହସ୍ତାଂ ନମାମ୍ୟହଂ ।
ଉଦୟାଦିତ୍ୟ-ସଙ୍କାଶାଂ ଶ୍ରୀମତ୍-ତ୍ରିପୁର-ସୁନ୍ଦରୀମ୍ ॥୪॥
ପ୍ରାତର୍ନମାମି ପାଦାବଜଂ ଜୟେଦଂ ଧାର୍ଯତେ ଜଗତ୍ ।
ତସ୍ୟାସ୍ତ୍ରୀପୁର-ସୁନ୍ଦର୍ଯ୍ୟା ଯତ୍-ପ୍ରାସାଦାନ୍ନିବର୍ତ୍ତତେ ॥୫॥

ଫଳଶ୍ରୁତି :

ଯଃ ଶ୍ଲୋକ-ପଞ୍ଚକମିଦଂ ପ୍ରାତର୍ନିତ୍ୟଂ ପଠେନ୍ନରଃ ।
ତସ୍ମୈ ଦଦାତ୍ୟାତ୍ମ-ପଦଂ ଶ୍ରୀମତ୍-ତ୍ରିପୁର-ସୁନ୍ଦରୀ ॥

ଷୋଡଶୀ (ଲଳିତା) ସ୍ତୋତ୍ରମ୍

ଶ୍ରୀ ଭୈରବ ଉବାଚ :

ଅଧୁନା ଦେବ ! ବାଳାୟା ସ୍ତୋତ୍ରଂ ବକ୍ଷାମି ପାର୍ବତୀ ।
ପଞ୍ଚମାଙ୍ଗ ରହସ୍ୟଂ ମେ ଶୃତ୍ୱା ଗୋପ୍ୟଂ ପ୍ରଯତ୍ନତଃ ॥

ବିନିଯୋଗଃ :

ଅସ୍ୟ ଶ୍ରୀବାଳା-ତ୍ରିପୁରାସୁନ୍ଦରୀ-ସ୍ତୋତ୍ର-ମନ୍ତ୍ରସ୍ୟ ଶ୍ରୀଦକ୍ଷିଣାମୂର୍ତ୍ତି ଋଷିଃ, ପଂକ୍ତି ଛନ୍ଦଃ ଶ୍ରୀବାଳା-ତ୍ରିପୁରାସୁନ୍ଦରୀ ଦେବତା, ଐଂ ବୀଜଂ ସୌଃ ଶକ୍ତି, କ୍ଲୀଂ କୀଳକଂ, ଶ୍ରୀବାଳା-ପ୍ରୀତୟେ ପାଠେ ବିନିଯୋଗଃ ।

ଋଷ୍ୟାଦି ନ୍ୟାସଃ

ଶ୍ରୀଦକ୍ଷିଣାମୂର୍ତ୍ତି-ଋଷୟେ ନମଃ ଶିରସି । ପଂକ୍ତିଛନ୍ଦସେ ନମଃ ମୁଖେ । ଶ୍ରୀବାଳା-ତ୍ରିପୁର-ସୁନ୍ଦରୀ-ଦେବତାୟୈ ନମଃ ହୃଦି । ଐଂ ବୀଜାୟ ନମଃ ଗୁହ୍ୟେ । ସୌଃ ଶକ୍ତୟେ ନମଃ ନାଭୌ । କ୍ଲୀଂ କୀଳକାୟ ନମଃ ପାଦୟୋଃ । ଶ୍ରୀବାଳା-ପ୍ରୀତୟେ ପାଠେ ବିନିଯୋଗାୟ ନମଃ ସର୍ବାଙ୍ଗେ ।

ଷଡଙ୍ଗ ନ୍ୟାସ	କରନ୍ୟାସ	ଅଙ୍ଗନ୍ୟାସ
ଐଂ	ଅଙ୍ଗୁଷ୍ଠାଭ୍ୟାଂ ନମଃ	ହୃଦୟାୟ ନମଃ
କ୍ଲୀଂ	ତର୍ଜନୀଭ୍ୟାଂ ନମଃ	ଶିରସେ ସ୍ୱାହା
ସୌଃ	ମଧ୍ୟମାଭ୍ୟାଂ ନମଃ	ଶିଖାୟୈ ବଷଟ୍
ଐଂ	ଅନାମିକାଭ୍ୟାଂ ନମଃ	କବଚାୟ ହୁଂ
କ୍ଲୀଂ	କନିଷ୍ଠିକାଭ୍ୟାଂ ନମଃ	ନେତ୍ର-ତ୍ରୟାୟ ବୌଷଟ୍
ସୌଃ	କର-ତଳ-କର	କର-ତଳ-କର ପୃଷ୍ଠାଭ୍ୟାଂ
	ପୃଷ୍ଠାଭ୍ୟାଂ ନମଃ	ଅସ୍ତ୍ରାୟ ଫଟ୍
	ଅସ୍ତ୍ରାୟ ଫଟ୍	

ଧ୍ୟାନମ୍

ଅରଣ-କିରଣ ଜାଳୈ ରଞ୍ଜିତାଶାବକାଶା ।
ବିଧୃତ-ଜପ-ବଟିକା ପୁସ୍ତକାଭୀତି-ହସ୍ତା ।
ଇତର-କର-ବରାଢ୍ୟା ଫୁଲ୍ଲ-କହ୍ଲାର-ସଂସ୍ଥା ।
ନିବସତୁ ହୃଦି ବାଳା ନିତ୍ୟ-କଲ୍ୟାଣ-ରୂପା ॥

ଅର୍ଥ - ଭଗବତୀ ଶ୍ରୀ ବାଳା ତ୍ରିପୁରାସୁନ୍ଦରୀଙ୍କ ଶରୀରର ଆଭା ଅରୁଣ ଉଦୟ ସମୟର ସୂର୍ଯ୍ୟ ପରି ରକ୍ତ ବର୍ଣ୍ଣ ଅଟେ । ଏହି ଆଭାର କିରଣରେ ସମସ୍ତଦିଗ ଓ ଅନ୍ତରୀକ୍ଷ ଲାଲ୍ ରଙ୍ଗ ଦେଖାଯାଏ । ଚାରି କରକମଳରେ ଜପମାଳା, ପୁସ୍ତକ, ଅଭୟ ଓ ବରମୁଦ୍ରା ଥାଏ । ଫୁଟିଥିବା ରକ୍ତବର୍ଣ୍ଣର ପଦ୍ମଫୁଲ ଉପରେ ଦେବୀ ବିରାଜମାନ ଅଟନ୍ତି । ଏପରି ଶ୍ରୀବାଳା ପ୍ରତିଦିନ ଜଗତର କଲ୍ୟାଣକାରୀ । ମୋର ହୃଦୟରେ ବାସ କରନ୍ତୁ ।

ସ୍ତୋତ୍ର :

ବାଣୀଂ ଜପେଦ୍ ଯସ୍ତ୍ରୀପୁରେ ! ଭବାନ୍ୟାବୀଜଂ ନିଶୀଥେ ଜଡ-ଭାବ-ଲୀନଃ ।
ଭବେତ୍ ସବୀର୍ବାଣ-ଗୁରୋର୍ଗରୀୟାନ୍ ଗିରୀଶ-ପତ୍ନୀ ! ପ୍ରଭୁତାଦି ତସ୍ୟ ॥୧॥

ଅର୍ଥ - ହେ ତ୍ରିପୁରେ ! ଯିଏ ଭଗବତୀଙ୍କ ବାଣୀ-ବୀଜ ଐଂ ର ଜପ ମହାରାତ୍ରୀରେ ଭାବ-ନିମଗ୍ନ ହୋଇ କରେ, ସେ ଦେବ-ଗୁରୁ ବୃହସ୍ପତିଙ୍କ ଠାରୁ ମଧ୍ୟ ବଡ ବିଦ୍ୱାନ ହୁଏ ଓ ହେ ଶମ୍ଭୁପତ୍ନୀ ! ସମସ୍ତ ପ୍ରକାର ପ୍ରଭୁତ୍ୱ ତାଙ୍କୁ ମିଳେ ।

କାମେଶ୍ୱରୀ ! ତ୍ର୍ୟକ୍ଷରୀ କାମ-ରାଜଂ ଜପେଦ୍ ଦିନାନ୍ତେ ତବମନ୍ତ୍ର ରାଜମ୍ ।
ରମ୍ଭାଅପି ଜୁମ୍ଭାରୀ-ସଭାଂ ବିହାୟ ଭୂମୌ ଭଜେତତଂ କୂଳ-ଦୀକ୍ଷିତଂ ଚ ॥୨॥

ଅର୍ଥ - ହେ କାମେଶ୍ୱରୀ ! ଯିଏ ଆପଣଙ୍କର ତିନି ଅକ୍ଷର ବିଶିଷ୍ଟ କାମ-ରାଜ କ୍ଲୀଂ କୁ ଦିନ ଶେଷ ହେବା ପରେ ସନ୍ଧ୍ୟାବେଳେ ଜପ କରନ୍ତି - ଏହି ମାର୍ଗରେ ଦୀକ୍ଷିତ ସାଧକଙ୍କୁ ବରଣ କରିବା ପାଇଁ ଜୁମ୍ଭାଶୂର ବିନାଶକାରୀ ଦେବରାଜ ଇନ୍ଦ୍ରଙ୍କ ଦେବସଭା ତ୍ୟାଗ କରି ରମ୍ଭାଙ୍କ ପରି ଅପ୍ସରା ମଧ୍ୟ ପୃଥିବୀକୁ ଚାଲିଆସନ୍ତି ।

ତାର୍ତ୍ତିୟକଂ ବୀଜମିଦଂ ଜପେଦ୍ ଯସ୍ତ୍ରୈଲୋକ୍ୟ-ମାତସ୍ତ୍ରୀପୂରେ ! ପୁରସ୍ତାତ୍ ।
ବିଧାୟଲୀଳାଂ ଭୁବନେ ତଥାନ୍ତେ ନିରାମୟଂ ବ୍ରହ୍ମ-ପଦଂ ପ୍ରଯାତି ॥୩॥

ଅର୍ଥ - ହେ ତ୍ରୈଲୋକ୍ୟ- ମାତା ତ୍ରିପୁରେ ! ଯିଏ ତାର୍ତ୍ତିୟ-ବୀଜ ସୌଃ କୁ ଜପ କରନ୍ତି, ସେ ବିଶ୍ୱରେ ନିଜ ଚରିତ୍ର ବଳରେ ଲୋକମାନଙ୍କୁ ଚମତ୍କୃତ କରି ଶେଷରେ ଆନନ୍ଦମୟ ବ୍ରହ୍ମାପଦ ପାଆନ୍ତି ।

ଧରା-ସଦ୍ମା-ତ୍ରିବୃତ୍ତାଷ୍ଟ-ପତ୍ର-ଷଟ୍‌କୋଣ-ନାଗରେ !
ବିନ୍ଦୁ-ପୀଠେ ଅର୍ଚ୍ଚୟେଦ ବାଳାଂ ଯୋଅଯୌ ପ୍ରାନ୍ତେ ଶିବୋ ଭବେତ୍ ॥୪॥

ଅର୍ଥ - ଭୂ-ପୁର, ତ୍ରିବୃତ୍ତ, ଅଷ୍ଟ-ଦଳ-ପଦ୍ମ, ଷଟ୍-କୋଣାତ୍ମକ ନଗରବାସିନୀ ହେ ଜଗଦମ୍ବା ! ଯିଏ ବିନ୍ଦୁ ପୀଠରେ ଆପଣଙ୍କ ଅର୍ଥାତ୍ 'ବାଳା' ଙ୍କୁ ପୂଜାର୍ଚ୍ଚନା କରନ୍ତି, ସେ ଶିବସ୍ୱରୂପ ହୋଇଯାଆନ୍ତି ।

ଇତି ମନ୍ତ୍ର-ମୟଂସ୍ତବଂ ପଠେଦ୍ ଯସ୍ତୀପୁରାୟା ନିଶିବା ନିଶାବସାନେ ।
ସଭବେଦ୍ ଭୂବି ସାର୍ବଭୌମ-ମୌଳିସ୍ତ୍ରୀଦିବେ ଶକ୍ର-ସମାନ-ଶୌର୍ଯ୍ୟ-ଲକ୍ଷ୍ମୀ ॥୫॥

ଅର୍ଥ - ଭଗବତୀ ତ୍ରିପୁରାଙ୍କ ଏହି ମନ୍ତ୍ରମୟ ସ୍ତବକୁ ଯିଏ ଦିନ ଶେଷରେ ବା ନିଶାକାଳରେ ପାଠ କରନ୍ତି, ସେ ପୃଥିବୀରେ ସାର୍ବଭୌମ ମହାପୁରୁଷଙ୍କ ନେତା ହୁଅନ୍ତି ଓ ସ୍ୱର୍ଗରେ ଇନ୍ଦ୍ରଙ୍କ ଭଳି ଶୌର୍ଯ୍ୟ ଓ ଲକ୍ଷ୍ମୀଯୁକ୍ତ ହୁଅନ୍ତି ।

ଇତିଦଂ ଦେବୀ ! ବାଳାୟା ସ୍ତୋତ୍ରଂ ମନ୍ତ୍ର-ମୟଂ ପରମ୍ ।
ଅଦାତବ୍ୟମ ଭକ୍ତେଭ୍ୟୋ ଗୋପନୀୟଂ ସ୍ୱ-ଯୋନି-ବତ୍ ॥୬॥

ଅର୍ଥ - ହେ ଦେବୀ ! ଭଗବତୀ ବାଳାଙ୍କର ଏହି ମନ୍ତ୍ର-ମୟ ସ୍ତୋତ୍ର ଅତି ଶ୍ରେଷ୍ଠ ଅଟେ । ଭକ୍ତିହୀନ ଲୋକମାନଙ୍କୁ ଏହା ବତାଇବା ଉଚିତ୍ ନୁହେଁ ଓ ଅତ୍ୟନ୍ତ ଗୁପ୍ତ ରଖିବା ଉଚିତ୍ ।

ଶ୍ରୀଷୋଡଶୀ (ତ୍ରିପୁର-ସୁନ୍ଦରୀ, ଲଳିତା) କବଚ

ଶ୍ରୀ ଭୈରବୀ ଉବାଚ :

ଦେବ ଦେବ ! ମହାଦେବ ! ଭକ୍ତାନାଂ ପ୍ରୀତି-ବର୍ଦ୍ଧନ ।
ସୂଚିତଂ ଯତ୍ ତ୍ୱୟା ଦେବ୍ୟାଃ କବଚଂ କଥୟସ୍ୱ ମେ ॥୧॥

ଶ୍ରୀ ଭୈରବ ଉବାଚ :

ଶୃଣୁ ଦେବୀ ! ପ୍ରବକ୍ଷାମି କବଚଂ ଦେବ-ଦୁର୍ଲ୍ଲଭମ୍ ।
ଅପ୍ରକାଶ୍ୟଂ ପରଂଗୁହ୍ୟଂ ସାଧକାଭୀଷ୍ଟ-ସିଦ୍ଧିଦମ୍ ॥୨॥

ବିନିଯୋଗଃ :

ଅସ୍ୟ ଶ୍ରୀବାଳା-ତ୍ରିପୁରସୁନ୍ଦରୀ-କବଚସ୍ୟ ଶ୍ରୀଦକ୍ଷିଣା ମୂର୍ତ୍ତିଃ ଋଷି, ପଂକ୍ତି ଛନ୍ଦଃ, ଶ୍ରୀବାଳା-ତ୍ରିପୁର ସୁନ୍ଦରୀ ଦେବତା, ଐଂ ବୀଜଂ, ସୌଃ ଶକ୍ତି, କ୍ଲୀଂ କୀଳକଂ, ଚତୁବର୍ଗ-ସାଧନେ ପୀଠେ ବିନିଯୋଗଃ ।

ଋଷ୍ୟାଦିନ୍ୟାସ :

ଶ୍ରୀ ଦକ୍ଷିଣାମୂର୍ତ୍ତି-ଋଷୟେ ନମଃ ଶିରସି । ପଂକ୍ତି ଛନ୍ଦସେ ନମଃ, ମୁଖେ, ଶ୍ରୀବାଳା-ତ୍ରିପୁର-ସୁନ୍ଦରୀ-ଦେବତାୟୈ ନମୋହୃଦି, ଐଂବୀଜାୟ ନମୋ ଗୁହ୍ୟେ, ସୌଃ ଶକ୍ତୟେ ନମୋ ନାଭୌ, କ୍ଲୀଂ ବୀଜାୟ ନମଃ ପାଦୟୋଃ ଚତୁର୍ବର୍ଗ-ସାଧନେ ପାଠେ ବିନିଯୋଗାୟ ନମଃ-ସର୍ବାଙ୍ଗେଷୁ ।

ଷଡଙ୍ଗ-ନ୍ୟାସ	କରନ୍ୟାସ	ଅଙ୍ଗନ୍ୟାସ
ଐଂ	ଅଙ୍ଗୁଷ୍ଠାଭ୍ୟାଂ ନମଃ	ହୃଦୟାୟ ନମଃ
କ୍ଲୀଂ	ତର୍ଜନୀଭ୍ୟାଂ ନମଃ	ଶିରସେ ସ୍ୱାହା
ସୌଃ	ମଧ୍ୟମାଭ୍ୟାଂ ନମଃ	ଶିଖାୟୈ ବଷଟ୍
ଐଂ	ଅନାମିକାଭ୍ୟାଂ ନମଃ	କବଚାୟ ହୁଂ
କ୍ଲୀଂ	କନିଷ୍ଠାକାଭ୍ୟାଂ ନମଃ	ନେତ୍ର-ତ୍ରୟାୟ ବୌଷଟ୍
ସୌଃ	କର-ତଳ-କର-	ପୃଷ୍ଠାଭ୍ୟାଂ ନମଃ ଅସ୍ତ୍ରାୟ ଫଟ୍ ।

ଧ୍ୟାନମ୍ :

ମୁକ୍ତା-ଶେଖର-କୁଣ୍ଡଳାଙ୍ଗଦ-ମଣି-ଗ୍ରେବେୟ-ହାରୋର୍ମିକା,
ବିଦ୍ୟୋତଦ୍-ବଳୟାଦି-କଙ୍କଣ-କଟି-ସୂତ୍ରାଂ ସ୍ଫୁରନ୍-ନୂପୁରାମ୍ ।
ମାଣିକ୍ୟୋଦର-ବନ୍ଧ-କମ୍ବୁ-କବରୀମିନ୍ଦୋଃ କଳାଂ ବିଭ୍ରତୀଂ,
ପାଶଂ ଚାଂକୁଶ-ପୁସ୍ତକାକ୍ଷ-ବଳୟଂ ଦକ୍ଷୋର୍ଧ୍ୱ-ବାହ୍ୱାଦିତଃ ॥

ଅର୍ଥ - ଭଗବତୀ ବାଳା ମୋତି ଲାଗିଥିବା କୁଣ୍ଡଳ, ଅଙ୍ଗଦ, ହାର, ବଳୟ, କଂଖନ, କରଧନୀ ଆଦି ଆଭୂଷଣ ଓ ପାଦରେ ଝୁମ୍ ଝୁମ୍ ହେଉଥିବା ଘୁଙ୍ଗୁର ଧାରଣ କରିଛନ୍ତି । କେଶ ପାଖରେ ଚନ୍ଦ୍ରଙ୍କ କଳା ଶୋଭାପାଉଛି । ଡାହାଣ ଉର୍ଦ୍ଧ୍ୱହାତରୁ ଚାରି କର-କମଳରେ ପାଶ, ଅଙ୍କୁଶ, ପୁସ୍ତକ ଓ ଅକ୍ଷମାଳା ଧାରଣ କରିଛନ୍ତି ।

କବଚ ଆରମ୍ଭ :

ଐଂ ବାଗ୍‌ଭବଂ ପାତୁ ଶୀର୍ଷଂ କ୍ଲୀଂ କାମସ୍ତୁ ତଥା ହୃଦି,
ସୌଃ ଶକ୍ତି-ବୀଜଂ ଚ ପାତୁ ନାଭୌ ଗୁହ୍ୟେ ଚ ପାଦୟୋଃ ॥୧॥

ଅର୍ଥ-ବାଗଭବ-ବୀଜ ଐଂ ଶିରକୁ, କାମ-ବୀଜ କ୍ଲୀଂ ହୃଦୟକୁ ଓ ଶକ୍ତି ବୀଜ ସୌଃ ନାଭିକୁ, ଗୁହ୍ୟ ତଥା ପାଦକୁ ରକ୍ଷା କରନ୍ତୁ ।

ଐଂ କ୍ଲୀଂ ସୌଃ ବଦନେ ପାତୁ ବାଳା ମାଂ ସର୍ବ-ସିଦ୍ଧୟେ ।
ହସକଳହ୍ରୀଂ ସୌଃ ପାତୁ ଭୈରବୀ କଣ୍ଠ-ଦେଶତଃ ॥୨॥

ଅର୍ଥ - ଐଂ, କ୍ଲୀଂ ସୌଃ ବାଳାମୁଖ-ମଣ୍ଡଳରେ ସର୍ବସିଦ୍ଧି ପାଇଁ ମୋତେ ରକ୍ଷା କରନ୍ତୁ । 'ହସକଳହ୍ରୀଂ ସୌଃ' ଭୈରବୀ କଣ୍ଠଦେଶକୁ ରକ୍ଷା କରନ୍ତୁ ।

ସୁନ୍ଦରୀ ନାଭି-ଦେଶେ ଅବ୍ୟାଚଚ୍ଛିର୍ଷିକା ସକଳା ସଦା
ଭ୍ରୁ-ନାସୟୋରନ୍ତରାଳେ ମହାତ୍ରିପୁର-ସୁନ୍ଦରୀ ॥୩॥

ଅର୍ଥ - ସୁନ୍ଦରୀ ନାଭି ଦେଶରେ, ସକଳା ଶୀର୍ଷଭାଗରେ ଓ ଭୌଂ ହୋଂ ତଥା ନାକର ମଧ୍ୟଭାଗରେ, 'ମହା-ତ୍ରିପୁରା-ସୁନ୍ଦରୀ' ସର୍ବଦା ରକ୍ଷା କରନ୍ତୁ ।

ଲଲାଟେ ସୁଭଗାପାତୁ ଭଗା ମାଂ କଣ୍ଠ-ଦେଶତଃ ।
ଭଗା ଦେବୀ ତୁ ହୃଦୟେ ଉଦରେ ଭଗ-ସର୍ଷିଣୀ ॥୪॥

ଅର୍ଥ - ଲଲାଟରେ 'ସୁଭଗା' କଣ୍ଠଦେଶରେ 'ଭଗା' ହୃଦୟରେ ଭଗବତୀ ଦେବୀ ଓ ଉଦୟରେ 'ଭଗ-ସର୍ପିଣୀ', ମୋତେ ରକ୍ଷା କରନ୍ତୁ ।

ଭଗ-ମାଳା ନାଭି-ଦେଶେ ଲିଙ୍ଗେ ପାତୁ ମନୋଭବା ।
ଗୁହ୍ୟେ ପାତୁ ମହା-ଦେବୀ ରାଜ-ରାଜେଶ୍ୱରୀ ଶିବା ॥୫॥

ଅର୍ଥ - ନାଭିଦେଶକୁ 'ଭଗମାଳା' ଲିଙ୍ଗ / ଯୋନିକୁ ମନୋଭାବା ମୋତେ ରକ୍ଷା କରନ୍ତୁ । ଗୁହ୍ୟକୁ 'ମହାଦେବୀ ରାଜ-ରାଜେଶ୍ୱରୀ ଶିବା' ରକ୍ଷା କରନ୍ତୁ ।

ଚୈତନ୍ୟ-ରୂପିଣୀ ପାତୁ ପାଦୟୋର୍ଜଗଦମ୍ବିକା ।
ନାରାୟଣୀ ସର୍ବ-ଗାତ୍ରେ ସର୍ବ-କାର୍ଯ୍ୟେ ଶୁଭଙ୍କରୀ ॥୬॥

ଅର୍ଥ - ଦୁଇପାଦକୁ ଚୈତନ୍ୟ ରୂପିଣୀ ଜଗଦମ୍ବା, ସାରା ଶରୀରକୁ 'ନାରାୟଣୀ' ସମସ୍ତ କାର୍ଯ୍ୟରେ 'ଶୁଭଙ୍କରୀ' ରକ୍ଷା କରନ୍ତୁ ।

ବ୍ରହ୍ମାଣୀ ପାତୁ ମାଂ ପୂର୍ବେ ଦକ୍ଷିଣେ ବୈଷ୍ଣବୀ ତଥା ।
ପଶ୍ଚିମେ ପାତୁ ବାରାହୀ ଉତ୍ତରେ ତୁ ମହେଶ୍ୱରୀ ॥୭॥

ଅର୍ଥ - 'ବ୍ରହ୍ମାଣୀ' ପୂର୍ବଦିଗରେ ଓ ବୈଷ୍ଣବୀ ଦକ୍ଷିଣଦିଗରେ ମୋତେ ରକ୍ଷା କରନ୍ତୁ । 'ବାରାହୀ' ପଶ୍ଚିମ ଦିଗରେ ଓ 'ମହେଶ୍ୱରୀ' ଉତ୍ତର ଦିଗରେ ରକ୍ଷା କରନ୍ତୁ ।

ଆଗ୍ନେୟ୍ୟାଂ ପାତୁ କୌମାରୀ ମହା-ଲକ୍ଷ୍ମୀଶ୍ଚ ନୈଋତେ ।
ବାୟବ୍ୟାଂ ପାତୁ ଚାମୁଣ୍ଡା ଇନ୍ଦ୍ରାଣୀ ପାତୁ ଚେଶକେ ॥୮॥

ଅର୍ଥ – 'କୌମାରୀ' ଆଗ୍ନେୟ କୋଣରେ ଓ 'ମହାଲକ୍ଷ୍ମୀ' ନୈଋତ କୋଣରେ ମୋତେ ରକ୍ଷା କରନ୍ତୁ । 'ଚାମୁଣ୍ଡା' ବାୟବ୍ୟ କୋଣରେ ଓ 'ଇନ୍ଦ୍ରାଣି' ଐଶାନ୍ୟ କୋଣରେ ମୋତେ ରକ୍ଷା କରନ୍ତୁ ।

ଜଳେ ପାତୁ ମହା-ମାୟା ପୃଥିବ୍ୟାଂ ସର୍ବମଙ୍ଗଳା ।
ଆକାଶେ ପାତୁ ବରଦା ସର୍ବତୋ ଭୁବନେଶ୍ୱରୀ ॥୯॥

ଅର୍ଥ – ମହାମାୟା ଜଳରେ ଓ ସର୍ବମଙ୍ଗଳା ପୃଥିବୀରେ ରକ୍ଷା କରନ୍ତୁ । ବରଦା ଆକାଶରେ ଓ ଭୁବନେଶ୍ୱରୀ ସବୁଠାରେ ରକ୍ଷା କରନ୍ତୁ ।

ଫଳଶ୍ରୁତି :

ଇଦଂ ତୁ କବଚଂ ନାମ ଦେବନାମପି ଦୁର୍ଲଭମ୍ ।
ପଠେତ୍ ପ୍ରାତଃ ସମୁତ୍‌ଥାୟ ଶୂଚିଃ ପ୍ରୟତ-ମାନସଃ ॥୧୦॥

ଅର୍ଥ – ଏହି କବଚ ଦେବତାମାନଙ୍କ ପାଇଁ ମଧ୍ୟ ଦୁର୍ଲଭ ଅଟେ । ସକାଳୁ ଉଠି ପବିତ୍ର ହୋଇ ଏକାଗ୍ର ଚିତ୍ତରେ ଏହାକୁ ପାଠ କରିବା ଦରକାର ।

ନାଧୟୋ ବ୍ୟାଧୟସ୍ତସ୍ୟ ନ ଭୟଂ ଚ କ୍ୱଚିଦ୍ ଭବେତ୍ ।
ନ ଚ ମାରୀ-ଭୟଂ ତସ୍ୟ ପାତକାନାଂ ଭୟଂ ତଥା ॥୧୧॥

ଅର୍ଥ – ଏହା ପାଠ କରିବା ଲୋକଙ୍କୁ ବ୍ୟାଧି ହୁଏ ନାହିଁ, କୌଣସି ପ୍ରକାର ଭୟ ହୁଏ ନାହିଁ, ଏହାଙ୍କୁ ମହାମାରୀର ଭୟ ରହେ ନାହିଁ ଓ ପାପର ଭୟ ରହେ ନାହିଁ ।

ନ ଦାରିଦ୍ର୍ୟ-ବଶଂ ଗଚ୍ଛେତ୍ ତିଷ୍ଠେନ୍ମୃତ୍ୟୁ-ବଶେ ନ ଚ ।
ଗଚ୍ଛେଚ୍ଛିବ-ପୁରେ ଦେବୀ ! ସତ୍ୟଂ ସତ୍ୟଂ ବଦାମ୍ୟହମ୍ ॥୧୨॥

ଅର୍ଥ – ସେ କେବେହେଲେ ଦରିଦ୍ର ହୁଅନ୍ତି ନାହିଁ ଓ ମୃତ୍ୟୁର ବଶୀଭୂତ ହୁଅନ୍ତି ନାହିଁ । ସେ ଶିବଙ୍କ ସ୍ଥାନ ପ୍ରାପ୍ତ ହୁଅନ୍ତି । ଏହା ମୁଁ ସର୍ବଦା ସତ୍ୟ କହୁଛି ।


ଇଦଂ କବଚମଜ୍ଞାତ୍ୱା ଶ୍ରୀବିଦ୍ୟାଂ ଯୋ ଜପେଚ୍ଛିବେ ।
ସ ନା ପ୍ନୋତି ଫଳଂ ତସ୍ୟ ପ୍ରାପ୍ନୟାଚ୍ଛସ୍ତ-ଘାତନମ୍ ॥୧୩॥

ଅର୍ଥ – ଏହି 'କବଚ' କୁ ନ ଜାଣି ଯିଏ 'ଶ୍ରୀବିଦ୍ୟା' ମନ୍ତ୍ର ଜପ କରନ୍ତି, ତାଙ୍କୁ ଏହି ଜପର ଫଳ ମିଳେ ନାହିଁ, ବରଂ ବିପରୀତ ଫଳ ଅର୍ଥାତ୍ କୌଣସି ଆଘାତ ପ୍ରାପ୍ତ ହୁଅନ୍ତି ।

❖❖❖



ଶ୍ରୀ ଭୁବନେଶ୍ୱରୀ



ଶ୍ରୀ ଭୁବନେଶ୍ୱରୀ ଯନ୍ତ୍ର

୪. ଭୁବନେଶ୍ୱରୀ

ଯାହା ମୂଳ ପ୍ରକୃତି ଅଟେ, ତାଙ୍କୁ ହିଁ ଭୁବନେଶ୍ୱରୀ, କାଳୀ ତଥା ଗୋପାଳ ସୁନ୍ଦରୀ କହନ୍ତି । କାଳୀ ଚୁଂକି କ୍ରିୟା-ଶକ୍ତିର ପ୍ରତୀକ ହୋଇ ପ୍ରଥମେ ଶୂନ-ରୂପ ହୋଇ ରହିଛନ୍ତି, ଏଣୁ ତାଙ୍କର ଶ୍ରୀ-ସ୍ୱରୂପ ଅଲଗା ପ୍ରକାର ଅଟେ ଓ ଯେତେବେଳେ ସେ ଭୁବନେଶ୍ୱରୀ ରୂପରେ ପ୍ରତିଷ୍ଠିତ ହୁଅନ୍ତି, ସେତେବେଳେ ଏହାଙ୍କର ସ୍ୱରୂପ ଅଲଗା ହୋଇଥାଏ ।

ବିଶ୍ୱାତୀତ ପରାପ୍ରରଙ୍କ ନାମାନୁସାରେ କାଳର ମହାଶକ୍ତି କାଳୀଙ୍କର ଅଧିକାର ବିଶ୍ୱରେ ପ୍ରଥମ ଅଟେ । ଏଣୁ ଏହାଙ୍କୁ ଆଦ୍ୟା ତଥା ବିଶ୍ୱର ସଂହାର କରିବା କାଳରାତ୍ରୀ ମଧ କୁହାଯାଇଥାଏ । ବିଶ୍ୱୋତ୍ପତ୍ତି ସମୟରେ ଷୋଡଶୀଙ୍କ ସତ୍ତା କାର୍ଯ୍ୟ କରୁଥିଲା ଏବଂ ସମସ୍ତ ଭୁବନର ସଞ୍ଚାଳନ କରି ସେ ମୂଳ-ମହାଶକ୍ତି ଭୁବନେଶ୍ୱରୀ ହୋଇଯାଇଥିଲେ ।

ସୃଷ୍ଟିର ସମ୍ପୂର୍ଣ୍ଣକାର୍ଯ୍ୟ ମୂଳତଃ ତିନୋଟି କଥା ଉପରେ ହିଁ ଆଧାରିତ ଯାହାକୁ ସୃଷ୍ଟି, ସଂଚାଳନ ତଥା ସଂହାର କୁହାଯାଏ । ଏହି ତିନୋଟି ବିଶେଷତଃ ଗୋଟିଏ ଅନ୍ୟଟିର ପରିପୂରକ ଅଟେ । ଏଥିରୁ ଯଦି ଗୋଟିଏ କ୍ରିୟାହୀନ ହୋଇଯାଏ ତେବେ ବିଶ୍ୱରେ ଅନେକ ଅନିୟମିତତା ଦେଖାଦେବ ।

ସଂହାର ଶୂନ୍ୟରୂପ ସ୍ଥିତି ଅଟେ, ଯାହା ମୃତ୍ୟୁ ପରେ ଓ ଜନ୍ମ ପୂର୍ବେ ହୋଇଥାଏ । ଏଠାରେ ଏହି ଆଦି ଅନ୍ତ ରହିତ ଶକ୍ତି କାର୍ଯ୍ୟ କରିଥାଏ । ମୂଳତଃ ଏହା ସ୍ୱୀକାର୍ଯ୍ୟ ଯେ ଶୂନ୍ୟରୁ ସୃଷ୍ଟି ହୋଇଛି । ଏଣୁ ଯେତେବେଳେ କିଛି ନ ଥିଲା ଅର୍ଥାତ୍ ସଂହାର ଥିଲା, ଏଥିରୁ ସୃଷ୍ଟି ହୋଇଥିଲା ଅର୍ଥାତ୍ ଜୀବ ଜନ୍ମ ନେଇଥିଲା । ଏହି ପ୍ରକାର ଜନ୍ମ ପରେ ସଂଚାଳନ ଅର୍ଥାତ୍ ଜୀବନଯାପନ ହୋଇଥାଏ ଓ ଏକ ନିଶ୍ଚିତ ଅବଧିପରେ ପୁନର୍ବାର ସଂହାର ଆସେ । ଏପରି ଚକ୍ର ସଦା ଚଳାୟମାନ ।

ଭୁବନେଶ୍ୱରୀ ମନ୍ତ୍ର

୧. ହ୍ରୀଂ

୨. ଐଂ ହ୍ରୀଂ

୩. ଐଂ ହ୍ରୀଂ ଐଂ

ଉପରେ କୁହାଯାଇଥିବା ତିନି ମନ୍ତ୍ରରୁ କୌଣସି ଏକ ମନ୍ତ୍ର ଦ୍ୱାରା ସାଧକ ଭଗବତୀ ଭୁବନେଶ୍ୱରୀଙ୍କ ପୂଜା ଓ ଜପ କରିପାରେ ।

ଭୁବନେଶ୍ୱରୀଙ୍କ ଧ୍ୟାନ

ଉଦ୍ୟଦ୍ଦିନ କରଦ୍ୟୁତିମିନ୍ଦୁ କିରୀଟାଂ
ତୁଂଗକୂଚାଂ ନୟନତ୍ରୟଯୁକ୍ତାମ୍ ॥
ସ୍ମେରମୁଖୀଂ ବରଦାଂକୁଶପାଶା ।
ଭୀତିକରାଂ ପ୍ରଭଜେଦ୍ ଭୁବନେଶ୍ୱରୀମ୍ ॥

ଦେବୀଙ୍କ ଦେହର କାନ୍ତି ଉଦୀୟମାନ ସୂର୍ଯ୍ୟଙ୍କ ଭଳି ସୁନ୍ଦର । ଦେବୀଙ୍କ କପାଳରେ ଅର୍ଦ୍ଧଚନ୍ଦ୍ର, ମସ୍ତକରେ ମୁକୁଟ, ଦୁଇସ୍ତନ ଉଚ୍ଚ, ତିନିନେତ୍ର ଓ ଚେହେରା ସବୁବେଳେ ହସହସ, ଚାରିହାତରେ ବର, ଅଙ୍କୁଶ, ପାଶ ଓ ଅଭୟ ମୁଦ୍ରା ବିଦ୍ୟମାନ ହୋଇରହିଛି ।

ଭୁବନେଶ୍ୱରୀ ସ୍ତୋତ୍ର

ଅଥାନନ୍ଦମୟୀଂ ସାକ୍ଷାଚ୍ଛବ୍ଦବ୍ରହ୍ମସ୍ୱରୂପିଣୀମ୍ ।
ଈଡେ ସକଳ ସମ୍ପତ୍ତ୍ୟୈ ଜଗଦ୍ଧାରଣମନ୍ଦିକାମ୍ ॥

ଯିଏ ସାକ୍ଷାତ୍ ଶବ୍ଦ ବ୍ରହ୍ମସ୍ୱରୂପିଣୀ ଜଗତ୍‌କାରିଣୀ ଜଗତମାତା ଅଟନ୍ତି, ସକଳ ସମ୍ପତ୍ତି ଲାଭ କରିବା ପାଇଁ ସେହି ଆନନ୍ଦମୟୀ ଭୁବନେଶ୍ୱରୀଙ୍କୁ ସ୍ତୁତି କରୁଅଛି ।

ଆଦ୍ୟାମଶେଷଜନନୀମରବିନ୍ଦୟୋନେ
ବିଷ୍ଣୋଃ ଶିବସ୍ୟ ଚ ବପୁଃ ପ୍ରତିପାଦୟିତ୍ରୀମ୍ ।
ସୃଷ୍ଟିସ୍ଥିତିକ୍ଷୟକରୀଂ ଜଗତାଂ ତ୍ରୟାଣାଂ ।
ସ୍ତୁତ୍ୱା ଗିରିଂ ବିମଳୟାମ୍ୟହମମ୍ବିକେ ତ୍ୱାମ୍ ॥

ହେ ମାତା ! ତୁମେ ଜଗତର ଆଦ୍ୟା ଶକ୍ତି ଅଟ, ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବା ଜଗତମାତା ଅଟ, ତୁମେ ହିଁ ବ୍ରହ୍ମା, ବିଷ୍ଣୁ, ଶିବଙ୍କୁ ଉତ୍ପନ୍ନ କରିଅଛ । ତୁମେ ହିଁ ଜଗତତ୍ରୟର ସୃଷ୍ଟି କର୍ତ୍ତା, ସ୍ଥିତି ତଥା ଲୟ କର୍ତ୍ତୀ । ତୁମର ସ୍ତୁତି ଗାନ କରି ମୁଁ ନିଜର ବାକ୍ୟାବଳୀ ପବିତ୍ର କରୁଅଛି ।

ପୃଥିବ୍ୟାଂ ଜଳେନ ଶିଖିନା ମରୁତାୟରେଶ ।
ହୋତ୍ରେନ୍ଦୁନା ଦିନ କରେଣ ଚ ମୂର୍ତ୍ତିଭାଜଃ ॥
ଦେବସ୍ୟ ମନ୍ମଥରିପୋରାପି ଶକ୍ତିମତ୍ତା ।
ହେତୁସ୍ତ୍ୱମେବ ଖଳୁ ପର୍ବତରାଜପୁତ୍ରୀ ॥

ହେ ପର୍ବତ ରାଜାଙ୍କ ପୁତ୍ରୀ ! ଯିଏ ପୃଥିବୀ, ଜଳ, ତେଜ, ବାୟୁ, ଆକାଶ, ଯଜମାନ,

ସୋମ ଓ ସୂର୍ଯ୍ୟଙ୍କ ମୂର୍ତ୍ତିରେ ବିରାଜମାନ, ଯିଏ କାମଦେବ ଧ୍ୱଂସ କରିଥିଲେ, ସେହି ମହାଦେବଙ୍କୁ ମଧ୍ୟତ୍ରୈଲୋକ୍ୟ ସଂହାର କରିବାର ଶକ୍ତି ତୁମ ଦ୍ୱାରା ଦିଆଯାଇଥିଲା ।

ତ୍ରିସ୍ରୋତସଃ ସକଳଲୋକ ସମାର୍ଚ୍ଚିତାୟା ।
ବୈଶିଷ୍ଟ୍ୟକାରଣମବୈମି ତଦେବ ମାତଃ ॥
ତ୍ୱତ୍ପଦପଂକଜପରାଗପବିତ୍ରିତାସୁ ।
ଶର୍ମୋର୍ଜ୍ଜଟାସୁ ନିୟତଂ ପରିବର୍ତ୍ତନଂ ଯତ୍ ॥

ହେ ମାତା ! ତୁମର ଚରଣ କମଳର ରେଣୁରେ ପବିତ୍ର ହୋଇଥିବା ଶିବଙ୍କ ଶିରର ଜଟାରେ ତିନିଧାର ବିଶିଷ୍ଟ ଭାଗିରଥୀ ସର୍ବଦା ଶୋଭା ପାଇଆସୁଛନ୍ତି । ଏଥିପାଇଁ ତାହାଙ୍କୁ ସମସ୍ତ ପୂଜା କରୁଛନ୍ତି ଓ ଏହି କାରଣରୁ ସେ ସୁନ୍ଦରୀ ଭାବେ ପ୍ରାଧାନ୍ୟତା ପାଇଛନ୍ତି ।

ଆନନ୍ଦୟେତ୍ କୁମୁଦିନୀ ମଧୀପଃ କଳାନାଂ ।
ନାନ୍ୟାମିନଃ କମଳିନୀମଥ ନେତରାଂ ବା ॥
ଏକସ୍ୟ ମୋଦନବିଧୌ ପରମେକମୀଷ୍ଟେ ।
ତ୍ୱନ୍ତୁ ପ୍ରପଞ୍ଚମଭିନନ୍ଦୟସି ସ୍ୱଦୃଷ୍ଟ୍ୟ ॥

ହେ ଜନନୀ ! ଯେପରି ଚନ୍ଦ୍ରମା କେବଳ କୁମୁଦିନୀର ଆନନ୍ଦ ବର୍ଦ୍ଧନ କରିଥା'ନ୍ତି ଓ ଅନ୍ୟ କାହାକୁ ନାହିଁ, ସୂର୍ଯ୍ୟ ମଧ୍ୟ ଏକମାତ୍ର ପଦ୍ମର ହିଁ ଆନନ୍ଦ ବଢାଏ, ଆଉ ଅନ୍ୟ କାହାରି ନୁହେଁ । ସେହିପରି ଆନନ୍ଦ ଦେବା ପାଇଁ ଗୋଟିଏ ଜିନିଷ ଗୋଟିଏ ପାଇଁ ନିର୍ଦ୍ଦିଷ୍ଟ ଅଟେ । ଏହି ପ୍ରକାର ସାରା ଜଗତକୁ ଏକମାତ୍ର ତୁମେ ହିଁ ଆନନ୍ଦ ଦେଉଛ ।

ଆଦ୍ୟାପ୍ୟଶେଷଜଗତାଂ ନବଯୌବନାସି ।
ଶୈଳାଧିରାଜତନୟାପ୍ୟତିକୋମଳାସି ॥
ତ୍ରଟୟାଃ ପ୍ରସୂରପି ତୟା ନ ସମିକ୍ଷିତାସି ।
ଧ୍ୟେୟାପି ଗୌରୀ ମନସୋ ନ ପଥି ସ୍ଥିତାସି ॥

ହେ ଜନନୀ ! ସମସ୍ତ ଜଗତର ଆଦିଭୂତ ହୋଇ ମଧ୍ୟ ତୁମେ ସର୍ବଦା ନବଯୁବତୀ ଅଟ । ତୁମେ ପର୍ବତରାଜଙ୍କର କନ୍ୟା ହୋଇ ମଧ୍ୟ ଅତି କୋମଳ ଅଟ । ତୁମେ ବେଦ ପ୍ରକାଶ କରିଅଛ । ବେଦ ତୁମର ତତ୍ତ୍ୱ ନିରୂପଣ କରିବା ପାଇଁ ଅସମର୍ଥ ଅଟେ । ହେ ଗୌରୀ ! ଯଦିଓ ତୁମେ ଧ୍ୟାନମଗ୍ନ କିନ୍ତୁ ଏହି ପ୍ରକାର ହୋଇ ମଧ୍ୟ ମନ ମଧ୍ୟରେ ରହିଅଛ ।

ଅସାଦ୍ୟ ଜନ୍ମ ମନୁଜେଷୁ ଚିରାଦ୍ଦୂରାପଂ ।
ତତ୍ରାପି ପାଟବମବାପ୍ୟ ନିଜେନ୍ଦ୍ରିୟାଣାମ୍ ॥

ନାଭ୍ୟର୍ଚ୍ଚୟନ୍ତି ଜଗତାଂ ଜନୟିତ୍ରି ଯେ ତ୍ୱାଂ ।
ନିଃ ଶ୍ରେଣୀ କାଗ୍ରମଧିରୂହ୍ୟ ପୁନଃ ପତନ୍ତି ॥

ହେ ଜଗତମାତା ! ଯିଏ ଦୁର୍ଲ୍ଲଭ ନରଜନ୍ମ ପାଇ ମଧ୍ୟ ତୁମର ପୂଜା କରନ୍ତି ନାହିଁ, ସେ ମୁକ୍ତିର ସିଢିରେ ଚଢି ମଧ୍ୟ ପୁନର୍ବାର ତଳକୁ ଖସି ପଡନ୍ତି ।

କର୍ପୂର ଚୂର୍ଣ୍ଣହିମବାରି ବିଲୋଡିତେନ ।
ଯେ ଚନ୍ଦନେନ କୁସୁମୈଷ୍ଟ ସୂଜାତଗନ୍ଧୈଃ ॥
ଆରାଧୟନ୍ତି ହି ଭବାନୀ ସମୁସୁକାସ୍ତ୍ୱାଂ
ତେ ଖଲ୍ୱଶେଷଭୂବନାଦି ଭୂବଂ ପ୍ରଥନ୍ତେ ॥

ହେ ଭବାନୀ ! ଯିଏ କର୍ପୂର ଚୂର୍ଣ୍ଣ ସଂଯୁକ୍ତ ଥଣ୍ଡା ପାଣିରେ ଘଷା ହୋଇଥିବା ଚନ୍ଦନ ଓ ସୁଗନ୍ଧିତ ପୁଷ୍ପଦ୍ୱାରା ଉତ୍କଣ୍ଠିତ ମନରେ ତୁମର ପୂଜା ଉପାସନା କରେ ସେ ସମସ୍ତ ଭୁବନର ଅଧିପତି ହୁଏ ।

ଆବିଶ୍ୟ ମଧ୍ୟପଦବୀଂ ପ୍ରଥମେ ସରୋଜେ ।
ସୁପ୍ତାହିରାଜ ସଦୃଶୀ ବିରଚଜ୍ଜ ବିଶ୍ୱମ୍ ॥
ବିଦ୍ୟୁଲ୍ଲତାବ ବଳୟବିଭ୍ରମମୁଦ୍ଧହନ୍ତି ।
ପଦ୍ମାନି ପଞ୍ଚ ବିଦଳୟ ସମଶନୁବାନା ॥

ହେ ଜନନୀ ! ତୁମେ ମୂଳାଧାର ପଦ୍ମ ଉପରେ ଶୋଇଥିବା ସର୍ପରାଜଙ୍କ ସମାନ ବିରାଜମାନ ହୋଇ ବିଶ୍ୱକୁ ରଚନା କରିଅଛ । ସେଠାରୁ ବିଜୁଳୀର ରେଖା ସମହ ସହିତ କ୍ରମାନୁସାରେ ଉର୍ଦ୍ଧ୍ୱରେ ରହିଥିବା ପଞ୍ଚପଦ୍ମକୁ ଭେଦି ସହସ୍ରଦଳ ପଦ୍ମ ପାଖୁଡାର ମଧ୍ୟରେ ଥିବା ପରମ ଶିବଙ୍କ ସହିତ ମିଳିତ ହୋଇଅଛ । ଏହା ବିଦ୍ୟୁଲ୍ଲତା ଯୋଗରେ ଜାଗ୍ରତ ଅଟେ ।

ତନ୍ନିର୍ଗତା ମୃତରସୈରଭିଷିଞ୍ଚ ଗାତ୍ରଂ ।
ମାର୍ଗେଣ ତେନ ବିଲୟଂ ପୁନରପ୍ୟବାପା ॥
ଯେଷାଂ ହୃଦି ସ୍ଫୁରତି ଜାତୁ ନ ତେ ଭବେୟୁ-
ସ୍ମାତମହେଶ୍ୱରକୁଟୁଂବିନୀ ଗର୍ଭାଭାଜଃ ॥

ହେ ଜନନୀ ହରଗୃହିଣୀ । ତୁମେ ସହସ୍ର ପାଖୁଡା ବିଶିଷ୍ଟ ପଦ୍ମରୁ ନିର୍ଗତ ହେଉଥିବା ସୁଧାରସରେ ଶରୀରକୁ ଅଭିଷିକ୍ତ କରି ସୁଷୁମ୍ନାନାଡୀ ମାର୍ଗରେ ପୁନର୍ବାର ଲୟ ପ୍ରାପ୍ତ ହୋଇଥାଅ, ତୁମେ ଯାହାର ହୃଦୟ କମଳରେ ଉଦିତ ହୁଅ ନାହିଁ ସେ ବାରମ୍ବାର ଜଠର ଯନ୍ତ୍ରଣା ପ୍ରାପ୍ତ ହୋଇଥାଏ ।

ଆଲମ୍ବିକୁନ୍ତଳଭରାମଭିରାମ ବକତ୍ରା-
ମାପୀବରସ୍ତନତଟୀଂ ତନୁବୃତ୍ତମଧ୍ୟାମ୍ ॥
ଚିନ୍ତାକ୍ଷସୂତ୍ର କଳଶାଲିଖିତାଢ୍ୟହସ୍ତାଂ ।
ମାତର୍ନମାମି ମନସା ତବ ଗୌରୀ ମୂର୍ତ୍ତିମ୍ ॥

ହେ ଜନନୀ! ତୁମର କେଶ ଲମ୍ବା ଅଟେ । ତୁମର ମୁଖ ଅତ୍ୟନ୍ତ ସୁନ୍ଦର ଅଟେ । ତୁମେ ଜନତସ୍ତନୀ । ତୁମର କଟୀ କ୍ଷୀଣ ଓ ତୁମର ଚାରିହାତରେ ଜ୍ଞାନମୁଦ୍ରା, ଜପମାଳା, କଳସ ଓ ପୁସ୍ତକ ରହିଛି । ହେ ଗୌରୀ! ତୁମର ଏଭଳି ମୂର୍ତ୍ତିକୁ ମୋର ନମସ୍କାର ।

ଆସ୍ଥାୟ ଯୋଗମବଜିତ୍ୟ ଚ ବୈରିଷଟକ-
ମାବଧ୍ୟ ଚେନ୍ଦ୍ରିୟଗଣଂ ମନସି ପ୍ରସନ୍ନେ ।
ପାଶାଂକୁଶାଭୟବରାଢ୍ୟକରାଂ ସୁବକତ୍ରା-
ମାଲୋକୟନ୍ତି ଭୁବନେଶ୍ୱରୀ ଯୋଗିନସ୍ତ୍ୱାମ୍ ॥

ହେ ଭୁବନେଶ୍ୱରୀ! ଯୋଗୀଜନ ଯୋଗର ଆଶ୍ରୟ ନେଇ କାମକ୍ରୋଧ ଆଦି ଶତ୍ରୁମାନଙ୍କୁ ଜିଣି ଇନ୍ଦ୍ରିୟଗୁଡିକୁ ବଶ କରି ପ୍ରଫୁଲ୍ଲ ଚିତ୍ତରେ ତୁମର ପାଶଙ୍କୁଶାଭୟକର ଯୁକ୍ତ ସୁଶୋହନ ମୁଖକୁ ଦର୍ଶନ କରିଥାଆନ୍ତି ।

ଉତ୍ତପ୍ତହାଟକନିଭା କରିଭିଷ୍ଟତୁ ର୍ଭି-
ରାବର୍ତ୍ତିତା ମୃତଘଟୈରଭିଷିଚ୍ୟମାନା ॥
ହସ୍ତଦ୍ୱୟେନ ନଳିନେ ରୁଚିରେ ବହନ୍ତି ।
ପଦ୍ମାପି ସାଭୟକରା ଭବସି ତ୍ୱମେବ ॥

ହେ ଜନନୀ! ଯିଏ ତପ୍ତ କାଞ୍ଚନ ସଦୃଶ ବର୍ଣ୍ଣା ଅଟନ୍ତି ଚାରୋଟି ହାତୀ ଜଳପୂରିତ ଘଟରେ ଯାହାଙ୍କୁ ଅଭିଷେକ କରନ୍ତି, ଯିଏ ଏକପାଖରେ ଦୁଇ ହାତରେ ପଦ୍ମ ଓ ଅନ୍ୟ ଦୁଇହାତରେ ଅଭୟ ତଥା ବରମୁଦ୍ରା ଧାରଣ କରିଛନ୍ତି ଏପରି ଲକ୍ଷ୍ମୀଦେବୀଙ୍କ ଭଳି ରୂପଧାରିଣୀ ତୁମେ ନିଜେ ।

ଅଷ୍ଟାଭିରୁଗ୍ରବିବିଧା ଯୁଧବାହିନୀଭି-
ର୍ଦୋର୍ବଲ୍ଲରୀଭିରଧିରୁହ୍ୟ ମୃଗାଧିରାଜମ୍ ॥
ଦୁର୍ବାଦଳଦ୍ୟୁତିରମର୍ତ୍ତ୍ୟବିପକ୍ଷ ପକ୍ଷାନ୍ ।
ନ୍ୟକ୍କୁର୍ବତୀ ତ୍ୱମସି ଦେବୀ ଭବାନୀ ଦୁର୍ଗେ ॥

ହେ ଦେବୀ ଭବାନୀ ! ଯିଏ ସିଂହ ଉପରେ ଉପବେଶନ କରି ଆଠଟି ହାତରେ ନାନା ପ୍ରକାର ଅସ୍ତ୍ର ଧାରଣ କରିଛନ୍ତି, ଯିଏ ଦୁର୍ବାଦଳ ଭଳି କାନ୍ତିଯୁକ୍ତ, ଯିଏ ଦେବତାମାନଙ୍କ

ଶତ୍ରୁଙ୍କୁ ପରାସ୍ତ କରିଛନ୍ତି; ସେହି ଦୁର୍ଗାସ୍ୱରୂପିଣୀ ମାତା ତୁମେ ଅଟ ।

ଆବିର୍ନିଦାଘଜଳଶୀକରଶୋଭିବକ୍ତ୍ରାଂ ।
ଗୁଞ୍ଜାଫଳେନ ପରିକଳ୍ପିତହାରୟଷ୍ଟିମ୍ ॥
ରତ୍ନାଂଶୁକାମ ମସିତ କାନ୍ତିମଳଂ କୃତାନ୍ତ୍ୱା-
ମାଦ୍ୟାଂ ପୁଳିନ୍ଦତରୁଣୀମସକୃତ ସ୍ମରାମି ॥

ଝାଳ ବାହାରୁଥିବା ବିନ୍ଦୁରେ ଯାହାଙ୍କର ମୁଖମଣ୍ଡଳ ଶୋଭା ପାଏ । ଯିଏ ଚୌଂଟଲୀ ମଞ୍ଜିରେ ତିଆରି ହାର ଧାରଣ କରିଛନ୍ତି, ପତ୍ର ଯାହାର ବସନ ଅଟେ, ସେହି କୃଷ୍ଣକାନ୍ତି ଧାରଣ କରି ଅନଙ୍ଗଙ୍କ ବଶରୁ ବଞ୍ଚିଥିବା ବା ଅନଙ୍ଗଙ୍କୁ ବଶ କରିଥିବା ଆଦ୍ୟା ତରୁଣୀଙ୍କୁ ମୁଁ ବାରମ୍ବାର ସ୍ମରଣ କରୁଅଛି ।

ହଂ ସୈର୍ଗତିକ୍ୱାଣିତନୂପୁରଦୂର କୃଷ୍ଟେ ।
ମୁଁ ତୈରିବାସ୍ତବଚଚନୈରନୁଗମ୍ୟମାନୌ ॥
ପଦ୍ମାବିବୋର୍ଧ୍ୱମୁଖରୂଢ ସୁଜାତନଳୌ ।
ଶ୍ରୀ କଣ୍ଠପତ୍ନୀ ଶିରସୈବ ଦଧେ ନବାଂଘ୍ରୀ ॥

ହେ ନୀଳକଣ୍ଠଙ୍କ ପତ୍ନୀ ! ହଂସ ଯେପରି ନୂପୁର ଶବ୍ଦ ଦ୍ୱାରା ଦୂରରୁ ଟାଣି ହୋଇଆସେ, ସେହିପରି ବେଦ ତୁମର ଚରଣ କମଳକୁ ଅନୁଗମନ କରେ । କିନ୍ତୁ ତୁମର ଚରଣ କମଳ ଶ୍ରେଷ୍ଠ ନୀଳକମଳ ଭଳି ବିରାଜମାନ ଅଟେ । ମୁଁ ତୁମର ଦୁଇ ଚରଣକୁ ମସ୍ତକ ଉପରେ ଧାରଣ କରୁଅଛି ।

ଉରୁ ସ୍ମରାମି ଜିତହସ୍ତିକରାବଲେପୌ ।
ସ୍ଫୌଲ୍ୟେନ ମାର୍ଦ୍ଦବତୟା ପରିଭୂତରମ୍ଭୌ ॥
ଶ୍ରେଣୀ ଭବସ୍ୟ ସହନୌ ପରିକଳ୍ପ୍ୟ ଦତ୍ତୌ ।
ସ୍ତନ୍ୟାବିବାଂଗବୟସା ତବ ମଧ୍ୟମେନ ॥

ହେ ଜନନୀ ! ତୁମର ଉରୁ ହାତୀମାନଙ୍କର ଶୁଣ୍ଡର ଗର୍ବ ନଷ୍ଟ କରୁଅଛି । ସ୍ନିଗ୍ଧତା ଓ କୋମଳତାରେ କଦଳୀ ଗଛକୁ ପରାସ୍ତ କରୁଛି । ତୁମର ନିତମ୍ବ ଦେଶକୁ ଦର୍ଶନ କଲେ ମନେହୁଏ, ମଧ୍ୟଦେଶରେ ତାହା ସ୍ତମ୍ବ ସ୍ୱରୂପ କଳ୍ପନା କରାଯାଇଅଛି ।

ଶ୍ରୋ ଣୌୀ ସ୍ତନୌ ଚ ଯୁଗପତ୍ପ୍ରଥୟିଷ୍ୟତୋ ଜୈ-
ର୍ବାଲ୍ୟାସ୍ତରେଣ ବୟସା ପରିକୃଷ୍ଟ ସାରଃ ।
ରୋମାବଳୀବିଳସିତେନ ବିଭାବ୍ୟ ମୂର୍ତ୍ତି-
ର୍ମଧ୍ୟସ୍ତବ ସ୍ଫୁରତି ମେ ହୃଦୟସ୍ୟ ମଧ୍ୟେ ॥

ହେ ଦେବୀ ! ତୁମର ମଧ୍ୟ ଦେଶ ଦେଖିଲେ ଅନୁମାନ ହୁଏ, ତୁମର ନିତମ୍ବ ଓ ସ୍ତନମଣ୍ଡଳ ଦୁଇଟିର ଉଚ୍ଚତା ବିସ୍ତାର, କାରଣ ଯୌବନ ଦ୍ୱାରା ମଧ୍ୟ ଦେଶରୁ ସାର ଗ୍ରହଣ କରିଅଛି । ଏହି କାରଣରୁ ତୁମର ମଧ୍ୟ ଦେଶ ଅତ୍ୟନ୍ତ କ୍ଷୀଣ ହୋଇଯାଇଛି । ହେ ଜନନୀ ! ତୁମର ଏହି ମଧ୍ୟ ଦେଶ ମୋର ହୃଦୟରେ ସ୍ଫୁରିତ ହେଉ ।

ସଖ୍ୟଃ ସ୍ମରସ୍ୟ ହରନେତ୍ରହୁତାଶଭୀରୋ-
ର୍ଲାବଣ୍ୟପବାରିଭରିତଂ ନବଯୌବନେନ ।
ଆପାଦ୍ୟ ଦତ୍ତମିବ ପଲ୍ୱଳ ମପ୍ରଧୃଷ୍ୟଂ ।
ନାଭିଂ କଦାପି ତବ ଦେବୀ ନ ବିସ୍ମରେୟମ୍ ॥

ହେ ଜନନୀ ! ନବଯୁବତୀ ଶିବଙ୍କ ନେତ୍ରାଗ୍ନିକୁ ଡରି ରତିଙ୍କ ଲାବଣ୍ୟ ଜଳପୂର୍ଣ୍ଣ କରି କ୍ଷୁଦ୍ର ସରୋବର ଭଳି ତୁମର ନାଭି ତିଆରି ହୋଇଛି । ତୁମର ଏହି ନାଭିକୁ ମୁଁ କଦାପି ଭୁଲି ପାରିବି ନାହିଁ ।

ଈଶୋପଗୂହପିଶୁନଂ ଭସତଂ ଦଧାନେ ।
କାଶ୍ମୀରକର୍ଦ୍ଦମମନୁ ସ୍ତନପଙ୍କଜେ ତେ ॥
ସ୍ନାନୋତ୍ଥିତସ୍ୟ କରିଣଃ କ୍ଷଣଲକ୍ଷଫେନୌ ।
ସିନ୍ଦୁରିତୌ ସ୍ମରୟତଃ ସମଦସ୍ୟ କୁମ୍ଭୌ ॥

ହେ ଜନନୀ ! ତୁମର ଦୁଇ ଉନ୍ନତ ସ୍ତନରେ ଭସ୍ମ ଧାରଣ କରିଅଛ, ଏହାଦ୍ୱାରା ହରଙ୍କ ଆଲିଙ୍ଗନ ପ୍ରତୀତ ହେଉଅଛି ଓ ଏହି ଦୁଇ ସ୍ତନ ପଦ୍ମମୂଳରେ ଅନୁଲିପ୍ତ ହୋଇଥିବା କାରଣରୁ ସ୍ନାନ କରି ଉଠିଥିବା ହାତୀର ମଦଯୁକ୍ତ କ୍ଷଣମାତ୍ରକ ଫେଣ ଲାଗିଥିବା ଗଣ୍ଡସ୍ଥଳ ଭଳି ମନେ ହୁଏ ।

କଣ୍ଠାତିରିକ୍ତଗଳଦୁଜ୍ଜ୍ୱଳ କାନ୍ତି ଧାରା ।
ଶୋଭୌ ଭୂଜୌ ନିଜରିପୋର୍ମକରଧ୍ୱଜେନ ॥
କଣ୍ଠ ଗ୍ରହାୟ ରଚିତୌ କିଳ ଦୀର୍ଘପାଶୌ ।
ମାତର୍ନ୍ନମ ସ୍ମୃତିପଥଂ ନ ବିଳଂଘୟେତାମ୍ ॥

ତୁମର ଦୁଇହାତ ଦେଖିଲେ ଅନୁମାନ ହୁଏ, ଯେପରି କାମଦେବ ନିଜର ଶତ୍ରୁ ହରଙ୍କ କଣ୍ଠ ଗ୍ରହଣ କରିବା ପାଇଁ ଲମ୍ବା ଫାଶ ତିଆରି କରିଛନ୍ତି । ହେ ମାତା ! ତୁମର ଏହି ହସ୍ତଦ୍ୱୟକୁ ମୁଁ କେବେହେଲେ ଭୁଲିବି ନାହିଁ ।

ନାତ୍ୟାୟତଂ ରଚିତ କମ୍ବୁବିଲାସ ଚୌର୍ଯ୍ୟଂ ।
ଭୂଷଭରେଣ ବିବିଧେନ ବିରାଜମାନମ୍ ॥
କଣ୍ଠଂ ମନୋହରଗୁଣଂ ଗିରିରାଜକନ୍ୟେ ।
ସଞ୍ଚିନ୍ତ୍ୟ ତୃପ୍ତିମୁପୟାମି କଦାପି ନାହମ୍ ॥

ହେ ଗିରିରାଜ ନନ୍ଦିନୀ ! ଲାତିଦୀର୍ଘ, ନାନାରୂପେ ଅଳଙ୍କାରରେ ଅଳଙ୍କୃତ ମନୋହର ଗୁଣଯୁକ୍ତ ତୁମର କମ୍ବୁ କଣ୍ଠକୁ ମୁଁ ଚିନ୍ତା କରି କେବେ ହେଲେ ତୃପ୍ତି ଲାଭ କରିପାରୁନି ।

ଅତ୍ୟାୟତାକ୍ଷମଭିଜାତକ ଲାଟପଟଂ ।
ମନ୍ଦସ୍ମିତେନ ଦରଫୁଲ୍ଲକପୋଳରେଖମ୍ ॥
ବିମ୍ବାଧରଂ ବଦନ ମୁନ୍ନତଦୀର୍ଘନାସଂ ।
ଯସ୍ତେ ସ୍ମରତ୍ୟ ସକୃଦମ୍ବ ସ ଏବ ଜାତଃ ॥

ତୁମର ମୁଖମଣ୍ଡଳରେ ଓସାରିଆ ଚକ୍ଷୁ ରହିଛି । ଭୃଲତା ଅତି ମନୋହର ଦେଖାଯାଉଛି । ମୃଦୁ ହସ ଦ୍ୱାରା କପୋଳ ପ୍ରଫୁଲ୍ଲିତ ହେଉଅଛି । ଅଧର ତାଲିମ୍ବଫଳ ଭଳି ଶୋଭାପାଉଛି । ସୁନ୍ଦର ଚେହେରା ସାଙ୍ଗକୁ ଉନ୍ନତ ଦୀର୍ଘ ନାସିକା ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି, ଯେଉଁ ପୁରୁଷ ତୁମର ଏଭଳି ସୁନ୍ଦର ଶରୀରକୁ ସ୍ମରଣ କରିବ ତାଙ୍କର ଜନ୍ମ ସଫଳ ହେବ ।

ଆବିସ୍ମୁଷାରକରଲେଖ ମନଳ୍ପଗନ୍ଧ -
ପୁଷ୍ପୋପରି ଭ୍ରମଦଳିବ୍ରଜନିର୍ବିଶେଷମ୍ ॥
ଯସ୍ତେତସା କଳୟନ୍ତେ ତବ କେଶପାଶଂ ।
ତସ୍ୟ ସ୍ୱୟଂ ଗଳତି ଦେବୀ ପୁରାଣ ପାଶଃ ॥

ହେ ଦେବୀ ! ତୁମର କେଶରାଶି ଚନ୍ଦ୍ରମାଙ୍କ ଚାନ୍ଦିନୀରେ ସମୁଦ୍‌ଭାସିତ ହେଉଅଛି । ଏହା ସ୍ୱଳ୍ପ ଗନ୍ଧଯୁକ୍ତ କୁସୁମ ଉପରେ ଭ୍ରମଣ କରୁଥିବା ଭ୍ରମର ଭଳି ପ୍ରତୀତ ହୋଇଅଛି । ଯେଉଁ ପୁରୁଷ ତୁମର ଏଭଳି କେଶରାଶିକୁ ସ୍ମରଣ କରନ୍ତି ତାଙ୍କର ସନାତନ ସଂସ୍କାର ଫାଶ ଚିରଦିନ ପାଇଁ ଛିନ୍ନ ହୁଏ ।

ଶ୍ରୁତିସୁରଚିତ ପାକଂ ଧୀମତାଂ ସ୍ତୋତ୍ରମେତତ୍ ।
ପଠତି ଯ ଇହ ମର୍ତ୍ୟୋ ନିତ୍ୟମାର୍ଦ୍ରନ୍ତରାତ୍ମା ॥
ସଭବତି ପଦମୂଚ୍ଚୈଃ ସମ୍ପଦାଂ ପାଦନମ୍ରଃ ।
କ୍ଷିତି ପ ମୁକୁଟ ଲକ୍ଷ୍ମୀଲକ୍ଷଣାନାଂ ଚିରାୟ ॥

ଯେଉଁ ପୁରୁଷ ସୁଧୀଗଣଙ୍କର ଶ୍ରୁତି ସୁଖଦାୟକ ଏହି ସ୍ତୋତ୍ରକୁ ଆର୍ଦ୍ରଚିତ୍ତରେ ପ୍ରତିଦିନ ପଢନ୍ତି, ସେ ସର୍ବ ସମ୍ପଦର ପ୍ରଭୁ ହୁଅନ୍ତି ଓ ରାଜାଗଣ ତାହାଙ୍କ ଚରଣତଳେ ନତ ସ୍ୱୀକାର କରିଥାଆନ୍ତି ।

ପାତକ ଦହନ ଭୁବନେଶ୍ୱରୀ କବଚ

ଶିବ ଉବାଚ

ପାତକଂ ଦହନଂ ନାମ କବଚଂ ସର୍ବକାମ କମ୍ ।
ଶୃଣୁ ପାର୍ବତୀ ବକ୍ଷାମି ତବ ସ୍ନେହାତ୍ପ୍ରକାଶିତମ୍ ॥

ଶ୍ରୀ ଶିବ କହିଲେ - ହେ ପାର୍ବତୀ ! ପାତକ ଦହନ ନାମକ ଭୁବନେଶ୍ୱରୀଙ୍କ କବଚ କହୁଛି ଶୁଣ ! ଏହାଦ୍ୱାରା ସବୁ କାମନା ପୂର୍ଣ୍ଣ ହୋଇଥାଏ । ତୁମ ଉପରେ ସ୍ନେହଥିବାରୁ ଏହା ବ୍ୟକ୍ତ କରୁଛି ।

ପାତକଂ ଦହନସ୍ୟାସ୍ୟ ସଦାଶିବ ଋଷିଃ ସ୍ମୃତଃ ।
ଛନ୍ଦୋଅନୁଷ୍ଟପ୍ ଦେବତା ଚ ଭୁବନେଶୀ ପ୍ରକୀର୍ତ୍ତିତା ।
ଧର୍ମାର୍ଥକାମ ମୋକ୍ଷେଷୁ ବିନିଯୋଗଃ ପ୍ରକୀର୍ତ୍ତିତଃ ॥

ଏହି କବଚର ଋଷି ସଦାଶିବ, ଛନ୍ଦ ଅନୁଷ୍ଟୁପ୍, ଦେବତା ଭୁବନେଶ୍ୱରୀ ଓ ଧର୍ମାର୍ଥ କାମମୋକ୍ଷ ପାଇଁ ଏହା ବିନିଯୋଗ ହୁଏ ।


ଐଂ ବୀଜଂ ମେ ଶିରଃ ପାତୁ ହ୍ରୀଂ ବୀଜଂ ବଦନଂ ମମ ।
ଶ୍ରୀଂ ବୀଜଂ କଟୀଦେଶନ୍ତୁ ସର୍ବାଙ୍ଗ ଭୁବନେଶ୍ୱରୀ ।
ଦିକ୍ଷୁ ଚୈବ ବିଦିକ୍ଷ୍ୱୀୟଂ ଭୁବନେଶୀ ସଦାବତୁ ॥

ଐଂ ମୋର ମସ୍ତକକୁ, ହ୍ରୀଂ ମୋର ମୁଖକୁ, ଶ୍ରୀଂ ମୋର ଅଣ୍ଡାକୁ ଓ ଭୁବନେଶ୍ୱରୀ ମୋର ସର୍ବ ଅଙ୍ଗକୁ ରକ୍ଷା କରନ୍ତୁ । ସର୍ବ ଦିଗ, ସର୍ବତ୍ର ଭୁବନେଶ୍ୱରୀ ରକ୍ଷା ବିଧାନ କରନ୍ତୁ ।


ଅସ୍ୟାପି ପଠନାତ୍ସଦ୍ୟଃ କୁବେରୋଅପି ଧନେଶ୍ୱରଃ ।
ତସ୍ମାତ୍ସଦା ପ୍ରଯତ୍ନେନ ପଠେୟୁର୍ଜ୍ଞାନବା ଭୁବି ॥

ଏହି କବଚ ପାଠର ପ୍ରସାଦରୁ କୁବେର ସଙ୍ଗେ ସଙ୍ଗେ ଧନାଧିପତି ହୋଇଥିଲେ । ଏଣୁ ସାଧକମାନେ ଏହା ସର୍ବଦା ପଠନ କରିବା ଦରକାର ।

❖❖❖



ଶ୍ରୀ ଛିନ୍ନମସ୍ତା



ଶ୍ରୀ ଛିନ୍ନମସ୍ତା ଯନ୍ତ୍ର

୫. ଛିନ୍ନମସ୍ତିକା

ଥରେ ଆଦ୍ୟାଭବାନୀ ନିଜର ସହଚରୀ ଜୟ ଓ ବିଜୟାଙ୍କ ସହିତ ନଦୀକୁ ସ୍ନାନ କରିବା ପାଇଁ ଗଲେ । ସ୍ନାନ କରୁ କରୁ ଦେବୀଙ୍କ ହୃଦୟରେ ସୃଷ୍ଟି ନିର୍ମାଣ କରିବା ପାଇଁ ପ୍ରବଳ ଅଭିଳାଷ ଜାଗ୍ରତ ହେଲା । ଏହି ଇଚ୍ଛା ଶକ୍ତିର ପ୍ରଭାବରେ ଦେବୀଙ୍କ ରଙ୍ଗ କଳା ପଡିଗଲା । ସେ ନିଜେ ମଗ୍ନ ଥିଲେ ଓ ଅତ୍ୟଧିକ ସମୟ ବିତି ଯାଇଥିଲା । ଦୁଇ ସହଚରୀ ତାଙ୍କୁ କହିଲେ ସେମାନଙ୍କୁ ଭୋକ ଲାଗୁଛି ।

ଦେବୀ ସେମାନଙ୍କୁ ଅପେକ୍ଷା କରିବା ପାଇଁ କହିଲେ, କିଛି ସମୟ ପରେ ସେମାନେ ଦେବୀଙ୍କୁ କହିଲେ ସେମାନଙ୍କୁ ଭୋକ ଲାଗୁଛି । ତା' ପରେ ଦେବୀ ନିଜ ଖଣ୍ଡାରେ ନିଜର ଶିର ଛେଦନ କଲେ ଏବଂ ଏଥିରୁ ରକ୍ତଧାର ଛୁଟିବାକୁ ଲାଗିଲା । ଦେବୀ ନିଜର ଜଟାଶିରକୁ ନିଜ ହାତରେ ରଖିଦେଲେ । ହଠାତ୍ ପ୍ରବାହିତ ରକ୍ତକୁ ଏହାଙ୍କର ସହଚରୀମାନେ ତଥା ନିଜ ମୁଣ୍ଡରେ ପିଇବାକୁ ଲାଗିଲେ ।

ଭାରତରେ ଯେଉଁ ଚିନ୍ତପୂର୍ଣ୍ଣି ନାମକ ଦେବୀ ମନ୍ଦିର ହିମାଚଳ (ଉନାଜିଲ୍ଲା)ରେ ଭକ୍ତଙ୍କ ଆକର୍ଷଣର କେନ୍ଦ୍ର ହୋଇଛି ଏହା ଛିନ୍ନମସ୍ତା ଦେବୀଙ୍କ ମନ୍ଦିର ଅଟେ ।

ଛିନ୍ନମସ୍ତା ମନ୍ତ୍ର

ଶ୍ରୀଂ ହ୍ରୀଂ କ୍ଲୀଂ ଐଂ ବଜ୍ରବୈରାଚନୀୟେ ହୁଂ ହୁଂ ଫଟ୍ ସ୍ୱାହା ॥

ଛିନ୍ନମସ୍ତା ଧ୍ୟାନ :

ପ୍ରତ୍ୟାଳୀଢପଦାଂ ସଦୈବ ଦଧତୀଂ ଛିନ୍ନଂ ଶିରଃ କର୍ତ୍ତୃକାଂ ।
ଜିରାବସ୍ଥାଂ ସୂକବନ୍ଧଶୋଣିତ ସୁଧାଧାରାଂ ପିବନ୍ତିଂ ମୁଦା ॥
ନିଗାବଦ୍ଧ ଶିରୋମଣିଂ, ତ୍ରୟନୟନାଂ ହୃଦ୍ଧ୍ୟୁତ୍ପଳାଳଂକୃତାଂ ।
ରତ୍ୟାଂସକ୍ତମନୋଭବୋପରି ଦୃଢାଂ ଧାୟେଦ୍ଧପାସନ୍ନିଭାମ୍ ॥
ଦକ୍ଷେ ଚାତିସିତାବିମୁକ୍ତାଚିକୁରା କର୍ତ୍ତୁଂସ୍ତଥା ଖର୍ପରଂ ।
ହସ୍ତାଭ୍ୟାଂ ଦଧତି ରଜୋଗୁଣଭବୋ ନାମ୍ନାପିସା ବର୍ଣ୍ଣିନୀ ॥
ଦେବ୍ୟାଚ୍ଛିନ୍ନକବନ୍ଧତଃ ପତଦସୃଗ୍ଧାରଂ ପିବନ୍ତୀଂ ମୂଦା ।
ନାଗାବଦ୍ଧଶିରୋମଣିର୍ମନୁବିଦା ଧ୍ୟେୟ ସଦା ସା ସୂରୈଃ ॥
ବାମେ କୃଷ୍ଣତନୁସ୍ତଥୈବ ଦଧତୀ ଖଡ୍‌ଗଂ ତଥା ଖର୍ପରଂ ।

ପ୍ରତ୍ୟାଲିଢପଦାକବନ୍ଧବିଗଳଦ୍ରକ୍ତଂ ପିବନ୍ତି ମୃଦା ॥
ସୈଷା ଯା ପ୍ରଳୟେ ସମସ୍ତଭୁବନଂ ଭୋକ୍ତୁଂ କ୍ଷମାତାମସୀ ।
ଶକ୍ତିଃ ସାପିପରାତ୍ ପରା ଭଗବତୀ ନାମ୍ନାପରା ଡାକିନୀ ॥

ଦେବୀ ଆଗକୁ ପାଦ ବଢାଇଛନ୍ତି, ଅର୍ଥାତ୍ ଯୁଦ୍ଧ ପାଇଁ ଆଗକୁ ପାଦ ପକାଇଛନ୍ତି ଓ ଅନ୍ୟପାଦ ପଛକୁ କରି ବୀରବେଶରେ ଛିଡା ହୋଇଛନ୍ତି । ସେ ଛିନ୍ନଶିର ଓ ଖଡ୍ଗ ଧାରଣ କରିଛନ୍ତି । ଦେବୀ ବିବସନା ଓ ନିଜ ଛିନ୍ନ ଗଳାରୁ ବାହାରୁଥିବା ରକ୍ତ ପାନ କରୁଛନ୍ତି । ଏହାଙ୍କ ମସ୍ତକରେ ସର୍ପ ଆବଦ୍ଧ ମଣି ଅଛି, ତିନି ନେତ୍ର ରହିଛି ଓ ବକ୍ଷସ୍ଥଳ ପଦ୍ମଫୁଲ ମାଳରେ ଅଳଙ୍କୃତ ହୋଇଛି । ସେ କାମରତିରେ ଆସକ୍ତ ହୋଇ ଦଣ୍ଡାୟମାନ । ଏହାଙ୍କ ଦେହର କାନ୍ତି ଜବା ପୁଷ୍ପଭଳି ରକ୍ତବର୍ଣ୍ଣ ଅଟେ । ଦେବୀଙ୍କ ଡାହାଣ ପାଖରେ ଶ୍ୱେତବର୍ଣ୍ଣା, ଆଲୁଳୟତକେଶା, କର୍ତ୍ତୁକା ଓ ଖର୍ପର ଧାରିଣୀ ଏକ ଦେବୀ ଛିଡା ହୋଇଛନ୍ତି ଯାହାଙ୍କ ନାମ 'ବର୍ଣ୍ଣିନୀ' ଅଟେ । ଏହାଙ୍କ ମସ୍ତକରେ ନାଗବଦ୍ଧ ମଣି ଅଛି । ବାମ ପାଖରେ ଖଣ୍ଡାଖର୍ପର ଧାରିଣୀ କୃଷ୍ଣବର୍ଣ୍ଣା ଅନ୍ୟ ଏକ ଦେବୀ ଛିଡା ହୋଇଛନ୍ତି । ଏହି ଦେବୀ ଛିନ୍ନ ଗଳ ଦେଶରୁ ବହିଯାଉଥିବା ରକ୍ତ ପାନ କରୁଛନ୍ତି । ଏହାଙ୍କ ଡାହାଣ ପାଦ ଆଗକୁ ଓ ବାମ ପାଦ ପଛକୁ ରହିଛି । ସେ ପ୍ରଳୟ ସମୟରେ ସାରା ଜଗତକୁ ଭକ୍ଷଣ କରିବା ପାଇଁ ସମର୍ଥ ଅଟନ୍ତି । ତାଙ୍କର ନାମ 'ଡାକିନୀ' ଅଟେ ।

ଛିନ୍ନମସ୍ତା ସ୍ତୋତ୍ର

ନାଭୌ ଶୁଦ୍ଧସରୋଜ ରକ୍ତ ବିଳ ସନ୍ଧବ୍ଧୁକ ପୁଷ୍ପାରୁଣଂ ।
ଭାସ୍ୱଦଭ୍ରାସ୍କରମଣ୍ଡଳଂ ତଦୁଦରେ ତଦ୍ୟୋନିଚକ୍ରମ୍ପହତ୍ ॥
ତନ୍ମଧ୍ୟେ ବିପରୀତ ମୈଥୁନ ରତପ୍ରଦ୍ୟୁମ୍ନତଦ୍ଭାମିନୀ ।
ପୃଷ୍ଠସ୍ଥାଂ ତରୁଣାର୍କ କୋଟି ବଳସତେଜଃ ସ୍ୱରୂପାଂଶିବମ୍ ॥

ଏହାଙ୍କ ନାଭିଦେଶରେ ଶୁଦ୍ଧ ବିକଶିତ ପଦ୍ମ । ଏହା ମଧ୍ୟରେ ବନ୍ଧୁକ ପୁଷ୍ପ ଭଳି ଲାଲ୍ ବର୍ଣ୍ଣ ପ୍ରଦୀପ୍ତ ସୂର୍ଯ୍ୟ ମଣ୍ଡଳ ରହିଛି । ସେହି ରବିମଣ୍ଡଳ ମଧ୍ୟରେ ମହତ୍ ଯୋନି ଚକ୍ର ରହିଛି । ଏହା ମଧ୍ୟରେ ବିପରୀତ ମୈଥୁନ କ୍ରୀଡାରେ ଆସକ୍ତ କାମଦେବ ଓ ରତି ବିରାଜମାନ କରିଛନ୍ତି । ଏହି କାମଦେବ ଓ ରତିଙ୍କ ପୀଠରେ ଛିନ୍ନମସ୍ତା ରହିଛନ୍ତି । ସେ କୋଟି କୋଟି ସୂର୍ଯ୍ୟଙ୍କ ଭଳି ତେଜ ଶାଳିନୀ ଓ ମଙ୍ଗଳମୟୀ ଅଟନ୍ତି ।

ବାମେ ଛିନ୍ନଶିରୋଧରାଂ ତଦିତରେ ପାଣୌ ମହତ୍‌କର୍ତ୍ତୁକାଂ ।
ପ୍ରତ୍ୟାଳୀଢାପଦାଂ ଦିଗନ୍ତବସନାମୁନ୍ମୁକ୍ତକେଶବ୍ରଜାମ୍ ॥

ଛିନ୍ନାତ୍ମାୟଶିରଃ ସମୂଳସଦ୍‌ସ୍ଖଗ୍ଗାରାଂ ପିବନ୍ତୀଂ ପରାଂ ।
ବାଳାଦିତ୍ୟସମପ୍ରକାଶବିଳ ସନ୍ନେତ୍ରତ୍ରୟୋଦ୍ଭାସିନୀମ୍ ॥

ଏହାଙ୍କ ବାମହସ୍ତରେ ଛିନ୍ନମୁଣ୍ଡ ଏବଂ ଦକ୍ଷିଣ ହସ୍ତରେ ଭୟଙ୍କର କୃପାଣ ଶୋଭିତ । ଦେବୀ ଗୋଟିଏ ପାଦ ଆଗକୁ ଓ ଗୋଟିଏ ପାଦ ପଛକୁ କରି ବୀରବେଶରେ ରହିଛନ୍ତି । ଦେବୀ ଦିଗ୍‌ବସନା ଓ ଉନ୍ମୁକ୍ତକେଶୀ । ଏହାଙ୍କ କେଶ ମୁକୁଳାହୋଇଛି ସେ ନିଜର ଶିରକୁ ଛିନ୍ନ କରି ଏହାର ରକ୍ତ ପାନ କରୁଛନ୍ତି । ଏହାଙ୍କର ତିନି ନେତ୍ର ପ୍ରାତଃକାଳୀନ ସୂର୍ଯ୍ୟ ଭଳି ଜ୍ୟୋତିର୍ମୟ ।

ବାମାଦନ୍ୟତ୍ର ନାଳଂ ବହୁ ବହୁଳ ଗଳଦ୍‌ରକ୍ତଧାରାଭିରୂଚ୍ଚୈଃ ।
ପାୟନ୍ତୀମସ୍ଥିଭୂଷାଂ କରକମଳଳସତ୍କର୍ତ୍ତୁକାମୂଗ୍ରରୂପାମ୍ ॥
ରକ୍ତାମାରକ୍ତକେଶୀମପଗତ ବସନାଂ ବର୍ଣ୍ଣିନୀ ମାତୃଶକ୍ତିଂ ।
ପ୍ରତ୍ୟାଳୀଢୋରୂପାଦାମରୁଣୀତନୟନାଂ ଯୋଗିନୀଂ ଯୋଗନିଦ୍ରାମ୍ ॥

ଏହି ଦେବୀଙ୍କ ଡାହାଣ ଓ ବାମଭାଗରେ ନିଜ ଶକ୍ତି ରୂପା ଦେଇ ଯୋଗିନୀ ବିରାଜମାନ ହୋଇଛନ୍ତି । ଏହାଙ୍କ ଡାହାଣ ପାଖରେ ରହିଥିବା ଯୋଗିନୀଙ୍କ ହାତରେ ବଡ କର୍ତ୍ତୁକା ରହିଛି । ଏହା ଯୋଗିନୀଙ୍କର ଉଗ୍ର ମୂର୍ତ୍ତି ଅଟେ । ସେ ରକ୍ତ ବର୍ଣ୍ଣା ଓ ରକ୍ତ କେଶୀ ଅଟନ୍ତି । ସେ ନଗ୍ନ ପାଦୁ ଆଗକୁ କରି ରହିଛନ୍ତି । ଏହାଙ୍କ ନେତ୍ର ଲାଲ୍ ଅଟେ । ଏହି ଦେବୀ ଛିନ୍ନମସ୍ତାଙ୍କ ଦେହରୁ ବାହାରୁଥିବା ରକ୍ତକୁ ପାନ କରୁଛନ୍ତି ।

ଦିଗବସ୍ତ୍ରାଂ ମୁକ୍ତକେଶୀଂ ପ୍ରଳୟଘନଘଟାଘୋରରୂପାଂ ପ୍ରଚଣ୍ଡାଂ ।
ଦ୍ରଂଷ୍ଟା ଦୃଷ୍ଟ୍ୱେକ୍ଷ୍ୟବକ୍ତ୍ରୋଦରବିବରଳସଲ୍ଲୋଳଜିହ୍ୱାଗ୍ରଭାଗାମ୍ ॥
ବିଦ୍ୟୁଲ୍ଲୋଳାକ୍ଷିଯୁଗ୍ମାଂ ହୃଦୟତଟଳସତଦୋଗିଭୀମାଂ ସୁମୂର୍ତ୍ତି ।
ସଦ୍ୟାଚ୍ଛିନ୍ନାତ୍ମକଣ୍ଠ ପ୍ରଗଳିତ ରୂଧିରୈର୍ଡାକିନୀଂ ବର୍ଦ୍ଧୟନ୍ତୀମ୍ ॥

ଯେଉଁ ଯୋଗିନୀ ବାମଭାଗରେ ରହିଛନ୍ତି। ସେ ନଗ୍ନ ଅଟନ୍ତି ଓ ଏହାଙ୍କ କେଶ ମୁକୁଳା ରହିଛି। ଏହାଙ୍କର ମୂର୍ତ୍ତି ପ୍ରଳୟ କାଳରେ ମେଘ ଭଳି ଭୟଙ୍କର ଅଟେ। ସେ ପ୍ରଚଣ୍ଡସ୍ୱରୂପା ଅଟନ୍ତି । ଏହାଙ୍କ ମୁଖମଣ୍ଡଳରେ ଦାନ୍ତଗୁଡିକ ବାହାରକୁ ବାହାରିଛି। ଏଭଳି ମୁଖମଣ୍ଡଳରେ ଲୋଳଜିହ୍ୱା ଶୋଭା ପାଉଛି। ଏହାଙ୍କର ତିନି ନେତ୍ର ବିଜୁଳୀଭଳି ଚଞ୍ଚଳ ଅଟେ। ଏହାଙ୍କ ହୃଦ୍‌ପ୍ରଦେଶରେ ସର୍ପ ବିରାଜମାନ କରିଛି। କିନ୍ତୁ ସେ ସୁମୂର୍ତ୍ତି। ଛିନ୍ନମସ୍ତା ଦେବୀ ଏହି ଡାକିନୀକୁ ନିଜର ଛିନ୍ନ ଗଳାର ରୁଧିରରେ ତୃପ୍ତ କରିଆସୁଛନ୍ତି।

ବ୍ରହ୍ମେଶାନାଚ୍ୟୁତାଦ୍ୟୈଃ ଶିରସି ।
ବିନିହିତାମଂଦପାଦାରବିଂଦାମାତ୍ମଜୈର୍ଯୋଗିମୂଖ୍ୟୈଃ
ସୁନିପୁଣମନିଶଂଚିନ୍ତିତା ଚିନ୍ତ୍ୟରୂପାମ୍ ସଂସାରେ ସାରଭୂତାଂ
ତ୍ରିଭୁବନ ଜନନୀଂ ଛିନ୍ନମସ୍ତାଂ ପ୍ରଶସ୍ତାମିଷ୍ଟାଂ
ତାମିଷ୍ଟଦାତ୍ରୀଂ କଳିକଳୁଷହରାଂ ଚେତସା ଚିନ୍ତୟାମି ॥

ବ୍ରହ୍ମା, ଶିବ ଓ ବିଷ୍ଣୁ ଆଦି ଆତ୍ମଜ ଯୋଗିନ୍ଦ୍ରଗଣ ଏହି ଛିନ୍ନମସ୍ତା ଦେବୀଙ୍କ ପଦାରବିନ୍ଦକୁ ମସ୍ତକରେ ଧାରଣ କରିଛନ୍ତି । ସେମାନେ ପ୍ରତିଦିନ ଏହାଙ୍କ ଅଚିନ୍ତ୍ୟ ରୂପକୁ ମନନ କରୁଛନ୍ତି । ସେ ସଂସାରର ସାର ବସ୍ତୁ । ସେ ତିନି ଲୋକକୁ ସୃଷ୍ଟି କରିଛନ୍ତି । ସେ ମନୋରଥ ସିଦ୍ଧ କରନ୍ତି । ଏହି କାରଣରୁ କଳିଯୁଗରେ ପାପହରଣ କରୁଥିବା ଏହି ଦେବୀଙ୍କୁ ମୁଁ ମନରେ ଧ୍ୟାନ କରୁଛି ।

ଉତ୍ପତ୍ତି ସ୍ଥିତି ସଂହୃତୀର୍ଘଟୟିତୁଂ ଧତ୍ତେ ତ୍ରିରୂପାଂ ତନୁଂ ।
ତ୍ରୈଗୁଣ୍ୟା ଜ୍ଜଗତୋ ମଦୀୟବିକୃତି ର୍ବ୍ରହ୍ମାଚ୍ୟୁତଃ ଶୂଳଭୃତ୍ ॥
ତାମାଦ୍ୟାଂ ପ୍ରକୃତିଂ ସ୍ମରାମି ମନସା ସର୍ବାର୍ଥସଂସିଦ୍ଧୟେ ।
ଯସ୍ୟାଃ ସ୍ମେରପଦାରବିନ୍ଦଯୁଗଳେ ଲାଭଂ ଭଜନ୍ତେ ଅମରାଃ ॥

ଦେବୀ ଏହି ସଂସାରର ଉତ୍ପତ୍ତି, ସ୍ଥିତି ଓ ବିନାଶ କରିବା ପାଇଁ ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର ଏହି ତିନି ମୂର୍ତ୍ତିଙ୍କ ଅବତାରରେ ଅବତୀର୍ଣ୍ଣ । ପାଣିରେ ପଦ୍ମ ଖେଳିଲା ପରି ଦେବତାମାନେ ଏହାଙ୍କ ଦୁଇ ଚରଣକୁ ସର୍ବଦା ଭଜନ କରୁଛନ୍ତି । ସର୍ବାର୍ଥସିଦ୍ଧି ନିମନ୍ତେ ମୁଁ ଛିନ୍ନମସ୍ତ ଦେବୀଙ୍କୁ ମନରେ ଧ୍ୟାନ କରୁଅଛି ।

ଅପି ପିଶିତ-ପରସ୍ତ୍ରୀ-ଯୋଗପୂଜାପରୋଅହଂ ।
ବହୁବିଧ ଜଡଭାବାରମ୍ଭସମ୍ଭାବିତୋ ଅହମ୍ ॥
ପଶୁଜନବିରତୋଅହଂ ଭୈରବୀ ସଂସ୍ଥିତୋଅହଂ ।
ଗୁରୁଚରଣପରୋଅହଂ ଭୈରବୋଅହଂ ଶିବୋଅହମ୍ ॥

ମୁଁ ସର୍ବଦା ମଦ୍ୟ, ମାଂସ, ପରସ୍ତ୍ରୀ ଆସକ୍ତ ଓ ଯୋଗପରାୟଣ ଅଟେ । ମୁଁ ଜଗଦମ୍ବାଙ୍କ ଚରଣ କମଳରେ ଲିପ୍ତ ହୋଇ ବାହ୍ୟ ଜଗତରେ ରହି ଜଡ ଭାବାପନ୍ନ ଅଟେ । ମୁଁ ପଶୁ ଭାବାପନ୍ନ ସାଧକର ଅଙ୍ଗରୁ ଅଲଗା ଅଟେ । ମୁଁ ସବୁବେଳେ ଭୈରବ ଗଣଙ୍କ ମଧ୍ୟରେ ରହିଆସୁଛି । ମୁଁ ଗୁରୁଙ୍କ ଚରଣ କମଳକୁ ଧ୍ୟାନ କରି ଆସୁଅଛି । ମୁଁ ଭୈରବ ସ୍ୱରୂପ ଓ ମୁଁ ହିଁ ଶିବସ୍ୱରୂପ ଅଟେ ।

ଇଦଂ ସ୍ତୋତ୍ରଂ ମହାପୂଣ୍ୟଂ ବ୍ରହ୍ମଣା ଭାଷିତଂ ପୁରା ।
ସର୍ବସିଦ୍ଧିପ୍ରଦଂ ସାକ୍ଷାନ୍ମହାପାତକ ନାଶନମ୍ ॥

ମହାପୁଣ୍ୟପ୍ରଦ ସ୍ତୋତ୍ର ପ୍ରଥମେ ବ୍ରହ୍ମା କହିଥିଲେ । ଏହି ସ୍ତୋତ୍ର ସଂପୂର୍ଣ୍ଣ ସିଦ୍ଧ ଦେଇଥାଏ । ଏହା ମଧ୍ୟ ମହାପାତକ ବିନାଶକାରୀ ଅଟେ ।

ଯଃ ପଠେତ୍ ପ୍ରାତରୁତ୍ଥାୟ ଦେବ୍ୟାଃ ସନ୍ନିହିତୋଅପିବା ।
ତସ୍ୟ ସିଦ୍ଧିର୍ଭବେଦ୍ଦେବୀ ବାଞ୍ଛିତାର୍ଥପ୍ରଦାୟିନୀ ॥

ଯେଉଁ ମନୁଷ୍ୟ ପ୍ରାତଃକାଳରେ ଶଯ୍ୟାରୁ ଉଠି ବା ଛିନ୍ନମସ୍ତାଦେବୀଙ୍କ ପୂଜା ସମୟରେ ଏହି ସ୍ତୋତ୍ର ପାଠକରନ୍ତି, ହେ ଦେବୀ ! ଏହାଙ୍କ ମନକାମ ଶୀଘ୍ର ପୂର୍ଣ୍ଣ ହୋଇଥାଏ ।

ଧନଂଧାନ୍ୟଂ ସୂତାଂ ଜାୟାଂ ହୟଂ ହସ୍ତିନମେବଚ ।
ବସୁନ୍ଧରାଂ ମହାବିଦ୍ୟାମଷ୍ଟସିଦ୍ଧିର୍ଭବେଦ୍ଧ୍ରୁବମ୍ ॥

ଏହି ସ୍ତୋତ୍ରକୁ ପାଠ କରିବା ମନୁଷ୍ୟମାନଙ୍କ ଧନ, ଧାନ୍ୟ, ପୁତ୍ର, କଳତ୍ର, ଘୋଡା, ହାତୀ ଓ ପୃଥିବୀ ପ୍ରାପ୍ତ ହୋଇଥାଏ । ସେ ଅଷ୍ଟସିଦ୍ଧି ଓ ନବସିଦ୍ଧି ପ୍ରାପ୍ତ ହୁଅନ୍ତି ।

ବୈୟାଘ୍ରଜିନ ରଞ୍ଜିତ ସ୍ୱଜଘନେ ରମ୍ୟେ ପ୍ରଲମୋଦରେ ।
ସର୍ବେ ଅନିର୍ବଚନୀୟପର୍ବସୁଭଗେ ମୁଣ୍ଡାବଳୀମଣ୍ଡିତେ ॥
କତ୍ରିଂ କୁନ୍ଦରଚିଂ ବିଚିତ୍ର ରଚନାଂ ଜ୍ଞାନଂ ଦଧାନେ ପଦେ ।
ମାତର୍ଭକ୍ତଜନାନୁକମ୍ପିତ ମହାମାୟେ ଅସ୍ତୁ ଦୁଭ୍ୟଂନମଃ ॥

ହେ ମାତା ! ତୁମେ ବ୍ୟାଘ୍ରଚର୍ମ ପିନ୍ଧିଅଛ । ତୁମେ ଅତ୍ୟନ୍ତ ସୁନ୍ଦରୀ ଅଟ । ତୁମର ଲମ୍ବ ଉଦର ରହିଛି । ତୁମର ଆକୃତି ଛୋଟ ଅଟେ । ତୁମର ଶରୀର ଅନିର୍ବଚନୀୟ ତ୍ରିବଳୀରେ ଶୋଭାପାଉଛି । ତୁମେ ମୁକ୍ତାରେ ବିଭୂଷିତ ହୋଇଛ । ତୁମେ ହାତରେ କୁନ୍ଦଭଳି ଶ୍ୱେତବର୍ଣ୍ଣର ଶସ୍ତ୍ର ଧାରଣ କରିଛ । ତୁମେ ଭକ୍ତଙ୍କ ଉପରେ ସର୍ବଦା ଦୟା କରୁଛ । ହେ ମହାମାୟା । ତୁମକୁ ବାରମ୍ବାର ନମସ୍କାର କରୁଅଛି ।

ଛିନ୍ନମସ୍ତା କବଚ

ହୁଂ ବୀଜାତ୍ମିକା ଦେବୀ ମୁଣ୍ଡକର୍ତ୍ତୁଧରାପରା ।
ହୃଦୟଂ ପାତୁ ସା ଦେବୀ ବର୍ଣ୍ଣିନୀ ଡାକିନୀଯୁତା ॥

ଦେବୀ ଡାକିନୀ ସହ ମିଶି ମୁଣ୍ଡ କର୍ତ୍ତୁ ଧାରଣ କରିଛନ୍ତି । ହୁଂ ବୀଜଯୁକ୍ତ ମହାଦେବୀ ମୋର ହୃଦୟକୁ ରକ୍ଷା କରନ୍ତୁ ।

ଶ୍ରୀଂ ହ୍ରୀଂ ହୁଂ ଐଂ ଚୈବ ଦେବୀ ପୁବଂସ୍ୟାଂ ପାତୁସର୍ବଦା ।
ସର୍ବାଙ୍ଗ ମେ ସଦା ପାତୁ ଛିନ୍ନମସ୍ତା ମହାବଳା ॥

ଶ୍ରୀଂ ହ୍ରୀଂ ହୁଂ ଐଂ ବୀଜମନ୍ତ୍ରର ଦେବୀ ମୋର ପୂର୍ବପାର୍ଶ୍ୱକୁ ଓ ମହାବଳୀ ଛିନ୍ନମସ୍ତା ସର୍ବଦା ମୋର ସର୍ବାଙ୍ଗକୁ ରକ୍ଷା କରନ୍ତୁ ।

ବଜ୍ର ବୈରୋଚନୀୟେ ହୁଂ ଫଟ୍ ବୀଜସମନ୍ୱିତା ।
ଉତ୍ତରସ୍ୟାଂ ତଥାଗ୍ନୌ ଚ ବାରୁଣା ନୈଋତେଅବତୁ ॥

ବଜ୍ରବୈରୋଚନୀୟ ହୁଂ ଫଟ୍ ଏହି ବୀଜଯୁକ୍ତ ଦେବୀ ଉତ୍ତରରେ, ଅଗ୍ନି, ବରୁଣ ଓ ନୈଋତ ଦିଗରେ ମୋତେ ରକ୍ଷା କରନ୍ତୁ ।

ଇନ୍ଦ୍ରାକ୍ଷୀ ଭୈରବୀ ଚୈବାସିତାଂଗୀ ଚ ସଂହାରିଣୀ ।
ସର୍ବଦା ପାତୁ ମାଂ ଦେବୀ ଚାନ୍ୟାନ୍ୟାସୁ ହି ଦିକ୍ଷୁ ବୈ ॥

ଇନ୍ଦ୍ରାକ୍ଷୀ, ଭୈରବୀ, ଅସିତାଂଗୀ ଓ ସଂହାରିଣୀ ଦେବୀ ସବୁବେଳେ ମୋତେ ସବୁଦିଗରେ ରକ୍ଷା କରନ୍ତୁ ।


ଇଦଂ କବଚମଜ୍ଞାତ୍ୱା ଯୋ ଜବପେଚ୍ଛିନ୍ନମସ୍ତକାମ୍ ।
ନତସ୍ୟ ଫଳସିଦ୍ଧି ସ୍ୟାଲ୍ଲକ୍ଷକୋଟିଶତୈରପି ॥

ଏହି କବଚ ବିଷୟରେ ଅଜ୍ଞ ରହି ଯେଉଁ ପୁରୁଷ ଛିନ୍ନମସ୍ତାଙ୍କ ମନ୍ତ୍ର ଜପକରନ୍ତି ସେ ଶହେ କୋଟି କଳ୍ପ ପର୍ଯ୍ୟନ୍ତ ମଧ୍ୟ ଏହାର ଫଳ ପ୍ରାପ୍ତ ହୁଅନ୍ତି ନାହିଁ ।

❖❖❖



ଶ୍ରୀ ତ୍ରିପୁର ଭୈରବୀ



ଶ୍ରୀ ତ୍ରିପୁର ଭୈରବୀ ଯନ୍ତ୍ର

୬. ତ୍ରିପୁର ଭୈରବୀ

ଭୈରବୀ ଯୋଗେଶ୍ୱରୀ ରୂପ ଧାରଣ କରିଥିବା ଉମା ଅଟନ୍ତି । ସେ ଜଗତର ମୂଳ କାରଣ ଅଟନ୍ତି ।

ପୂର୍ବରୁ ବର୍ଣ୍ଣିତ ଘଟଣା ଅନୁସାରେ ଯେତେବେଳେ ଶିବଙ୍କର ପଥ ଅବରୁଦ୍ଧ କରି ଦଶଦିଗରେ ଦଶମହାବିଦ୍ୟା ଦର୍ଶନ ଦେଲେ ଓ ଶିବ ଏମାନଙ୍କୁ ତାଙ୍କର ପରିଚୟ ମାଗିଲେ, ସେତେବେଳେ ପାର୍ବତୀ କହିଲେ -

ଅହଂ ତୁ ଭୈରବୀ ଭୀମାଂ ଶମ୍ଭୋ ମା ତ୍ୱ ଅଭୟଂ କୁରୁ ॥

ଅର୍ଥାତ୍ ହେ ଶିବ ! ମୁଁ ନିଜେ ହିଁ ଭୈରବୀ ରୂପରେ ଆପଣଙ୍କୁ ଅଭୟଦାନ ଦେବା ପାଇଁ ପ୍ରସ୍ତୁତ ହୋଇଅଛି ।

ଏଣୁ କୁହାଯାଏ ପାର୍ବତୀ ହିଁ ଭୈରବୀ ଅଟନ୍ତି ।

ଭୈରବୀଙ୍କୁ ଘୋର କର୍ମବେଳେ ମୁଖ୍ୟତଃ ଉପଯୋଗ କରାଯାଇଥାଏ । ଏହାଙ୍କ ଧ୍ୟାନ ବିଷୟରେ ସପ୍ତସତୀର ତୃତୀୟ ଅଧ୍ୟାୟରେ ଉଲ୍ଲେଖ କରାଯାଇଛି । ଏଥିରେ ମହିଷାସୁର ବଧ ସମ୍ପର୍କରେ ଆଲୋଚନା କରାଯାଇଛି । ତାଙ୍କର ରକ୍ତ ଲାଲ୍, ସେ ଲାଲ୍ ବସ୍ତ୍ର ପିନ୍ଧିଥିଲେ, ଗଳାରେ ମୁଣ୍ଡମାଳ ଧାରଣ କରିଥିଲେ, ସ୍ତନରେ ରକ୍ତଚନ୍ଦନର ଲେପ ଦେଇଥିଲେ । କମଳ ଆସନରେ ବିରାଜମାନ ହୋଇଥିଲେ । ଜପମାଳା, ପୁସ୍ତକ ଅଭୟ ବର ମୁଦ୍ରା ଧାରଣ କରିଥିଲେ । ମଧୁପାନ କରି ମହିଷାସୁର ହୃଦୟ ବିଦୀର୍ଣ୍ଣ କରି ବଧ କରିବା ପାଇଁ ବିକଟାଳ ରୂପ ଧାରଣ କରିଥିଲେ । ଏହାଙ୍କ ଯନ୍ତ୍ର ସୁନାରେ ତିଆରି କରି ଧାରଣ କରିବା ଦରକାର । ବିପଦରୁ ମୁକ୍ତି ପାଇଁ ଏହାଙ୍କ ଉପାସନା କରିବା ଉଚିତ୍ । ଜବଲପୁର ପାଖରେ ଥିବା ପ୍ରାଚୀନ ସ୍ଥାନ ତ୍ରିପୁରୀ ଏହି ଶକ୍ତିଙ୍କର ଆରାଧନା ପୀଠ ଅଟେ ।

ଭୈରବୀ ମନ୍ତ୍ର

ହସରୈଂ ହସକଲରୀଂ ହସରୌଃ । ହସରୈଂ ହସ କଲରୀଂ ହସରୌଃ ॥

ଭୈରବୀ ଧ୍ୟାନ

ଉଦ୍ୟଦ୍ଭାନୁ ସହସ୍ରକାନ୍ତି ମରୁଣକ୍ଷୌମାଂ ଶିରୋମାଳିକାଂ ।
ରକ୍ତା ଲିପ୍ତପୟୋଧରାଂ ଜପବଟୀଂ ବିଦ୍ୟାମଭୀତିଂ ବରମ୍ ।
ହସ୍ତାବଜୈର୍ଦଧତୀଂ ତ୍ରିନେତ୍ର ବିଳସଦ୍‌ରକ୍ତାରବିନ୍ଦଶ୍ରିୟଂ
ଦେବୀଂ ବଦ୍ଧହିମାଂଶୂରକ୍ତ ମୁକୁଟାଂ ବନ୍ଦେ ସମନ୍ଦିସ୍ମିତାମ୍ ॥

ଦେବୀଙ୍କ ଦେହର କାନ୍ତି ଉଦୟ ହେଉଥିବା ସହସ୍ରସୂର୍ଯ୍ୟଙ୍କ ସମାନ ଅଟେ । ରକ୍ତବର୍ଣ୍ଣର ବସ୍ତ୍ର ପିନ୍ଧି, ଗଳାରେ ମୁଣ୍ଡମାଳା ଓ ଦୁଇସ୍ତନ ରକ୍ତବର୍ଣ୍ଣ କରି ଚାରିହାତରେ ଜପାମାଳା, ପୁସ୍ତକ, ଅଭୟମୁଦ୍ରା ତଥା ବରମୁଦ୍ରା ଧାରଣ କରିଛନ୍ତି । ଲଲାଟରେ ଚନ୍ଦ୍ର ବିଦ୍ୟମାନ ହୋଇଛନ୍ତି । ଏହାଙ୍କ ତିନିନେତ୍ର ଲାଲରଙ୍ଗର କମଳଭଳି ହୋଇଛି । ମସ୍ତକରେ ରତ୍ନ ଜଡିତ ମୁକୁଟ ଓ ମୁଖରେ ମୃଦୁହାସ୍ୟ ବିରାଜିତ ଅଟେ ।

ଜପହୋମ :

ଦୀକ୍ଷାଂ ପ୍ରାପ୍ୟ ଜପେ ନ୍ମନ୍ତ୍ରଂ ତତ୍ତ୍ୱଲକ୍ଷଂ ଜିତେନ୍ଦ୍ରିୟଃ ।
ପୁଷ୍ପୈର୍ଭାନୁସହସ୍ରାଣି ଜୁହ୍ୱୟାଦ୍‌ବ୍ରହ୍ମାବୃକ୍ଷଜୈଃ ॥

ଉପରୋକ୍ତ ମନ୍ତ୍ରକୁ ଦଶଲକ୍ଷ ଥର ଜପ କଲେ ପୁରଶ୍ଚରଣ ପୂର୍ଣ୍ଣ ହୋଇଥାଏ ଓ ପଲାସ ଫୁଲରେ ବାରହଜାର ଆହୁତି ହୋମ କରିବାକୁ ହୁଏ ।

ଭୈରବୀ ସ୍ତୋତ୍ର

ସ୍ତୁତ୍ୟା ଅନୟା ତ୍ୱାଂ ତ୍ରିପୁରେ ସ୍ତୋଷ୍ୟେ ଅଭିଷ୍ଟଫଳାପ୍ତୟେ ।
ଯଯା ବ୍ରଜନ୍ତି ତାଂ ଲକ୍ଷ୍ମୀଂ ମନୂଜାଃ ସୂରପୂଜିତାମ୍ ॥

ହେ ତ୍ରିପୁରେ ! ମୁଁ ବାଞ୍ଛିତ ଫଳ ପାଇବା ଆଶାରେ ତୁମକୁ ସ୍ତୁତି କରୁଅଛି । ଏହି ସ୍ତୁତି ଦ୍ୱାରା ମନୁଷ୍ୟମାନେ ଦେବତାମାନଙ୍କ ଦ୍ୱାରା ପୂଜିତ ଧନଦେବୀଙ୍କୁ ପାଇପାରନ୍ତି ।

ବ୍ରହ୍ମାଦୟଃ ସ୍ତୁତିଶତୈରପି ସୂକ୍ଷ୍ମରୂପାଂ ।
ଜାନନ୍ତି ନୈବ ଜଗଦାଦିମନାଦିମୂର୍ତ୍ତିମ୍ ।
ତସ୍ମାଦ୍ୱୟଂ କୁଚନତାଂ ନବକୁଂକୁମାଭାଂ ।
ସ୍ତୁଳାଂ ସ୍ତୁମଃ ସକଳ ବାଙମୟ ମାତୃଭୂତାମ୍ ॥

ହେ ଜନନୀ! ତୁମେ ଜଗତର ଆଦ୍ୟାଶକ୍ତି ଅଟ । ତୁମର ଆଦି ନାହିଁ । ଏହି କାରଣରୁ ବ୍ରହ୍ମା ଆଦି ଦେବତାଗଣ ମଧ୍ୟ ଶହେ କୋଟି ସ୍ତୁତି କରି ମଧ୍ୟ ତୁମକୁ ବୁଝିବା ପାଇଁ ସମର୍ଥ ହୋଇନାହାନ୍ତି । ତାଙ୍କର ଏଭଳି ବାକ୍‌ସମ୍ପତ୍ତି ନାହିଁ, ଯେ ତୁମର ସ୍ତୁତି କରିବାକୁ ସମର୍ଥ ହେବେ । ଏହି କାରଣରୁ ଆମେ କୁଙ୍କୁମ ଭଳି କାନ୍ତିଯୁକ୍ତ, ବାକ୍ୟାବଳୀର ଜନନୀ ଉନ୍ନତ ସ୍ତନ ଧାରିଣୀ ଦେବୀଙ୍କର ସ୍ତୁତିଗାନ କରୁଛୁ ।

ସଦ୍ୟଃ ସମୁଦ୍ୟତେ ସହସ୍ରଦିବା କରାଭାଂ ।
ବିଦ୍ୟାକ୍ଷସୂତ୍ର ବରଦାଭୟ ଚିହ୍ନହସ୍ତାମ୍ ।
ନେତ୍ରୋତ୍ପଲୈସ୍ତ୍ରୀଭିରଳଂ କୃତବର ପଦ୍ମାଂ ।
ତ୍ୱାଂ ହାରଭାରରୁଚିରାଂ ତ୍ରିପୁରେ ଭଜାମଃ ॥

ହେ ତ୍ରିପୁରେ ! ତୁମ ଦେହର କାନ୍ତି ଉଦୟ ହେଉଥିବା ହଜାର ସୂର୍ଯ୍ୟ ସମାନ ଉଜ୍ୱଳ ଅଟେ । ତୁମେ ଚାରିହାତରେ ବିଦ୍ୟା, ଅକ୍ଷୟସୂତ୍ର ଓ ବର ଅଭୟ ଧାରଣ କରିଅଛ । ତୁମର ତିନି ନେତ୍ର ଦ୍ୱାରା ମୁଖ କମଳ ଅଳଙ୍କୃତ ହୋଇଛି । ତୁମ ଗଳାରେ ହାର ବିରାଜମାନ ହୋଇଛି । ମୁଁ ତୁମକୁ ଆରାଧନା କରୁଛି ।

ସିନ୍ଦୁରପୁରରୁଚିରଂ କୁଚଭାରନମ୍ରଂ ।
ଜନ୍ମାନ୍ତରେଷୁ କୃତପୂଣ୍ୟଫଲୈକଗମ୍ୟମ୍ ।
ଅନ୍ୟୋନ୍ୟଭେଦକଳହାକୂଳମାନସାସ୍ତେ ।
ଜାନନ୍ତି କିଂ ଜଡଧିୟସ୍ତବ ରୂପ ମମ୍ବ ॥

ହେ ଜନନୀ ! ତୁମର ରୂପ ସିନ୍ଦୁର ଭଳି ଲାଲ୍ ବର୍ଣ୍ଣ ଅଟେ । ତୁମର ଦେହ ଭାରୀ ଏବଂ ଉନ୍ନତ ସ୍ତନ ଭାରରେ ଝୁଲି ରହିଅଛି । ଜନ୍ମଜନ୍ମାନ୍ତରେ ଯେଉଁମାନେ ଅଶେଷ ପୁଣ୍ୟ ସଂଚୟ କରିଛନ୍ତି । ସେ ଏହି ପୁଣ୍ୟର ପ୍ରଭାବରେ ତୁମର ଏପରି ରୂପ ଦେଖିବା ପାଇଁ ସମର୍ଥ ହେବେ । ଯେଉଁ ପୁରୁଷ ନିରନ୍ତର କୁଣ୍ଠିତମନା, କଳହରତ, ଏହି ଜଡ ବୁଦ୍ଧି ସମ୍ପନ୍ନ ପୁରୁଷ ତୁମର ଏପରି ରୂପକୁ କିପରି ଜାଣିପାରିବ ?

ସ୍ଥୂଳାଂ ବଦନ୍ତି ମୁନୟଃ ଶ୍ରୁତୟୋ ଗୃଣନ୍ତି ।
ସୂକ୍ଷ୍ମାଂ ବଦନ୍ତି ବଚସାମଧିବାସମନ୍ୟେ ।
ତ୍ୱାଂ ମୂଳମାହୁସ୍ତରେ ଜଗତାଂ ଭବାନି ।
ମନ୍ୟାମହେ ବୟମ ପାରକୃପାମ୍ବୁରାଶିମ୍ ॥

ହେ ଭବାନୀ ! ମୁନୀଗଣ ତୁମକୁ ସ୍ଥୂଳଭାବେ ବର୍ଣ୍ଣନା କରିଛନ୍ତି । ସ୍ତୁତି କରୁଥିବା ଲୋକ ତୁମକୁ ସୂକ୍ଷ୍ମ କହି ସ୍ତୁତି କରୁଛନ୍ତି । କେତେ ଲୋକ ତୁମକୁ ବାକ୍ୟର ଅଧିଷ୍ଠାତ୍ରୀ ଦେବୀ କହନ୍ତି । ଅନେକ ବିଦ୍ୱାନ ପୁରୁଷ ତୁମକୁ ଜଗତର ମୂଳ କାରଣ କହନ୍ତି କିନ୍ତୁ ମୁଁ ତୁମକୁ କେବଳ ମାତ୍ର ଦୟାର ଦେବୀ କରୁଣେଶ୍ୱରୀ ଭାବେ ଜାଣେ ।

ଚନ୍ଦ୍ରାବତଂସକଳିତାଂ ଶରଦିନ୍ଦୁଶୁଭ୍ରାଂ ।
ପଞ୍ଚାଶଦକ୍ଷରମୟୀଂ ହୃଦି ଭାବୟନ୍ତୀ ।
ତ୍ୱାଂ ପୁସ୍ତକଂ ଜପବଟୀମମୃତାଢ୍ୟକୁମ୍ଭଂ ।
ବ୍ୟାଖ୍ୟାଞ୍ଚ ହସ୍ତକମଳୈର୍ଦ୍ଦଧତୀଂ ତ୍ରିନେତ୍ରାମ୍ ॥

ହେ ଜନନୀ ! ତୁମେ ଚନ୍ଦ୍ରରେ ଅଳଙ୍କୃତ ହୋଇଛ । ତୁମ ଦେହରକାନ୍ତି ଶରତଋତୁର ଚନ୍ଦ୍ରଭଳି ଶୁଭ୍ର ଅଟେ । ତୁମେ ପଚାଶ ବର୍ଣ୍ଣଧାରଣ କରିଥିବା ବର୍ଣ୍ଣମାଳା ଅଟ । ତୁମର

ଚାରିହାତରେ ପୁସ୍ତକ, ଜପମାଳା, ସୁଧାପୂର୍ଣ୍ଣ କଳସ ଓ ବ୍ୟାଖ୍ୟାନ ମୁଦ୍ରା ରହିଛି । ତୁମର ତିନିନେତ୍ର ଅଛି । ସାଧକ ଏହି ପ୍ରକାରେ ତୁମକୁ ନିଜ ହୃଦୟ କମଳରେ ଧ୍ୟାନ କରେ ।

ଶମ୍ଭୁସ୍ତ୍ୱମଦ୍ରି ତନୟା କଳିତାର୍ଦ୍ଧ ଭାଗୋ ।
ବିଷ୍ଣୁସ୍ତମନ୍ୟ କମଳା ପରିବଦ୍ଧତହଃ ॥
ପଦ୍ମୋଦଭବ ସ୍ତ୍ୱମସି ବାଗାଧିବାସଭୂମିଃ ।
ଯେଷାଂ କ୍ରିୟାଶ୍ଚ ଜଗତି ତ୍ରିପୁରେ ତ୍ୱମେବ ॥

ହେ ଜନନୀ ! ତୁମେ ଅର୍ଦ୍ଧନାରୀଶ୍ୱର ଶମ୍ଭୁ ରୂପରେ ଶୋଭାପାଉଛ । ତୁମେ କମଳା ବିଷ୍ଣୁରୂପିଣୀ ଅଟ । ତୁମେ କମଳଯୋନି ବ୍ରହ୍ମାସ୍ୱରୂପିଣୀ ଅଟ । ତୁମେ ବାକ୍ ଅଧିଷ୍ଠାତ୍ରୀ ଦେବୀ ଅଟ । ବ୍ରହ୍ମା ଆଦିଙ୍କର ସୃଷ୍ଟିକ୍ରିୟା ଶକ୍ତି ମଧ୍ୟ କେବଳ ତୁମେ ।

ଆକୁଞ୍ଚ୍ୟ ବାୟୁମବଜିତ୍ୟ ଚ ବୈରିଷଟକ-
ମାଲୋକ୍ୟ ନିଶ୍ଚଳଧିୟୋ ନିଜନାସିକାଗ୍ରମ୍ ।
ଧାୟନ୍ତି ମୃଦ୍ଧ୍ନି କଳି ତେନ୍ଦୁକଳାବତଂସଂ ।
ତତ୍ତୁପମନ୍ୟ କୃତି ତସ୍ତରୁଣାର୍କମିତ୍ରମ୍ ॥

ହେ ଅମ୍ବିକା ! ବିଦ୍ୱାନ୍ ପୁରୁଷ ବାୟୁକୁ ନିରୋଧ ପୂର୍ବକ କାମ କ୍ରୋଧ ଆଦି ଛଅ ଶତ୍ରୁଙ୍କୁ ଜିଣି ନିଜ ନାସିକାର ଅଗ୍ରଭାଗ ଦେଖି ଚନ୍ଦ୍ର ସ୍ୱରୂପ ନୂତନ ଉଦୟ ହେଉଥିବା ସୂର୍ଯ୍ୟଭଳି ତୁମର ରୂପକୁ ସହସ୍ର ବାର ଧ୍ୟାନ କରିଥାଆନ୍ତି ।

ତ୍ୱଂ ପ୍ରାପ୍ୟ ମନ୍ଥରିପୋର୍ବପୁରର୍ଦ୍ଧଭାଗଂ ।
ସୃଷ୍ଟିଂ କରୋଷି ଜଗତାମିତି ବେଦବାଦଃ ।
ସତ୍ୟଂ ତଦଦ୍ରିତନୟେ ଜଗଦେକମାତ -
ର୍ନୋଚେଦଶେଷଜଗତଃ ସ୍ଥିତିରେବ ନ ସ୍ୟାତ ॥

ହେ ପର୍ବତରାଜ କନ୍ୟା ! ତୁମେ କାମକୁ ଦମନ କରିଥିବା ମହାଦେବଙ୍କ ଶରୀରର ଅର୍ଦ୍ଧାଂଶ ଅବଲମ୍ବନ କରି ଜଗତକୁ ଉତ୍ପନ୍ନ କରିଅଛ । ବେଦରେ କରାଯାଇଥିବା ଏହି ପ୍ରକାର ବର୍ଣ୍ଣନା ସତ୍ୟ ଅଟେ । ହେ ବିଶ୍ୱଜନନୀ ! ଯଦି ଏପରି ନ ହୋଇଥାଆନ୍ତା ତେବେ କେବେହେଲେ ଜଗତର ସୃଷ୍ଟି ସମ୍ଭବ ହୁଅନ୍ତା ନାହିଁ ।

ପୂଜାଂ ବିଧାୟ କୁସୁମୈଃ ସୁରପାଦପାନାଂ ।
ପୀଠେ ତବାମ୍ବ କନକାଚଳଗହ୍ୱରେଷୁ ।
ଗାୟନ୍ତି ସିଦ୍ଧବନିତାଃ ସହ କିନ୍ନରୀଭିଃ -
ରାସ୍ୱାଦିତାମୃତରସରୁଣପଦ୍ମନେତ୍ରାଃ ॥

ହେ ଜନନୀ ! ସିଦ୍ଧରମଣୀମାନେ କିନ୍ନରୀ ଗଣଙ୍କ ସହିତ ସମବେତ ହୋଇ ଆସବ ରସ ପାନ କରିବା ହେତୁ ସେମାନଙ୍କ ନେତ୍ର କମଳ ଲୋହିତ ବର୍ଣ୍ଣ ଧାରଣ କଲା । ସେ ପାରିଜାତ ଆଦି ଗଛର ଫୁଲରେ ତୁମର ପୂଜା କରି କରି କୈଳାସ ପର୍ବତ କନ୍ଦରରେ ତୁମର ନାମ ଗାଉଛନ୍ତି ।

ବିଦ୍ୟୁଦ୍ୱିଲାସବପୁଷଂ ଶ୍ରିୟମୂଦ୍ଧହନୀଂ ।
ଯାନ୍ତୀଂ ସ୍ୱବାସଭବନାଚ୍ଛିବରାଜଧନୀମ୍ ।
ସୌନ୍ଦର୍ଯ୍ୟରାଶିକମଳୀନି ବିକାଶୟନ୍ତୀଂ ।
ଦେବୀଂ ଭଜେ ହୃଦି ପରାମୃତସିକ୍ତ ଗାତ୍ରାମ୍ ॥

ହେ ଦେବୀ ! ଯିଏ ବିଜୁଳୀ ରେଖା ଭଳି ଦିପ୍ତୀମାନ୍ ଦେହ-ଧାରଣ କରିଛନ୍ତି, ଯିଏ ଅତି ଶୋଭାଯୁକ୍ତ, ଯିଏ ନିଜର ଆବାସସ୍ଥାନ ମୂଳାଧାର ପଦରୁ ସହସ୍ର କମଳରେ ପ୍ରୟାଣ ସମୟରେ ସୁଷୁମ୍ନା ମାର୍ଗସ୍ଥ ପଦ୍ମଗୁଡିକୁ ବିକଶିତ କରିଥାଆନ୍ତି । ଯାହାଙ୍କ ଶରୀର ପରମ ଅମୃତରେ ଅଭିଷିକ୍ତ । ତୁମେ ସେହି ଦେବୀ ! ମୁଁ ତୁମର ଆରାଧନା କରୁଅଛି ।

ଆନନ୍ଦ ଜନ୍ମଭବନଂ ଭବନଂ ଶ୍ରୁତୀନାଂ ।
ଚୈତନ୍ୟମାତ୍ରତନୁମମ୍ବ ତବାଶ୍ରୟାମି ।
ବ୍ରହ୍ମେଶବିଷ୍ଣୁଭିରୁପାସିତପାଦ ପଦ୍ମାଂ ।
ସୌଭାଗ୍ୟ ଜନ୍ମବସତୀଂ ଯଥାବତ୍ ॥

ହେ ତ୍ରିପୁରେ ! ତୁମର ଶରୀର ଆନନ୍ଦ ଭବନ ଅଟେ । ତୁମର ଶରୀରରୁ ହିଁ ଶ୍ରୁତିଗୁଡିକ ଉତ୍ପନ୍ନ ହୋଇଛି । ଏହି ଦେହ ଚୈତନ୍ୟ ମୟ ଅଟେ । ବ୍ରହ୍ମା, ବିଷ୍ଣୁ ଓ ମହାଦେବ ତୁମର ଚରଣ କମଳକୁ ଆରାଧନା କରନ୍ତି । ସୌଭାଗ୍ୟ ତୁମର ଶରୀରକୁ ଆଶ୍ରୟ କରି ଶୋଭାପାଉଅଛି । ମୁଁ ତୁମର ଏପରି ଶରୀରରେ ଆଶ୍ରୟ ଗ୍ରହଣ କରୁଅଛି ।

ସର୍ବାର୍ଥଭାବି ଭୁବନଂ ସୃଜତୀନ୍ଦୁରୂପା ।
ଯା ତାଦିର୍ବାର୍ଭତ ପୁରନର୍କତନୁଃ ସ୍ୱଶକ୍ତ୍ୟା ।
ବ୍ରହ୍ମାତ୍ମିକା ହରତି ତତ୍ ସକଳଂ ଯୁଗାନ୍ତେ ।
ତାଂ ଶାରଦାଂ ମନସି ଜାତୁ ନ ବିସ୍ମରାମି ॥

ହେ ଜନନୀ ! ଯିଏ ଚନ୍ଦ୍ରରୂପରେ ଭୁବନର ସୃଷ୍ଟି, ସୂର୍ଯ୍ୟ ରୂପରେ ପାଳନ ଓ ପ୍ରଳୟ କାଳରେ ଅଗ୍ନିରୂପରେ ଏହି ସବୁକୁ ଧ୍ୱଂସ କରନ୍ତି, ସେହି ଶାରଦା ଦେବୀଙ୍କୁ ମୁଁ କେବେହେଲେ ଭୁଲିବି ନାହିଁ ।

ନାରାୟଣତି ନରକାର୍ଣ୍ଣବ ତାରିଣୀତି । ଗୌରୀତି ଖେଦ ଶମନୀତି ସରସ୍ୱତୀତି ।।
ଜ୍ଞାନ ପ୍ରଦେତି ନୟନତ୍ରୟ ଭୂଷିତେତି । ତ୍ୱାମଦ୍ରିରାଜତନୟେ ବିବୁଧା ବଦନ୍ତି ॥

ହେ ପର୍ବତ ରାଜ କନ୍ୟା ! ସାଧକ ଗଣ ତୁମର ନାରାୟଣୀ, ନର୍କରୂପକ ସାଗରରୁ ଉଦ୍ଧାର କରୁଥିବା ଦେବୀ, ଗୌରୀ, ଦୁଃଖନାଶିନୀ, ସରସ୍ୱତୀ, ଜ୍ଞାନଦାତ୍ରୀ ଓ ନେତ୍ରତ୍ରୟରେ ଭୂଷିତ ରୂପକୁ ଆରାଧନା କରନ୍ତି ।

ଯେ ସ୍ତୁବନ୍ତି ଜଗନ୍ମାତା ଶ୍ଲୋକୈ ର୍ଦ୍ୱାଦଶଭିଃ କ୍ରମାତ୍ ।
ତ୍ୱାମନୁପ୍ରାପ୍ୟ ବାକ୍‌ସିଦ୍ଧିଂ ପ୍ରାପ୍ନୁୟୁସ୍ତେ ପରାଂଗତିମ୍ ॥

ହେ ଜଗତମାତା ! ଯେଉଁ ପୁରୁଷ ଏହି ବାରଟି ଶ୍ଲୋକରେ ତୁମକୁ ସ୍ତୁତି କରନ୍ତି, ସେ ତୁମକୁ ପାଇବା ପାଇଁ ବାକ୍‌ସିଦ୍ଧି ପ୍ରାପ୍ତ ହୋଇ ଶେଷରେ ପରମଗତି ପ୍ରାପ୍ତ ହୁଅନ୍ତି ।

ଭୈରବୀ କବଚ

ଭୈରବୀ କବଚସ୍ୟାସ୍ୟ ସଦାଶିବ ଋଷିଃ ସ୍ମୃତି ।
ଛନ୍ଦୋଅନୁଷ୍ଟବ୍ ଦେବତା ଚ ଭୈରବୀ ଭୟନାଶିନୀ ।
ଧର୍ମାର୍ଥକାମମୋକ୍ଷେଷୁ ବିନିଯୋଗଃ ପ୍ରକୀର୍ତ୍ତିତଃ ॥

ଭୈରବୀ କବଚର ଋଷି ସଦାଶିବ, ଛନ୍ଦ ଅନୁଷ୍ଟୁପ୍, ଦେବତା ଭୟନାଶିନୀ ଭୈରବୀ ଓ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରାପ୍ତି ପାଇଁ ଏହାର ବିନିଯୋଗ କରାଯାଏ ।

ହସରୈଂ ମେ ଶିରଃ ପାତୁ ଭୈରବୀ ଭୟନାଶିନୀ ।
ହସକଲରୀଂ ନେତ୍ରଞ୍ଚ ହସରୌଃ ଲଲାଟକମ୍ ।
କୁମାରୀ ସର୍ବଗାତ୍ରେ ଚ ବାରାହୀ ଉତ୍ତରେ ତଥା ।
ପୂର୍ବେ ଚ ବୈଷ୍ଣବୀ ଦେବୀ ଇନ୍ଦ୍ରାଣୀ ମମ ଦକ୍ଷିଣେ ।
ଦିଗ୍‌ବଦିକ୍ଷୁ ସର୍ବତ୍ରୈବ ଭୈରବୀ ସର୍ବଦାବତୁ ।
ଇଦଂ କବଚମାଜ୍ଞାତ୍ୱା ଯୋ ଜପେଦ୍ଦେବୀ ଭୈରବୀମ୍ ।
କଳ୍ପ କୋଟି ଶତେନାପି ସିଦ୍ଧିସ୍ତସ୍ୟ ନ ଜାୟତେ ॥


ହସରୈଂ ମୋର ମସ୍ତକ, ହସକଲରୀଂ ମୋର ନେତ୍ର, ହସରୌଃ ମୋର ଲଲାଟ ଓ କୁମାରୀ ମୋର ଶରୀରକୁ ରକ୍ଷା କରନ୍ତୁ । ବାରାହୀ ଉତ୍ତରଦିଗରେ, ବୈଷ୍ଣବୀ ପୂର୍ବଦିଗରେ, ଇନ୍ଦ୍ରାଣୀ ଦକ୍ଷିଣ ଦିଗରେ ଓ ଭୈରବୀ ଦିଗ ବିଦିଗରେ ସବୁଠାରେ ସବୁବେଳେ ମୋତେ ରକ୍ଷା କରନ୍ତୁ । ଏହି କବଚକୁ ନ ଜାଣି ଯେ କେହି ଭୈରବୀ ମନ୍ତ୍ର ଜପ କରନ୍ତି, ଶହେ କୋଟି ବର୍ଷରେ ମଧ୍ୟ ଏହାଙ୍କୁ ସିଦ୍ଧି ପ୍ରାପ୍ତ ହୁଏ ନାହିଁ । ❖❖❖





ଶ୍ରୀ ଧୂମାବତୀ





ଶ୍ରୀ ଧୂମାବତୀ ଯନ୍ତ୍ର

୭. ଧୂମାବତୀ

ସେ ଏକାକୀ ଦେଖାଦିଅନ୍ତି । ଏହାଙ୍କୁ ଅଲକ୍ଷ୍ମୀ କହନ୍ତି, କାରଣ ସେ ଧନହୀନ ଓ ପତି ନ ଥିବାରୁ ବିଧବା । କିନ୍ତୁ ମାର୍କଣ୍ଡ ପୁରାଣ ଅନୁସାରେ ସେ ବିଧବା ନୁହଁନ୍ତି ବରଂ କୁମାରୀ ଅଟନ୍ତି । ଥରେ ଯୁଦ୍ଧ କରିବା ସମୟରେ ସେ ପ୍ରତିଜ୍ଞା କରିଥିଲେ ଯିଏ ମୋତେ ଯୁଦ୍ଧରେ ପରାସ୍ତ କରିଦେବ ସେ ମୋର ପତି ହେବେ । ଏଭଳି ଅବସରରେ କେହି ତାଙ୍କ ସହ ଯୁଦ୍ଧ କରିବା ପାଇଁ ଆସି ନ ଥିଲେ କାରଣ ତାଙ୍କୁ କେହି ପରାସ୍ତ କରି ପାରିବେ ନାହିଁ ।

ଏହାଙ୍କ ବିଷୟରେ ଆଉ ଏକ କଥା ଶୁଣିବାକୁ ମିଳେ, ଯାହା ଅନୁସାରେ କୈଳାସ ପର୍ବତରେ ପାର୍ବତୀ ନିଜ ସ୍ୱାମୀ ଶିବଙ୍କ ସହ ବସିଥିଲେ । ସେ ସେଠାରେ ବସି ବସି ଅତ୍ୟଧିକ ସମୟ ବିତିଯାଇଥିଲା ଓ ପାର୍ବତୀଙ୍କୁ ଭୋକ ଲାଗିଥିଲା । ଏଣୁ ସେ ଶିବଙ୍କୁ କହିଲେ ମୋତେ ଭୋକ ଲାଗୁଛି କିନ୍ତୁ ଶିବ ନୀରବ ରହିଲେ ।

ଯେତେବେଳେ କେତେଥର କହିବା ପରେ ମଧ୍ୟ କୌଣସି ଉତ୍ତର ମିଳିଲା ନାହିଁ, ଭଗବତୀ ପାର୍ବତୀ ଶିବଙ୍କୁ ଉଠାଇ ଉଦରସ୍ଥ କଲେ, ଏପରି କରିବା ପରେ ଏହାଙ୍କ ଦେହରୁ ଧୂଆଁ ବାହାରିବାକୁ ଲାଗିଲା । ଏଣୁ ଏହାଙ୍କୁ ଧୂମାବତୀ କୁହାଯାଇଛି ।

ଯେଉଁ ସାଧକ ଏହାଙ୍କୁ ମାନନ୍ତି, ପୂଜା ଓ ଧ୍ୟାନ କରନ୍ତି ଏହାଙ୍କ ଉପରେ ଦୁଷ୍ଟ ବ୍ୟଭିଚାରର ପ୍ରଭାବ କେବେ ପଡେନାହିଁ । ହିମାଚଳ ପ୍ରଦେଶର କାଙ୍ଗଡା ଜିଲ୍ଲାରେ ଏହି ଦେବୀଙ୍କର ସିଦ୍ଧପୀଠ ଶ୍ରୀଜ୍ୱାଳାମୁଖୀ ନାମକ ସ୍ଥାନରେ ରହିଛି ।

ଧୂମାବତୀ ମନ୍ତ୍ର :

ଓଁ ଧୂଂ ଧୂଂ ଧୂମାବତୀ ସ୍ୱାହା ।

ଧୂମାବତୀଙ୍କ ଧ୍ୟାନ :

ବିବର୍ଣ୍ଣା ଚଞ୍ଚଳା ରୁଷ୍ଟା ଦୀର୍ଘା ଚ ମଳିନାମ୍ବରା ।
ବିମୁକ୍ତକୁନ୍ତଳା ରୁକ୍ଷା ବିଧବା ବିରଳଦ୍ୱିଜା ॥
କାଳଧ୍ୱଜରଥାରୂଢା ବିଳମ୍ବିତପୟୋଧରା ।
ସୂର୍ପହସ୍ତାତିରୂକ୍ଷାକ୍ଷୀ ଧୃତହସ୍ତା ବରାନ୍ୱିତା ॥
ପ୍ରବୃଦ୍ଧଘୋଣା ତୁ ଭୃଶଂ କୁଟିଳା କୂଟିଲେକ୍ଷଣା ।
କ୍ଷୁତ୍‌ପିପାସାର୍ଦ୍ଦିତା ନିତ୍ୟଂ ଭୟଦା କଳହ ପ୍ରିୟା ॥

ଧୂମାବତୀ ଦେବୀ ବିବର୍ଣ୍ଣା, ଚଞ୍ଚଳା, ରୁଷ୍ଟା ଓ ଦୀର୍ଘାଙ୍ଗୀ ଅଟନ୍ତି । ଏହାଙ୍କ ପିନ୍ଧିବା

ବସ୍ତ୍ର ମଳିନ, କେଶ ବିବର୍ଣ୍ଣ ଓ ରୁକ୍ଷ ଅଟେ । ସଂପୂର୍ଣ୍ଣ ଦାନ୍ତ ଲମ୍ବା ଲମ୍ବା ଓ ଦୁଇ ସ୍ତନ ଲମ୍ବା ଅଟେ । ସେ ବିଧବା ଓ କାକଧ୍ୱଜ ରଥରେ ବିରାଜମାନ ହୁଅନ୍ତି । ଦେବୀଙ୍କର ଦୁଇ ନେତ୍ର ରୁକ୍ଷ ଅଟେ । ଏହାଙ୍କର ଗୋଟିଏ ହାତରେ ସୂର୍ପ ଓ ଅନ୍ୟ ହାତରେ ବରମୁଦ୍ରା ରହିଛି । ଏହାଙ୍କର ନାସିକା ବଡ ଓ ଦେହ ତଥା ନେତ୍ର କୁଟିଳ ଅଟେ । ସେ ସର୍ବଦା ଭୋକ ଶୋଷରେ ଆତୁର ହୁଅନ୍ତି । ଏହା ବ୍ୟତୀତ ସେ ଭୟଦା ଓ କଳହତତ୍ପରା ।

ଧୂମାବତୀ ସ୍ତୋତ୍ର :

ଭଦ୍ରକାଳୀ ମହାକାଳୀ ଡମରୁବାଦ୍ୟକାରିଣୀ ।
ସ୍ଫାରିତନୟନା ଚୈବ ଟକଟଂକିତହାସିନୀ ॥
ଧୂମାବତୀ ଜଗତ୍‌କର୍ତ୍ତ୍ରୀ ଶୂର୍ପହସ୍ତା ତଥୈବ ଚ ।
ଅଷ୍ଟନାମାତ୍ମକଂ ସ୍ତୋତ୍ରଂ ଯଃ ପଠେତ୍‌ଭକ୍ତି ସଂଯୁକ୍ତଃ ।
ତସ୍ୟ ସର୍ବାର୍ଥ ସିଦ୍ଧିଃ ସ୍ୟାତ୍‌ସତଂ ସତ୍ୟଂ ହି ପାର୍ବତୀ ॥

ଭଦ୍ରକାଳୀ, ମହାକାଳୀ, ଡମ୍ବରୁ ବାଦ୍ୟକାରିଣୀ, ସ୍ଫାଂରତନୟନା, ଟକ୍ ଟକିତ ହାସିନୀ, ଧୂମାବତୀ ଜଗତକର୍ତ୍ତ୍ରୀ, ଶୂର୍ପହସ୍ତା ଧୂମାବତୀଙ୍କର ଅଷ୍ଟାତ୍ମକ ସ୍ତୋତ୍ର ପାଠକଲେ ସର୍ବାର୍ଥ ସିଦ୍ଧି ହୁଏ ।

ଧୂମାବତୀ କବଚ

ଧୂମାବତୀ ମୁଖଂ ପାତୁ ଧୂଂ ଧୂଂ ସ୍ୱାହା ସ୍ୱରୂପିଣୀ ।
ଲଲାଟେ ବିଜୟା ପାତୁ ମାଳିନୀ ନିତ୍ୟ ସୁନ୍ଦରୀ ॥

ଧୂଂ ଧୂଂ ସ୍ୱାହା ସ୍ୱରୂପିଣୀ ଧୂମାବତୀ ମୋର ମୁହଁକୁ ଓ ନିତ୍ୟ ସୁନ୍ଦରୀ ମାଳିନୀ ଓ ବିଜୟା ମୋର ଲଲାଟକୁ ରକ୍ଷା କରନ୍ତୁ ।

କଲ୍ୟାଣୀ ହୃଦୟଂ ପାତୁ ହସରୀଂ ନାଭିଦେଶକେ ।
ସର୍ବାଙ୍ଗ, ପାତୁ ଦେବେସୀ ନିଷ୍କଳା ଭଗମାଳିନୀ ॥


କଲ୍ୟାଣୀ ମୋର ହୃଦୟକୁ, ହସରୀଂ ମୋର ନାଭିକୁ ଓ ନିଷ୍କଳ । ଭଗମାଳିନୀ ଦେବୀ ମୋର ସର୍ବାଙ୍ଗକୁ ରକ୍ଷା କରନ୍ତୁ ।

ସୂପୂର୍ଣ୍ୟଂ କବଚଂ ଦିବ୍ୟଂ ଯଃ ପଠେଦ୍‌ଭକ୍ତି ସଂଯୁକ୍ତଃ ।
ସୌଭାଗ୍ୟମତୁଳଂ ପ୍ରାପ୍ତ ଚାନ୍ତେ ଦେବୀପୁରଂ ଯଥୌ ॥

ଏହି ପବିତ୍ର ଦିବ୍ୟ କବଚକୁ ଭକ୍ତି ସହକାରେ ପାଠ କଲେ ଇହ ଲୋକରେ ଅତୁଳ ସୁଖଭୋଗ କରି ଶେଷରେ ଦେବୀପୁର ପ୍ରାପ୍ତ ହୁଏ । ❖❖❖



ଶ୍ରୀ ବଗଳାମୁଖୀ



ଶ୍ରୀ ବଗଳାମୁଖୀ ଯନ୍ତ୍ର

୮. ବଗଳାମୁଖୀ

ପୌରାଣିକ କାଳର ସତ୍ୟଯୁଗରେ ଥରେ ଭୀଷଣ ତୋଫାନ ହେଲା । ଏହି ତୋଫାନ ଏତେ ତୀବ୍ରତର ଥିଲା ଯେ ଏଥିରେ ହୋଇଥିବା କ୍ଷତିକୁ କଳ୍ପନା କରି ଭଗବାନ୍ ବିଷ୍ଣୁ ଅତ୍ୟନ୍ତ ଚିନ୍ତାଗ୍ରସ୍ତ ହେଲେ ଅନ୍ୟ କୌଣସି ଉପାୟ ନ ପାଇ ସେ ସୌରାଷ୍ଟ୍ର ନାମକ ସ୍ଥାନରେ ହରିଦ୍ରା ସରୋବର ନିକଟରେ ଥିବା ଆଦି ଭବାନୀଙ୍କୁ ପ୍ରସନ୍ନତା ପାଇଁ ତପସ୍ୟା କଲେ ।

ପରିଣାମ ସ୍ୱରୂପ ଓ ଆବଶ୍ୟକତା ଅନୁସାରେ ଦେବୀ ବଗଳାମୁଖୀ ରୂପରେ ଆବିର୍ଭାବ ହୋଇ ଏହି ତୋଫାନକୁ ଶାନ୍ତ କରିଦେଲେ । ଏହି ଦେବୀ ନିଜ ସାଧକମାନଙ୍କର ଅଭିଳାଷ ଓ ସମସ୍ତ କାମନା ପୂର୍ତ୍ତ କରନ୍ତି ।

ଏହି ଶକ୍ତି ବିଷ୍ଣୁଙ୍କ ତେଜ ସହ ମିଶିଥିବା କାରଣରୁ ବୈଷ୍ଣବୀ ଅଟନ୍ତି ତଥା ମଙ୍ଗଳବାର ଚତୁର୍ଦ୍ଦଶୀର ଅର୍ଦ୍ଧରାତ୍ରରେ ଏହାଙ୍କର ଆବିର୍ଭାବ ହୋଇଛି । ସ୍ତମ୍ଭନ ବିଦ୍ୟାରେ ଏହାଙ୍କୁ ପ୍ରୟୋଗ କରାଯାଏ । ଦେବୀଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହାଙ୍କର ଉପଯୋଗ ଶାନ୍ତିକର୍ମ, ଧନପ୍ରାପ୍ତି ପାଇଁ ପୌଷ୍ଟିକ କର୍ମ ତଥା ଶତ୍ରୁ କବଳରୁ ରକ୍ଷା ପାଇଁ ଅଭିଚାରିକ କର୍ମ କରାଯାଏ । ଏହା ଭେଦ ପ୍ରଧାନତାର ଅଭିପ୍ରାୟରେ ହିଁ କରାଯାଏ, ଅନ୍ୟଥା ଏହା ବିଦ୍ୟାର ଉପଯୋଗ, ଭୋଗ ଓ ମୋକ୍ଷ ପ୍ରାପ୍ତି ପାଇଁ କରାଯାଇଥାଏ । ଏହାଙ୍କ ଉପାସନା କଲେ ସମସ୍ତ ପ୍ରକାର ଦୁର୍ଲଭ ବସ୍ତୁ ପ୍ରାପ୍ତ ହୋଇଥାଏ ।

ବଗଳାମୁଖୀ ମନ୍ତ୍ର

ଓଁ ହ୍ଲୀଂ ବଗଳାମୁଖୀ ସର୍ବଦୁଷ୍ଟାନାଂ ।
ବାଚଂ ମୂଖଂ ସ୍ତମ୍ଭୟ ଜିହ୍ୱାଂ କୀଳୟ ।
କୀଳୟ ବୁଦ୍ଧିଂ ନାଶାୟ ହ୍ଲୀଂ ଓଁ ସ୍ୱାହା ।

ବଗଳାମୁଖୀ ଧ୍ୟାନ

ମଧ୍ୟେ ସୁଧାବଧିମଣି ମଣ୍ଡପରତ୍ନବେଦୀ -
ସିଂହାସନୋପରିଗତାଂ ପରିପୀତବର୍ଣ୍ଣାମ୍ ।
ପୀତାମ୍ବରାଭରଣମାଲ୍ୟବିଭୂଷିତାଂଗୀଂ ।
ଦେବୀଂ ସ୍ମରାମି ଧୃତ ମୁଦ୍‌ଗରବୈରିଜିହ୍ୱାମ୍ ॥

ଜିହ୍ୱାଗ୍ରମାଦାୟ କରେଣ ଦେବୀଂ ବାମେନ ଶତ୍ରୁନ୍ ପରିପୀଡୟତୀମ୍ ।
ଗଦାଭିଘାତେନ ଚ ଦକ୍ଷିଣେନ ପୀତାମ୍ବରାଢ୍ୟାଂ ଦ୍ୱିଭୂଜାଂ ନମାମି ॥

ସୁଧାସାଗରରେ ମଣିମୟ ମଣ୍ଡପ ଅଛି । ଏଠାରେ ରତ୍ନନିର୍ମିତ ବେଦୀ ଉପରେ ସିଂହାସନ ରହିଅଛି । ବଗଳାମୁଖୀ ଏହି ସିଂହାସନରେ ବିରାଜମାନ କରିଛନ୍ତି । ସେ ପୀତବସ୍ତ୍ର, ପୀତବର୍ଣ୍ଣ ଆଭରଣ ଓ ପୀତବର୍ଣ୍ଣର ମାଳାରେ ବିଭୂଷିତ ହୋଇଛନ୍ତି । ଏହାଙ୍କର ଗୋଟିଏ ହାତରେ ମୁଦ୍ଗର ଓ ଅନ୍ୟ ହାତରେ ଶତ୍ରୁର ଜିଭ ରହିଛି । ସେ ବାମହାତରେ ଶତ୍ରୁର ଜିଭର ଅଗ୍ରଭାଗ ଧାରଣ କରି ଡାହାଣ ହାତର ଗଦା ଆଘାତରେ ଶତ୍ରୁକୁ ପିଟୁଛନ୍ତି । ବଗଳାମୁଖୀ ପୀତବର୍ଣ୍ଣର ବସ୍ତ୍ରରେ ସଜ୍ଜିତ ଓ ଦ୍ୱିଭୁଜା ।

ବଗଳାମୁଖୀ ଜପ ହୋମ

ସାଧକ ହଳଦିଆ ରଙ୍ଗର ବସ୍ତ୍ର ପିନ୍ଧି ହଳଦୀ ଖଣ୍ଡରେ ତିଆରି ମାଳାରେ ପ୍ରତିଦିନ ଏକ ଲକ୍ଷ ଜପ କରିବା ଉଚିତ୍ । ଏଥିସହିତ ଜପର ଦଶାଂଶ ଆହୁତି ହଳଦିଆ ଫୁଲ ସହିତ ହୋମ କରଣୀୟ ।

ବଗଳା ସ୍ତୋତ୍ର

ବଗଳା ସିଦ୍ଧବିଦ୍ୟା ଚ ଦୁଷ୍ଟନିଗ୍ରହ କାରିଣୀ ।
ସ୍ତମ୍ଭିନ୍ୟାକର୍ଷିଣୀ ଚୈବ ତଥୋଚ୍ଚାଟନ କାରିଣୀ ॥
ଭୈରବୀ ଭୀମନୟନା ମହେଶଗୃହିଣୀ ଶୁଭା ।
ଦଶାନାମାତ୍ମକଂ ସ୍ତୋତ୍ରଂ ପଠେଦ୍ୱା ପାଠୟେତ୍ ଯଦି ॥
ସ ଭବେତ୍ ମନ୍ତ୍ରସିଦ୍ଧଶ୍ଚ ଦେବୀପୁତ୍ର ଇବ କ୍ଷିତୌ ॥

ବଗଳା, ସିଦ୍ଧ-ବିଦ୍ୟା, ଦୁଷ୍ଟକୁ ନିଗ୍ରହ କାରିଣୀ, ସ୍ତମ୍ଭିନୀ, ଆକର୍ଷିଣୀ, ଉଚ୍ଚାଟନ କାରିଣୀ, ଭୈରବୀ, ଭୟଙ୍କରୀ ନେତ୍ରୀ, ମହେଶଙ୍କ ପତ୍ନୀ, ଶୁଭା ଏହି ଦଶନାମାତ୍ମକ ଦେବୀ ସ୍ତୋତ୍ରକୁ ଯେଉଁ ସାଧକ ପାଠ କରନ୍ତି ବା ଅନ୍ୟ ଦ୍ୱାରା ପାଠ କରନ୍ତି, ସେ ମନ୍ତ୍ର ସିଦ୍ଧ ହୋଇ ପାର୍ବତୀଙ୍କ ପୁତ୍ର ଭଳି ପୃଥିବୀରେ ବିଚରଣ କରନ୍ତି ।

ବଗଳା କବଚ

ଓଁ ହ୍ଲୀଂ ମେ ହୃଦୟ ପାତୁ ପାଦୌ ଶ୍ରୀବଗଳାମୁଖୀ ।
ଲଲାଟେ ସତତଂ ପାତୁ ଦୁଷ୍ଟ ନିଗ୍ରହ କାରିଣୀ ॥

ଓଁ ହ୍ଲୀଂ ଏହି ବୀଜ ମୋର ହୃଦୟକୁ, ଶ୍ରୀବଗଳାମୁଖୀ ମୋର ଦୁଇ ପାଦକୁ ଓ ଦୁଷ୍ଟନିଗ୍ରହ କାରିଣୀ ମୋର ଲଲାଟକୁ ସର୍ବଦା ରକ୍ଷା କରନ୍ତୁ ।

ରସନାଂ ପାତୁ କୌମାରୀ ଭୈରବୀ ଚକ୍ଷୁଷୋର୍ମ୍ମମ ।
କଟୌ ପୃଷ୍ଠେ ମହେଶାନୀ କର୍ଣ୍ଣୌ ଶଙ୍କରଭାମିନୀ ॥

କୌମାରୀ ମୋର ଜିହ୍ୱା, ଭୈରବୀ ମୋର ନେତ୍ରକୁ, ମହେଶାନୀ ମୋର କଟି ଓ ପୃଷ୍ଠକୁ ଶଙ୍କରଙ୍କ ପତ୍ନୀ ମୋର କର୍ଣ୍ଣକୁ ରକ୍ଷା କରନ୍ତୁ ।

ବର୍ଜ୍ଜିତାନି ତୁ ସ୍ଥାନାନି ଯାନି ଚ କବଚେନହି ।
ତାନି ସର୍ବାଣି ମେ ଦେବୀ ସତତଂ ପାତୁ ସ୍ତମ୍ଭିନୀ ॥

ଯେଉଁ ଯେଉଁ ସ୍ଥାନ କବଚରେ କୁହାଯାଇ ନାହିଁ, ସ୍ତମ୍ଭିନୀ ଦେବୀ ମୋର ଏହି ସବୁ ସ୍ଥାନକୁ ସର୍ବଦା ରକ୍ଷା କରନ୍ତୁ ।


ଅଜ୍ଞାତ୍ୱା କବଚଂ ଦେବୀ ଯୋ ଭଜେଦ୍ ବଗଳାମୁଖୀମ୍ ।
ଶସ୍ତ୍ରାଘାତ ମବାପ୍ନୋତି ସତ୍ୟଂ ସତ୍ୟଂ ନ ସଂଶୟଃ ॥

ହେ ଦେବୀ ! ଏହି କବଚ ନ ଜାଣି ଯେଉଁ ସାଧକ ବଗଳାମୁଖୀଙ୍କ ଉପାସନା କରନ୍ତି, ତାଙ୍କର ଶସ୍ତ୍ରାଘାତରେ ମୃତ୍ୟୁ ହୁଏ । ଏଥିରେ ସନ୍ଦେହ ନାହିଁ ।

❖❖❖



ଶ୍ରୀ ମାତଙ୍ଗୀ



ଶ୍ରୀ ମାତଙ୍ଗୀଯନ୍ତ୍ର

୯. ମାତଙ୍ଗୀ

ଥରେ ମାତଙ୍ଗ ନାମକ ଯୋଗୀ ସୃଷ୍ଟିର ପ୍ରତ୍ୟେକ ଜୀବଙ୍କୁ ନିଜର ବଶୀଭୂତ କରିବା ଅଭିଳାଷରେ କଦମ୍ବବନର ଶେଷଭାଗରେ ଏକ ବିଶେଷ ତପସ୍ୟା କଲେ, ଯାହାର ପ୍ରଭାବ ଓ ଶୃଙ୍ଖଳା ମଧ୍ୟରେ ଆକର୍ଷିତ ଦେବୀଙ୍କ ନେତ୍ରରୁ ଦିବ୍ୟ ତେଜ ଫୁଟି ବାହାରି ଏକ ସ୍ତ୍ରୀ ରୂପରେ ରୂପାୟିତ ହେଲା । ଏହାଙ୍କର ଦେହର ରଙ୍ଗ ଶ୍ୟାମ ବର୍ଣ୍ଣଥିଲା । ଏହାଙ୍କୁ ମାତଙ୍ଗୀ କୁହାଯାଏ । ଏହାଙ୍କର ସେବା ଉପାସନା କଲେ ନିଶ୍ଚିତ ଭାବେ ବାଣୀ ସିଦ୍ଧ ହୋଇଥାଏ ।

ମାତଙ୍ଗୀଙ୍କର ଆଉ ଏକ ନାମ ଉଚ୍ଛିଷ୍ଟ ଚାଣ୍ଡାଳିନୀ ଅଟେ । ସେ ଦକ୍ଷିଣ ପଶ୍ଚିମ ଭାଗର ଦେବୀ ଅଟନ୍ତି । ରାଜମାତଙ୍ଗୀ, ସୁମୁଖୀ, ବଶ୍ୟମାତଙ୍ଗୀ, କର୍ଣ୍ଣମାତଙ୍ଗୀ ଏହାଙ୍କର ନାମାନ୍ତର ଅଟେ । ଏହାଙ୍କର ରୂପ ଶ୍ୟାମଳ ତଥା ରାଜମାତଙ୍ଗିନୀ ନାମରେ ସେ ବିଖ୍ୟାତ ଅଟନ୍ତି । ବ୍ରହ୍ମଯାମଳରେ ଏହାଙ୍କୁ ମାତଙ୍ଗ ମୁନୀଙ୍କ କନ୍ୟା ବୋଲି କୁହାଯାଏ । ପ୍ରାଣତୋଷିଣୀରେ ଏହି ବିବରଣୀ ନିମ୍ନପ୍ରକାରେ ଦିଆଯାଇଛି ।

ଅଥ ମାତଙ୍ଗିନୀ ବକ୍ଷେ କ୍ରୁରଭୂତଭୟଂକରୀମ୍ ।
ପୁରା କଦମ୍ବବିପିନେ ନାନାବୃକ୍ଷସମାକୂଳେ ॥
ବଶ୍ୟାର୍ଥ ସର୍ବଭୂତାନାଂ ମତଙ୍ଗୋ ନାମତୋମୁନୀଃ ।
ଶତବର୍ଷସହସ୍ରାଣି ତପୋଅତପ୍ୟତ ସନ୍ତତମ୍ ॥
ତତ୍ରତେଜଃ ସମୁତ୍ପନ୍ନଂ ସୁନ୍ଦରୀନେତ୍ରତଃ ଶୁଭେ ।
ତେଜୋରାଶିର ଭୂତତ୍ର ସ୍ୱୟଂ ଶ୍ରୀକାଳିକାମ୍ବିକା ॥
ଶ୍ୟାମଳଂ ରୂପମାସ୍ଥାୟ ରାଜମାତଙ୍ଗିନୀ ଭବେତ୍ ॥

ଏହାର ତାତ୍ପର୍ଯ୍ୟ ହେଉଛି କାଳିକା, ତ୍ରିପୁରା ତଥା ମାତଙ୍ଗୀଙ୍କ ମଧ୍ୟରେ କୌଣସି ପ୍ରକାର ଭେଦାଭେଦ ନାହିଁ । ଏହି ରୂପରେ ଉପାସନା କରିବାର ଅର୍ଥ ବାକ୍‌ସିଦ୍ଧି ଅଟେ । ଏଣୁ ବାଣୀଦାତୃ ରୂପରେ ହିଁ ମାତଙ୍ଗୀଙ୍କ ଉପାସନା ଅଭିଷ୍ଟ ଅଟେ ।

ମାତଙ୍ଗୀ ମନ୍ତ୍ର

ଓଁ ହ୍ଲୀଂ କ୍ଲୀଂ ହୁଂ ମାତଂଗୟେ ଫଟ୍ ସ୍ୱାହା ।

ମାତଙ୍ଗୀ ଧ୍ୟାନ

ଶ୍ୟାମାଙ୍ଗୀ ଶଶୀ ଶେଖରାଂ ତ୍ରିନୟନାଂ ରତ୍ନସିଂହାସନସ୍ଥିତାମ୍
ବେ ଦୈଃ ବାହୁଦଣ୍ଡୈରସିଖେଟକ ପାଶାଂକୁଶଧରାମ୍ ॥

ମାତଙ୍ଗୀ ଦେବୀ ଶ୍ୟାମବର୍ଣ୍ଣ, ଅର୍ଦ୍ଧଚନ୍ଦ୍ର ଧାରିଣୀ ଓ ତ୍ରିନୟନ ଅଟନ୍ତି, ସେ ଚାରି ହାତରେ ଖଡ୍‌ଗ, ଖେଟକ, ପାଶ ଓ ଅଙ୍କୁଶ ଏହି ଚାରି ଅସ୍ତ୍ର ଧାରଣ କରି ରତ୍ନ ସିଂହାସନରେ ବିରାଜମାନ ହୋଇଛନ୍ତି ।

ମାତଙ୍ଗୀ ସ୍ତୋତ୍ର

ଈଶ୍ୱର ଉବାଚ

ଆରାଧ୍ୟ ମାତଷ୍ଟରଣାମ୍ବୁଜେ ତେ ବ୍ରହ୍ମାଦୟୋ ବିଶ୍ରୁତକୀର୍ତ୍ତିମାପୁଃ ।
ଅନ୍ୟେ ପରଂ ବା ବିଭବଂମୁନୀନ୍ଦ୍ରାଃ ପରା ଶ୍ରିୟଂ ଭକ୍ତିଭରେଣ ଚାନ୍ୟେ ॥

ହେ ମାତା ! ବ୍ରହ୍ମା ଆଦି ଦେବତାମାନେ ତୁମର ଚରଣ କମଳକୁ ଆରାଧନା କରି କୀର୍ତ୍ତିଲାଭ କରିଛନ୍ତି । ଅନ୍ୟାନ୍ୟ ମୁନିନ୍ଦ୍ରଗଣ ମଧ୍ୟ ପରମ ବିଭବ ପ୍ରାପ୍ତ ହୋଇଛନ୍ତି ଓ ଅନ୍ୟ କେତେକ ଭକ୍ତିଭାବରେ ତୁମର ପାଦପଦ୍ମକୁ ଆରାଧନା କରି ଅତ୍ୟନ୍ତ ଲାଭ ପାଇଛନ୍ତି ।

ନମାମି ଦେବୀଂ ନବଚନ୍ଦ୍ରମୌଳିଂ ମାତଂଗିନୀଂ ଚନ୍ଦ୍ରକଳାବତଂସାମ୍ ।
ଆତ୍ମାୟ କୃତ୍ୟପ୍ରତିପାଦିତାର୍ଥଂ ପ୍ରବୋଧୟନ୍ତୀଂ ହୃଦିସାଦରେଣ ॥

ଯାହାଙ୍କ ଭାଲଦେଶରେ ଚନ୍ଦ୍ରମା ଶୋଭାପାଉଛନ୍ତି, ଯିଏ ବେଦ ପ୍ରତିପାଦିତ ଅର୍ଥକୁ ସର୍ବଦା ଆଦରର ସହିତ ହୃଦୟରେ ପ୍ରବୋଧିତ କରନ୍ତି, ସେହି ମାତଙ୍ଗିନୀ ଦେବୀଙ୍କୁ ନମସ୍କାର କରୁଅଛି ।

ବିନମ୍ର ଦେବାସୁର ମୌଳିରତ୍ନୈର୍ବିରାଜିତଂ ତେ ଚରଣାର ବିନ୍ଦମ୍ ।
ଅକୃତ୍ରିମାଣାଂ ବଚସାଂ ବିଗୁଚ୍ଛଂ ପାଦାତ୍‌ପଦଂ ସିଞ୍ଜିତନୁପୁରଭ୍ୟାମ୍ ।
କୃତାର୍ଥୟନ୍ତୀଂ ପଦବୀଂ ପଦାଭ୍ୟାମାସ୍ଫାଳୟନ୍ତୀଂ କୁଚବଳ୍ଲକୀଂତାମ୍ ।
ମାତଂଗିନୀ ମଦ୍ଧଦୟେଧିନୋମି ଲୀଳଂକୃତାଂଶୁଦ୍ଧ ନିତମ୍ବବିମ୍ବାମ୍ ॥

ହେ ଦେବୀ ! ତୁମର ଚରଣ କମଳ ଅବନତ ଶିରାଃ ଦେବାଶୂରଗଣଙ୍କ ରତ୍ନଦ୍ୱାରା ବିରାଜିତ ଓ ତୁମେ ଅକୃତ୍ରିମବାକ୍ୟର ଅନୁକୂଳ ଅଟ । ତୁମେ ଶବ୍ଦାୟମାନ ନୂପୁର ପରିହିତ ଚରଣଯୁଗଳ ଦ୍ୱାରା ଧରାକୁ କୃତାର୍ଥ କରୁଅଛ । ତୁମେ ସର୍ବଦା ବୀଣାବାଦନ କରୁଛ । ତୁମର ନିତମ୍ବ ଅତ୍ୟନ୍ତ ଶୁଦ୍ଧ ଅଟେ । ମୁଁ ତୁମକୁ ହୃଦୟରେ ଧ୍ୟାନ କରୁଅଛି ।

ତାଳୀଦଳେନାର୍ପିତକର୍ଣ୍ଣଭୂଷାଂ ମାଧ୍ୱୀମଦାଘୁର୍ଣ୍ଣିତନେତ୍ରପଦ୍ମମ୍ ।
ଘନସ୍ତନୀଂ ଶମ୍ଭୁବଧୁଂ ନମାମି ତଡିଲ୍ଲତାକାନ୍ତବଳକ୍ଷଭୂଷାମ୍ ॥

ତୁମେ ତାଳୀଜଳ ଦ୍ୱାରା କର୍ଣ୍ଣପଟରେ ବିଭୂଷଣ ଧାରଣ କରିଅଛ, ଅଧିକ ମଦ୍ୟପାନ ଯୋଗୁଁ ତୁମର ନେତ୍ରକମଳ ବିଘୂର୍ଣ୍ଣିତ ହୋଇଥାଏ । ତୁମର ସ୍ତନ ଅତ୍ୟନ୍ତ କଠିନ ଅଟେ । ତୁମେ ମହାଦେବଙ୍କର ବଧୂ ଅଟ । ତୁମର ଶରୀରର କାନ୍ତି ବିଦ୍ୟୁତ ଭଳି ମନୋହର ଅଟେ । ତୁମକୁ ମୋର ନମସ୍କାର ।

ଚିରେଣ ଲକ୍ଷଂ ପ୍ରଦଦାତୁ ରାଜ୍ୟଂ ସ୍ମରାମି ଭକ୍ତ୍ୟା ଜଗତାମଧିଶେ ।
ବଳିତ୍ରୟାଂଗଂ ତବ ମଧ୍ୟମମ୍ବ ନୀଳୋତ୍ପଳଂ ସୁଶ୍ରୀୟମାବହନ୍ତିମ୍ ॥

ହେ ମାତା ! ମୁଁ ଭକ୍ତିସହିତ ତୁମକୁ ସ୍ମରଣ କରୁଅଛି । ତୁମେ ବହୁଦିନରୁ ନଷ୍ଟ ହୋଇଥିବା ରାଜ୍ୟ ପ୍ରଦାନ କରିଥାଅ । ତୁମ ଶରୀରର ମଧ୍ୟ ଭାଗ ତିନି ବଲ୍ଲୀରେ ସଜ୍ଜିତ ଅଟେ । ତୁମେ ନିଳୋତ୍ପଳ ଭଳି ଶରୀର ଧାରଣ କରିଅଛ ।

କାନ୍ତ୍ୟା କଟାକ୍ଷୈର୍ଜଗତାଂ ତ୍ରୟାଣାଂ ବିମୋହୟତୀଂ ସକଳାନ୍ ସୂରେଶି ।
କଦମ୍ବମାଳାଞ୍ଚିତ କେଶପାଶଂ ମାତଙ୍ଗକନ୍ୟାଂ ହୃଦି ଭାବୟାମି ॥

ହେ ସୂରେଶ୍ୱରୀ ! ତୁମେ କାନ୍ତି ଓ କଟାକ୍ଷରେ ତିନି ଲୋକକୁ ମୋହିତ କରିପାର । ତୁମର କେଶରେ କଦମ୍ବମାଳ ବନ୍ଧାହୋଇଛି । ତୁମେ ମାତଙ୍ଗ କନ୍ୟା ଅଟ । ମୁଁ ତୁମକୁ ହୃଦୟରେ ସର୍ବଦା ଚିନ୍ତା କରୁଅଛି ।

ଧାୟେୟ ମାରକ୍ତ କପୋଳବିମ୍ବଂ ବିମ୍ବାଧରନ୍ୟସ୍ତଲଲମ ବଶ୍ୟମ୍ ।
ଅଲୋଲଲୀଲାକମଳାୟତାକ୍ଷଂ ମନ୍ଦସ୍ମିତଂ ତେ ବଦନଂ ମହେଶି ॥

ହେ ଦେବୀ ! ତୁମର ଯେଉଁ ସୁନ୍ଦର ମୁଖ କପୋଳ ରକ୍ତ ବର୍ଣ୍ଣ ସଦୃଶ, ସୌନ୍ଦର୍ଯ୍ୟ ପୂର୍ଣ୍ଣ ବିମ୍ବୋଧର ଯହିଁରେ ଚପଳ ଅଳକାବଳୀ ବିରାଜିତ ଆୟତ ଚକ୍ଷୁ ଓ ଯେଉଁ ମୁଖରେ ମନ୍ଦ ମନ୍ଦ ହାସ୍ୟ ଶୋଭାପାଉଛି । ସେହି ମୁଖକମଳକୁ ମୁଁ ଧ୍ୟାନ କରୁଅଛି ।

ସ୍ତୁତ୍ୟାଅନୟା ଶଂକରଧର୍ମପତ୍ନୀ ମାତଂଗିନୀ ବାଗଧିଦେବତାଂ ତାମ୍ ।
ସ୍ତୁବନ୍ତି ଯେ ଭକ୍ତିଯୁତା ମନୁଷ୍ୟାଃ ପରାଂଶ୍ରିୟଂ ନିତ୍ୟମୁପାଶ୍ରୟନ୍ତି ॥

ଯେଉଁ ପୁରୁଷ ଭକ୍ତିର ସହ ଶଂକରଙ୍କ ଧର୍ମପତ୍ନୀ ବାଣୀଙ୍କ ଅଧିଷ୍ଠାତ୍ରୀ ଦେବୀ ମାତଙ୍ଗିନୀଙ୍କୁ ଏହି ସ୍ତବ ଦ୍ୱାରା ସ୍ତୁତି କରନ୍ତି, ସେ ସର୍ବଦା ପରମ ଶ୍ରୀଯୁକ୍ତ ହୁଅନ୍ତି ।

ଶିରୋମାତଂଗିନୀ ପାତୁ ଭୁବନେଶୀତୁ ଚକ୍ଷୁଷୀ ।
ତୋତଳ । କର୍ଣ୍ଣଯୁଗଳଂ ତ୍ରିପୁରା ବଦନଂ ମମ ॥

ମାତଙ୍ଗୀ ମୋର ମସ୍ତକକୁ, ଭୁବନେଶ୍ୱରୀ ମୋର ଚକ୍ଷୁକୁ, ତୋତଳା ମୋର କର୍ଣ୍ଣ ଓ ତ୍ରିପୁରା ମୋର ମୁଖକୁ ରକ୍ଷା କରନ୍ତୁ ।

ପାତୁ କଣ୍ଠେ ମହାମାୟା ହୃଦି ମାହେଶ୍ୱରୀ ତଥା ।
ତ୍ରିପୁରା ପାର୍ଶ୍ୱୟୋଃ ପାତୁ ଗୁହ୍ୟେକାମେଶ୍ୱରୀ ମମ ॥

ମହାମାୟା ମୋର କଣ୍ଠକୁ, ମାହେଶ୍ୱରୀ ମୋର ହୃଦୟକୁ, ତ୍ରିପୁରା ମୋର ପାର୍ଶ୍ୱଦେଶକୁ ଓ କାମେଶ୍ୱରୀ ମୋର ଗୁହ୍ୟକୁ ରକ୍ଷା କରନ୍ତୁ ।

ଊରଦ୍ୱୟେ ତଥା ଚଣ୍ଡୀ ଜଂଘାୟାଞ୍ଚ ରତିପ୍ରିୟା ।
ମହାମାୟା ପଦେ ପାୟାତ୍ସର୍ବାଂଗେଷୁ କୂଳେଶ୍ୱରୀ ॥

ଚଣ୍ଡୀ ଦୁଇ ଊରୁକୁ, ରତିପ୍ରିୟା ମୋର ଜଘଂକୁ, ମହାମାୟା ମୋର ପାଦକୁ ଓ କୁଳେଶ୍ୱରୀ ସର୍ବାଙ୍ଗକୁ ରକ୍ଷା କରନ୍ତୁ ।


ଯ ଇଦଂ ଧାରଯେନ୍ନିତ୍ୟଂ ଜାୟତେ ସର୍ବଦାନବିତ୍ ।
ପରମୈଶ୍ୱର୍ଯ୍ୟମତୁଳଂ ପ୍ରାପ୍ନୋତି ନାତ୍ର ସଂଶୟଃ ॥

ଯେଉଁ ପୁରୁଷ ଏହି କବଚକୁ ଧାରଣ କରନ୍ତି, ସେ ସର୍ବଦାନଜ୍ଞ ହୁଏ ଓ ଅତୁଳ ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏ, ଏଥିରେ ସନ୍ଦେହ ନାହିଁ ।

❖❖❖



ଶ୍ରୀ କମଳା



ଶ୍ରୀ କମଳା ଯନ୍ତ୍ର

୧୦. କମଳା

ଦଶମହାବିଦ୍ୟା କମଳାଙ୍କ ଲୋକ ପ୍ରଚଳିତ ନାମ ଲକ୍ଷ୍ମୀ ଅଟେ । ଏହାଙ୍କୁ ନାରାୟଣୀ ମଧ୍ୟ କହନ୍ତି । ଧୂମାବତୀ ଜ୍ୟେଷ୍ଠା ଓ କମଳା କନିଷ୍ଠା ଅଟନ୍ତି । ଧୂମାବତୀଙ୍କୁ ବିଧବା ଭାବେ ମାନି ନିଆଯାଏ ଓ ଏହାଙ୍କୁ ଅଲକ୍ଷ୍ମୀ ତଥା ଭୋକିଲା ମାଆ କୁହାଯାଏ । ଏହାଙ୍କର ଅସୁରୀ ପ୍ରକୃତି ରହିଛି ଏହାର ବିପରୀତ କମଳା ସଧବା ଅଟନ୍ତି ଓ ଏହାଙ୍କୁ ଲକ୍ଷ୍ମୀ କୁହାଯାଏ। ଏହାଙ୍କୁ ଦିବ୍ୟା ଭାବେ ମାନ୍ୟତା ଦିଆଯାଇଅଛି ।

ସେ ସବୁ ମହାବିଦ୍ୟାଙ୍କ ଆଦି ଅନ୍ତ ରହିତ ଅଟନ୍ତି ତଥା ଏହାଙ୍କ ପ୍ରଭାବ ବିଭିନ୍ନ ପ୍ରାଚ୍ୟ ବିଦ୍ୱାନ ନିଜ ନିଜ ଜ୍ଞାନ ଅନୁସାରେ ପ୍ରକାଶ କରିଛନ୍ତି ଓ ସେହି ଅନୁସାରେ ସମୁଦ୍ରମନ୍ଥନ ସମୟରେ ଧନ୍ୱନ୍ତରୀଙ୍କ ପରେ ଉଚ୍ଚୈଶ୍ରବା ଅଶ୍ୱ, ଐରାବତ ହସ୍ତୀ ତାଟ ପରେ ଲକ୍ଷ୍ମୀଦେବୀ ପ୍ରକାଶ ପାଇଥିଲେ ।

ଶ୍ରୀମଦ୍ ଭାଗବତରେ ଏହାଙ୍କ ଉଦ୍ଭବ କଥା ବର୍ଣ୍ଣିତ ହୋଇଛି । ଦେବତା ତଥା ଅସୁରଙ୍କ ଦ୍ୱାରା କରାଯାଇଥିବା ସମୁଦ୍ରମନ୍ଥନର ଫଳ ସ୍ୱରୂପ ସମୁଦ୍ରରେ ଯେତେବେଳେ ଏହାଙ୍କର ଆବିର୍ଭାବ ହେଲା ସ୍ୱୟଂ ବିଷ୍ଣୁ ତାଙ୍କୁ ବରଣ କଲେ । ସେ ଜଗତର ପାଳନ-ପୋଷଣରେ ସହାୟକ ଅଟନ୍ତି । ଦେବତା, ପ୍ରଜାପତି ଓ ପ୍ରଜା ସମସ୍ତେ ଏହାଙ୍କ କୃପାଦୃଷ୍ଟିରେ ଉତ୍ତମ ଗୁଣ ସମ୍ପନ୍ନ ହୋଇ ସୁଖରେ ରହିଲେ । ଏହାଙ୍କ ହାତରେ କମଳ ରହିଛି ଓ ଦୁଇ ପାଖରେ ଦୁଇଟି ହସ୍ତୀ ପୂର୍ଣ୍ଣ କଳସ ଦ୍ୱାରା ଏହାଙ୍କୁ ସ୍ନାନ କରାଉଛନ୍ତି । ଶ୍ରୀକମଳାଙ୍କ ବିପରୀତ ଅସୁର ଶ୍ରୀହୀନ ହୋଇଯାଆନ୍ତି । ଏମାନଙ୍କୁ ଏହାଙ୍କ ଜ୍ୟେଷ୍ଠା ଭଗ୍ନୀ ଧୂମାବତୀ ନଷ୍ଟ କରିଦିଅନ୍ତି ।

କମଳା ମନ୍ତ୍ର

୧. ଶ୍ରୀଂ ।

୨. ଶ୍ରୀ କମଳାୟୈ ନମଃ ॥

ଭଗବତୀ କମଳାଙ୍କ ପୂଜା ଓ ଜପ ଆଦି କରିବା ପାଇଁ ଉପରୋକ୍ତ ମନ୍ତ୍ର ମଧ୍ୟରୁ ଯେ କୌଣସି ଗୋଟିଏ ମନ୍ତ୍ର ଚୟନ କରାଯାଇପାରେ ।

କମଳା ଧ୍ୟାନ

କାନ୍ତ୍ୟା କାଞ୍ଚନ ସନ୍ନିଭାଂ ହିମଗିରି ପ୍ରଖ୍ୟୈଶ୍ଚତୁର୍ଭିର୍ଗଜୈ
ହସ୍ତୋତକ୍ଷିପ୍ତ ହିରଣ୍ମୟ ମୃତ ଘଟୈ ରାସିଚ୍ୟମାନାଂ ଶ୍ରିୟମ୍ ।

ବିଭ୍ରାଣାଂ ବରମବ୍ଜ ଯୁଗ୍ମମଭୟଂ ହସ୍ତୈଃ କିରୀଟୀଜ୍ଜ୍ୱାଳାଂ ।
କ୍ଷୌମାବଦ୍ଧନିତମ୍ବବିମ୍ବଲଳିତାଂ ବନ୍ଦେ ଅରବିନ୍ଦ ସ୍ଥିତାମ୍ ॥

କମଳାଦେବୀ ସ୍ୱର୍ଣ୍ଣଭଳି କାନ୍ତିମାନ ଅଟନ୍ତି । ଏହାଙ୍କୁ ହିମଗିରି ସମାନ ବିଶାଳ ଆକାର ବିଶିଷ୍ଟ ଚାରୋଟି ହାତୀ ଶୁଣ୍ଡରେ ସୁଧାପୂର୍ଣ୍ଣ ସୁବର୍ଣ୍ଣ କଳସରେ ଅଭିଷେକ କରନ୍ତି । ଏହାଙ୍କ ଚାରି ହାତରେ ବର ଓ ଅଭୟ ମୁଦ୍ରା ତଥା ଦୁଇଟି କମଳ ରହିଛି । ଏହାଙ୍କ ମସ୍ତକରେ ରତ୍ନମୁକୁଟ ଶୋଭାପାଉଛି ଓ ସେ ପଦ୍ମ ଉପରେ ବସିଛନ୍ତି ।

କମଳା ସ୍ତୋତ୍ର

ଶଙ୍କର ଉବାଚ :

ଅଥାତଃ ସଂପ୍ରବକ୍ଷାମି ଲକ୍ଷ୍ମୀ ସ୍ତୋତ୍ର ମନୁତମମ୍ ।
ପଠନାତ୍ ଶ୍ରବଣାଦ୍ୟସ୍ୟ ନରୋ ମୋକ୍ଷ ମବାପ୍ନୁୟାତ୍ ॥

ମହାଦେବ କହିଲେ, ହେ ପାର୍ବତୀ ! ବର୍ତ୍ତମାନ ଅତି ଉତ୍ତମ ଲକ୍ଷ୍ମୀ ସ୍ତୋତ୍ର ବିଷୟରେ କହୁଛି, ଏହାକୁ ପଢିଲେ ବା ଶୁଣିଲେ ମନୁଷ୍ୟ ମୁକ୍ତିପ୍ରାପ୍ତ ହୁଏ ।

ଗୁହ୍ୟାତ୍ ଗୁହ୍ୟାତରଂ ପୁଣ୍ୟଂ ସର୍ବଦେବନମସ୍କୃତମ୍ ।
ସର୍ବମନ୍ତ୍ରମୟଂ ସାକ୍ଷାଚ୍ଛୃଣୁ ପର୍ବତନନ୍ଦିନୀ ॥

ହେ ପର୍ବତ ନନ୍ଦିନୀ ! ଏହି ସ୍ତୋତ୍ର ଅତ୍ୟନ୍ତ ଗୁହ୍ୟତ୍ତର, ସମସ୍ତ ଦେବଙ୍କ ନମସ୍କୃତ ଓ ସର୍ବମନ୍ତ୍ରମୟୀ ଅଟେ । ଶୁଣ ।

ଅନନ୍ତରୂପିଣୀ ଲକ୍ଷ୍ମୀଃ ଅପାର ଗୁଣ ସାଗରୀ ।
ଅଣିମାଦିସିଦ୍ଧିଦାତ୍ରୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ଲକ୍ଷ୍ମୀ ! ତୁମେ ଅନନ୍ତରୂପିଣୀ ଗୁଣ ସାଗର ଅଟ । ତୁମେ ପ୍ରସନ୍ନ ହୋଇ ଅଣିମାଦି ସିଦ୍ଧିର ପ୍ରସାଦ ଦିଅ । ତୁମକୁ ମୁଣ୍ଡ ନୁଆଇଁ ପ୍ରଣାମ କରୁଅଛି ।

ଆପଦୁଦ୍ଧାରିଣୀ ତ୍ୱଂ ହି ଆଦ୍ୟା ଶକ୍ତିଃ ଶୁଭାପରା ।
ଆଦ୍ୟା ଆନନ୍ଦଦାତ୍ରୀ ଚ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମେ ପ୍ରସନ୍ନ ହୋଇ ନିଜର ଭକ୍ତଙ୍କୁ ବିପଦରୁ ଉଦ୍ଧାର କର । ତୁମେ କଲ୍ୟାଣୀ ଅଟ । ତୁମେ ଆଦ୍ୟାଶକ୍ତି ଅଟ । ତୁମେ ସମସ୍ତଙ୍କର ଆଦ୍ୟାଶକ୍ତି ଓ ତୁମେ ଆନନ୍ଦଦାୟିନୀ ଅଟ । ତୁମକୁ ନତମସ୍ତକ ହୋଇ ପ୍ରଣାମ କରୁଅଛି ।

ଇନ୍ଦ୍ରମୁଖୀ ଈଷ୍ଟଦାତ୍ରୀ ଈଷ୍ଟମନ୍ତ୍ର ସ୍ୱରୂପିଣୀ ।
ଇଚ୍ଛାମୟୀ ଜଗନ୍ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ଜଗନ୍ମାତା ଲକ୍ଷ୍ମୀ ! ତୁମେ ଅଭୀଷ୍ଟ ପ୍ରଦାନ କରିଥାଅ । ତୁମର ମୁଖ ପୂର୍ଣ୍ଣଚନ୍ଦ୍ରମା ଭଳି ପ୍ରକାଶମାନ ଅଟେ । ତୁମେ ଈଷ୍ଟମନ୍ତ୍ର ସ୍ୱରୂପିଣୀ ଓ ଇଚ୍ଛାମୟୀ ଅଟ । ତୁମକୁ ନତମସ୍ତକ ହୋଇ ପ୍ରଣାମ କରୁଛି ।

ଉମା ଉମାପତେସ୍ତ୍ୱନ୍ତୁ ହ୍ୱାକ୍ରଣ୍ଡାକୂଳନାଶିନୀ ।
ଉର୍ବୀଶ୍ୱରୀ ଜଗନ୍ମାତର୍ଲକ୍ଷ୍ମୀ ଦେବୀ ନମୋସ୍ତୁତେ ॥

ହେ ଦେବୀ ଲକ୍ଷ୍ମୀ ! ତୁମେ ଉମାପତିଙ୍କର ଉମା ଅଟ । ତୁମେ ପୃଥିବୀର ଈଶ୍ୱରୀ ଅଟ । ତୁମକୁ ନମସ୍କାର କରୁଅଛି ।

ଐରାବତ ପତି ପୂଜ୍ୟା ଐଶ୍ୱର୍ଯ୍ୟାଣାଂ ପ୍ରଦାୟିନୀ ।
ଔଦାର୍ଯ୍ୟଗୁଣସମ୍ପନ୍ନା ଲକ୍ଷ୍ମୀ ଦେବୀ ନମୋ ସ୍ତୁତେ ॥

ହେ ଦେବୀ ! ତୁମେ ଐରାବତ ପତି ଦେବରାଜ ଇନ୍ଦ୍ରଙ୍କର ବନ୍ଦନୀୟ ଅଟ । ତୁମେ ପ୍ରସନ୍ନ ହେଲେ ସମ୍ପୂର୍ଣ୍ଣ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଅ । ତୁମେ ଉଦାରଗୁଣରେ ବିଭୂଷିତ ଅଟ । ତୁମକୁ ନମସ୍କାର କରୁଅଛି ।

କୃଷ୍ଣବକ୍ଷଃ ସ୍ଥିତା ଦେବୀ କଳିକଲ୍ମଷନାଶିନୀ ।
କୃଷ୍ଣଚିତ୍ତହରା କର୍ତ୍ତ୍ରୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମେ ସର୍ବଦା ଶ୍ରୀକୃଷ୍ଣଙ୍କ ବକ୍ଷସ୍ଥଳରେ ବିରାଜମାନ ହୋଇ ରହିଅଛ । ତୁମ ବ୍ୟତୀତ ଆଉ କେହି ମଧ୍ୟ କଳିକଲ୍ମଷ ଧ୍ୱଂସ କରିବା ପାଇଁ ସମର୍ଥ ନୁହଁନ୍ତି । ତୁମେ ହିଁ ଶ୍ରୀକୃଷ୍ଣଙ୍କର ଚିତ୍ତହରଣ କରିଅଛ। ଏଣୁ ତୁମେ ହିଁ ସମସ୍ତ କାର୍ଯ୍ୟ କରୁଅଛ । ତୁମକୁ ନତମସ୍ତକ ହୋଇ ନମସ୍କାର କରୁଅଛି ।

ଖଞ୍ଜନାକ୍ଷୀ ଖଂଜନାସା ଦେବୀ ଖେଦବିନାଶିନୀ।
ଖଂଜରୀ ଟଗତି ଶ୍ଚୈବ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ! ତୁମେ ଖଞ୍ଜନ ନେତ୍ର ଭଳି ସୁନୟନା ଅଟ। ତୁମର ନାକ ଗରୁଡଙ୍କ ନାସିକା ଭଳି ମନୋହର ଅଟେ। ତୁମେ ଆଶ୍ରିତମାନଙ୍କର କ୍ଲେଶ ହରଣ କରିଥାଅ। ତୁମର ଗତି ଖଂଜରୀଟ ଭଳି ଅଟେ। ମୁଁ ତୁମକୁ ମୁଣ୍ଡ ନୁଆଇଁ ନମସ୍କାର କରୁଅଛି।

ଗୋବିନ୍ଦ ବଲ୍ଲଭାଦେବ୍ୟ ଗନ୍ଧର୍ବ କୁଳୟାବନୀ ।
ଗୋଲକବାସିନୀ ମାତଃ ଶିରସା ପ୍ରଣମାମ୍ୟହଂ ॥

ହେ ଜନନୀ ! ତୁମେ ବୈକୁଣ୍ଠପତି ଗୋବିନ୍ଦଙ୍କ ପ୍ରିୟତମା ଅଟ । ତୁମର ଅନୁଗ୍ରହ ଦ୍ୱାରା ଗନ୍ଧର୍ବ କୁଳ ପବିତ୍ର ହୋଇଛନ୍ତି । ତୁମେ ସର୍ବଦା ଗୋଲକଧାମରେ ବିହାର କରୁଅଛ । ମୁଁ ନତମସ୍ତକ ହୋଇ ତୁମକୁ ପ୍ରଣାମ କରୁଅଛି ।

ଜ୍ଞାନଦା ଗୁଣଦା ଦେବୀ ଗୁଣାଧକ୍ଷା ଗୁଣାକରୀ ।
ଗନ୍ଧପୁଷ୍ପଧରା ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ମାତ ! ତୁମେ ଏକମାତ୍ର ଜ୍ଞାନ ପ୍ରଦାନ କରିଥାଅ । ତୁମେ ମଣିଷକୁ ଭଲଗୁଣ ଦେଇଥାଅ । ତୁମେ ହିଁ ଗୁଣର ଅଧକ୍ଷା ଓ ଆଧାର ଅଟ । ତୁମେ ସବୁବେଳେ ଗନ୍ଧପୁଷ୍ପ ଦ୍ୱାରା ଶୋଭାପାଉଥାଅ । ମୁଁ ମୁଣ୍ଡ ନୁଆଇଁ ତୁମକୁ ନମସ୍କାର କରୁଅଛି ।

ଘନଶ୍ୟାମ ପ୍ରିୟା ଦେବୀ ଘୋର ସଂସାରତାରିଣୀ ।
ଘୋର ପାପହରା ଚୈବ ଶିରସା ପ୍ରଣମାମ୍ୟହମ୍ ॥

ହେ କମଳା ! ତୁମେ ଘନଶ୍ୟାମଙ୍କର ପ୍ରିୟତମା ଅଟ । ଏକମାତ୍ର ତୁମେ ହିଁ ଘୋର ସଂସାର ସାଗରର ରକ୍ଷାକର୍ତ୍ତ୍ରୀ ଅଟ । ତୁମ ବ୍ୟତୀତ ଅନ୍ୟ କେହି ମଧ୍ୟ ଭୟଙ୍କର ପାପରୁ ଉଦ୍ଧାର କରିବା ପାଇଁ ସମର୍ଥ ନୁହଁନ୍ତି । ଏଣୁ ମୁଁ ତୁମକୁ ନତମସ୍ତକ ହୋଇ ପ୍ରଣାମ କରୁଅଛି ।

ଚତୁର୍ବେଦମୟୀ ଚିନ୍ତ୍ୟା ଚିତ୍ତଚୈତନ୍ୟଦାୟିନୀ ।
ଚତୁରାନନପୁଜ୍ୟା ଚ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମେ ଚତୁର୍ବେଦମୟୀ ଅଟ । ତୁମେ ହିଁ ଏକମାତ୍ର ଯୋଗୀମାନଙ୍କର ଧ୍ୟାନ ଅଟ । ତୁମରି ପ୍ରସାଦରୁ ଚିତ୍ତରେ ଚୈତନ୍ୟତାର ସଞ୍ଚାର ହୁଏ । ଜଗତ୍‌ପତି ଚତୁରାନନ ମଧ୍ୟ ତୁମର ପୂଜା କରନ୍ତି । ଏଣୁ ହେ ଜନନୀ ! ମୁଁ ତୁମକୁ ନତମସ୍ତକ ହୋଇ ପ୍ରଣାମ କରୁଅଛି ।

ଚୈତନ୍ୟରୂପିଣୀ ଦେବୀ ଚନ୍ଦ୍ରକୋଟି ସମପ୍ରଭା ।
ଚନ୍ଦ୍ରର୍କନଶ୍ୱରଜ୍ୟୋତିର୍ଲକ୍ଷ୍ମୀ ଦେବୀ ନମାମ୍ୟହମ୍ ॥

ହେ ଦେବୀ ! ତୁମେ ଚୈତନ୍ୟ ରୂପିଣୀ ଅଟ । ତୁମ ଶରୀରର କାନ୍ତି କୋଟି କୋଟି ଚନ୍ଦ୍ରମା ଭଳି ରମଣୀୟ ଅଟେ । ତୁମ ଚରଣର ଦୀପ୍ତି ଚନ୍ଦ୍ରସୂର୍ଯ୍ୟଙ୍କ କାନ୍ତିଠାରୁ ମଧ୍ୟ ଅଧିକ ଦେଦୀପ୍ୟମାନ ଅଟେ । ମୁଁ ତୁମକୁ ନମସ୍କାର କରୁଅଛି ।

ଚପଳା ଚତୁରାଧକ୍ଷୀ ଚରମେ ଗତିଦାୟିନୀ ।
ଚରାଚରେଶ୍ୱରୀ ଲକ୍ଷ୍ମୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ଲକ୍ଷ୍ମୀ ! ତୁମେ ସବୁବେଳେ ଗୋଟିଏ ସ୍ଥାନରେ ବାସ କରନାହିଁ । ଏଥିପାଇଁ ତୁମକୁ ଚପଳା କୁହାଯାଏ । ଅନ୍ତଃକାଳରେ ତୁମେ ହିଁ ଗତି ଦେଇଥାଅ । ତୁମେ ସଚରାଚର ଜୀବଙ୍କର ଅଧୀଶ୍ୱର ଅଟ । ମୁଁ ତୁମକୁ ମୁଣ୍ଡନୁଆଇଁ ନମସ୍କାର କରୁଅଛି ।

ଛତ୍ରଚାମରଯୁକ୍ତା ଚ ଛଳଚାତୂର୍ଯ୍ୟନାଶିନୀ ।
ଛିଦ୍ରୌଘହାରିଣୀ ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ଜନନୀ ! ତୁମେ ସୁନ୍ଦର ଛତ୍ର ଓ ଚାମରରେ ଅତ୍ୟନ୍ତ ଶୋଭାୟମାନ ହୋଇ ଛଳଚାତୁରୀ ପ୍ରଭାବକୁ ନାଶ କରିଥାଅ । ତୁମେ ପାପକୁ ନଷ୍ଟ କରିଥାଅ । ଏଣୁ ମୁଁ ନତମସ୍ତକ ହୋଇ ତୁମକୁ ନମସ୍କାର କରୁଅଛି ।

ଜଗନ୍ମାତା ଜଗତ୍‌କର୍ତ୍ରୀଂ ଜଗଦାଧାରରୂପିଣୀ ।
ଜୟପ୍ରଦା ଜାନକୀ ଚ ଶିରସା ପ୍ରଣମାମ୍ୟହମ୍ ॥

ହେ ଜନନୀ ! ତୁମେ ଜଗତର ଜନନୀ ଅଟ । ତୁମେ ଜଗତର ଏକମାତ୍ର ଆଧାର ଅଟ । ତୁମେ ଜୟଦାତ୍ରୀ ଅଟ । ତୁମେ ଜାନକୀ ରୂପରେ ଜଗତରେ ଅବତୀର୍ଣ୍ଣ । ମୁଁ ମୁଣ୍ଡ ନୁଆଇଁ ତୁମକୁ ନମସ୍କାର କରୁଅଛି ।

ଜାନକୀଶପ୍ରିୟା ତ୍ୱଂ ହି ଜନକୋତ୍ଭବଦୟିନୀ ।
ଜୀବାତ୍ମନାଂ ଚ ତ୍ୱଂ ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ଜନନୀ ! ତୁମେ ରଘୁବୀରଙ୍କ ସହଧର୍ମିଣୀ ଅଟ । ତୁମେ ଜନକଙ୍କୁ ଆନନ୍ଦ ଦେଇଛ । ତୁମେ ସମସ୍ତ ଜୀବଙ୍କର ଆତ୍ମା ସ୍ୱରୂପ ଅଟ । ମୁଁ ନତମସ୍ତକ ହୋଇ ତୁମକୁ ପ୍ରଣାମ କରୁଅଛି ।

ଝିଞ୍ଜିର ବସ୍ୱନା ଦେବୀ ଝଂ ଝଂ ବାତନିବାରିଣୀ ।
ଝର୍ଝର ପ୍ରିୟବାଦ୍ୟା ଚ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମ କଣ୍ଠର ସ୍ୱର ଝିଂଜୀରବ ସମାନ ମଧୁର ଅଟେ । ତୁମର ଅନୁଗ୍ରହରେ ବର୍ଷାଯୁକ୍ତ ଝଞ୍ଜାବାୟୁ କବଳରୁ ରକ୍ଷା ମିଳେ । ତୁମେ ଗୋବର୍ଦ୍ଧନ ଆଦି ପର୍ବତର ଝରଝର ବାଦ୍ୟ ଶୁଣି ଅତ୍ୟନ୍ତ ଖୁସି ହୁଅ, ମୁଁ ତୁମକୁ ନତମସ୍ତକ ହୋଇ ପ୍ରଣାମ କରୁଅଛି ।

ଅର୍ଥପ୍ରଦାୟିନୀ ତ୍ୱଂ ହି ତ୍ୱଞ୍ଚ ଠକରାରୂପିଣୀ ।
ଢ କ୍ଲାଦି ବାଦ୍ୟ ପ୍ରଣୟା ଡମ୍ଫବାଦ୍ୟ ବିନୋଦିନୀ ।
ଡମ୍ବରୁପ୍ରଣୟା ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ଜନନୀ ! ଏକମାତ୍ର ତୁମେ ହିଁ ଧନ ପ୍ରଦାନ କରିଥାଅ । ତୁମେ ଠକାର ରୂପିଣୀ ଅଟ । ଡମ୍ବରୁ ଓ ଡମ୍ଫ ବାଦ୍ୟ ଶୁଣି ତୁମେ ପ୍ରସନ୍ନ ହୋଇଥାଅ । ଢକ୍ଲାଦି ବାଦ୍ୟ ତୁମର ଅତ୍ୟନ୍ତ ପ୍ରୀତିକର ଅଟେ । ମୁଁ ମୁଣ୍ଡନୁଆଁଇ ତୁମର ଚରଣକମଳରେ ପ୍ରଣାମ କରୁଅଛି ।

ତପ୍ତାକଂଚନ ବର୍ଣ୍ଣାଭା ତ୍ରୈଲୋକ୍ୟଲୋକତାରିଣୀ ।
ତ୍ରିଲୋକଜନନୀ ଲକ୍ଷ୍ମୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ଲକ୍ଷ୍ମୀ ! ତୁମର ବର୍ଣ୍ଣ ତପ୍ତ ହୋଇଥିବା କାଞ୍ଚନ ଭଳି ଉଜ୍ଜ୍ୱଳ ଅଟେ । ତୁମେ ତ୍ରୈଲୋକ୍ୟବାସୀ ଜୀବଙ୍କୁ ରକ୍ଷା କରିଥାଅ । ତୁମେ ହିଁ ତିନିଲୋକକୁ ଉତ୍ପନ୍ନ କରିଅଛ । ମୁଁ ନତମସ୍ତକ ହୋଇ ତୁମକୁ ପ୍ରଣାମ କରୁଅଛି ।

ତ୍ରୈଲୋକ୍ୟ ସୁନ୍ଦରୀ ତ୍ୱଂ ହି ତାପତ୍ରୟନିବାରିଣୀ ।
ତ୍ରିଗୁଣ ଧାରିଣୀ ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ଜନନୀ ! ତୁମେ ତ୍ରିଭୁବନରେ ପରମ ରୂପବତୀ ଅଟ । ତୁମେ ହିଁ ତିନି ତାପକୁ ନାଶ କରିଥାଅ । ତୁମେ ସତ୍ୱ, ରଜ ଓ ତମୋଗୁଣ ଧାରିଣୀ ଅଟ । ମୁଁ ତୁମକୁ ମୁଣ୍ଡ ନୁଆଁଇ ପ୍ରଣାମ କରୁଅଛି ।

ତ୍ରୈଲୋକ୍ୟମଙ୍ଗଳା ତ୍ୱଂ ହି ତୀର୍ଥମୂଳପଦ ଦ୍ୱୟା ।
ତ୍ରିକାଳଜ୍ଞା ତ୍ରାଣକର୍ତ୍ରୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମେ ତିନିଲୋକର ମଙ୍ଗଳ ବିଧାନ କରିଥାଅ । ତୁମ ଚରଣ କମଳରେ ସମସ୍ତ ତୀର୍ଥ ବିରାଜମାନ କରନ୍ତି । ତୁମେ ଭୂତଭବିଷ୍ୟ ଓ ବର୍ତ୍ତମାନ ତିନିକାଳକୁ ଜାଣିଅଛ । ତୁମେ ଜୀବମାନଙ୍କୁ ରକ୍ଷା କରିଥାଅ । ମୁଁ ନତମସ୍ତକ ହୋଇ ତୁମକୁ ପ୍ରଣାମ କରୁଛି ।

ଦୁର୍ଗତିନାଶିନୀ ତ୍ୱଂ ହି ଦାରିଦ୍ର୍ୟାପଦ୍ଧିନାଶିନୀ ।
ଦ୍ୱାରକାବାସିନୀ ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ଜନନୀ ! ତୁମେ ବିପଦ ସମୟରେ ଉଦ୍ଧାର କରିଥାଅ ଓ ଦରିଦ୍ରତା ଦୂର କରିଥାଅ । ତୁମେ ଦ୍ୱାରକାପୁରୀରେ ବିରାଜମାନ ହୋଇଅଛ । ମୁଁ ନତମସ୍ତକ ହୋଇ ତୁମକୁ ପ୍ରଣାମ କରୁଛି ।

ଦେବତାନାଂ ଦୂରାରାଧ୍ୟା ଦୁଃଖଶୋକ ବିନାଶିନୀ ।
ଦିବ୍ୟାଭରଣଭୂଷାଂଶୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ଦେବତାମାନେ ବହୁତ ତପସ୍ୟା କରି ବହୁକଷ୍ଟରେ ତୁମକୁ ପାଇଛନ୍ତି । ତୁମେ ପ୍ରସନ୍ନ ହେଲେ ସମସ୍ତ ଦୁଃଖ ଶୋକ ହରଣ କରିଥାଅ । ତୁମେ ଦିବ୍ୟ ଆଭୂଷଣରେ ଶୋଭା ପାଉଅଛ । ମୁଁ ମୁଣ୍ଡନୁଆଁଇ ତୁମକୁ ପ୍ରଣାମ କରୁଅଛି ।

ଦାମୋଦରପ୍ରିୟା ତ୍ୱଂ ହି ଦିବ୍ୟଯୋଗପ୍ରଦର୍ଶିନୀ ।
ଦୟାମୟୀ ଦୟାଧକ୍ଷୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଜନନୀ ! ତୁମେ ଦାମୋଦରଙ୍କ ପ୍ରିୟା ଅଟ । ତୁମରି ପ୍ରସାଦରେ ଦିବ୍ୟ ଯୋଗ ମିଳିଥାଏ । ତୁମେ ଦୟାମୟୀ ଅଟ । ତୁମେ ହିଁ ଦୟାର ଅଧିଷ୍ଠାତ୍ରୀ ଦେବୀ । ତୁମକୁ ନତମସ୍ତକ ହୋଇ ପ୍ରଣାମ କରୁଅଛି ।

ଧ୍ୟନାତୀତା ଧରାଧକ୍ଷା ଧନଧାନ୍ୟପ୍ରଦାୟିନୀ ।
ଧର୍ମଦା ଧୈର୍ଯ୍ୟଦା ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ମାତା ! ତୁମେ ଧ୍ୟାନର ଅତୀତ ଅଟ । ତୁମେ ପୃଥିବୀର ଅଧ୍ୟକ୍ଷା ଅଟ । ତୁମେ ଭକ୍ତମାନଙ୍କୁ ଧନଧାନ୍ୟ ପ୍ରଦାନ କରିଥାଅ ।

ତୁମେ ଧର୍ମ ଓ ଧୈର୍ଯ୍ୟ ଶକ୍ତି ପ୍ରଦାନ କରିଥାଅ । ମୁଁ ମୁଣ୍ଡନୁଆଁଇ ତୁମକୁ ପ୍ରଣାମ କରୁଅଛି ।

ନବଗୋରୋଚନା ଗୌରୀ ନନ୍ଦନନ୍ଦନ ଗେହିନୀ ।
ନବଯୌବନଚାର୍ବଂଗୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମେ ନବୀନ ଗୋରଚନା ଭଳି ଗୌର ବର୍ଣ୍ଣ ଅଟ । ତୁମେ ନନ୍ଦ ନନ୍ଦନଙ୍କ ପ୍ରିୟତମା ଅଟ । ତୁମେ ନବଯୌବନ କାରଣ ହେତୁ ସୁନ୍ଦରୀ ଅଟ । ମୁଁ ତୁମକୁ ନତମସ୍ତକ ହୋଇ ପ୍ରଣାମ କରୁଅଛି ।

ନାନାରତ୍ନାଦିଭୂଷାଢ୍ୟା ନାନାରତ୍ନ ପ୍ରଦାୟିନୀ ।
ନିତମ୍ବିନୀ ନଳିନାକ୍ଷୀ ଲକ୍ଷ୍ମୀ ଦେବୀ ନମୋସ୍ତୁତେ ॥

ହେ ଦେବୀ ! ତୁମେ ଅନେକ ପ୍ରକାର ରତ୍ନ ଧାରଣ କରି ଶୋଭାପାଉଅଛ । ତୁମେ ପ୍ରସନ୍ନ ହେବାପରେ ନାନା ପ୍ରକାର ରତ୍ନ ଆଦି ପ୍ରଦାନ କରିଥାଅ । ତୁମର ବିଶାଳ ନିତମ୍ବ ଓ ନେତ୍ରକମଳ ସୁନ୍ଦର ଅଟେ । ତୁମକୁ ନତମସ୍ତକ ହୋଇ ପ୍ରଣାମ କରୁଅଛି ।

ନିଧୁବନ ପ୍ରେମାନନ୍ଦା ନିରାଶ୍ରୟଗତିପ୍ରଦା ।
ନିର୍ବିକାରା ନିତ୍ୟରୂପା ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀ ଦେବୀ ! ତୁମେ ବିକାର ରହିତ ଓ ନିତ୍ୟରୂପିଣୀ ଅଟ । ନିଧୁବନରେ ବିହାର କଲେ ତୁମକୁ ପ୍ରେମାନନ୍ଦ ପ୍ରାପ୍ତି ହୋଇଥାଏ । ତୁମେ ନିରାଶ୍ରୟକୁ ଆଶ୍ରୟ ଦେଇଥାଅ । ତୁମକୁ ମୁଁ ନମସ୍କାର କରୁଅଛି ।

ପୂର୍ଣ୍ଣାନନ୍ଦମୟୀ ତ୍ୱଂ ହି ପୂର୍ଣ୍ଣବ୍ରହ୍ମ ସନାତନୀ ।
ପରାଶକ୍ତିଃ ପରା ଭକ୍ତିର୍ଲକ୍ଷ୍ମୀ ଦେବୀ ନମୋସ୍ତୁତେ ॥

ହେ ଦେବୀ କମଳା ! ତୁମେ ପୂର୍ଣ୍ଣାନନ୍ଦମୟୀ ଅଟ । ତୁମେ ପୂର୍ଣ୍ଣବ୍ରହ୍ମ ସ୍ୱରୂପିଣୀ ଅଟ । ତୁମେ ପରମଶକ୍ତି ଅଟ । ତୁମେ ପରମ ଭକ୍ତିସ୍ୱରୂପା ଅଟ । ତୁମକୁ ମୁଁ ନମସ୍କାର କରୁଅଛି ।

ପୂର୍ଣ୍ଣଚନ୍ଦ୍ରମୁଖୀ ତ୍ୱଂ ହି ପରାନନ୍ଦ ପ୍ରଦାୟିନୀ ।
ପରମାର୍ଥପ୍ରଦା ଲକ୍ଷ୍ମୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମର ଶରୀର ପୂର୍ଣ୍ଣଚନ୍ଦ୍ର ଭଳି ସୁନ୍ଦର ଅଟେ । ତୁମେ ପରମାନନ୍ଦ ଓ ପରମାର୍ଥ ଦାନ କରିଥାଅ । ମୁଁ ମୁଣ୍ଡନୁଆଁଇ ତୁମକୁ ପ୍ରଣାମ କରୁଅଛି ।

ପୁଣ୍ଡରୀକାକ୍ଷିଣୀ ତ୍ୱଂ ହି ପୁଣ୍ଡରୀକାକ୍ଷ ଗେହିନୀ ।
ପଦ୍ମରାଗଧରା ତ୍ୱଂ ହି ଶିରସା ପ୍ରଣମାମ୍ୟହମ୍ ॥

ତୁମର ନେତ୍ର କମଳ ଭଳି ସୁନ୍ଦର ଅଟେ । ତୁମେ ପୁଣ୍ଡରୀକାକ୍ଷଙ୍କ ସଙ୍ଗିନୀ ଅଟ । ତୁମେ ପଦ୍ମରାଗମଣିଧାରଣ କରି ପରମ ଶୋଭା ପାଉଅଛ । ମୁଁ ନତମସ୍ତକ ହୋଇ ତୁମକୁ ନମସ୍କାର କରୁଅଛି ।

ପଦ୍ମା ପଦ୍ମାସନା ତ୍ୱଂ ହି ପଦ୍ମାମାଳା ବିଧାରିଣୀ ।
ପ୍ରଣବରୂପିଣୀ ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ମାତା ! ତୁମେ ପଦ୍ମାସନରେ ବିରାଜମାନ କରିଅଛ । ଏହି କାରଣରୁ ତୁମର ପଦ୍ମା ନାମ ପ୍ରସିଦ୍ଧ ଅଟେ । ତୁମେ ଗଳାରେ ସୁନ୍ଦର ପଦ୍ମମାଳ ଧାରଣ କରିଅଛ । ତୁମେ ଓଁକାରରୂପିଣୀ ଅଟ । ମୁଁ ତୁମକୁ ମୁଣ୍ଡ ନୁଆଁଇ ପ୍ରଣାମ କରୁଅଛି ।

ଫୁଲେନ୍ଦୁବଦନା ତ୍ୱଂ ହି ଫଣିବେଣିବିମୋହିନୀ ।
ଫଣିଶାୟିପ୍ରିୟା ମାତଃ ଶିରସା ପ୍ରଣମାମ୍ୟହମ୍ ॥

ହେ ମାତା ! ତୁମର ମୁଖ ଚନ୍ଦ୍ରକିରଣ ଭଳି ସୁନ୍ଦର ଅଟେ । ତୁମର ମୁଣ୍ଡର ବେଣୀ ସର୍ପଭଳି ଲମ୍ବା ହୋଇ ପରମ ଶୋଭା ଧାରଣ କରିଅଛି । ତୁମେ କ୍ଷୀରସାଗରରେ ଅନନ୍ତ ଶୟନ କରିଥିବା ହରିଙ୍କ ଗୃହିଣୀ ଅଟ । ମୁଁ ନତମସ୍ତକ ହୋଇ ତୁମକୁ ପ୍ରଣାମ କରୁଅଛି ।

ବିଶ୍ୱକର୍ତ୍ତ୍ରୀ ବିଶ୍ୱଭର୍ତ୍ତ୍ରୀ ବିଶ୍ୱଦାତ୍ରୀ ବିଶ୍ୱେଶ୍ୱରୀ ।

ବିଶ୍ୱାରାଧ୍ୟା ବିଶ୍ୱବାହ୍ୟା ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀ ଦେବୀ ! ତୁମେ ସଂସାରକୁ ସୃଷ୍ଟି କରିଅଛ । ତୁମେ ବିଶ୍ୱକୁ ପାଳନ କରୁଅଛ । ତୁମେ ସଂପୂର୍ଣ୍ଣ ବିଶ୍ୱର ଈଶ୍ୱରୀ ଅଟ । ତୁମେ ବିଶ୍ୱବାସୀ ଜୀବଙ୍କର ପୂଜନୀୟା ଅଟ । ତୁମେ ବିଶ୍ୱର ସବୁଠାରେ ବିଦ୍ୟମାନ, କିନ୍ତୁ ତୁମେ ଜଗତରେ ଲିପ୍ତ ନୁହଁ । ତୁମେ ବିଶ୍ୱବାହାରେ ରହିଅଛ । ତୁମେ ବିଶ୍ୱଭିତରେ ରହିଅଛ । ତୁମକୁ ନମସ୍କାର କରୁଅଛି ।

ବିଷ୍ଣୁପ୍ରିୟା ବିଷ୍ଣୁଶକ୍ତିଃ ବୀଜମନ୍ତ୍ର ସ୍ୱରୂପିଣୀ ।

ବରଦା ବାକ୍ୟସିଦ୍ଧା ଚ ଶିରସା ପ୍ରଣମାମ୍ୟହମ୍ ॥

ତୁମେ ବିଷ୍ଣୁଙ୍କ ପ୍ରିୟା ଅଟ । ତୁମେ ବିଷ୍ଣୁଙ୍କର ଏକମାତ୍ର ଶକ୍ତି ଅଟ । ତୁମେ ବୀଜମନ୍ତ୍ର ସ୍ୱରୂପିଣୀ ଅଟ । ତୁମେ ବରଦାନ ଓ ବାକ୍‌ସିଦ୍ଧି ପ୍ରଦାନ କରିଥାଅ । ମୁଁ ମୁଣ୍ଡନୁଆଁଇ ତୁମକୁ ପ୍ରଣାମ କରୁଅଛି ।

ଭୁକ୍ତିମୁକ୍ତି ପ୍ରଦା ତ୍ୱଂ ହି ଭକ୍ତନୁଗ୍ରହକାରିଣୀ ।

ଭବାର୍ଣ୍ଣବତ୍ରାଣକର୍ତ୍ତ୍ରୀ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ ଭକ୍ତି ଓ ମୁକ୍ତି ପ୍ରଦାନ କରିଥାଅ । ତୁମେ ଭକ୍ତମାନଙ୍କୁ ଅନୁଗ୍ରହ କରିଥାଅ । ତୁମେ ଆଶ୍ରିତମାନଙ୍କୁ ଭବସାଗରରୁ ପାର କରି ଦେଇଥାଅ । ତୁମକୁ ନମସ୍କାର କରୁଅଛି ।

ଭକ୍ତପ୍ରିୟା ଭାଗିରଥୀ ଭକ୍ତ ମଙ୍ଗଳଦାୟିନୀ ।

ଭୟଦା ଭୟଦାତ୍ରୀଚ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ ଭକ୍ତମାନଙ୍କୁ ଆନ୍ତରିକ ସ୍ନେହ ଦେଇଥାଅ । ତୁମେ ଭାଗିରଥୀ ଗଙ୍ଗା ସ୍ୱରୂପିଣୀ ଅଟ । ତୁମେ ଭକ୍ତଙ୍କର କଲ୍ୟାଣ କରିଥାଅ । ତୁମେ ଦୁଷ୍ଟକୁ ନାଶ କରିଥାଅ । ତୁମେ ଶରଣାଗତଙ୍କୁ ଅଭୟ ପ୍ରଦାନ କରିଥାଅ । ତୁମକୁ ନମସ୍କାର କରୁଅଛି ।

ନମୋଅଭିଷ୍ଟପ୍ରଦା ତ୍ୱଂ ହି ମହାମୋହବିନାଶିନୀ ।
ମୋକ୍ଷଦା ମାନଦାତ୍ରୀ ଚ ଲକ୍ଷ୍ମୀ ଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀ ଦେବୀ ! ତୁମେ କାମନାପୂର୍ଣ୍ଣ କରିଥାଅ । ତୁମେ ମୋହ ବିନାଶ କରିଥାଅ । ତୁମେ ମୋକ୍ଷ ଦେଇଥାଅ । ତୁମେ ସମ୍ମାନ ଦେଇଥାଅ । ତୁମକୁ ନମସ୍କାର କରୁଅଛି ।

ମହାଧନ୍ୟା ମହାମାନ୍ୟା ମାଧବସ୍ୟାତ୍ମମୋହିନୀ ।
ମୋକ୍ଷଦା ମାନଦାତ୍ରୀଚ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ ମହାଧନ୍ୟା ଅଟ । ତୁମେ ମହାମାନନୀୟା ଅଟ । ତୁମେ ହିଁ ମାଧବଙ୍କୁ ମୋହିତ କରିଅଛ । ତୁମେ ମୋକ୍ଷ ଓ ମାନଦାତ୍ରୀ ଅଟ । ତୁମକୁ ନମସ୍କାର କରୁଅଛି ।

ଯୌବନପୂର୍ଣ୍ଣ ସୌନ୍ଦର୍ଯ୍ୟା ଯୋଗମାୟା ତଥେଶ୍ୱରୀ ।
ଯୁଗ୍ମ ଶ୍ରୀଫଳବୃକ୍ଷା ଚ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ ପୂର୍ଣ୍ଣ ଯୌବନ ଧାରଣ କରି ସୁନ୍ଦର ଦେଖାଯାଉଅଛ । ତୁମେ ଯୋଗମାୟା ଅଟ । ତୁମେ ଯୋଗର ଈଶ୍ୱରୀ ଅଟ । ତୁମର ବକ୍ଷସ୍ଥଳରେ ଦୁଇଟି ନାରିକେଳ ସଦୃଶ ଉଚ୍ଚସ୍ତନ ଶୋଭାପାଉଛି । ତୁମକୁ ନମସ୍କାର କରୁଅଛି ।

ଯୁଗ୍ମାଂଗଦବିଭୂଷାଢ୍ୟା ଯୁବତୀନାଂ ଶିରୋମଣିଃ ।
ଯଶୋଦାସୂତପତ୍ନୀ ଚ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମର ଦୁଇ ବାହୁରେ ଦୁଇଟି ବାଜୁବନ୍ଧ ବିଦ୍ୟମାନ । ତୁମେ ଯୁବତୀମାନଙ୍କ ଶିରୋମଣି ଅଟ । ତୁମେ ଯଶୋଦାନନ୍ଦନଙ୍କ ପତ୍ନୀ ଅଟ । ତୁମକୁ ନମସ୍କାର କରୁଅଛି ।

ରୂପଯୌବନ ସମ୍ପନ୍ନା ରତ୍ନାଳଂକାରଧାରିଣୀ ।
ରାକେନ୍ଦୁକୋଟି ସୌନ୍ଦର୍ଯ୍ୟା ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ ରୂପଯୌବନ ସମ୍ପନ୍ନା ଅଟ । ତୁମେ ରତ୍ନଅଳଙ୍କାରରେ ବିଭୂଷିତ ହୋଇଅଛ । ତୁମର କାନ୍ତି କୋଟି କୋଟି ଚନ୍ଦ୍ରଠାରୁ ମଧ୍ୟ ଉଜ୍ଜ୍ୱଳ ଅଟେ । ତୁମକୁ ନମସ୍କାର କରୁଅଛି ।

ରମାରାମା ରାମପତ୍ନୀ ରାଜରାଜେଶ୍ୱରୀ ତଥା ।
ରାଜ୍ୟଦା ରାଜ୍ୟହନ୍ତ୍ରୀ ଚ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମର ନାମ ରମା ଓ ରାମା ଅଟେ । ତୁମେ ରାମଙ୍କ ପତ୍ନୀ ଅଟ । ତୁମେ ରାଜରାଜେଶ୍ୱରୀ ଅଟ । ତୁମେ ରାଜ୍ୟପ୍ରଦାନ କରିଥାଅ । ତୁମେ ରାଜ୍ୟକୁ ନଷ୍ଟ କରିଥାଅ । ତୁମକୁ ନମସ୍କାର କରୁଅଛି ।

ଲୀଳାଲାବଣ୍ୟ ସମ୍ପନ୍ନା ଲୋକାନୁଗ୍ରହକାରିଣୀ ।

ଲଳନା ପ୍ରୀତିଦାତ୍ରୀଚ ଲକ୍ଷ୍ମୀ ଦେବୀ ନମୋସ୍ତୁତେ ॥

ହେ ଜନନୀ ! ତୁମେ ଲୀଳା ଓ ଲାବଣ୍ୟ ସମ୍ପନ୍ନ ଅଟ । ତୁମେ ଲୋକମାନଙ୍କ ପ୍ରତି ଅନୁଗ୍ରହ କରିଥାଅ । ସ୍ତ୍ରୀଲୋକମାନେ ତୁମଦ୍ୱାରା ପରମପ୍ରୀତି ପାଇଥାଆନ୍ତି । ତୁମକୁ ନମସ୍କାର କରୁଅଛି ।

ବିଦ୍ୟାଧରୀ ତଥା ବିଦ୍ୟା ବସୁଧା ତ୍ୱନ୍ତୁ ବନ୍ଦିତା ।

ବିନ୍ଧ୍ୟାଚଳ ବାସିନୀ ଚ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ ବିଦ୍ୟା ଅଟ । ତୁମେ ବିଦ୍ୟାଧରୀ ଅଟ । ତୁମେ ବସୁଧା ଅଟ । ତୁମେ ବନ୍ଦନୀୟା ଅଟ । ତୁମେ ବିନ୍ଧ୍ୟବାସିନୀ ରୂପରେ ବିନ୍ଧ୍ୟାଚଳରେ ନିବାସ କରି ଆସୁଅଛ । ତୁମଙ୍କୁ ନମସ୍କାର କରୁଅଛି ।

ଶୁଭ କାଞ୍ଚନଗୌରାଙ୍ଗୀ ଶଙ୍ଖକଙ୍କଣ ଧାରିଣୀ ।

ଶୁଭଦା ଶୀଳସମ୍ପନ୍ନା ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ ଶୁଭ କଞ୍ଚନ ଭଳି ଗୌର ବର୍ଣ୍ଣ ଅଟ । ତୁମେ ନିଜହାତରେ ଶଙ୍ଖ ଓ କଙ୍କଣ ଧାରଣ କରିଅଛ । ତୁମେ ଶୁଭଦାୟକ ଅଟ । ତୁମେ ଅତ୍ୟନ୍ତ ଶୀତଳତା ଅଟ । ତୁମକୁ ନମସ୍କାର କରୁଅଛି ।

ଷଟ୍‌ଚକ୍ର ଭେଦିନୀ ତ୍ୱଂ ହି ଷଡୈଶ୍ୱର୍ଯ୍ୟପ୍ରଦାୟିନୀ ।

ଷୋଡଶୀ ବୟସା ତ୍ୱନ୍ତୁ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ ଷଡଚକ୍ର ଭେଦ କରିପାର । ତୁମେ ଛଅ ପ୍ରକାର ଐଶ୍ୱର୍ଯ୍ୟ ପ୍ରଦାନ କରିଥାଅ । ତୁମେ ଷୋହଳ ବୟସି ନବଯୁବତୀ ଅଟ । ତୁମକୁ ନମସ୍କାର କରୁଅଛି ।

ସଦାମନ୍ଦମୟୀ ତ୍ୱଂ ହି ସର୍ବସମ୍ପତ୍ତିଦାୟିନୀ ।

ସଂସାର ତାରିଣୀ ଦେବୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମେ ସର୍ବଦା ଆନନ୍ଦମୟୀ ଅଟ । ତୁମେ ସର୍ବ ସମ୍ପତ୍ତି ଦେଇଥାଅ । ତୁମେ ସଂସାରର ମାୟାବନ୍ଧନରୁ ପାର କରିଥାଅ । ମୁଁ ନତମସ୍ତକ ହୋଇ ତୁମକୁ ପ୍ରଣାମ କରୁଅଛି ।

ସୁକେଶୀ ସୁଖଦା ଦେବୀ ସୁନ୍ଦରୀ ସୁମନୋରମା ।

ସୁରେଶ୍ୱରୀ ସିଦ୍ଧିଦାତ୍ରୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମର କେଶ ସୁନ୍ଦର ଅଟେ । ତୁମେ ସୁଖଦାତ୍ରୀ ଅଟ । ସୁରେଶ୍ୱରୀ ରୂପେ ତୁମେ ସିଦ୍ଧିପ୍ରଦାୟିନୀ ଅଟ । ମୁଁ ମୁଣ୍ଡ ନୁଆଁଇ ତୁମକୁ ନମସ୍କାର କରୁଅଛି ।

ସର୍ବସଂକଟହନ୍ତ୍ରୀ ତ୍ୱଂ ସତ୍ୟସତ୍ତ୍ୱଗୁଣାନ୍ୱିତା ।
ସୀତାପତିପ୍ରିୟା ଦେବୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମେ ସଂପୂର୍ଣ୍ଣରୂପେ ସଙ୍କଟ ଦୂର କରିଥାଅ । ତୁମେ ସତ୍ୟନାରାୟଣୀ ଅଟ । ତୁମେ ସତ୍ତ୍ୱଗୁଣଶାଳିନୀ ଅଟ । ତୁମେ ସୀତାପତି ରାମଚନ୍ଦ୍ରଙ୍କର ପ୍ରିୟ ପତ୍ନୀ ଅଟ । ମୁଁ ନତମସ୍ତକ ହୋଇ ତୁମକୁ ନମସ୍କାର କରୁଅଛି ।

ହେମାଂଗିନୀ ହାସ୍ୟମୁଖୀ ହରିଚିତ୍ତବିମୋହିନୀ ।
ହରିପାଦପ୍ରିୟା ଦେବୀ ଶିରସା ପ୍ରଣମାମ୍ୟହମ୍ ॥

ହେ ଦେବୀ ! ତୁମେ କାଞ୍ଚନ ଭଳି ଗୌରବର୍ଣ୍ଣା ଅଟ । ତୁମେ ସର୍ବଦା ପ୍ରସନ୍ନ ଥାଅ । ତୁମେ ହରିଙ୍କ ଚିତ୍ତମୋହିତ କରୁଅଛ । ହରିଙ୍କ ଚରଣରେ ହିଁ ତୁମର ଅତ୍ୟନ୍ତ ଅନୁରାଗ ରହିଛି । ମୁଁ ନତମସ୍ତକ ହୋଇ ତୁମକୁ ପ୍ରଣାମ କରୁଅଛି ।

କ୍ଷେମଂକରୀ କ୍ଷମାଦାତ୍ରୀ କ୍ଷୌମବାସୋବିଧାରିଣୀ ।
କ୍ଷୀଣମଧ୍ୟା ଚ କ୍ଷେତ୍ରାଂଗୀ ଲକ୍ଷ୍ମୀଦେବୀ ନମୋସ୍ତୁତେ ॥

ହେ ଲକ୍ଷ୍ମୀଦେବୀ ! ତୁମେ କଲ୍ୟାଣକାରୀ ଓ କ୍ଷମାଦାତ୍ରୀ ଅଟ । ତୁମେ କ୍ଷୌମବସ୍ତ୍ର ଧାରଣ କରିଅଛ । ତୁମର କଟୀଦେଶ କ୍ଷୀଣ ହୋଇଥିବାରୁ ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି । ତୁମର ଅଙ୍ଗରେ ସମସ୍ତ ତୀର୍ଥ ଓ କ୍ଷେତ୍ର ବିଦ୍ୟମାନ । ମୁଁ ତୁମକୁ ନମସ୍କାର କରୁଅଛି ।

ଶ୍ରୀଶଙ୍କର ଉବାଚ :

ଅକାରାଦି କ୍ଷକାରାନ୍ତ ଲକ୍ଷ୍ମୀଦେବ୍ୟାଃସ୍ତବ ଶୁଭମ୍ ।
ପଠିତବ୍ୟଂ ପ୍ରଯତ୍ନେନ ତ୍ରିସନ୍ଧ୍ୟଞ୍ଚ ଦିନେ ଦିନେ ॥

ମହାଦେବ କହିଲେ - ହେ ପାର୍ବତୀ! ତୁମର ପ୍ରଶ୍ନ ଅନୁସାରେ ଅକାରାଦିଠାରୁ କ୍ଷକାରନ୍ତ ବର୍ଣ୍ଣ ପର୍ଯ୍ୟନ୍ତ, ଲକ୍ଷ୍ମୀ ସ୍ତୋତ୍ର ବର୍ଣ୍ଣନା କଲି । ଏହି କଲ୍ୟାଣକାରୀ ସ୍ତୋତ୍ରକୁ ପ୍ରତିଦିନ ତିନିସନ୍ଧ୍ୟାରେ ପାଠ କରିବା ଦରକାର ।

ପୂଜନୀୟା ପ୍ରଯତ୍ନେନ କମଳା କରୁଣାମୟୀ ।
ବାଞ୍ଛାକଳ୍ପଲତା ସାକ୍ଷଭକ୍ତିମୁକ୍ତିପ୍ରଦାୟିନୀ ॥

ଏହାଙ୍କୁ ପୂଜା କରିବା ଦରକାର କାହିଁକି ନା ଏହି କମଳା ଦେବୀ କରୁଣାରେ ପରିପୂର୍ଣ୍ଣ ଅଟନ୍ତି । ସେ ଅଭିଳାଷ ପୂରଣ କରନ୍ତି । ସେ ସାକ୍ଷାତ ଭକ୍ତିମୁକ୍ତି ପ୍ରଦାନ କାରିଣୀ ।

ଇଦଂ ସ୍ତୋତ୍ର ପଠେଦ୍ୟସ୍ତୁ ଶୃଣୁୟାତ୍ ଶ୍ରାବୟେଦପି ।
ଇଷ୍ଟସିଦ୍ଧିର୍ଭବେତସ୍ୟ ସତ୍ୟଂ ସତ୍ୟଂ ହି ପାର୍ବତୀ ॥

ଯେଉଁ ପୁରୁଷ ଏହି ଲକ୍ଷ୍ମୀସ୍ତୋତ୍ରକୁ ପଢନ୍ତି ବା ଶୁଣନ୍ତି ବା ଅନ୍ୟଲୋକଙ୍କୁ ଶୁଣାନ୍ତି। ହେ ପାର୍ବତୀ ଏହାଙ୍କର ସମ୍ପୂର୍ଣ୍ଣ ମନୋରଥ ସିଦ୍ଧ ହୋଇଥାଏ। ଏଥିରେ କିଛି ସନ୍ଦେହ ନାହିଁ।

ଇଦଂ ସ୍ତୋତ୍ରଂ ମହାପୁଣ୍ୟଂ ଯଃ ପଠେତ୍ଭକ୍ତି ସଂଯୁତଃ ।
ତଞ୍ଚଦୃଷ୍ଟ୍ୱା ଭବେନ୍ମୁକୋ ବାଦୀସତ୍ୟଂ ନ ସଂଶୟଃ ॥

ହେ ଗୌରୀ! ଯେଉଁ ସାଧକ ଭକ୍ତି ସହିତ ଏହି ପବିତ୍ର ସ୍ତୋତ୍ରକୁ ପାଠ କରନ୍ତି, ଏହାଙ୍କୁ ଦର୍ଶନ ମାତ୍ରେ ହିଁ ବାଦୀମୁକ୍ତ ପ୍ରାପ୍ତ ହୋଇଥାଏ । ଏଥିରେ ସନ୍ଦେହ ନାହିଁ ।

ଶୃଣୁଯାଚ୍ଛ୍ରାବୟେଦ୍ୟସ୍ତୁ ପଠେତ୍ୱା ପାଠୟେଦପି ।
ରାଜାନୌ ବଶମାୟାନ୍ତି ତଂ ଦୃଷ୍ଟ୍ୱା ଗିରିନନ୍ଦିନୀ ॥

ହେ ଗିରିନନ୍ଦିନୀ! ଯିଏ ଏହି ସ୍ତୋତ୍ରକୁ ଶୁଣନ୍ତି, ଯିଏ ଅନ୍ୟକୁ ଶୁଣାନ୍ତି, ଯିଏ ନିଜେ ପଢନ୍ତି, ଯିଏ ଅନ୍ୟମାନଙ୍କୁ ପଢାନ୍ତି- ଏହାଙ୍କୁ ଦର୍ଶନମାତ୍ରେ ହିଁ ରାଜା ମଧ୍ୟ ବଶୀଭୂତ ହୁଅନ୍ତି।

ତଂ ଦୃଷ୍ଟ୍ୱା ଦୁଷ୍ଟସଂଘାଶ୍ଚ ପଳାୟନ୍ତେ ଦିଶୋଦଶ ।
ଭୂତପ୍ରେତଗ୍ରହା ଯକ୍ଷାରାକ୍ଷସା ପନ୍ନଗାଦୟଃ ॥
ବିଦ୍ରବନ୍ତି ଭୟାର୍ତ୍ତା ବୈ ସ୍ତୋତ୍ର ସ୍ୟାପି ଚ କୀର୍ତ୍ତନାତ୍ ॥

ଯେଉଁ ପୁରୁଷ ଏହି ଲକ୍ଷ୍ମୀ ସ୍ତୋତ୍ରକୁ କୀର୍ତ୍ତନ କରନ୍ତି, ଏହାଙ୍କ ଦର୍ଶନ ମାତ୍ରେ ହିଁ ଦୁଷ୍ଟଲୋକ ଦଶଦିଗକୁ ଚାଲିଯାଆନ୍ତି। ଭୂତ, ପ୍ରେତ, ଗ୍ରହ, ଯକ୍ଷ, ରାକ୍ଷସ, ସର୍ପ ଇତ୍ୟାଦି ମଧ୍ୟ ଏହାଙ୍କୁ ଭୟକରି ଅନ୍ୟତ୍ର ଚାଲିଯାଆନ୍ତି। ଏଥିରେ ସନ୍ଦେହ କରନାହିଁ।

ସୁରାଶ୍ଚ ହ୍ୱାସୁରାଶ୍ଚୈବ ଗଂଧର୍ବକିନ୍ନରାଦୟଃ ।
ପ୍ରଣମନ୍ତି ସଦା ଭକ୍ତ୍ୟା ତଂ ଦୃଷ୍ଟ୍ୱା ପାଠକଂ ମୁଦା ॥

ଯେଉଁ ବ୍ୟକ୍ତି ଏହି ସ୍ତୋତ୍ରକୁ ପାଠକରନ୍ତି, ଦେବତା, ଦାନବ, ଗନ୍ଧର୍ବ, କିନ୍ନର ଏହାଙ୍କୁ ଦେଖି ଆନନ୍ଦ ଓ ଭକ୍ତି ସହିତ ପ୍ରଣାମ କରନ୍ତି ।

ଧନାର୍ଥୀ ଲଭତେ ଚାର୍ଥଂ ପୁତ୍ରାର୍ଥୀ ଚ ସୁତଂ ଲଭେତ୍ ।
ରାଜ୍ୟାର୍ଥୀ ଲଭତେ ରାଜ୍ୟଂ ସ୍ତବରାଜସ୍ୟ କୀର୍ତ୍ତନାତ୍ ॥

ଏହି ଉତ୍ତମ ସ୍ତବକୁ କୀର୍ତ୍ତନ କଲେ ଧନାର୍ଥୀ ଧନ, ପୁତ୍ରାର୍ଥୀ ପୁତ୍ର ଓ ରାଜ୍ୟାର୍ଥୀ ରାଜ୍ୟ ପ୍ରାପ୍ତ ହୁଅନ୍ତି ।

ବ୍ରହ୍ମହତ୍ୟା ସୁରାପାନଂ ସ୍ତେୟଂ ଗୁର୍ବଗନାଗମଃ ।
ମହାପାପୋପାପାପଞ୍ଚ ତରନ୍ତି ସ୍ତବକୀର୍ତ୍ତନାତ୍ ॥

ବ୍ରହ୍ମହତ୍ୟା, ସୁରାପାନ, ଚୋରୀ, ଗୁରୁସ୍ତ୍ରୀଗମନ, ମହାପାତକ, ଉପପାତକ, ଏହି ସ୍ତବକୁ କୀର୍ତ୍ତନ କଲେ ଏହାର ପ୍ରଭାବରେ ସମସ୍ତ ପାପରୁ ମୁକ୍ତି ପାଇଥାଆନ୍ତି ।

ଗଦ୍ୟପଦ୍ୟମୟୀ ବାଣୀ ମୁଖାତସ୍ୟ ପ୍ରଜାୟତେ ।
ଅଷ୍ଟସିଦ୍ଧିମବାପ୍ନୋତି ଲକ୍ଷ୍ମୀସ୍ତୋତ୍ରସ୍ୟ କୀର୍ତ୍ତନାତ୍ ॥

ଏହି ଲକ୍ଷ୍ମୀସ୍ତୋତ୍ର କୀର୍ତ୍ତନ କଲେ ନିଜ ମୁଖରୁ ଗଦ୍ୟପଦ୍ୟମୟୀ ବାଣୀ ସ୍ୱତଃ ନିସୃତ ହୁଏ । ଏହାକୁ କୀର୍ତ୍ତନ କରିବା ଲୋକଙ୍କୁ ଅଷ୍ଟସିଦ୍ଧି ପ୍ରାପ୍ତ ହୁଏ ।

ବନ୍ଧ୍ୟାଚାପି ଲଭେତ୍ ପୁତ୍ରଂ ଗର୍ଭିଣୀ ପ୍ରସବେତ୍ସୁତମ୍ ।
ପାଠନାତ୍ଶ୍ରବଣାତ୍ ସତ୍ୟଂ ବଚ୍ମି ତେ ଗିରିନନ୍ଦିନୀ ॥

ହେ ପର୍ବତ ନନ୍ଦିନୀ ! ତୁମକୁ ସତ୍ୟ ହିଁ କହୁଛି । ଏହି ସ୍ତୋତ୍ରକୁ ପଢିଲେ ବା ସ୍ମରଣ କଲେ ବନ୍ଧ୍ୟାନାରୀ ପୁତ୍ରଲାଭ କରନ୍ତି ଓ ଗର୍ଭବତୀ ସ୍ତ୍ରୀଙ୍କର ଉତ୍ତମ ପୁତ୍ର ପ୍ରାପ୍ତି ହୁଏ ।

ଭୁର୍ଜ୍ଜପତ୍ରେ ସମାଲିଖ୍ୟ ରୋଚନାକୁଂକୁମେନ ତୁ ।
ଭକ୍ତ୍ୟା ସଂପୂଜୟେଦ୍ୟସ୍ତୁ ଗନ୍ଧପୁଷ୍ପାକ୍ଷତୈସ୍ତଥା ।
ଧାରୟେଦକ୍ଷିଣେ ବାହୌ ପୁରୁଷଃ ସିଦ୍ଧିକାଂକ୍ଷୟା ।
ଯୋଷିଦ୍ୱାମଭୁଜେ ଧୃତ୍ୱା ସର୍ବସୌଖ୍ୟମୟୀ ଭବେତ୍ ॥

ଯେଉଁ ପୁରୁଷ ଲକ୍ଷ୍ମୀଙ୍କୁ କାମନା କରନ୍ତି, ସେ ଭୁଜ ପତ୍ର ଉପରେ ଗୋରଚନା ଓ କୁଙ୍କୁମ ଦ୍ୱାରା ଏହି ସ୍ତବକୁ ଲେଖି ଗନ୍ଧପୁଷ୍ପରେ ଭକ୍ତିର ସହିତ ପୂଜା ଅର୍ଚ୍ଚନା କରି ଡାହାଣହାତ

ବାହୁରେ ଧାରଣ କଲେ, ସ୍ତ୍ରୀ ହୋଇଥିଲେ ବାମଭୁଜରେ ଧାରଣ କଲେ ସର୍ବସୁଖୀ ହୁଅନ୍ତି ।

ବିଷ ନିର୍ବିଷତାଂ ଯାତି ଅଗିନର୍ଯାତି ଚ ଶୀତତାମ୍ ।
ଶତ୍ରବୋ ମିତ୍ରତାଂ ଯାନ୍ତି ସ୍ତବସ୍ୟାସ୍ୟ ପ୍ରସାଦତଃ ॥

ଏହି ସ୍ତବରାଜର ପ୍ରସାଦରେ ବିଷରେ ନିର୍ବିଷତା, ଅଗ୍ନିରେ ଶୀତଳତା ଓ ଶତ୍ରୁରେ ମିତ୍ରତା ପ୍ରାପ୍ତ ହୁଏ ।

ବହୁନା କିମିହୋକ୍ତେନ ସ୍ତବସ୍ୟାସ୍ୟ ପ୍ରସାଦତଃ ।
ବୈକୁଣ୍ଠେ ଚ ବସେନ୍ନିତ୍ୟଂ ସତ୍ୟଂ ବାଚ୍ମି ସୁରେଶ୍ୱରୀ ॥

ହେ ସୁରେଶ୍ୱରୀ ! ଏହାର ମହାତ୍ମ୍ୟ ଆଉ ଅଧିକ କ'ଣ ବର୍ଣ୍ଣନା କରିବି ? ଶେଷ ସମୟରେ ନିତ୍ୟ ଦିବସ ବୈକୁଣ୍ଠବାସ ହୁଏ । ଏଥିରେ ସନ୍ଦେହ ନାହିଁ ।

କମଳା (ଲକ୍ଷ୍ମୀ) କବଚ

ଲକ୍ଷ୍ମୀର୍ମେ ଚାଗ୍ରତଃ ପାତୁ କମଳା ପାତୁ ପୃଷ୍ଠତଃ ।

ନାରାୟଣୀ ଶୀର୍ଷଦେଶେ ସର୍ବାଙ୍ଗେ ଶ୍ରୀସ୍ୱରୂପିଣୀ ॥

ଲକ୍ଷ୍ମୀ ମୋର ଅଗ୍ରଭାଗକୁ ରକ୍ଷାକରନ୍ତୁ । କମଳା ମୋର ପିଠିକୁ ରକ୍ଷା କରନ୍ତୁ । ନାରାୟଣୀ ମୋର ଶିରକୁ ଓ ଶ୍ରୀସ୍ୱରୂପିଣୀ ଦେବୀ ମୋର ସର୍ବାଙ୍ଗକୁ ରକ୍ଷା କରନ୍ତୁ ।

ରାମପତ୍ନୀ ପ୍ରତ୍ୟଂଗେ ତୁ ସଦାବତୁ ରମେଶ୍ୱରୀ ।
ବିଶାଳାକ୍ଷୀ ଯୋଗମାୟା କୌମାରୀ ଚକ୍ରିଣୀ ତଥା ॥
ଜୟଦାତ୍ରୀ ଧନଦାତ୍ରୀ ପାଶାକ୍ଷମାଳିନୀ ଶୁଭ ।
ହରିପ୍ରିୟା ହରିରାମା ଜୟଂକରୀ ମହୋଦରୀ ॥
କୃଷ୍ଣପରାୟଣା ଦେବୀ ଶ୍ରୀକୃଷ୍ଣମନୋମୋହିନୀ ।
ଜୟଂକରୀ ମହାରୌଦ୍ରୀ ସିଦ୍ଧିଦାତ୍ରୀ ଶୁଭଂକରୀ ।
ଭୟଂ ହରେତ୍ସଦା ପାୟାଦ ଭବବନ୍ଧାଦ୍ୱିମୋଚୟେତ୍ ॥

ଯିଏ ରାମପତ୍ନୀ ଅର୍ଥାତ୍ ରାମେଶ୍ୱରୀ ଅଟନ୍ତି, ସେହି ବିଶାଳ ନେତ୍ରୀ, ଯୋଗମାୟା ଲକ୍ଷ୍ମୀ ମୋର ସମସ୍ତ ଅଙ୍ଗକୁ ରକ୍ଷା କରନ୍ତୁ । ସେ କୌମାରୀ ଅଟନ୍ତି, ସେ ଚକ୍ରଧାରିଣୀ ଅଟନ୍ତି, ସେ ଜୟ ଦେଇଥାଆନ୍ତି, ସେ ଧନ ଦିଅନ୍ତି, ସେ ପାଶ ଅକ୍ଷମାଳିନୀ ଅଟନ୍ତି ଓ ସେ ପରମ କଲ୍ୟାଣୀ । ସେ ହରିପ୍ରିୟା ଓ ହରିରାମା ଅଟନ୍ତି । ସେ ମହୋଦରୀ ଅଟନ୍ତି । ସେ

କୃଷ୍ଣପରାୟଣା ଓ ଶ୍ରୀକୃଷ୍ଣ ମୋହିନୀ ଅଟନ୍ତି । ସେ ମହାରୌଦ୍ରୀ ଅଟନ୍ତି । ସେ ସିଦ୍ଧି ପ୍ରଦାନ କରନ୍ତି । ସେ ଶୁଭ କରନ୍ତି, ସୁଖ ଦିଅନ୍ତି, ମୋକ୍ଷଦିଅନ୍ତି । ସେ ଚିତ୍ରକୂଟବାସିନୀ ଅଟନ୍ତି । ଏହି ଲକ୍ଷ୍ମୀ ଦେବୀ ମୋର ଭୟ ଦୂର କରନ୍ତୁ । ସର୍ବଦା ମୋତେ ରକ୍ଷା କରନ୍ତୁ । ମୋର ଭବ ବନ୍ଧନ ଦୂର କରନ୍ତୁ ।

କବଚନ୍ତୁ ମହାପୂଣ୍ୟଂ ଯଃ ପଠେତ୍ ଭକ୍ତିସଂଯୁକ୍ତଃ ।
ତ୍ରିସନ୍ଧ୍ୟାମେକ ସନ୍ଧ୍ୟାୟା ମୁଚ୍ୟତେ ସର୍ବସଂକଟାତ୍ ॥

ଯିଏ ଭକ୍ତିଯୁକ୍ତ ହୋଇ ପ୍ରତିଦିନ ତିନି ସନ୍ଧ୍ୟା ସମୟରେ ବା ଏକ ସନ୍ଧ୍ୟା ସମୟରେ ଏହି ପରମ ପବିତ୍ର ଲକ୍ଷ୍ମୀଙ୍କ କବଚ ପାଠ କରନ୍ତି, ସେ ସର୍ବ ସଂକଟରୁ ମୁକ୍ତ ହୁଅନ୍ତି ।

ପଠଣଂ କବଚସ୍ୟାସ୍ୟ ପୁତ୍ର ଧନ ବିବର୍ଦ୍ଧନମ୍ ।
ଭୀତି ବିନାଶନଞ୍ଚୈବ ତ୍ରିଷୁ ଲୋକେଷୁ କୀର୍ତ୍ତିତମ୍ ॥

ଏହି କବଚକୁ ପାଠ କଲେ ପୁତ୍ର ଓ ଧନ ବୃଦ୍ଧି ହୁଏ । ସାଧକଙ୍କ ଭୟ ଦୂର ହୁଏ । ଏହାର ମହାତ୍ମ୍ୟ ତ୍ରିଭୁବନରେ ପ୍ରସିଦ୍ଧ ଅଟେ ।

ଭୂର୍ଜପତ୍ରେ ସମାଲିଖ୍ୟଗୋରୋଚନାକୁଂକୁମେନ ତୁ ।
ଧାରଣାଦ୍‌ଗଳଦେଶେ ଚ ସର୍ବସିଦ୍ଧି ଭବିଷ୍ୟତି ॥

ଭୂଜପତ୍ର ଉପରେ ଗୋରଚନା ଓ କୁଙ୍କୁମରେ ଏହାକୁ ଲେଖି ଗଳାରେ ଧାରଣ କଲେ ସର୍ବକାମନା ପୂର୍ଣ୍ଣ ହୁଏ ।

ଅପୁତ୍ରୋ ଲଭତେ ପୁତ୍ରଂ ଧନାର୍ଥୀ ଲଭତେ ଧନମ୍ ।
ମୋକ୍ଷାର୍ଥୀ ମୋକ୍ଷମାପ୍ନୋତି କବଚସ୍ୟ ପ୍ରସାଦତଃ ॥

ଏହି କବଚର ପ୍ରସାଦରୁ ଅପୁତ୍ରିକ ପୁତ୍ର ଲାଭ କରନ୍ତି । ଧନାର୍ଥୀଙ୍କୁ ଧନଲାଭ ଓ ମୋକ୍ଷାର୍ଥୀଙ୍କୁ ମୋକ୍ଷପ୍ରାପ୍ତି ହୋଇଥାଏ । ଏଥିରେ ସନ୍ଦେହ ନାହିଁ ।

ଗର୍ଭିଣୀ ଲଭତେ ପୁତ୍ର ବନ୍ଧ୍ୟା ଚ ଗର୍ଭିଣୀ ଭବେତ୍ ।
ଧାରୟେଦ୍ୟାଦି କଣ୍ଠେ ଚ ଅଥବା ବାମବାହୁକେ ॥

ଯଦି ନାରୀମାନେ ଏହାକୁ ଗଳା ବା ବାମ ବାହୁରେ ଧାରଣ କରନ୍ତି, ତେବେ ଗର୍ଭବତୀ ଉତ୍ତମ ପୁତ୍ର ଲାଭ କରନ୍ତି ଓ ବନ୍ଧ୍ୟା ସ୍ତ୍ରୀ ମଧ୍ୟ ଗର୍ଭବତୀ ହୁଅନ୍ତି ।

ଯଃ ପଠେ ନ୍ନିୟତୋ ଭକ୍ତ୍ୟା ସ ଏବ ବିଷ୍ଣୁର୍ବତ୍‌ଭବେତ୍ ।
ମୃତ୍ୟୁବ୍ୟାଧିଭୟଂ ତସ୍ୟ ନାସ୍ତି କିଞ୍ଚିନମହୀତଳେ ॥

ଯେ କେହି ନିତି ଭକ୍ତିପୂର୍ବକ ଏହି କବଚକୁ ପାଠ କରନ୍ତି, ସେ ବିଷ୍ଣୁଙ୍କ ସହ ସମାନ ହୁଅନ୍ତି । ଧରାପୃଷ୍ଠରେ ମୃତ୍ୟୁ ଏବଂ ବ୍ୟାଧିର ଭୟ ଏହାଙ୍କୁ ଗ୍ରାସ କରେ ନାହିଁ ।

ପଠେଦ୍ୱା ପାଠୟେଦ୍ୱାପି ଶୃଣୁଯାଚଚ୍ଛ୍ରାୟେଦପି ।
ସର୍ବପାପବିମୁକ୍ତସ୍ତୁ ଲଭତେ ପରମାଂ ଗତିମ୍ ॥

ଯେଉଁ ପୁରୁଷ ଏହି କବଚକୁ ପଢନ୍ତି, ପଢାନ୍ତି ବା ନିଜେ ଶୁଣନ୍ତି, ଅନ୍ୟକୁ ଶୁଣାନ୍ତି, ସେ ସମ୍ପୂର୍ଣ୍ଣ ପାପ ମୁକ୍ତି ହୋଇ ପରମ ଗତି ପ୍ରାପ୍ତ ହୁଅନ୍ତି ।

ବିପଦି ସଂକଟେ ଘୋରେ ତଥା ଚ ଗହନେ ବନେ ।
ରାଜଦ୍ୱାରେ ଚ ନୌକାୟାଂ ତଥା ଚ ରଣମଧ୍ୟତଃ ।
ପଠନଦ୍ଧାରଣାଦସ୍ୟ ଜୟମାପ୍ନୋତି ନିଶ୍ଚିତମ୍ ॥

ବିପଦ, ଘୋର ସଂକଟ, ଗହନବନ, ରାଜଦ୍ୱାର, ନୌକାମାର୍ଗ, ରଣ ମଧ୍ୟରେ, ଏହି କବଚକୁ ପାଠ ଅବା ଧାରଣ କରି ରଖିଲେ ସର୍ବତ୍ର ଜୟ ପ୍ରାପ୍ତି ହୁଏ ।

ଅପୁତ୍ରା ଚ ତଥା ବନ୍ଧ୍ୟା ତ୍ରିପକ୍ଷଂ ଶୃଣୁୟାଦପି ।
ସୁପୁତ୍ରଂ ଲଭତେ ସା ତୁ ଦୀର୍ଘାୟୁଷ୍କଂ ଯଶସ୍ୱିନମ୍ ॥

ବାଞ୍ଛ ସ୍ତ୍ରୀ ତିନି ପକ୍ଷ ପର୍ଯ୍ୟନ୍ତ ଏହି କବଚ ଶୁଣିଲେ, ଦୀର୍ଘାୟୁ ମହାଯଶସ୍ୱୀ ପୁତ୍ରକୁ ଜନ୍ମ ଦିଅନ୍ତି । ଏଥିରେ କୌଣସି ପ୍ରକାର ସନ୍ଦେହ ନାହିଁ ।

ଶୃଣୁଯାଦ୍ୟଃ ଶୁଦ୍ଧବୁଦ୍ଧ୍ୟା ଦ୍ୱୌ ମାସୌ ବିପ୍ରବକ୍ତ୍ରତଃ ।
ସର୍ବାନ୍ତକାମାନବାପ୍ନୋତି ସର୍ବବନ୍ଧାଦ୍ୱିମୁଚ୍ୟତେ ॥

ଯେଉଁ ପୁରୁଷ ଶୁଦ୍ଧ ମନରେ ଦୁଇ ମାସ ପର୍ଯ୍ୟନ୍ତ ବ୍ରାହ୍ମଣଙ୍କ ମୁଖରୁ ଏହି କବଚ ଶୁଣନ୍ତି, ଏହାଙ୍କର ସମସ୍ତ କାମନା ସିଦ୍ଧ ହୋଇଥାଏ । ସେ ସମସ୍ତ ପ୍ରକାର ଭବବନ୍ଧନରୁ ମୁକ୍ତ ହୁଅନ୍ତି ।

ମୃତବତ୍ସା ଜୀବବତ୍ସା ତ୍ରିମାସଂ ଶୃଣୁୟାଦ୍ୟାଦି ।
ରୋଗୀ ରୋଗାଦ୍ୱିମୁଚ୍ୟେତ୍ ପଠନାମ୍ମାସମଧ୍ୟତଃ ॥

ଯେଉଁ ସ୍ତ୍ରୀଙ୍କର ପୁତ୍ର ଜନ୍ମ ହୋଇ ଜୀବିତ ରହେ ନାହିଁ ଅର୍ଥ ମୃତ ବତ୍ସ ହୁଏ ସେ ତିନିମାସ ପର୍ଯ୍ୟନ୍ତ ଏହି କବଚକୁ ଭକ୍ତି ସହିତ ଶୁଣିଲେ ପୁତ୍ର ଜୀବିତ ରହିବ । ରୋଗୀଲୋକ ଏହାକୁ ପାଠକଲେ ଏକମାସରେ ରୋଗରୁ ଆରୋଗ୍ୟ ହେବେ ।

ଲିଖିତ୍ୱା ଭୂର୍ଜପତ୍ରେଚ ହ୍ୱାଥବା ତାଡପତ୍ରକେ ।
ସ୍ଥାପୟେନ୍ନିୟତଂ ଗେହେ ନାଗ୍ନିଚୌରଭୟଂ କ୍ୱଚିତ୍ ॥

ଯେଉଁ ପୁରଷ ଭୃଜପତ୍ର ବା ତାଳପତ୍ରରେ ଏହି କବଚକୁ ଲେଖି ଘରେ ସ୍ଥାପନ କରନ୍ତି, ଏହାଙ୍କର ଅଗ୍ନି, ଚୋର ଇତ୍ୟାଦି ଭୟ ରହେ ନାହିଁ ।

ଶୃଣୁୟାଦ୍ଧାରୟେଦ୍ୟାତପି ପଠେତ୍ୟା ପାଠୟେଦପି ।
ଯଃ ପୁମାନ୍‌ସତତଂ ତସ୍ମିନ୍‌ପ୍ରସନ୍ନା ସର୍ବ ଦେବତାଃ ॥

ଯେଉଁ ପୁରୁଷ ପ୍ରତିଦିନ ଏହି କବଚ ଶୁଣନ୍ତି ବା ପଢନ୍ତି ବା ଅନ୍ୟକୁ ପଢାନ୍ତି ବା ଯିଏ ଏହାକୁ ଧାରଣ କରନ୍ତି, ଏହାଙ୍କ ଉପରେ ଦେବତା ସଦାସର୍ବଦା ପ୍ରସନ୍ନ ହୁଅନ୍ତି ।

ବହୁନା କିମିହୋକ୍ତେନ ସର୍ବଜୀବେଶ୍ୱରେଶ୍ୱରୀ ।
ଆଦ୍ୟାଶକ୍ତିଃ ସଦା ଲକ୍ଷ୍ମୀର୍ଭକ୍ତାନୁଗ୍ରହକାରିଣୀ ।
ଧାରକେ ପାଠକେ ଚୈବ ନିଶ୍ଚଳା ନିବସେଦ୍ ଧ୍ରୁବମ୍ ॥

ଅଧିକ ଆଉ କ'ଣ କହିବି ? ଯେଉଁ ପୁରୁଷ ଏହି କବଚକୁ ପାଠ କରନ୍ତି ବା ଏହାକୁ ଲେଖିକରି ଧାରଣ କରନ୍ତି, ଆଦ୍ୟାଶକ୍ତି କମଳା (ଲକ୍ଷ୍ମୀ) ଅଟଳ ହୋଇ ଏହାଙ୍କ ଗୃହରେ ବାସ କରନ୍ତି ।

ମହାବିଦ୍ୟା ମନ୍ତ୍ର

ହୂଁ ଶ୍ରୀଂ କ୍ଲୀଂ ବଜ୍ରବୈରୋଚନୀୟେ ହୂଁ ହୂଁ ଫଟ୍ ସ୍ୱାହା ଐଂ ।

ମହାବିଦ୍ୟା ଧ୍ୟାନ

ଚତୁର୍ଭୂଜାଂ ମହାଦେବୀଂ ନାଗଯଜ୍ଞୋପବୀତିନିମ୍ ।
ମହାଭୀମାଂ କରାଳା ସ୍ୟାଂ ସିଦ୍ଧବିଦ୍ୟାଧରୈର୍ଯୁତାମ୍ ॥
ମୁଣ୍ଡମାଳାବଳୀକୀର୍ଣ୍ଣା ମୁକ୍ତକେଶୀଂ ସ୍ମିତାନନାମ୍ ।
ଏବଂ ଧ୍ୟାୟେନ୍‌ମହାଦେବୀଂ ସର୍ବକାମାର୍ଥ ସିଦ୍ଧୟେ ॥

ଦେବୀ ଚତୁର୍ଭୁଜା, ସର୍ପର ଯଜ୍ଞୋପବିତ ଧାରଣ କରିଛନ୍ତି ସେ ମହାଭୀମା ଅଟନ୍ତି, କରାଳବଦନା ଅଟନ୍ତି, ସିଦ୍ଧ ଓ ବିଦ୍ୟାଧରରେ ବେଷ୍ଟିତ ଅଟନ୍ତି । ସେ ମୁଣ୍ଡମାଳାରେ ଅଳଂକୃତ ଅଟନ୍ତି । ତାଙ୍କର କେଶ ମୁକୁଳା ରହିଛି ଓ ସେ ହାସ୍ୟମୁଖୀ ଅଟନ୍ତି । ସର୍ବକର୍ମ ସିଦ୍ଧି ପାଇଁ ଦେବୀଙ୍କୁ ଏହି ପ୍ରକାର ଧ୍ୟାନ କରିବା ଦରକାର ।

ଦଶମହାବିଦ୍ୟା ସ୍ତୋତ୍ର

ଶ୍ରୀ ଶିବ ଉବାଚ :

ଦୁର୍ଲଭଂ ମାରିଣୀଂମାର୍ଗଂ ଦୁର୍ଲ୍ଲଭଂ ତାରିଣୀଂ ପଦମ୍ ।
ମନ୍ତ୍ରାର୍ଥଂ ମନ୍ତ୍ରଚୈତନ୍ୟଂ ଦୁର୍ଲ୍ଲଭଂ ଶବସାଧନମ୍ ।
ଶ୍ମଶାନସାଧନଂ ଯୋନି ସାଧନଂ ବ୍ରହ୍ମସାଧନମ୍ ।
କ୍ରିୟାସାଧନଂ ଭକ୍ତିସାଧନଂ ମୁକ୍ତିସାଧନମ୍ ॥
ତବ ପ୍ରସାଦା ଦ୍ୟେବେଶି ସର୍ବାଃ ସିଦ୍ଧୀନ୍ତିସିଦ୍ଧୟଃ ॥

ଶିବ କହିଲେ - ତାରିଣୀଙ୍କ ଉପାସନା ମାର୍ଗ ଅତ୍ୟନ୍ତ ଦୁର୍ଲ୍ଲଭ ଅଟେ । ଏହାଙ୍କ ପଦ ପ୍ରାପ୍ତି ମଧ୍ୟ ଅତ୍ୟନ୍ତ କଠିନ ଅଟେ । ଏହାଙ୍କ ମନ୍ତ୍ରାର୍ଥ ଜ୍ଞାନ, ମନ୍ତ୍ର ଚୈତନ୍ୟ, ଶବସାଧନ, ଶ୍ମଶାନ ସାଧନ, ଯୋନିସାଧନ, ବ୍ରହ୍ମସାଧନ, କ୍ରିୟାସାଧନ, ଭକ୍ତିସାଧନ ଓ ମୁକ୍ତିସାଧନ, ଏ ସମସ୍ତ ଦୁର୍ଲ୍ଲଭ ଅଟେ । କିନ୍ତୁ ହେ ଦେବେଶି ! ତୁମେ ଯାହା ଉପରେ ପ୍ରସନ୍ନ ହୁଅ ତାଙ୍କର ସବୁ ବିଷୟରେ ସିଦ୍ଧି ପ୍ରାପ୍ତ ହୋଇଥାଏ ।

ନମସ୍ତେ ଚଣ୍ଡିକେ ଚଣ୍ଡୀ ଚଣ୍ଡଚାମୁଣ୍ଡବିନାଶିନୀ ।
ନମସ୍ତେ କାଳିକେ କାଳମହାଭୟ ବିନାଶିନୀ ॥

ହେ ଚଣ୍ଡୀ ! ତୁମେ ପ୍ରଚଣ୍ଡ ସ୍ୱରୂପିଣୀ ଅଟ । ତୁମେ ହିଁ ଚଣ୍ଡମୁଣ୍ଡଙ୍କୁ ବିନାଶ କଲ । ତୁମେ ହିଁ କାଳକୁ ନାଶ କରିଥାଅ । ତୁମକୁ ନମସ୍କାର ।

ଶିବେ ରକ୍ଷ ଜଗଦ୍ଧାତ୍ରୀ ପ୍ରସୀଦ ହରବଲ୍ଲଭେ ।
ପ୍ରଣମାମି ଜଗଦ୍ଧାତ୍ରୀଂ ଜଗତ୍ପାଳନକାରିଣୀମ୍ ॥
ଜଗତ୍କ୍ଷୋଭକରୀଂ ବିଦ୍ୟାଂ ଜଗତସୃଷ୍ଟି ବିଧାୟିନୀମ୍ ।
କରାଳାଂ ବିକଟାଂ ଘୋରଂ ମୁଣ୍ଡମାଳା ବିଭୂଷିତାମ୍ ॥
ହରାର୍ଚ୍ଚିତାଂ ହରାରାଧ୍ୟାଂ ନମାମି ହରବଲ୍ଲଭାମ୍ ॥
ଗୌରୀଂ ଗୁରୁପ୍ରିୟାଂ ଗୌରବର୍ଣ୍ଣାଳଙ୍କାର ଭୂଷିତାମ୍ ।
ହରିପ୍ରିୟାଂ ମହାମାୟାଂ ନମାମି ବ୍ରହ୍ମପୂଜିତାମ୍ ।

ହେ ଶିବେ ଜଗଦ୍ଧାତ୍ରୀ ହରବଲ୍ଲଭେ ! ମୋତେ ସଂସାରରେ ରକ୍ଷା କର । ତୁମେ ଜଗତର ମାତା ଅଟ ଓ ତୁମେ ଅନନ୍ତ ଜଗତକୁ ରକ୍ଷା କରୁଛ । ତୁମେ ଜଗତର ସଂହାର କର୍ତ୍ତ୍ରୀ ଅଟ ଓ ତୁମେ ଜଗତକୁ ଉତ୍ପନ୍ନ କରିଥାଅ । ତୁମର ମୂର୍ତ୍ତି ମହାଭୟଙ୍କର ଅଟେ ।

ତୁମେ ମୁଣ୍ଡମାଳାରେ ଅଳଂକୃତ ହୋଇ ହରଙ୍କ ଦ୍ୱାରା ସେବିତ ପୂଜିତ ଯୋଗୁଁ ହିଁ ହରିପ୍ରିୟା । ତୁମର ରଙ୍ଗ ଗୋରା ଅଟେ । ତୁମେ ଗୁରୁପ୍ରିୟା ଓ ବିଷ୍ଣୁପ୍ରିୟା ଅଟ । ତୁମେ ହିଁ ମହାମାୟା । ସୃଷ୍ଟିକର୍ତ୍ତା ବ୍ରହ୍ମା ତୁମର ପୂଜା କରନ୍ତି । ତୁମକୁ ନମସ୍କାର ।

ସିଦ୍ଧାଂ ସିଦ୍ଧେଶ୍ୱରୀଂ ସିଦ୍ଧ ବିଦ୍ୟାଧରଗଣୈର୍ଯୁତାମ୍ ।
ମନ୍ତ୍ରସିଦ୍ଧିପ୍ରଦାଂ ଯୋନି ସିଦ୍ଧିଦାଂ ଲିଙ୍ଗ ଶୋଭିତାମ୍ ॥
ପ୍ରଣମାମି ମହାମାୟାଂ ଦୁର୍ଗା ଦୁର୍ଗତିନାଶିନୀମ୍ ॥

ତୁମେ ସିଦ୍ଧ ଓ ସିଦ୍ଧେଶ୍ୱରୀ ଅଟ । ତୁମେ ସିଦ୍ଧ ଓ ବିଦ୍ୟାଧରଙ୍କ ସହ ଯୁକ୍ତ ଅଟ । ତୁମେ ମନ୍ତ୍ରସିଦ୍ଧି-ଦାୟିନୀ ଅଟ । ତୁମେ ଯୋନିସିଦ୍ଧି ଦାତ୍ରୀ ଓ ତୁମେ ହିଁ ଲିଙ୍ଗ ଶୋଭିତା ମହାମାୟା, ଦୁର୍ଗା ଓ ଦୁର୍ଗତୀନାଶିନୀ ଅଟ । ତୁମକୁ ବାରମ୍ବାର ନମସ୍କାର କରୁଛି ।

ଉଗ୍ରାମୁଗ୍ରମୟୀ ମୁଗ୍ରତାରା ମୁଗ୍ରଗଣୈର୍ଯୁତାମ୍ ।
ନୀଳାଂ ନୀଳଘନ୍ୟାମାଂ ନମାମି ନୀଳସୁନ୍ଦରୀମ୍ ॥

ତୁମେ ଉଗ୍ର ମୂର୍ତ୍ତି ଅଟ ଓ ଉଗ୍ରଗଣରେ ଯୁକ୍ତ । ତୁମେ ନୀଳମୂର୍ତ୍ତି, ଉଗ୍ରତାରା, ନୀଳ ମେଘ ଭଳି ଶ୍ୟାମବର୍ଣ୍ଣ ଓ ନୀଳସୁନ୍ଦରୀ ଅଟ । ତୁମକୁ ନମସ୍କାର ।

ଶ୍ୟାମାଙ୍ଗୀ ଶ୍ୟାମଘଟିଣଂଶ୍ୟାମବର୍ଣ୍ଣବିଭୂଷିତାମ୍ ।
ପ୍ରଣମାମି ଜଗଦ୍ଧାତ୍ରୀଂ ଗୌରୀଂ ସର୍ବାର୍ଥସାଧିନିମ୍ ॥

ତୁମର ଅଙ୍ଗ ଶ୍ୟାମ ବର୍ଣ୍ଣ ଓ ତୁମେ ଶ୍ୟାମବର୍ଣ୍ଣରେ ସୁଶୋଭିତ ଜଗଦ୍ଧାତ୍ରୀ ଅଟ । ତୁମେ ସମସ୍ତ କାର୍ଯ୍ୟ ସାଧନ କରିପାରୁଥିବା ହେତୁ ତୁମେ ଗୌରୀ ଅଟ । ତୁମକୁ ନମସ୍କାର କରୁଛି ।

ବିଶ୍ୱେଶ୍ୱରୀଂ ମହାଘୋରାଂ ବିକଟାଂ ଘୋରନାଦିନୀମ୍ ।
ଆଦ୍ୟାମାଦ୍ୟା ଗୁରୋରାଦ୍ୟାମାଦ୍ୟାନାଥ ପ୍ରପୂଜିତାମ୍ ॥
ଶ୍ରୀଦୁର୍ଗାଂ ଧନଦାମନ୍ନପୂର୍ଣ୍ଣା ପଦ୍ମାଂ ସୁରେଶ୍ୱରୀମ୍ ।
ପ୍ରଣମାମି ଜଗଦ୍ଧାତ୍ରୀ ଚନ୍ଦ୍ରଶେଖର ବଲ୍ଲଭାମ୍ ॥

ତୁମେ ବିଶ୍ୱେଶ୍ୱରୀ, ମହାଭୀମାକାର, ବିକଟମୂର୍ତ୍ତି ଅଟ । ତୁମର ଶବ୍ଦ ଉଚ୍ଚାରଣ ମହାଭୟଙ୍କର ଅଟେ । ତୁମେ ସବୁର ଆଦ୍ୟା ଅଟ । ଆଦିଗୁରୁ ମହେଶ୍ୱରଙ୍କର ମଧ୍ୟ ଆଦି ମାତା ଅଟ । ଆଦ୍ୟନାଥ ମହାଦେବ ସର୍ବଦା ତୁମର ପୂଜା କରି ଆସୁଛନ୍ତି । ତୁମ ଧନ ଦାତ୍ରୀ ଅନ୍ନପୂର୍ଣ୍ଣା ଓ ପଦ୍ମସ୍ୱରୂପିଣୀ ଅଟ । ତୁମେ ଦେବତାଙ୍କର ଈଶ୍ୱରୀ ଅଟ । ହେ ଜଗତର ମାତା ଚନ୍ଦ୍ର ଶେଖର ବଲ୍ଲଭୀ ତୁମକୁ ମୋର ନମସ୍କାର ।

ତ୍ରିପୁରାସୁନ୍ଦରୀ ବାଳମବଳାଗଣଭୂଷିତାମ୍ ।
ଶିବଦୂତ୍ରୀଂ ଶିବରାଧ୍ୟାଂ ଶିବଧ୍ୟେୟାଂ ସନାତନୀମ୍ ॥
ସୁନ୍ଦରୀଂ ତାରିଣୀଂ ସର୍ବଶିବାଗଣବିଭୂଷିତାମ୍ ।
ନାରାୟଣୀ ବିଷ୍ଣୁ ପୂଜ୍ୟାଂ ବ୍ରହ୍ମାବିଷ୍ଣୁହରପ୍ରିୟାମ୍ ॥

ହେ ଦେବୀ ! ତୁମେ ତ୍ରିପୁରା ସୁନ୍ଦରୀ ଅଟ । ଅବଳାଗଣଙ୍କ ମଧ୍ୟରେ ମଣ୍ଡିତ ଅଟ । ତୁମେ ଶିବଦୂତୀ ଅଟ, ଶିବ ଆରାଧ୍ୟା ଅଟ, ଶିବଙ୍କ ଦ୍ୱାରା ଧ୍ୟାନ କରାଯାଉଥିବା ସନାତନୀ ଓ ନାରାୟଣୀ ଅଟ । ତୁମେ ବିଷ୍ଣୁଙ୍କ ଦ୍ୱାରା ପୂଜନୀୟା ଅଟ । ତୁମେ ହିଁ କେବଳ ବ୍ରହ୍ମା, ବିଷ୍ଣୁ ତଥା ହରଙ୍କ ପ୍ରିୟା ଅଟ ।

ସର୍ବସିଦ୍ଧିପ୍ରଦାଂ ନିତ୍ୟାମନିତ୍ୟଗୁଣ ବର୍ଜିତାମ୍ ।
ସଗୁଣାଂ ନିର୍ଗୁଣାଂ ଧେୟାମର୍ଚ୍ଚିତାଂ ସର୍ବସିଦ୍ଧିଦାମ୍ ॥
ଦିବ୍ୟାଂ ସିଦ୍ଧି ପ୍ରଦାଂ ବିଦ୍ୟାଂ ମହାବିଦ୍ୟାଂ ମହେଶ୍ୱରୀମ୍ ।
ମହେଶଭକ୍ତାଂ ମାହେଶୀଂ ମହାକାଳ ପ୍ରପୂଜିତାମ୍ ॥
ପ୍ରଣମାମି ଜଗଦ୍ଧାତ୍ରୀଂ ଶୁମ୍ଭାସୁର ବିମର୍ଦ୍ଦିନୀମ୍ ॥

ତୁମେ ସର୍ବସିଦ୍ଧି ଦାୟିନୀ ଅଟ, ତୁମେ ନିତ୍ୟା ଅଟ, ତୁମେ ଅନିତ୍ୟ ଗୁଣ ରହିତ ଅଟ । ତୁମେ ସଗୁଣା, ନିର୍ଗୁଣା, ଧ୍ୟାନ ଯୋଗ୍ୟା, ପୂଜିତା, ସର୍ବସିଦ୍ଧି ପ୍ରଦାନକାରୀ, ଦିବ୍ୟା, ସିଦ୍ଧିଦାତ୍ରୀ, ବିଦ୍ୟା, ମହାବିଦ୍ୟା, ମହେଶ୍ୱରୀ ଓ ମହେଶ୍ୱରଙ୍କ ପରମ ଆରାଧ୍ୟ ମାହେଶୀ ଅଟ । ମହାକାଳରେ ପୂଜିତ ଜଗଦ୍ଧାତ୍ରୀ ଓ ଶୁମ୍ଭାସୁର ନାଶିନୀ ଅଟ । ତୁମକୁ ମୋର ନମସ୍କାର ।

ରକ୍ତପ୍ରିୟାଂ ରକ୍ତବର୍ଣ୍ଣାଂ ରକ୍ତବୀଜ ବିମର୍ଦ୍ଦିନିମ୍ ।
ଭୈରବୀଂ ଭୁବନାଂ ଦେବୀ ଲୋଳଜିହ୍ୱାଂ ସୁରେଶ୍ୱରୀମ୍ ॥
ଚତୁର୍ଭୁଜାଂ ଦଶଭୂଜାମଷ୍ଟାଦଶଭୂଜାଂ ଶୁଭାମ୍ ।
ତ୍ରିପୁରେଶୀ ବିଶ୍ୱନାଥପ୍ରିୟାଂ ବିଶ୍ୱେଶ୍ୱରୀଂ ଶିବାମ୍ ॥
ଅଟ୍ଟହାସୀମଟ୍ଟହାସପ୍ରିୟାଂ ଧୂମ୍ରବିନାଶିନିମ୍ ।
କମଳାଂ ଛିନ୍ନଭାଲାଞ୍ଚ ମାତଙ୍ଗୀ ସୁରସୁନ୍ଦରୀମ୍ ॥
ଷୋଡଶୀଂ ବିଜୟାଂ ଭୀମାଂ ଧୁମ୍ରାଞ୍ଚ ବଗଳାମୁଖୀମ୍ ।
ସର୍ବସିଦ୍ଧିପ୍ରଦାଂ ସର୍ବବିଦ୍ୟାମନ୍ତ୍ର ବିଶୋଧିନିମ୍ ।।
ପ୍ରଣମାମି ଜଗତାରାଂ ସାରାଞ୍ଚ ମନ୍ତ୍ରସିଦ୍ଧୟେ ॥

ତୁମେ ରକ୍ତ ପ୍ରିୟା ଓ ରକ୍ତବର୍ଣ୍ଣା ଅଟ। ତୁମେ ରକ୍ତବୀଜ ବିନାଶକାରୀ, ଭୈରବୀ, ଭୁବନାଦେବୀ, ଲୋଳଜିଦ, ସୁରେଶ୍ୱରୀ ଅଟ । ତୁମେ ଚତୁର୍ଭୁଜା, ଦଶଭୁଜା, ଅଷ୍ଟଦଶଭୁଜା, ତ୍ରିପୁରେଶ୍ୱରୀ ଅଟ। ବିଶ୍ୱନାଥଙ୍କ ପ୍ରିୟା ଓ ବ୍ରହ୍ମାଣ୍ଡ ଈଶ୍ୱରୀ ଅଟ । ତୁମେ ଅଟ୍ଟହାସ୍ୟ କର, ଉଚ୍ଚ ହାସ୍ୟ ପାଇଁ ତୁମର ଆଗ୍ରହ ଥାଏ। ତୁମେ ଧୂମ୍ରାଶ୍ୱର ନାଶିନୀ, କମଳା, ଛିନ୍ନମସ୍ତା, ମାତଙ୍ଗୀ, ତ୍ରିପୁରସୁନ୍ଦରୀ, ଷୋଡଶୀ, ବିଜୟା, ଭୀମା, ବଗଳାମୁଖୀ, ସିର୍ବସିଦ୍ଧିଦାୟିନୀ ଅଟ । ସର୍ବବିଦ୍ୟା ଓ ସବୁମନ୍ତ୍ରକୁ ତୁମେ ବିଶୁଦ୍ଧ କରିଥାଅ। ତୁମେ ସାରଭୂତା ଓ ଜଗତ ତାରିଣୀ ଅଟ। ମୁଁ ମନ୍ତ୍ର ସିଦ୍ଧି ପାଇଁ ତୁମକୁ ନମସ୍କାର କରୁଛି ।

ଇତ୍ୟେବଞ୍ଚ ବରାରୋହେ ସ୍ତୋତ୍ରଂ ସିଦ୍ଧିକରଂ ପରମ୍ ।
ପଠିତ୍ୱା ମୋକ୍ଷମାପ୍ନୋତି ସତ୍ୟଂ ବୈ ଗିରିନନ୍ଦିନୀ ॥

ହେ ବରାରୋହେ ! ଏହି ସ୍ତବ ପରମ ସିଦ୍ଧି ଦେଇଥାଏ । ଏହାକୁ ପାଠ କଲେ ସତରେ ମୋକ୍ଷପ୍ରାପ୍ତି ହୁଏ ।

କୁଜବାରେ ଚତୁର୍ଦ୍ଦଶ୍ୟାଂଅମାବାସ୍ୟାୟାଂ ଜୀବବାସରେ ।
ଶୁକ୍ରେ ନିଶିଗତେ ସ୍ତୋତ୍ରଂ ପଠିତ୍ୱାଂ ମୋକ୍ଷମାପ୍ନୁୟାତ୍ ।
ତ୍ରିପକ୍ଷେ ମନ୍ତ୍ରସିଦ୍ଧିଃ ସ୍ୟାତ୍ସ୍ତୋତ୍ର ପାଠାଦ୍ଧି ଶଂକରୀ ॥

ମଙ୍ଗଳବାର ଚତୁର୍ଦ୍ଦଶୀ ତିଥିରେ, ବୃହସ୍ପତି ବାରର ଅମାବାସ୍ୟା ତିଥିରେ ଓ ଶୁକ୍ରବାର ନିଶାକାଳରେ ଏହି ସ୍ତୁତି ପଢିଲେ ମୋକ୍ଷ ପ୍ରାପ୍ତ ହୁଏ । ହେ ଶଙ୍କରୀ ! ତିନିପକ୍ଷ ପର୍ଯ୍ୟନ୍ତ ଏହି ସ୍ତବକୁ ପଢିଲେ ମନ୍ତ୍ରସିଦ୍ଧି ହୁଏ । ଏଥିରେ ସନ୍ଦେହର ଅବକାଶ ନାହିଁ ।

ଚତର୍ଦ୍ଦଶ୍ୟାଂ ନିଶାଭାତୋ ଶନିଭୌମଦିନେ ତଥା ।
ନିଶାମୁଖେ ପଠେତସ୍ତୋତ୍ରଂ ମନ୍ତ୍ରସିଦ୍ଧିମବାପ୍ନୁୟାତ୍ ॥

ଚତୁର୍ଦ୍ଦଶୀ ରାତ୍ରିରେ ତଥା ଶନି ଓ ମଙ୍ଗଳବାର ସନ୍ଧ୍ୟା ସମୟରେ ଏହି ସ୍ତବକୁ ପାଠ କଲେ ମନ୍ତ୍ର ସିଦ୍ଧି ହୁଏ ।

କେବଳଂ ସ୍ତୋତ୍ରପାଠାଦ୍ଧି ମନ୍ତ୍ରସିଦ୍ଧିରନୁତ୍ତମା ।
ଜାଗର୍ତ୍ତୀଂ ସତତଂ ଚଣ୍ଡୀ ସ୍ତୋତ୍ରପାଠାଦ୍ଭୁଜଂଗିନୀ ॥

ଯେଉଁ ପୁରୁଷ କେବଳ ଏହି ସ୍ତୋତ୍ରକୁ ପଢନ୍ତି, ସେ ଅନୁତ୍ତମା ସିଦ୍ଧି ପ୍ରାପ୍ତ ହୁଅନ୍ତି। ଏହି ସ୍ତବର ଫଳରେ ଚଣ୍ଡିକା କୂଳକୁଣ୍ଡଳିନୀ ନାଡୀର ଜାଗରଣ ହୁଏ।

ମହାବିଦ୍ୟା କବଚ

ଶୃଣୁଦେବୀ ପ୍ରବକ୍ଷାମି କବଚଂ ସର୍ବସିଦ୍ଧିଦମ୍ ।
ଆଦ୍ୟାୟା ମହାବିଦ୍ୟାୟାଃ ସର୍ବାଭୀଷ୍ଟ ଫଳପ୍ରଦମ୍ ॥

ହେ ଦେବୀ ! ମହାବିଦ୍ୟାଙ୍କ କବଚ ବିଷୟରେ କହୁଛି - ଶୁଣ, ଏହା ସବୁ ଅଭୀଷ୍ଟ ପୂରଣ କରେ ।

କବଚସ୍ୟ ଋଷିର୍ଦେବୀ ସଦାଶିବ ଇତିରିତଃ ।
ଛନ୍ଦୋଅନୁଷ୍ଟବଂ ଦେବତା ଚ ମହାବିଦ୍ୟା ପ୍ରକୀର୍ତିତା ॥
ଧର୍ମାର୍ଥକାମମୋକ୍ଷଣାଂ ବିନିଯୋଗଷ୍ଟ ସାଧନେ ॥

ଏହି କବଚର ଋଷି ସଦାଶିବ, ଛନ୍ଦ ଅନୁଷ୍ଟପ୍, ଦେବତା ମହାବିଦ୍ୟା । ଧର୍ମ, ଅର୍ଥ କାମମୋକ୍ଷ ରୂପକ ଫଳ ସାଧନାରେ ଏହି କବଚର ବିନିଯୋଗ କରଣୀୟ ।

ଐଂକାରଃ ପାତୁ ଶୀର୍ଷେ ମାଂ କାମବୀଜଂ ତଥା ହୃଦି ।
ରମାବୀଜଂ ସଦା ପାତୁ ନାଭୌ ଗୁହ୍ୟେ ଚ ପାଦୟୋଃ ॥

ଐଂ ବୀଜ ମୋର ମସ୍ତକ, କ୍ଲୀଂ ବୀଜ ମୋର ହୃଦୟ ଏବଂ ଶ୍ରୀଂ ବୀଜ ମୋର ନାଭି, ଗୁହ୍ୟ ଓ ଚରଣକୁ ରକ୍ଷା କରନ୍ତୁ ।

ଲଲାଟେ ସୁନ୍ଦରୀ ପାତୁ ଉମା ମାଂ କଣ୍ଠଦେଶତଃ ।
ଭଗମାଳା ସର୍ବଗାତ୍ରେ ଲିଂଗେ ଚୈତନ୍ୟରୂପିଣୀ ॥

ସୁନ୍ଦରୀ ମୋର ମସ୍ତକକୁ, ଉଗ୍ରା ମୋର କଣ୍ଠକୁ, ଭଗମାଳା ସାରା ଶରୀରକୁ ଓ ଚୈତନ୍ୟ ରୂପିଣୀ ଦେବୀ ମୋର ଲିଙ୍ଗସ୍ଥାନକୁ ରକ୍ଷା କରନ୍ତୁ ।

ପୂର୍ବେ ମାଂ ପାତୁ ବାରାହୀ ବ୍ରହ୍ମାଣୀ ଦକ୍ଷିଣେ ତଥା ।
ଉତ୍ତରେ ବୈଷ୍ଣବୀ ପାତୁ ଚେନ୍ଦ୍ରାଣୀ ପଶ୍ଚିମେଭବତୁ ॥
ମାହେଶ୍ୱରୀ ଚ ଆଗ୍ନେୟାଂ ନୈଋତେ କମଳା ତଥା ।
ବାୟବ୍ୟାଂ ପାତୁ କୌମାରୀ ଚାମୁଣ୍ଡା ହୀଶକେ ଭବତୁ ॥

ବାରାହୀ ପୂର୍ବଦିଗରେ, ବ୍ରହ୍ମାଣୀ ଦକ୍ଷିଣରେ, ବୈଷ୍ଣବୀ ଉତ୍ତରରେ, ଇନ୍ଦ୍ରାଣୀ ପଶ୍ଚିମରେ, ମାହେଶ୍ୱରୀ ଅଗ୍ନିକୋଣରେ, କମଳା ନୈଋତ କୋଣରେ, କୌମାରୀ ବାୟୁକୋଣରେ ଓ ଚାମୁଣ୍ଡା ଐଶାନ୍ୟ ଦିଗରେ ମୋତେ ସର୍ବଦା ରକ୍ଷାକରନ୍ତୁ ।

ଇଦ୍ କବଚମଜ୍ଞାତ୍ୱା ମହାବିଦ୍ୟାଞ୍ଚ ଯୋ ଜପେତ୍ ।
ନଫଳଂ ଜାୟତେ ତସ୍ୟ କଳ୍ପକୋଟି ଶତେରାପି ॥

ଏହି କବଚ ବିନା ଯେଉଁ ସାଧକ ଏହି ମହାବିଦ୍ୟା ମନ୍ତ୍ର ଜପ କରନ୍ତି ସେ ଶହେ କୋଟି କଳ୍ପରେ ମଧ୍ୟ ଏହାର ଫଳ ପ୍ରାପ୍ତ ହୁଅନ୍ତି ନାହିଁ । ❖❖❖

ନବଦୁର୍ଗା



ମା' ଶୈଳପୁତ୍ରୀ



ମା' ବ୍ରହ୍ମଚାରିଣୀ



ମା' ଚନ୍ଦ୍ରଘଣ୍ଟା



ମା' କୂଷ୍ମାଣ୍ଡା



ମା ଶ୍ରୀଦୁର୍ଗା



ମା' ସ୍କନ୍ଦମାତା



ମା' କାତ୍ୟାୟନୀ



ମା' କାଳରାତ୍ରି



ମା' ମହାଗୌରୀ



ମା' ସିଦ୍ଧିଦାତ୍ରୀ



ମହୀଶା ମର୍ଦ୍ଦିନୀ ଦେବୀ ଦୁର୍ଗା

୧. ଶୈଳପୁତ୍ରୀ



ବନ୍ଦେ ବାଞ୍ଛିତଲାଭାୟ ଚନ୍ଦ୍ରାର୍ଦ୍ଧକୃତଶେଖରାମ୍ ।
ବୃଷାରୂଢାଂ ଶୂଳଧରାଂ ଶୈଳପୁତ୍ରୀ ଯଶସ୍ୱିନୀମ୍ ॥

ମାତା ଦୁର୍ଗା ହେଉଛନ୍ତି ସୃଷ୍ଟିର ଆଦିଶକ୍ତି । ତାଙ୍କର ପ୍ରଥମ ସ୍ୱରୂପର ନାମ ଶୈଳପୁତ୍ରୀ । ପର୍ବତକୁ ଶୈଳ କହନ୍ତି; ପର୍ବତରାଜ ହିମାଳୟଙ୍କର କନ୍ୟା ରୂପେ ଜନ୍ମିଥିଲେ ବୋଲି ତାଙ୍କର ନାମ ଶୈଳପୁତ୍ରୀ ହୋଇଥିଲା । ନବଦୁର୍ଗାଙ୍କ ମଧ୍ୟରୁ ସେ ହେଉଛନ୍ତି ପ୍ରଥମ ଦୁର୍ଗା । ସେ ବୃଷଭବାହିନୀ; ତାଙ୍କର ଡାହାଣ ହାତରେ ତ୍ରିଶୂଳ ଓ ବାମ ହାତରେ ପଦ୍ମ ଶୋଭା ପାଏ ।

ମାତା ପୂର୍ବଜନ୍ମରେ ପ୍ରଜାପତି ଦକ୍ଷଙ୍କର ଝିଅ ହୋଇ ଜନ୍ମିଥିଲେ । ସେତେବେଳେ ତାଙ୍କର ନାମ ଥିଲା ସତୀ; ସେ ଭଗବାନ୍ ଶଙ୍କରଙ୍କୁ ବିବାହ କରିଥିଲେ । ଥରେ ପ୍ରଜାପତି ଦକ୍ଷ ଗୋଟିଏ ବଡ ଯଜ୍ଞର ଆୟୋଜନ କଲେ । ନିଜ ନିଜର ଯଜ୍ଞଭାଗ ନିଅନ୍ତୁ ବୋଲି ସେ ଯଜ୍ଞକୁ ସବୁ ଦେବତାଙ୍କୁ ନିମନ୍ତ୍ରଣ କଲେ; କିନ୍ତୁ ଶଙ୍କରଙ୍କୁ ଡାକିଲେ ନାହିଁ । ବାବା ଏତେ ବଡ ଯଜ୍ଞ କରୁଛନ୍ତି ଶୁଣି, ଘରକୁ ଯାଇ ଯଜ୍ଞ ଦେଖି ଆସିବାକୁ ସତୀଙ୍କର ମନ ବିକଳ ହେଲା । ସେ ଶଙ୍କରଙ୍କୁ ନିଜର ମନକଥା କହିଲେ । ସବୁ କଥା ବିଚାର କରି ଶଙ୍କର କହିଲେ, 'ତୁମ ବାପା କୌଣସି କାରଣରୁ ଆମ ଉପରେ ରାଗିଛନ୍ତି; ସେ ଯଜ୍ଞକୁ ସବୁ ଦେବତାଙ୍କୁ ନିମନ୍ତ୍ରଣ କରିଛନ୍ତି, ସେମାନଙ୍କୁ ଯଜ୍ଞଭାଗ ମଧ୍ୟ ଅର୍ପଣ କରିଛନ୍ତି; ଅଥଚ ଆମକୁ ଖବର ଟିକିଏ ବି ପଠାଇ ନାହାଁନ୍ତି । ଏପରି ପରିସ୍ଥିତିରେ ସେଠାକୁ ଯିବା ତୁମ ପକ୍ଷରେ ଆଦୌ ଉଚିତ୍ ହେବ ନାହିଁ ।' ଏସବୁ ଉପଦେଶରେ ସତୀଙ୍କ ମନ ବୁଝିଲା ନାହିଁ । ବାପାଙ୍କ ଯଜ୍ଞ ଦେଖିବାକୁ ଯାଇ ଘରେ ମାଆ ଓ ଭଉଣୀମାନଙ୍କ ସହିତ ଦେଖା କରି ଆସିବାକୁ ତାଙ୍କ ମନ ଯେଉଁ ଆକୁଳ ହେଉଥିଲା, ତାହା ଟିକିଏ ବି କମିଲା ନାହିଁ । ତାଙ୍କର ସେହି ଆଗ୍ରହ ଦେଖି ଭଗବାନ୍ ଶଙ୍କର ତାଙ୍କୁ ବାପ ଘରକୁ ଯିବାକୁ ଅନୁମତି ଦେଇଦେଲେ ।

ସତୀ ବାପଘରକୁ ଯାଇ ଦେଖିଲେ ଯେ, ତାଙ୍କୁ ଆଦର କରିବା ତ ଦୂରର କଥା, କେହି କଥା ପଦେ ବି କହିଲେ ନାହିଁ, କି ମୁହଁ ଟେକି ଚାହିଁଲେ ନାହିଁ । ଖାଲି ମାଆ

ଯାହା ଟିକିଏ ଜାବୋଡି ଧରିଲେ; ଭଉଣୀମାନେ ତ ନାକ ଟେକି ମୁହଁ ମୋଡି ଦେଇ ବ୍ୟଙ୍ଗ ଉପହାସ କରି ବସିଲେ । ଆପଣା ଲୋକଙ୍କର ଏ ବ୍ୟବହାର ଦେଖି ସତୀଙ୍କୁ ବଡ ଦୁଃଖ ଲାଗିଲା । ଏ ଭିତରେ ତାଙ୍କ ବାପା ଦକ୍ଷ ମଧ୍ୟ ତାଙ୍କୁ ଅପମାନଜନକ କଥା କହିଲେ । ସତୀଙ୍କ ହୃଦୟ କ୍ଷୋଭ, ଗ୍ଲାନି ଓ କ୍ରୋଧରେ ସନ୍ତପ୍ତ ହୋଇଗଲା । ସେ ଭାବିଲେ, ସ୍ୱାମୀଙ୍କ କଥା ନ ମାନି, ସେଠାକୁ ଆସି ସେ ବଡ ଭୁଲ୍ କରିଛନ୍ତି; ଏ ଯେଉଁ ଅପମାନ, ଏହା ଖାଲି ତାଙ୍କର ନୁହେଁ; ଏହା ଶଙ୍କରଙ୍କର ମଧ୍ୟ ଅପମାନ ।

ନିଜ ପତି ଭଗବାନ୍ ଶଙ୍କରଙ୍କର ଏହି ଅପମାନ ସହି ନ ପାରି ସେ ସେହିକ୍ଷଣି ଯଜ୍ଞକୁଣ୍ଡକୁ ଡେଇଁ ପଡିଲେ ଓ ନିଜ ରୂପକୁ ଯଜ୍ଞନିଆଁରେ ପୋଡି ପାଉଁଶ କରିଦେଲେ । ବଜ୍ରପାତ ସମାନ ସେହି ଦାରୁଣ ଘଟଣା ଶୁଣି, ଶଙ୍କର ନିଜର ଗଣମାନଙ୍କୁ ପଠାଇ ଦକ୍ଷଯଜ୍ଞକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଲେ ।

ଯୋଗାଗ୍ନିରେ ଶରୀର ଭସ୍ମ କରିଦେଇ ପରବର୍ତ୍ତୀ ଜନ୍ମରେ ସତୀ ଶୈଳରାଜ ହିମାଳୟଙ୍କର ପୁତ୍ରୀରୂପେ ଜନ୍ମନେଲେ । ଏଥର ସେ ଶୈଳପୁତ୍ରୀ ନାମରେ ବିଖ୍ୟାତ ହେଲେ । ତାଙ୍କୁ ପାର୍ବତୀ ଓ ହୈମବତୀ ବୋଲି ମଧ୍ୟ ଡକାଗଲା । ଉପନିଷଦର ଗୋଟିଏ କଥା ଅନୁସାରେ ସେ ହୈମବତୀ ସ୍ୱରୂପରେ ଦେବତାମାନଙ୍କର ଗର୍ବ ଭଞ୍ଜନ କରିଥିଲେ ।

'ଶୈଳପୁତ୍ରୀ' ଦେବୀଙ୍କର ବିବାହ ମଧ୍ୟ ଶଙ୍କରଙ୍କ ସହିତ ହୋଇଗଲା । ପୂର୍ବଜନ୍ମ ପରି ଏ ଜନ୍ମରେ ମଧ୍ୟ ସେ ଶିବଙ୍କର ଅର୍ଦ୍ଧାଙ୍ଗିନୀ ହେଲେ । ନବଦୁର୍ଗାଙ୍କ ମଧ୍ୟରେ ପ୍ରଥମ ଏହି ଶୈଳପୁତ୍ରୀ ଦୁର୍ଗାଙ୍କର ଶକ୍ତି ଓ ମହତ୍ତ୍ୱ ଅନନ୍ତ । ନବରାତ୍ର ପୂଜାରେ ପ୍ରଥମ ଦିନ ଏହାଙ୍କର ପୂଜା-ଉପାସନା କରାଯାଏ । ଏହି ପ୍ରଥମ ଦିବସ ଉପାସନାରେ ଯୋଗୀ ନିଜ ମନକୁ 'ମୂଳାଧାର' ଚକ୍ରରେ ରଖନ୍ତି; ଏହିଠାରୁ ତାଙ୍କର ଯୋଗସାଧନା ଆରମ୍ଭ ହୁଏ ।

❖❖❖

୨. ବ୍ରହ୍ମଚାରିଣୀ



ଦଧାନା କରପଦ୍ମାଭ୍ୟାମକ୍ଷମାଳାକମଣ୍ଡଳୁ ।
ଦେବୀ ପ୍ରସୀଦତୁ ମୟିବ୍ରହ୍ମଚାରିଣ୍ୟନୁତ୍ତମା ॥

ମାତା ଦୁର୍ଗାଙ୍କର ନବ ଶକ୍ତିର ଦ୍ୱିତୀୟ ସ୍ୱରୂପଟି ହେଉଛି ବ୍ରହ୍ମଚାରିଣୀ । ଏଠାରେ ବ୍ରହ୍ମ ଶବ୍ଦର ଅର୍ଥ ତପସ୍ୟା । ବ୍ରହ୍ମଚାରିଣୀ ଅର୍ଥ ତପଃ-ଚାରିଣୀ-ଯେ ତପ ଆଚରଣ କରନ୍ତି ସେ । କଥିତ ଅଛି, ଦେବସ୍ତତ୍ତ୍ୱଂ ତପୋ ବ୍ରହ୍ମ-ବ୍ରହ୍ମ ଶବ୍ଦର ଅର୍ଥ ହେଉଛି ବେଦ, ତତ୍ତ୍ୱ ଓ ତପ । ବ୍ରହ୍ମଚାରିଣୀ ଦେବୀଙ୍କର ସ୍ୱରୂପ ପୂର୍ଣ୍ଣ ଜ୍ୟୋତିର୍ମୟ ଓ ଅତ୍ୟନ୍ତ ଭବ୍ୟ । ତାଙ୍କର ଡାହାଣ ହାତରେ ଜପମାଳା ଓ ବାମ ହାତରେ କମଣ୍ଡଳୁ ଶୋଭାପାଏ ।

ପୂର୍ବଜନ୍ମରେ ସେ ଯେତେବେଳେ ହିମାଳାୟଙ୍କର ପୁତ୍ରୀ ହୋଇ ଜନ୍ମ ହୋଇଥିଲେ, ସେତେବେଳେ ନାରଦଙ୍କ ଉପଦେଶ ଅନୁସାରେ ଭଗବାନ୍ ଶଙ୍କରଙ୍କୁ ପତିରୂପେ ପାଇବାକୁ ସେ ଘୋର ତପସ୍ୟା କରିଥିଲେ । ସେହି ଦୁଷ୍କର ତପସ୍ୟା ହେତୁ ତାଙ୍କୁ ତପଶ୍ଚାରିଣୀ ଅର୍ଥାତ୍ ବ୍ରହ୍ମଚାରିଣୀ ବୋଲାଗଲା । ତପକାଳରେ ପୁରା ହଜାରେ ବର୍ଷ ସେ କେବଳ ଫଳମୂଳ ଖାଇ ରହିଲେ । ତା' ପରେ ଶହେ ବର୍ଷ କେବଳ ଶାଗପତ୍ର ଖାଇ ଜୀବନ ନିର୍ବାହ କଲେ । କିଛି କାଳ ସେ କଠିନ ଉପବାସ କରି ଖୋଲା ଆକାଶ ତଳେ ଖରାବର୍ଷା ଖାଇ ଭୀଷଣ କଷ୍ଟ ସହନ କଲେ । ସେହି କଠିନ ତପସ୍ୟା ପରେ ତିନି ହଜାର ବର୍ଷ ଆରାଧନା କରି ଚାଲିଲେ । ତା' ପରେ ସେ ଶୁଖିଲା ପାଚିଲା ବେଲ ପତ୍ର ଖାଇବା ବି ଛାଡିଦେଲେ । କେତେ ହଜାର ବର୍ଷ ସେ ନିର୍ଜଳ ନିରାହାର ତପସ୍ୟାରେ ରତ ହୋଇଗଲେ । ପତ୍ରର ଅନ୍ୟନାମ ପର୍ଣ୍ଣ; ସେ ପର୍ଣ୍ଣଖାଇବା ବି ଛାଡି ଦେଇଥିବାରୁ ତାଙ୍କର ଆଉ ଗୋଟିଏ ନାମ ହୋଇଗଲା 'ଅପର୍ଣ୍ଣା'।

ହଜାର ହଜାର ବର୍ଷ ଧରି ଏପରି କଠିନ ତପସ୍ୟା କରିବାରୁ ବ୍ରହ୍ମଚାରିଣୀ ଦେବୀଙ୍କର ଶରୀର ଅତୀବ କ୍ଷୀଣ ହୋଇଗଲା। ସେ କୃଶକାୟ ହୋଇଗଲେ। ପୁତ୍ରୀର ଏହି ଦଶା ଦେଖି ତାଙ୍କର ମାଆ ମେନା ଅତ୍ୟନ୍ତ ଦୁଃଖୀତ ହୋଇଗଲେ। ତାଙ୍କୁ ସେହି କଠିନ ତପସ୍ୟାରୁ ବିରତ କରିବାକୁ ମେନା ଡାକ ପକାଇଲେ,'ଉ.... ମା! ତପ କର ନାହିଁ!' ସେହି ଡାକକୁ ଧରି ବ୍ରହ୍ମଚାରିଣୀ ଦେବୀଙ୍କର ପୂର୍ବଜନ୍ମର ଆହୁରି ଏକ ନାମ ହୋଇଗଲା 'ଉମା'।

ଉମାଙ୍କର ସେହି କଠିନ ତପସ୍ୟାରେ ତିନି ଲୋକରେ ହାହାକାର ପଡିଗଲା । ବ୍ରହ୍ମଚାରିଣୀ ଦେବୀଙ୍କର ସେହି ତପସ୍ୟାକୁ ଅଭୁତପୂର୍ବ ପୁଣ୍ୟକୃତ୍ୟ ବୋଲି କହି ଦେବତା, ଋଷି, ସିଦ୍ଧ, ମୁନି-ସମସ୍ତେ ତାଙ୍କର ପ୍ରଶଂସା କରିବାକୁ ଲାଗିଲେ । ଶେଷରେ ବ୍ରହ୍ମା ଆକାଶବାଣୀ ଦ୍ୱାରା ତାଙ୍କୁ ସମ୍ବୋଧିତ କରି ପ୍ରସନ୍ନ ସ୍ୱରରେ କହିଲେ, ହେ ଦେବୀ! ଆଜି ପର୍ଯ୍ୟନ୍ତ କେହି ଏପରି କଠିନ ତପସ୍ୟା କରି ନ ଥିଲେ; ଏପରି ତପସ୍ୟା କେବଳ ତୁମ ପକ୍ଷରେ ସମ୍ଭବ ହେଲା । ତୁମର ଏହି ଅଲୌକିକ କୃତ୍ୟ ଚତୁର୍ଦ୍ଦିଗରେ ପ୍ରଶଂସିତ ହେଉଛି । ତୁମର ମନସ୍କାମନା ସର୍ବତୋଭାବେ ପରିପୂର୍ଣ୍ଣ ହେବ । 'ଭଗବାନ୍ ଚନ୍ଦ୍ରମୌଳି ଶିବ ତୁମକୁ ପତିରୂପରେ ପ୍ରାପ୍ତ ହେବେ । ବର୍ତ୍ତମାନ ତୁମେ ତପସ୍ୟାରୁ ବିରତ ହୋଇ ଘରକୁ ଫେରିଚାଲ; ତୁମ ବାପା ତୁମକୁ ଡାକିନେବା ପାଇଁ ଅତିଶୀଘ୍ର ଆସୁଛନ୍ତି ।'

ମାତା ଦୁର୍ଗାଙ୍କର ଏହି ଦ୍ୱିତୀୟ ସ୍ୱରୂପ, ଭକ୍ତ ଓ ସିଦ୍ଧମାନଙ୍କୁ ଅନନ୍ତ ଫଳ ପ୍ରଦାନ କରନ୍ତି । ତାଙ୍କୁ ଉପାସନା କଲେ ମନୁଷ୍ୟର ତପ, ତ୍ୟାଗ, ବୈରାଗ୍ୟ, ସଦାଚାର ଓ ସଂଯମ ବୃଦ୍ଧି ହୁଏ । ଜୀବନର କଠିନ ସଂଘର୍ଷରେ ବି ତା'ର ମନ କର୍ତ୍ତବ୍ୟରୁ ବିଚ୍ୟୁତ ହୁଏ ନାହିଁ । ମାତା ବ୍ରହ୍ମଚାରିଣୀ ଦେବୀଙ୍କ କୃପାରୁ ସେ ସର୍ବତ୍ର ସିଦ୍ଧି ଓ ବିଜୟ ପ୍ରାପ୍ତ ହୁଏ । ଦୁର୍ଗାପୂଜାର ଦ୍ୱିତୀୟ ଦିନ ମା'ଙ୍କର ଏହି ସ୍ୱରୂପର ଉପାସନା କରାଯାଏ । ସେହି ଦିନ ସାଧକର ମନ ସ୍ୱାଧିଷ୍ଠାନ ଚକ୍ରରେ ସ୍ଥିତ ହୁଏ । ଯେଉଁ ଯୋଗୀଙ୍କର ମନ ଏହି ଚକ୍ରରେ ଅବସ୍ଥିତ ଥାଏ, ସେ ମାତାଙ୍କର କୃପା ଓ ଭକ୍ତି ଲାଭ କରନ୍ତି ।

❖❖❖

୩. ଚନ୍ଦ୍ରଘଣ୍ଟା



ପିଣ୍ଡଜପ୍ରବରାରୂଢା ଚଣ୍ଡକୋପାସ୍ତକୈର୍ଯୁତା ।
ପ୍ରସାଦଂ ତନୁତେ ମହ୍ୟଂ ଚନ୍ଦ୍ରଘଣ୍ଟେତି ବିଶ୍ରୁତା ॥

ମାତା ଦୁର୍ଗାଙ୍କର ତୃତୀୟ ଶକ୍ତିର ନାମ ଚନ୍ଦ୍ରଘଣ୍ଟା । ନବରାତ୍ରି-ଉପାସନାର ତୃତୀୟ ଦିନ ତାଙ୍କ ବିଗ୍ରହର ପୂଜା-ଆରାଧନା କରାଯାଏ । ମାତାଙ୍କର ଏହି ସ୍ୱରୂପ ପରମ ଶାନ୍ତିଦାୟକ ଓ କଲ୍ୟାଣକାରୀ ଅଟେ । ଏହାଙ୍କର ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ବିରାଜିତ ହୋଇଥିବାରୁ ଏହାଙ୍କୁ ଚନ୍ଦ୍ରଘଣ୍ଟା ଦେବୀ କୁହାଯାଏ । ଚନ୍ଦ୍ରଘଣ୍ଟାଙ୍କର ଦେହର ରଙ୍ଗ ସୁନାପରି ଉଜ୍ଜ୍ୱଳ; ସେ ଦଶଭୂଜା; ଦଶଭୂଜାରେ ଖଡ୍ଗ ଆଦି ଶସ୍ତ୍ର ଓ ବାଣ ଆଦି ଅସ୍ତ୍ର ବିଭୂଷିତ । ସେ ସିଂହବାହିନୀ ଓ ଯୁଦ୍ଧ ନିମନ୍ତେ ଉଦ୍ୟତ ମୁଦ୍ରାରେ ବିରାଜିତ । ତାଙ୍କର ଘଣ୍ଟାମାନଙ୍କର ଭୟାନକ ପ୍ରଚଣ୍ଡଧ୍ୱନିରେ ଅତ୍ୟାଚାରୀ ଦାନବ-ଦୈତ୍ୟ-ରାକ୍ଷସମାନେ ସର୍ବଦା ପ୍ରକମ୍ପିତ ହେଉଥା'ନ୍ତି ।

ନବରାତ୍ର ଦୁର୍ଗାପୂଜାର ତୃତୀୟ ଦିବସର ପୂଜା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେ ଦିନ ସାଧକଙ୍କ ମନ 'ମଣିପୁର' ଚକ୍ରରେ ପ୍ରବେଶ କରେ । ମା' ଚନ୍ଦ୍ରଘଣ୍ଟାଙ୍କ କୃପାରୁ ସାଧକଙ୍କୁ ଅଲୌକିକ ବସ୍ତୁମାନଙ୍କର ଦର୍ଶନ ମିଳେ, ଦିବ୍ୟ ସୁଗନ୍ଧ ଅନୁଭବ ହୁଏ ତଥା ବିବିଧ ପ୍ରକାର ଦିବ୍ୟ ଧ୍ୱନି ଶୁଣିବାକୁ ମିଳେ । ସେହି କ୍ଷଣରେ ସାଧକକୁ ଅତ୍ୟନ୍ତ ସାବଧାନ ରହିବାକୁ ପଡେ ।

ମାତା ଚନ୍ଦ୍ରଘଣ୍ଟାଙ୍କ କୃପାରୁ ସାଧକଙ୍କର ସମସ୍ତ ପାପ ଓ ବାଧା ବିନଷ୍ଟ ହୋଇଯାଏ । ଏହି ମା'ଙ୍କର ଆରାଧନା ସଦା ଫଳଦାୟୀ ଅଟେ । ତାଙ୍କର ବାହନ ସିଂହ ହୋଇଥିବାରୁ, ତାଙ୍କର ଉପାସକ ସିଂହପରି ପରାକ୍ରମୀ ଓ ନିର୍ଭୀକ ହୋଇଯାଆନ୍ତି । ମା'ଙ୍କର ଘଣ୍ଟାଧ୍ୱନି ସଦା ତାଙ୍କର ଭକ୍ତମାନଙ୍କୁ ପ୍ରେତ-ବାଧାଦିରୁ ରକ୍ଷା କରେ । ତାଙ୍କର ଧ୍ୟାନ କରୁ କରୁ ହିଁ ଶରଣାଗତକୁ ରକ୍ଷା କରିବା ପାଇଁ ଘଣ୍ଟାଧ୍ୱନି ନିନାଦିତ ହୋଇଉଠେ ।

ଦୁଷ୍ଟଦଳନ ପାଇଁ ମାତା ସର୍ବଦା ତତ୍ପର ହୋଇ ରହୁଥିଲେ ବି ଦର୍ଶକ ଓ ଆରାଧକଙ୍କ ନିମନ୍ତେ ମା'ଙ୍କର ସ୍ୱରୂପ ଅତ୍ୟନ୍ତ ସୌମ୍ୟ ଓ ଶାନ୍ତ ରହିଥାଏ ।

ମା'ଙ୍କର ଆରାଧନାରୁ ଏକ ବିଶେଷ ସଦ୍‌ଗୁଣ ପ୍ରାପ୍ତ ହୁଏ; ସାଧକଙ୍କ ଭିତରେ ବୀରତା ଓ ନିର୍ଭୀକତା ସହିତ ସୌମ୍ୟତା ଓ ବିନମ୍ରତା ବି ବିକଶିତ ହୁଏ । ସାଧକଙ୍କର ମୁଖ, ନେତ୍ର ତଥା ସମଗ୍ର କାୟାରେ ଏକ ଅପୂର୍ବ କାନ୍ତି ଫୁଟିଉଠେ; ସ୍ୱରରେ ଦିବ୍ୟ, ଅଲୌକିକ ମାଧୁର୍ଯ୍ୟର ସମାବେଶ ହୋଇଯାଏ । ମାତା ଚନ୍ଦ୍ରଘଣ୍ଟାଙ୍କର ଭକ୍ତ ଓ ଉପାସକ ଯେଉଁଠିକି ଯାଆନ୍ତୁ ନା କାହିଁକି, ତାଙ୍କୁ ଦେଖି ସେଠାର ଲୋକେ ଶାନ୍ତି ଓ ସୁଖ ଅନୁଭବ କରନ୍ତି । ମା'ଙ୍କର ସାଧକଙ୍କ ଶରୀରରୁ ଦିବ୍ୟ-ଜ୍ୟୋତିଯୁକ୍ତ ପରମାଣୁମାନଙ୍କର ଅଦୃଶ୍ୟ ବିକିରଣ ହୁଏ । ଏହି ଦିବ୍ୟ କ୍ରିୟା ସଧାରଣ ରକ୍ତମାଂସର ଆଖିକୁ ଦେଖାଯାଏ ନାହିଁ; କିନ୍ତୁ ସାଧକ ଓ ତାଙ୍କ ସମ୍ପର୍କରେ ଆସୁଥିବା ଲୋକେ ଏହା ସ୍ପଷ୍ଟ ଅନୁଭବ କରନ୍ତି ।

ନିଜର ମନ, ବଚନ, କର୍ମ ଓ କାୟାକୁ ବିହିତ ବିଧି-ବିଧାନ ଅନୁସାରେ ସମ୍ପୂର୍ଣ୍ଣ ଶୁଦ୍ଧ-ପବିତ୍ର କରି, ଆମେ ମାତା ଚନ୍ଦ୍ରଘଣ୍ଟାଙ୍କର ଶରଣାଗତ ହୋଇ ତାଙ୍କର ଉପାସନା ଆରାଧନାରେ ତତ୍ପର ହେବା ଉଚିତ୍ । ତାଙ୍କର ଉପାସନା ଫଳରେ ଆମେ ସକଳ ସାଂସାରିକ କଷ୍ଟରୁ ବିମୁକ୍ତ ହୋଇ ସହଜରେ ପରମ ପଦର ଅଧିକାରୀ ହୋଇପାରିବା । ମା'ଙ୍କର ପବିତ୍ର ବିଗ୍ରହକୁ ନିରନ୍ତର ଆମ ଧ୍ୟାନରେ ରଖି ସାଧନାରେ ଅଗ୍ରସର ହେବାକୁ ପ୍ରଯତ୍ନ କରିବା ଆବଶ୍ୟକ । ତାଙ୍କର ଧ୍ୟାନ ଇହଲୋକ ଓ ପରଲୋକରେ ଆମର ପରମ କଲ୍ୟାଣ କରି ଆମକୁ ସଦ୍‌ଗତି ପ୍ରଦାନ କରିବ ।

❖❖❖

୪. କୂଷ୍ମାଣ୍ଡ



ସୁରାସମ୍ପୂର୍ଣ୍ଣକଳଶଂ ରୁଧିରାପ୍ଲୁତମେବ ଚ ।
ଦଧାନା ହସ୍ତପଦ୍ମାଭ୍ୟାଂ କୂଷ୍ମାଣ୍ଡା ଶୁଭଦାସ୍ତୁ ମେ ॥

ମାତା ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପର ନାମ କୂଷ୍ମାଣ୍ଡା । ନିଜର ମନ୍ଦହାସ ଦ୍ୱାରା ଅଣ୍ଡ ଅର୍ଥାତ୍ ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବା କାରଣରୁ ମାତାଙ୍କୁ କୂଷ୍ମାଣ୍ଡା ଦେବୀ ନାମରେ ଅଭିହିତ କରାଯାଇଛି ।

ଯେତେବେଳେ ସୃଷ୍ଟିର କୌଣସି ଅସ୍ତିତ୍ୱ ନ ପରିବ୍ୟାପ୍ତ ହୋଇ ରହିଥିଲା, ସେତେବେଳେ ଏହି ଦେବୀ ନିଜର ଇଷତ୍ ହାସ୍ୟ ଦ୍ୱାରା ବ୍ରହ୍ମାଣ୍ଡ ରଚନା କରିଥିଲେ । ତେଣୁ ଏହି ମାତା ହିଁ ସୃଷ୍ଟିର ଆଦି ସ୍ୱରୂପା ଆଦି ଶକ୍ତି ଅଟନ୍ତି । ତାଙ୍କ ପୂର୍ବରୁ ବ୍ରହ୍ମାଣ୍ଡର କୌଣସି ଅସ୍ତିତ୍ୱ ନ ଥିଲା ।

ଏହି ମା'ଙ୍କର ନିବାସ ସୂର୍ଯ୍ୟମଣ୍ଡଳର ଅନ୍ତଃଲୋକରେ ସୂର୍ଯ୍ୟଲୋକରେ ନିବାସ କରିବାର କ୍ଷମତା ଓ ଶକ୍ତି କେବଳ ଏହାଙ୍କର ରହିଛି । ଏହାଙ୍କର ଶରୀରର କାନ୍ତି ଓ ପ୍ରଭା ମଧ୍ୟ ସୂର୍ଯ୍ୟସମାନ ଦେଦୀପ୍ୟମାନ ଓ ଭାସ୍ୱର । ଏଥିରୁ ଏହାଙ୍କର ତେଜର କଳନା କରିପାରୁଥିବ । ତେଜ ଓ ପ୍ରଭାବରେ ଅନ୍ୟ କୌଣସି ଦେବୀ-ଦେବତା ମା'ଙ୍କର ସମକକ୍ଷ ନୁହଁନ୍ତି । ମା'ଙ୍କର ତେଜ ଓ ପ୍ରକାଶରେ ଦଶଦିଗ ଉଦ୍‌ଭାସିତ ହେଉଛି । ବ୍ରହ୍ମାଣ୍ଡର ସକଳ ବସ୍ତୁର ତଥା ସମସ୍ତ ପ୍ରାଣୀମାନଙ୍କର ତେଜ ହେଉଛି ଏହି ମା'ଙ୍କ ତେଜର ଛାୟାମାତ୍ର ।

ମା'ଙ୍କର ଭୂଜସଂଖ୍ୟା ଆଠ; ତେଣୁ ମା' ଅଷ୍ଟଭୂଜା ନାମରେ ବିଖ୍ୟାତ । ତାଙ୍କର ସାତଟି ହାତରେ କ୍ରମାନ୍ୱୟରେ କମଣ୍ଡଳୁ, ଧନୁ, ବାଣ, କମଳପୁଷ୍ପ, ଅମୃତପୂର୍ଣ୍ଣ କଳସ, ଚକ୍ର ତଥା ଗଦା ରହିଛି । ଅଷ୍ଟମ ହାତରେ ରହିଛି ସର୍ବସିଦ୍ଧି-ସର୍ବନିଧି-ପ୍ରଦାୟକ ଜପମାଳା ।

ମା'ଙ୍କର ବାହାନ ହେଉଛି ସିଂହ । ପାଣିକଖାରୁକୁ ସଂସ୍କୃତରେ କୂଷ୍ମାଣ୍ଡ କହନ୍ତି । ମା'ଙ୍କର ସବୁଠାରୁ ପ୍ରିୟ ବଳି ହେଉଛି ଏହି ପାଣିକଖାରୁ; ଏହି କାରଣରୁ ମଧ୍ୟ ତାଙ୍କର ନାମ କୁଷ୍ମାଣ୍ଡା ଅଟେ ।

ନବରାତ୍ର ପୂଜାର ଚତୁର୍ଥ ଦିନ କୁଷ୍ମାଣ୍ଡା ଦେବୀଙ୍କର ସ୍ୱରୂପକୁ ହିଁ ପୂଜା କରାଯାଏ । ସେ ଦିନ ସାଧକଙ୍କର ମନ 'ଅନାହତ' ଚକ୍ରରେ ସ୍ଥିତ ହୁଏ । ତେଣୁ ସେଦିନ ସାଧକ

ଅତ୍ୟନ୍ତ ପବିତ୍ର ଓ ଅଚଞ୍ଚଳ ଚିତ୍ତରେ କୂଷ୍ମାଣ୍ଡା ଦେବୀଙ୍କର ସ୍ୱରୂପକୁ ଧ୍ୟାନରେ ରଖି ପୂଜା-ଉପାସନା କାର୍ଯ୍ୟରେ ଲାଗି ରହିବା ଉଚିତ୍ । ମା' କୂଷ୍ମାଣ୍ଡାଙ୍କ ଉପାସନା କଲେ ଭକ୍ତଙ୍କର ସକଳ ରୋଗ ଶୋକ ବିନଷ୍ଟ ହୋଇଯାଏ । ମା'ଙ୍କୁ ଭକ୍ତି କଲେ ଆୟୁ, ଯଶ, ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ହୁଏ । କୂଷ୍ମାଣ୍ଡା ଦେବୀ ଅତ୍ୟଳ୍ପ ସେବା ଓ ଭକ୍ତିରେ ବି ପ୍ରସନ୍ନ ହୋଇଯାଆନ୍ତି । ଯଦି ମନୁଷ୍ୟ ନିର୍ମଳ ହୃଦୟରେ ମା'ଙ୍କର ଶରଣାଗତ ହୋଇଯିବ, ତା' ହେଲେ ତ ସେ ଅତି ସହଜରେ ପରମପଦ ପ୍ରାପ୍ତ ହୋଇଯିବ ।

କେବଳ ଏତିକି ଆବଶ୍ୟକ ଯେ, ଶାସ୍ତ୍ର-ପୁରାଣରେ ବର୍ଣ୍ଣିତ ବିଧି ବିଧାନ ଅନୁସାରେ ଆମକୁ ମାତା ଦୁର୍ଗାଙ୍କର ଉପାସନା କରି ଭକ୍ତିମାର୍ଗରେ ଦିବାନିଶି ଅଗ୍ରସର ହେବାକୁ ପଡିବ । ମାତାଙ୍କର ଭକ୍ତି ମାର୍ଗରେ ଅଳ୍ପ କିଛି ପାଦ ଆଗକୁ ଚାଲୁ ଚାଲୁ ହିଁ ଭକ୍ତ ମା'ଙ୍କ କୃପାର ସୂକ୍ଷ୍ମ ଅନୁଭବ ପାଇପାରନ୍ତି; ଏହି ଦୁଃଖର ସଂସାର ତାଙ୍କ ପାଇଁ ଅତ୍ୟନ୍ତ ସୁଖଦ ଓ ସୁଗମ ହୋଇଯାଏ । ଏହି ଦୁଃଖର ସଂସାର ତାଙ୍କ ପାଇଁ ଅତ୍ୟନ୍ତ ସୁଖଦ ଓ ସୁଗମ ହୋଇଯାଏ । ମା'ଙ୍କର ଉପାସନା ହିଁ ମନୁଷ୍ୟ ନିମନ୍ତେ ଭବସାଗରରୁ ପାରହେବାର ସର୍ବାଧିକ ସୁଗମ ଓ ଶ୍ରେୟସ୍କର ଉପାୟ । ମାତା କୂଷ୍ମାଣ୍ଡାଙ୍କର ଉପାସନା ସକଳ ଆଧି ବ୍ୟାଧିରୁ ସର୍ବଦା ମୁକ୍ତ କରି ମନୁଷ୍ୟକୁ ସୁଖ, ଶାନ୍ତି ଓ ସମୃଦ୍ଧି ପଥରେ ନେଇଯାଏ । ତେଣୁ ନିଜର ଲୌକିକ-ପାରଲୌକିକ ଉନ୍ନତି ଚାହୁଁଥିବା ଲୋକ ଏହି ମା'ଙ୍କ ଉପାସନାରେ ସର୍ବଦା ତତ୍ପର ରହିବା ଆବଶ୍ୟକ ।

❖❖❖

୫. ସ୍କନ୍ଦମାତା



ସିଂହାସନାଗତା ନିତ୍ୟଂ ପଦ୍ମାଶ୍ରିତକରଦ୍ୱୟା ।
ଶୁଭଦାସ୍ତୁ ସଦା ଦେବୀ ସ୍କନ୍ଦମାତା ଯଶସ୍ୱିନୀ ॥

ମାତା ଦୁର୍ଗାଙ୍କର ପଞ୍ଚମ ସ୍ୱରୂପର ନାମ ସ୍କନ୍ଦମାତା ଅଟେ । କୁମାର କାର୍ତ୍ତିକେୟଙ୍କର ଅନ୍ୟ ନାମ ସ୍କନ୍ଦ; ପ୍ରସିଦ୍ଧ ଦେବାସୁର ଯୁଦ୍ଧରେ ସେ ଦେବତାମାନଙ୍କର ସେନାପତି ହୋଇଥିଲେ । ପୁରାଣରେ ତାହାଙ୍କୁ କୁମାର ଓ ଶକ୍ତିଧର କହି ତାଙ୍କର ମହିମା ବର୍ଣ୍ଣନା କରାଯାଇଛି । କାର୍ତ୍ତିକେୟଙ୍କର ବାହନ ମୟୂର; ତେଣୁ ତାଙ୍କୁ ମୟୂରବାହନ ବୋଲି ମଧ୍ୟ କୁହାଯାଏ ।

ସେହି ଭଗବାନ୍ ସ୍କନ୍ଦଙ୍କର ମାତା ହୋଇଥିବାରୁ ମା' ଦୁର୍ଗାଙ୍କର ଏହି ପଞ୍ଚମ ସ୍ୱରୂପର ନାମ ସ୍କନ୍ଦମାତା ହୋଇଛି । ନବରାତ୍ରି-ପୂଜାର ପଞ୍ଚମ ଦିବସରେ ଏହାଙ୍କର ଉପାସନା କରାଯାଏ । ଏହି ଦିନ ସାଧକଙ୍କର ମନ 'ବିଶୁଦ୍ଧ' ଚକ୍ରରେ ଅବସ୍ଥିତ ହୁଏ । ମା'ଙ୍କର ବିଗ୍ରହରେ ଭଗବାନ୍ ସ୍କନ୍ଦ ବାଳକରୂପରେ କୋଳରେ ବସିଥା'ନ୍ତି । ସ୍କନ୍ଦମାତା ଦେବୀଙ୍କର ଚାରି ଭୁଜ । ଡାହାଣପଟ ଉପର ହାତରେ ସେ ଭଗବାନ୍ ସ୍କନ୍ଦଙ୍କୁ କୋଳରେ ବସାଇ ଧରିଥା'ନ୍ତି ଏବଂ ସେହି ପଟର ତଳ ହାତଟି ଉପରକୁ ଟେକି ସେଥିରେ କମଳ ପୁଷ୍ପଟିଏ ଧରିଥା'ନ୍ତି । ବାମପଟର ଉପର ହାତରେ ବରମୁଦ୍ରା ଦେଖାଉଥା'ନ୍ତି ଏବଂ ତଳ ହାତ ଉପରକୁ ଟେକି ସେଥିରେ ବି କମଳ ପୁଷ୍ପ ଧରିଥା'ନ୍ତି । ମା'ଙ୍କର ବର୍ଣ୍ଣ ପୂର୍ଣ୍ଣତଃ ଶୁଭ୍ର; ସେ କମଳ ଆସନରେ ବସିଥା'ନ୍ତି; ତେଣୁ ତାଙ୍କର ଅନ୍ୟନାମ ପଦ୍ମାସନା ଅଟେ । ସିଂହ ମା'ଙ୍କର ବାହନ ଅଟେ । ଶାସ୍ତ୍ରରେ ନବରାତ୍ର ପୂଜାର ପଞ୍ଚମ ଦିବସର ବିଶେଷ ମହତ୍ତ୍ୱ କୁହାଯାଇଛି । ବିଶୁଦ୍ଧଚକ୍ରରେ ଯେଉଁ ସାଧକଙ୍କର ମନ ଅବସ୍ଥିତ ଥାଏ, ତାଙ୍କର ସମସ୍ତ ବାହ୍ୟ କ୍ରିୟା ଓ ଚିତ୍ତବୃତ୍ତି ଲୋପ ହୋଇଯାଏ । ସେ ବିଶୁଦ୍ଧ ଚୈତନ୍ୟ ଆଡକୁ ଅଗ୍ରସର ହେଉଥା'ନ୍ତି । ତାଙ୍କର ମନ ସକଳ ଲୌକିକ, ସାଂସାରିକ ତଥା ମାୟିକ ବନ୍ଧନରୁ ବିମୁକ୍ତ ହୋଇ ପଦ୍ମାସନା ସ୍କନ୍ଦମାତାଙ୍କ ସ୍ୱରୂପରେ ପୂର୍ଣ୍ଣତଃ ତଲ୍ଲୀନ ହୋଇଯାଏ । ଏହି ସମୟରେ ସାଧକ ପୂର୍ଣ୍ଣ ସାବଧାନ ହୋଇ ଉପାସନା କାର୍ଯ୍ୟରେ ଅଗ୍ରସର ହେବା ଆବଶ୍ୟକ । ସେ ନିଜର ସମସ୍ତ ଧ୍ୟାନ ବୃତ୍ତିକୁ ଏକାଗ୍ର କରି ସାଧନା ପଥରେ ଆଗକୁ ଯିବାକୁ ହେବ ।

ମା' ସ୍କନ୍ଦମାତାଙ୍କର ଉପାସନା କଲେ ଭକ୍ତଙ୍କର ସକଳ ଇଚ୍ଛା ପୂର୍ଣ୍ଣ ହୋଇଯାଏ । ଏହି ମୃତ୍ୟୁଲୋକରେ ବି ତାଙ୍କୁ ପରମ ଶାନ୍ତି ଓ ସୁଖ ଅନୁଭବ ହୁଏ । ତାଙ୍କ ପାଇଁ ମୋକ୍ଷର ଦ୍ୱାର ଖୋଲିବା ସ୍ୱତଃ ସୁଲଭ ହୋଇଯାଏ । ସ୍କନ୍ଦମାତାଙ୍କୁ ଉପାସନା କଲେ ତା' ସହିତ ଭଗବାନ୍ ସ୍କନ୍ଦଙ୍କର ଉପାସନା ବି ସ୍ୱତଃ ହୋଇଯାଏ । ଏହି ବିଶେଷତା କେବଳ ଏକନିଷ୍ଠ ଭକ୍ତଙ୍କୁ ମିଳେ; ତେଣୁ ସ୍କନ୍ଦମାତାଙ୍କ ଉପାସନା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ମାତା ସୂର୍ଯ୍ୟମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ ହୋଇଥିବାରୁ ତାଙ୍କର ଉପାସକ ଅଲୌକିକ ତେଜ ଓ କାନ୍ତିରେ ସମ୍ପନ୍ନ ହୋଇଯାଆନ୍ତି । ତାଙ୍କର ଚତୁର୍ଦ୍ଦିଗରେ ଏକ ଅଲୌକିକ ପ୍ରଭାବମଣ୍ଡଳ ଅଦୃଶଭାବରେ ପରିବ୍ୟାପ୍ତ ହୋଇଯାଏ । ସେହି ପ୍ରଭାମଣ୍ଡଳ ଅଦୃଶ୍ୟଭାବରେ ପରିବ୍ୟାପ୍ତ ହୋଇଯାଏ । ସେହି ପ୍ରଭାମଣ୍ଡଳ ପ୍ରତିକ୍ଷଣ ତାଙ୍କର ଯୋଗକ୍ଷେମ ନିର୍ବହନ କରିଚାଲେ ।

ତେଣୁ ଆମକୁ ଏକାଗ୍ର ଭାବରେ ମନକୁ ପବିତ୍ର ରଖି ମା'ଙ୍କର ଶରଣ ଗ୍ରହଣ କରିବାକୁ ପଡିବ । ଏହି ଘୋର ଭବସାଗରର ଦୁଃଖରୁ ମୁକ୍ତି ପାଇ ମୋକ୍ଷମାର୍ଗକୁ ସୁଲଭ କରିବାକୁ ହେଲେ, ଏହାଠାରୁ ଉତ୍ତମ ଅନ୍ୟ ଉପାୟ ଆଉ ନାହିଁ ।

❖❖❖

୬. କାତ୍ୟାୟନୀ



ଚନ୍ଦ୍ରହାସୋଜ୍ଜ୍ୱଳକରା ଶାର୍ଦ୍ଦୁଳବରବାହନା ।
କାତ୍ୟାୟନୀ ଶୁଭଂ ଦଦ୍ୟାଦ୍ଦେବୀ ଦାନବଘାତିନୀ ॥

ମାତା ଦୁର୍ଗାଙ୍କର ଷଷ୍ଠ ସ୍ୱରୂପର ନାମ କାତ୍ୟାୟନୀ । ଏହି ନାମ ପଛରେ ଏକ ବୃତ୍ତାନ୍ତ ରହିଛି । ତାହାହେଲା – 'କତ' ନାମରେ ଜଣେ ପ୍ରସିଦ୍ଧ ମହର୍ଷି ଥିଲେ । ତାଙ୍କର ପୁତ୍ର ଋଷି କାତ୍ୟ ଥିଲେ । ସେହି କାତ୍ୟାଙ୍କ ଗୋତ୍ରରେ ବିଶ୍ୱପ୍ରସିଦ୍ଧ ମହର୍ଷି କାତ୍ୟାୟନ ଜନ୍ମ ହୋଇଥିଲେ । ସେ ଭଗବତୀ ପରାମ୍ବାଙ୍କର ଉପାସନା କରି ବହୁ ବର୍ଷ ଘୋର ତପସ୍ୟାରେ ରତ ହୋଇଥିଲେ । ତାଙ୍କର ଇଚ୍ଛାଶକ୍ତି ଯେ, ତାଙ୍କ ଘରେ ଭଗବତୀ ଝିଅ ହୋଇ ଜନ୍ମ ହୁଅନ୍ତୁ । ମାତା ଭକ୍ତଙ୍କର ସେହି ପ୍ରାର୍ଥନା ସ୍ୱୀକାର କରିଥିଲେ ।

କିଛି କାଳ ପରେ ପୃଥିବୀରେ ଯେତେବେଳେ ଦାନବ ମହିଷାସୁରର ଅତ୍ୟାଚାର ବଢି ଚାଲିଲା, ସେତେବେଳେ ମହିଷାସୁରକୁ ବିନାଶ କରିବା ନିମନ୍ତେ, ଭଗବାନ୍ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନିଜ ନିଜ ତେଜର ଅଂଶ ଦେଇ ଏକ ଦେବୀଙ୍କୁ ଉତ୍ପନ୍ନ କଲେ । ସର୍ବପ୍ରଥମେ ମହର୍ଷି କାତ୍ୟାୟନ ସେହି ଦେବୀଙ୍କୁ ପୂଜା କରିଥିଲେ, ମାତା ତାଙ୍କର କନ୍ୟାରୂପେ ଜନ୍ମ ହୋଇ ତାଙ୍କର ଇଚ୍ଛା ପୂରଣ କରିଥିଲେ ଓ କାତ୍ୟାୟନୀ ନାମରେ ପାଇଥିଲେ ।

ଅନ୍ୟ ଏକ କଥା ଅନୁସାରେ ମାତା କାତ୍ୟାୟନଙ୍କ ଘରେ ଝିଅ ହୋଇ ଜନ୍ମିଥିଲେ ଓ କାତ୍ୟାୟନ ଋଷିଙ୍କର ପୂଜା ଗ୍ରହଣ କରି ଦଶମୀ ଦିନ ମହିଷାସୁରକୁ ବଧ କରିଥିଲେ ।

ମାତା କାତ୍ୟାୟନୀ ହେଉଛନ୍ତି ଅମୋଘ ଫଳଦାୟିନୀ । ବଜ୍ରଗୋପୀମାନେ ଭଗବାନ୍ କୃଷ୍ଣଙ୍କୁ ପତିରୂପରେ ପାଇବା ନିମନ୍ତେ ଯମୁନା ତଟରେ ଏହି ମାତାଙ୍କର ପୂଜା କରିଥିଲେ । ଏହି ମାଆ ବଜ୍ରମଣ୍ଡଳର ଅଧିଷ୍ଠାତ୍ରୀ ଦେବୀରୂପେ ପ୍ରତିଷ୍ଠିତ । ଏହି ମା'ଙ୍କର ସ୍ୱରୂପ ଅତ୍ୟନ୍ତ ଭବ୍ୟ ଓ ଦିବ୍ୟ । ଏହାଙ୍କର ବର୍ଣ୍ଣ ସୁବର୍ଣ୍ଣପରି ଉଜ୍ଜ୍ୱଳ ଓ ଭାସ୍ୱର । ମାତା ଚତୁର୍ଭୁଜା । ମାତାଙ୍କର ଦକ୍ଷିଣ ପଟର ଉପର ହାତରେ ଅଭୟ ମୁଦ୍ରା ଓ ତଳହାତରେ ବରମୁଦ୍ରା; ବାମ ପଟର ଉପର ହାତରେ ତରବାରି ଓ ତଳହାତରେ ପ୍ରସ୍ଫୁଟିତ ପଦ୍ମ ଶୋଭାପାଏ । ମାତା ସିଂହବାହିନୀ ଅଟନ୍ତି ।

ଦୁର୍ଗାପୂଜାର ଷଷ୍ଠଦିବସରେ ମା'ଙ୍କର ଏହି ସ୍ୱରୂପର ପୂଜା କରାଯାଏ । ସେ ଦିନ ସାଧକଙ୍କ ମନ ଆଜ୍ଞା-ଚକ୍ରରେ ସ୍ଥିତ ହୁଏ । ଯୋଗସାଧନାରେ ସେହି ଆଜ୍ଞାଚକ୍ରର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣସ୍ଥାନ ରହିଛି । ଏହି ଚକ୍ରରେ ସ୍ଥିତମାନ ସାଧକ ମାତା କାତ୍ୟାୟନୀଙ୍କ ଚରଣରେ ନିଜର ସର୍ବସ୍ୱ ନିବେଦନ କରିଦିଏ । ସମ୍ପୂର୍ଣ୍ଣ ଆତ୍ମଦାନକାରୀ ସାଧକ ଅତି ସହଜରେ ମା'ଙ୍କର ଦର୍ଶନ ପାଇଥାଆନ୍ତି । ମାତା କାତ୍ୟାୟନୀଙ୍କୁ ଭକ୍ତି ଓ ଉପାସନା କରି ମନୁଷ୍ୟ ଅତି ସହଜରେ ଅର୍ଥ, ଧର୍ମ, କାମ, ମୋକ୍ଷ- ଚତୁବର୍ଗ ଫଳ ପ୍ରାପ୍ତି କରିଥାଏ; ସେ ଇହଲୋକରେ ରହି ମଧ୍ୟ ଅଲୌକିକ ତେଜ ଓ ପ୍ରଭାବର ଅଧିକାରୀ ହୋଇଯାଏ; ତା'ର ରୋଗ, ଶୋକ, ସନ୍ତାପ, ଭୟ ଆଦି ସର୍ବଥା ବିନଷ୍ଟ ହୋଇଯାଏ । ଜନ୍ମ ଜନ୍ମାନ୍ତରର ପାପରାଶି ନାଶ କରିବା ନିମନ୍ତେ ମା'ଙ୍କ ଉପାସନାଠାରୁ ବଳି ଅଧିକ ସୁଗମ-ସରଳ ମାର୍ଗ ଆଉ ନାହିଁ । ତାଙ୍କର ଉପାସକ ନିରନ୍ତର ମାତୃ ସାନ୍ନିଧ୍ୟରେ ରହି ପରମପଦର ଅଧିକାରୀ ହୋଇଯାଏ । ତେଣୁ ସର୍ବତୋଭାବରେ ମା'ଙ୍କର ଶରଣାଗତ ହୋଇ ତାଙ୍କର ପୂଜା-ଉପାସନାରେ ତତ୍ପର ରହିବା ଉଚିତ୍ ।

❖❖❖



୭. କାଳରାତ୍ରି

ଏକବେଣୀ ଜପାକର୍ଣ୍ଣପୂରା ନଗ୍ନା ଖରାସ୍ଥିତା ।
ଲମ୍ବୋଷ୍ଠୀ କର୍ଣ୍ଣିକାକର୍ଣ୍ଣୀ ତୈଳାଭ୍ୟକ୍ତଶରୀରିଣୀ ॥
ବାମପାଦୋଲ୍ଲସଲ୍ଲୋହଲତାକଣ୍ଟକଭୂଷଣା ।
ବର୍ଦ୍ଧନମୂର୍ଧ୍ୱଜା କୃଷ୍ଣା କାଳରାତ୍ରିର୍ଭୟଙ୍କରୀ ॥

ମାତା ଦୁର୍ଗାଙ୍କର ସପ୍ତମ ଶକ୍ତି କାଳରାତ୍ରୀ ନାମରେ ବିଖ୍ୟାତ। ଏହାଙ୍କ ଶରୀରର ରଙ୍ଗ ଅନ୍ଧକାର ରାତ୍ରିପରି ଗାଢ କଳା। ମସ୍ତକର କେଶ ମୁକୁଳା। କଣ୍ଠରେ ବିଜୁଳିପରି ଉଜ୍ଜ୍ୱଳମାଳା ଝଟକୁଥାଏ। ମାତାଙ୍କର ତିନୋଟି ନେତ୍ର ଏବଂ ଏହି ତିନୋଟି ନେତ୍ର ବ୍ରହ୍ମାଣ୍ଡ ସଦୃଶ ଗୋଲାକାର। ତାଙ୍କର ନାସିକାରୁ ପ୍ରବାହିତ ଶ୍ୱାସପ୍ରଶ୍ୱାସରେ ଅଗ୍ନିର ଜ୍ୱାଳା ବାହାରୁଥାଏ। ତାଙ୍କର ବାହନ ଗର୍ଦଭ-ଗଧ। ସେ ଚତୁର୍ଭୁଜା। ଡାହାଣ ପଟର ଉପର ହାତ ଟେକି ସେ ବରମୁଦ୍ରାରେ ସମସ୍ତଙ୍କୁ ବରଦାନ କରନ୍ତି ଓ ତଳହାତ ଅଭୟ ମୁଦ୍ରା ଦେଖାଏ। ବାମ ପଟ ଉପର ହାତରେ ଲୁହାର କଣ୍ଟା ଓ ତଳ ହାତରେ ଖଡ୍‌ଗ ବା କଟାର ଶୋଭାପାଏ।

ମାତା କାଳରାତ୍ରିଙ୍କର ସ୍ୱରୂପ ଦେଖିବାକୁ ଅତ୍ୟନ୍ତ ଭୟଙ୍କର, କିନ୍ତୁ ସେ ସର୍ବଦା ଶୁଭଫଳ ହିଁ ପ୍ରଦାନ କରନ୍ତି; ତେଣୁ ତାଙ୍କର ଅନ୍ୟ ନାମ 'ଶୁଭଙ୍କରୀ' ଅଟେ। ସୁତରାଂ ତାଙ୍କୁ ଦେଖି ଭକ୍ତମାନେ କୌଣସି ପ୍ରକାର ଭୟଭୀତ ବା ଆତଙ୍କିତ ହେବା ଅନୁଚିତ୍।

ଦୁର୍ଗାପୂଜାର ସପ୍ତମଦିନ ମାତା କାଳରାତ୍ରିର ଉପାସନାର ବିଧାନ ଅଛି। ସେଦିନ ସାଧକଙ୍କ ମନ 'ସହସ୍ରାର' ଚକ୍ରରେ ସ୍ଥିତ ରହେ; ତାଙ୍କ ପାଇଁ ବ୍ରହ୍ମାଣ୍ଡର ସକଳ ସିଦ୍ଧିର ଦ୍ୱାର ଖୋଲିଯାଏ। ଏହି ଚକ୍ରରେ ସ୍ଥିତ ସାଧକର ମନ ପୂର୍ଣ୍ଣତଃ ମାତା କାଳରାତ୍ରିଙ୍କ ସ୍ୱରୂପରେ ଲାଗିରହେ। ମା'ଙ୍କ ସାକ୍ଷାତକାରରୁ ମିଳୁଥିବା ପୁଣ୍ୟରେ ସେ ଭାଗୀ ହୋଇଯାଆନ୍ତି। ତାଙ୍କର ସକଳ ପାପ ଓ ବିଘ୍ନ ନଷ୍ଟ ହୋଇଯାଇ ତାଙ୍କୁ ଅକ୍ଷୟ ପୁଣ୍ୟଲୋକ ପ୍ରାପ୍ତି ହୁଏ।

ମାତା କାଳରାତ୍ରି ଦୁଷ୍ଟବିନାଶିନୀ ଅଟନ୍ତି। ତାଙ୍କର ସ୍ମରଣମାତ୍ରେ ଦାନବ, ଦୈତ୍ୟ, ରାକ୍ଷସ, ଭୂତ, ପ୍ରେତ ଆଦି ସମସ୍ତେ ଭୟଭୀତ ହୋଇ ପଳାୟନ କରନ୍ତି । ମା' ଗ୍ରହଦୋଷକୁ ମଧ୍ୟ ଦୂର କରନ୍ତି । ତାଙ୍କର ଉପାସକଙ୍କୁ ଅଗ୍ନିଭୟ, ଜଳଭୟ, ଶତ୍ରୁଭୟ, ରାତ୍ରିଭୟ ଆଦି କୌଣସି ଭୟ ଲାଗେ ନାହିଁ, ମା'ଙ୍କ କୃପାରୁ ସେ ସର୍ବଥା ଭୟମୁକ୍ତ ହୋଇରହନ୍ତି।

ମାତା କାଳରାତ୍ରିଙ୍କର ସ୍ୱରୂପ-ବିଗ୍ରହକୁ ନିଜ ହୃଦୟରେ ଧାରଣ କରି ମନୁଷ୍ୟ ଏକନିଷ୍ଠ ଭାବରେ ତାଙ୍କର ଉପାସନା କରିବା ଆବଶ୍ୟକ। ସେ ମାନସିକ, ବାଚିକ ଓ କାୟିକ ପବିତ୍ରତା ରଖିବା ସଙ୍ଗେ ସଙ୍ଗେ ଯମ, ନିୟମ ଓ ସଂଯମ ପୂର୍ଣ୍ଣରୂପେ ପାଳନ କରିବା ଆବଶ୍ୟକ; ମା' ହେଉଛନ୍ତି ଶୁଭଙ୍କରୀ ଦେବୀ। ତାଙ୍କର ଉପାସନାରୁ ମିଳୁଥିବା ଶୁଭ ତ ଅଗଣନୀୟ। ଆମେ ନିରନ୍ତର ମା'ଙ୍କର ସ୍ମରଣ, ଧ୍ୟାନ ଓ ପୂଜନ କରିବା ଆବଶ୍ୟକ।❖❖❖

୮. ମହାଗୌରୀ



ଶ୍ୱେତେବୃଷେ ସମାରୂଢା ଶ୍ୱେତାମ୍ବରଧରା ଶୁଚିଃ ।
ମହାଗୌରୀ ଶୁଭଂ ଦଦ୍ୟାନ୍‌ମହାଦେବପ୍ରମୋଦଦା ॥

ମାତା ଦୁର୍ଗାଙ୍କର ଅଷ୍ଟମ ନାମ ମହାଗୌରୀ । ତାଙ୍କର ବର୍ଣ୍ଣ ସମ୍ପୂର୍ଣ୍ଣ ଗୌର । ମା'ଙ୍କର ଗୌର ବର୍ଣ୍ଣ ବର୍ଣ୍ଣନା କରି ଶଙ୍ଖ, ଚକ୍ର ଓ କୁନ୍ଦଫୁଲର ଉପମା ଦିଆଯାଏ । ତାଙ୍କର ଆୟୁ ଆଠ ବର୍ଷ ବୋଲି ଧରାଯାଏ - ଅଷ୍ଟବର୍ଷା ଭବେଦ୍‌ଗୌରୀ । ତାଙ୍କର ସମସ୍ତ ବସ୍ତ୍ର ଓ ଆଭୂଷଣ ମଧ୍ୟ ଶ୍ୱେତ । ମା' ଚତୁର୍ଭୁଜା ଓ ବୃଷବାହିନୀ । ତାଙ୍କର ଡାହାଣ ପଟ ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ତ୍ରିଶୂଳ ଏବଂ ବାମପଟ ଉପର ହାତରେ ଡମ୍ବରୁ ଓ ତଳହାତରେ ବରମୁଦ୍ରା ଶୋଭିତ । ତାଙ୍କର ମୁଦ୍ରା ଅତ୍ୟନ୍ତ ଶାନ୍ତ ।

ପାର୍ବତୀ ରୂପରେ ସେ ଭଗବାନ୍ ଶିବଙ୍କୁ ପତିରୂପେ ପାଇବାକୁ କଠୋର ତପସ୍ୟା କରିଥିଲେ । ସେ ପ୍ରତିଜ୍ଞା କରିଥିଲେ, ବ୍ରିୟେହଂ ବରଦଂ ଶମ୍ଭୁ ନାନ୍ୟଂ ଦେବଂ ମହେଶ୍ୱରାତ୍ (ନାରଦ ପଞ୍ଚରାତ୍ର) । ଗୋସ୍ୱାମୀ ତୁଳସୀଦାସଙ୍କ ଭାଷାରେ ବି ଭଗବାନ୍ ଶିବଙ୍କୁ ବରଣ କରିବା ପାଇଁ ସେ କଠୋର ସଂକଳ୍ପ କରିଥିଲେ -

ଜନ୍ମକୋଟି ଲଗି ରଗର ହମାରୀ ।
ବରଉଁ ସଂଭୁ ନ ତ ରହଉଁ କୁଆରୀ ॥

ସେହି କଠୋର ତପସ୍ୟା ହେତୁ ତାଙ୍କର ଶରୀର କଳାକାଠ ପଡି ଯାଇଥିଲା । ତାଙ୍କର ତପସ୍ୟାରେ ପ୍ରସନ୍ନ ଓ ସନ୍ତୁଷ୍ଟ ହୋଇ ଭଗବାନ୍ ଶିବ ଯେତେବେଳେ ତାଙ୍କର ଶରୀରକୁ ପବିତ୍ର ଗଙ୍ଗାଜଳରେ ଧୋଇ ମାଜିଦେଲେ, ସେତେବେଳେ ତାହା ବିଦ୍ୟୁତ୍ ପ୍ରଭାପରି ଅତ୍ୟନ୍ତ କାନ୍ତିମାନ୍ - ଗୌର ହୋଇଗଲା । ସେହି ଦିନୁ ତାଙ୍କର ନାମ ହୋଇଗଲା ମହାଗୌରୀ ।

ଦୁର୍ଗାପୂଜାର ଅଷ୍ଟମ ଦିନ ମହାଗୌରୀଙ୍କୁ ଉପାସନା କରିବାର ବିଧାନ ରହିଛି । ମା'ଙ୍କର ଶକ୍ତି ଅମୋଘ ଓ ସଦ୍ୟଫଳଦାୟିନୀ । ତାଙ୍କର ଉପାସନା କଲେ ଭକ୍ତଙ୍କର ସକଳ କଳୁଷ ଧୋଇ ହୋଇଯାଏ; ପୂର୍ବବାଞ୍ଛିତ ପାପ ବି ଖଣ୍ଡନ ହୋଇଯାଏ ଏବଂ

ଭବିଷ୍ୟତରେ କେବେ କୌଣସି ପାପ-ସନ୍ତାପ ବା ଦୁଃଖ-ଦୈନ୍ୟ ତାଙ୍କ ପାଖରେ ପଶିପାରେ ନାହିଁ । ସେ ସର୍ବତୋଭାବେ ପବିତ୍ର ଓ ଅକ୍ଷୟ ପୁଣ୍ୟର ଅଧିକାରୀ ହୋଇଯାଆନ୍ତି ।

ମାତା ମହାଗୌରୀଙ୍କର ଧ୍ୟାନ-ସ୍ମରଣ, ପୂଜନ-ଆରାଧନ ଭକ୍ତମାନଙ୍କ ନିମନ୍ତେ ସର୍ବବିଧ କଲ୍ୟାଣକାରୀ ଅଟେ । ଆମକୁ ସର୍ବଦା ତାଙ୍କର ଧ୍ୟାନ କରିବାକୁ ପଡିବ । ତାଙ୍କର କୃପା ହେଲେ ଅଲୌକିକ ସିଦ୍ଧି ପ୍ରାପ୍ତି ହୋଇଯାଏ । ମନକୁ ଅନନ୍ୟଭାବରେ ଏକନିଷ୍ଠ କରି ସର୍ବଦା ମା'ଙ୍କର ପଦାରବିନ୍ଦକୁ ଧ୍ୟାନ କରିବା ଆବଶ୍ୟକ । ସେ ଭକ୍ତମାନଙ୍କର କଷ୍ଟକୁ ଅବଶ୍ୟ ଦୂର କରନ୍ତି । ତାଙ୍କର ଉପାସନା କଲେ ଆର୍ତ୍ତଜନର ଅସମ୍ଭବ କାର୍ଯ୍ୟ ବି ସମ୍ଭବ ହୋଇଯାଏ । ତେଣୁ ତାଙ୍କ ଚରଣର ଶରଣ ପାଇବା ଲାଗି ଆମେ ସର୍ବବିଧ ପ୍ରଯତ୍ନ କରିବା ଆବଶ୍ୟକ । ପୁରାଣରେ ମା'ଙ୍କର ମହିମା ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ସେ ମନୁଷ୍ୟର ବୃତ୍ତିମାନଙ୍କୁ ସତ୍‌ଦିଗରେ ପ୍ରେରିତ କରି ଅସତ୍‌ର ବିନାଶ କରନ୍ତି । ଆମେ ପ୍ରପତ୍ତିଭାବରେ ସର୍ବଦା ତାଙ୍କର ଶରଣାଗତ ହୋଇଯିବା ଆବଶ୍ୟକ ।

❖❖❖

୯. ସିଦ୍ଧିଦାତ୍ରୀ



ସିଦ୍ଧଗନ୍ଧର୍ବଯକ୍ଷାଦ୍ୟୈରସୁରୈରମରୈରପି ।
ସେବ୍ୟମାନା ସଦା ଭୂୟାତ୍ ସିଦ୍ଧିଦା ସିଦ୍ଧିଦାୟିନୀ ॥

ମାତା ଦୁର୍ଗାଙ୍କର ନବମ ଶକ୍ତିର ନାମ ସିଦ୍ଧିଦାତ୍ରୀ । ଏହି ମାତା ସକଳ ପ୍ରକାର ସିଦ୍ଧି ପ୍ରଦାନ କରନ୍ତି । ମାର୍କଣ୍ଡେୟପୁରାଣ ଅନୁଯାୟୀ ସିଦ୍ଧି ହେଉଛି ଆଠ ପ୍ରକାର, ଯଥା - ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶ୍ୱିତ୍ୱ ଏବଂ ବଶିତ୍ୱ । ବ୍ରହ୍ମବୈବର୍ତ୍ତପୁରାଣର ଶ୍ରୀକୃଷ୍ଣଜନ୍ମ ଖଣ୍ଡରେ ସିଦ୍ଧି ଅଠର ପ୍ରକାର ବୋଲି କୁହାଯାଇଛି ।

ସେଗୁଡିକ ହେଉଛି -

୧. ଅଣିମା
୨. ଲଘିମା
୩. ପ୍ରାପ୍ତି
୪. ପ୍ରାକାମ୍ୟ
୫. ମହିମା
୬. ଈଶ୍ୱିତ୍ୱ, ବଶିତ୍ୱ
୭. ସର୍ବକାମାବସାୟିତା
୮. ସର୍ବଜ୍ଞତ୍ୱ
୯. ଦୂରଶ୍ରବଣ
୧୦. ପରକାୟପ୍ରବେଶନ
୧୧. ବାକ୍‌ସିଦ୍ଧି
୧୨. କଳ୍ପବୃକ୍ଷତ୍ୱ
୧୩. ସୃଷ୍ଟି
୧୪. ସଂହାରକରଣ ସାମର୍ଥ୍ୟ
୧୫. ଅମରତ୍ୱ
୧୬. ସର୍ବନ୍ୟାୟକତ୍ୱ
୧୭. ଭାବନା
୧୮. ସିଦ୍ଧି

ଭକ୍ତ ଓ ସାଧକମାନଙ୍କୁ ଏହି ସମସ୍ତ ସିଦ୍ଧି ପ୍ରଦାନ କରିବାକୁ ମାତା ସିଦ୍ଧିଦାତ୍ରୀ ସମର୍ଥ । ଦେବୀପୁରାଣ ଅନୁଯାୟୀ ମା'ଙ୍କ କୃପାରୁ ହିଁ ଭଗବାନ୍ ଶିବ ଏହି ସବୁ ସିଦ୍ଧି ପ୍ରାପ୍ତି କରିଥିଲେ। ତାଙ୍କରି ଅନୁକମ୍ପାରେ ହିଁ ଶିବଙ୍କର ଅଧା ଶରୀର ଦେବୀଙ୍କ ଶରୀରପରି ହୋଇଥିଲା; ତେଣୁ ସେ ଲୋକରେ ଅର୍ଦ୍ଧନାରୀଶ୍ୱର ନାମରେ ବିଖ୍ୟାତ। ମା' ସିଦ୍ଧିଦାତ୍ରୀ ଚତୁର୍ଭୁଜା, ସିଂହବାହିନୀ ଏବଂ ପଦ୍ମାସନୀ। ସେ ଡାହାଣ ପଟର ହାତରେ ଗଦା ଓ ତଳ ହାତରେ ଚକ୍ର ଏବଂ ବାମ ପଟର ଉପର ହାତରେ ପଦ୍ମ ଓ ତଳ ହାତରେ ଶଙ୍ଖ ଧରିଥା'ନ୍ତି । ନବରାତ୍ର ପୂଜାର ନବମ ଦିନ ତାଙ୍କର ଉପାସନା କରାଯାଏ। ଯେଉଁମାନେ ସେ ଦିନ

ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ପୂର୍ଣ୍ଣ ନିଷ୍ଠାର ସହିତ ସାଧନା କରନ୍ତି, ମାତାଙ୍କ କୃପାରୁ ସେମାନଙ୍କୁ ସକଳ ସିଦ୍ଧି ପ୍ରାପ୍ତ ହୋଇଯାଏ । ସୃଷ୍ଟିର କୌଣସି ବି ବିଷୟ ସେମାନଙ୍କ ନିମନ୍ତେ ଅଗମ୍ୟ ହୋଇ ରହିଯାଏ ନାହିଁ । ସେମାନଙ୍କ ଭିତରେ ବ୍ରହ୍ମାଣ୍ଡକୁ ପୂର୍ଣ୍ଣ ବିଜୟ କରିବାର ସାମର୍ଥ୍ୟ ଆସିଯାଏ ।

ମାତା ସିଦ୍ଧିଦାତ୍ରୀଙ୍କର କୃପା ପ୍ରାପ୍ତ ହେବା ନିମନ୍ତେ ନିରନ୍ତର ପ୍ରଯତ୍ନ କରିବା ହେଉଛି ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ । ତାଙ୍କର ଆରାଧନା ପଥରେ ଅଗ୍ରସର ହେବା ଆବଶ୍ୟକ । ତାଙ୍କରି କୃପାରୁ ଅନନ୍ତ ଦୁଃଖରୂପକ ସଂସାରରେ ନିର୍ଲିପ୍ତ ରହି, ସକଳ ସୁଖ ଭୋଗ କରି ମନୁଷ୍ୟ ମୋକ୍ଷ ପ୍ରାପ୍ତ ହୋଇପାରେ ।

ନବଦୁର୍ଗାଙ୍କ ମଧ୍ୟରେ ମା' ସିଦ୍ଧିଦାତ୍ରୀ ହେଉଛନ୍ତି ଶେଷଦୁର୍ଗା । ଶାସ୍ତ୍ରୀୟ ବିଧି-ବିଧାନ ଅନୁସାରେ ଅନ୍ୟ ଅଷ୍ଟ ଦୁର୍ଗାଙ୍କର ପୂଜା-ଉପାସନା ଶେଷ କରି ସାଧକ ନବମ ଦିନ ଏହି ମାତାଙ୍କ ଉପାସନାରେ ପ୍ରବୃତ୍ତ ହୁଅନ୍ତି । ଏହି ସିଦ୍ଧିଦାତ୍ରୀ ମାତାଙ୍କର ଉପାସନା ପୂର୍ଣ୍ଣ କରିଦେବା ପରେ ଭକ୍ତ ଓ ସାଧକମାନଙ୍କର ଲୌକିକ-ପାରଲୌକିକ ରହିଯାଏ ନାହିଁ, ଯାହାକୁ କି ସେ ପୂର୍ଣ୍ଣ କରିବାକୁ ଚାହାଁନ୍ତି । ସେ ସକଳ ସାଂସାରିକ ଇଚ୍ଛା, ଆବଶ୍ୟକତା ଓ ସ୍ପୃହାର ଉପରକୁ ଉଠିଯାଇ ମାନସିକ ରୂପରେ ମାତା ଭଗବତୀଙ୍କର ଦିବ୍ୟଲୋକରେ ବିଚରଣ କରନ୍ତି ଏବଂ ମାତାଙ୍କର କୃପା-ରସ-ଅମୃତ ନିରନ୍ତର ପାନ କରି ବିଷୟ-ଭୋଗ-ଶୂନ୍ୟ ହୋଇଯାଆନ୍ତି । ମାତା ଭଗବତୀଙ୍କର ପରମ ସାନ୍ନିଧ୍ୟ ହିଁ ତାଙ୍କର ସର୍ବସ୍ୱ ହୋଇଯାଏ । ସେହି ପରମପଦକୁ ପାଇଯିବା ପରେ ତାଙ୍କର ଆଉ କୌଣସି ବସ୍ତୁର ଆବଶ୍ୟକତା ରହେ ନାହିଁ ।

ମାତାଙ୍କ ଚରଣର ଏହି ସାନ୍ନିଧ୍ୟ ପ୍ରାପ୍ତି ନିମନ୍ତେ ଆମକୁ ନିୟମନିଷ୍ଠ ହୋଇ ନିରନ୍ତର ତାଙ୍କର ଉପାସନା କରିବାକୁ ପଡିବ । ମାତା ଭଗବତୀଙ୍କର ସ୍ମରଣ, ଧ୍ୟାନ ଓ ପୂଜନ ଆମକୁ ଏହି ସଂସାରର ଅସାରତା ବୋଧ କରାଇ ଦେଇ ବାସ୍ତବିକ ପରମ ଶାନ୍ତିଦାୟକ ଅମୃତପଦ ଆଡକୁ ନେଇଯାଇ ପାରିବ ।

❖❖❖

ସହାୟକ ଗ୍ରନ୍ଥସୂଚୀ

୧. ଦଶମହାବିଦ୍ୟା ତନ୍ତ୍ରସାର (ହିନ୍ଦୀ)
ଯୋଗୀରାଜ ଯଶପାଲ 'ଭାରତୀ'
ରଣଧିର ପ୍ରକାଶନ, ହରିଦ୍ୱାର ।

୨. ନବଦୁର୍ଗା - ଗୀତାପ୍ରେସ୍ - ଗୋରଖପୁର ।



ଡ. ପ୍ରଦୀପ କୁମାର ଚୌଧୁରୀ ଆମ ସମୟର ଜଣେ ବିଶିଷ୍ଟ ଜ୍ୟୋତିର୍ବିଦ୍ । ଜ୍ୟୋତିର୍ବିଦ୍ ଭାବରେ ଡ. ଚୌଧୁରୀ ଭାରତବର୍ଷ ତଥା ଅନ୍ତର୍ଜାତୀୟ ସ୍ତରରେ ବେଶ୍ ପରିଚିତ । ତାଙ୍କ ଦ୍ୱାରା ରଚିତ ଅନେକ ଜ୍ୟୋତିଷଗ୍ରନ୍ଥ ଓ ଆଧ୍ୟାତ୍ମିକ ପୁସ୍ତକ ପାଠକଙ୍କ ଦ୍ୱାରା ଖୁବ୍ ଆଦର ଲାଭ କରିଛି । ବର୍ତ୍ତମାନ ସୁଦ୍ଧା ଡ. ଚୌଧୁରୀ ଜ୍ୟୋତିଷ ଓ ଆଧ୍ୟାତ୍ମିକ ସାହିତ୍ୟକୁ ପଚାଶ ଖଣ୍ଡ ପୁସ୍ତକ ପ୍ରଦାନ କରି ଉତ୍କଳ ଜ୍ୟୋତିଷ ଓ ଆଧ୍ୟାତ୍ମିକ ସାହିତ୍ୟ ଭଣ୍ଡାରକୁ ବହୁଳ ଭାବେ ସମୃଦ୍ଧ କରିଛନ୍ତି । ଡ. ଚୌଧୁରୀ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ଗୁଡାରି ଗ୍ରାମରେ ୧୭ ଜାନୁୟାରୀ ୧୯୬୭ ମସିହାରେ ଜନ୍ମଗ୍ରହଣ କରିଛନ୍ତି । ଉଭୟ ଅର୍ଥନୀତି ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ପରେ ଜ୍ୟୋତିଷ ତଥା ଆଧ୍ୟାତ୍ମିକ ସାହିତ୍ୟରେ ନିଜର ବଳିଷ୍ଠ କୃତିତ୍ୱ ପ୍ରଦର୍ଶନ କରିଛନ୍ତି ।

ଡକ୍ଟର ଚୌଧୁରୀ ସଦ୍‌ଗୁରୁ ଶ୍ରୀ ଶିରିଡ଼ି ସାଇବାବାଙ୍କର ଅନନ୍ୟ ଭକ୍ତ ଭାବରେ ମଧ୍ୟ ପରିଚିତ । ତାଙ୍କ ରଚିତ ପୁସ୍ତକ 'ଶ୍ରୀ ଶିରିଡ଼ି ସାଇବାବା ପୂଜା ଉପାସନା ଓ ନବଗ୍ରହ ଶାନ୍ତିବିଧାନ', 'ମୋ ଜୀବନପଥେ ଶ୍ରୀକ୍ଷେତ୍ରରୁ ଶିରିଡ଼ି', 'ସାଇ ପ୍ରଦୀପ ୧ ଓ ୨', 'ସାଇ ସର୍ବସ୍ୱମ୍' 'ସାଇକ୍ଷେତ୍ର ଶିରିଡ଼ି', 'ଆସ ଆମେ ବାବାଙ୍କୁ ଜାଣିବା' ଓ 'ସାଇ ଆରତୀ' (ଓଡ଼ିଆ) ଆଦି ପୁସ୍ତକ ସାଇପ୍ରେମୀଙ୍କ ପାଖରେ ବହୁଳ ସ୍ୱୀକୃତି ଲାଭକରିଛି । ଆଶା କରାଯାଏ ଏହି ପୁସ୍ତକ 'ଦଶ ମହାବିଦ୍ୟା ଓ ନବଦୁର୍ଗା' ସମସ୍ତ ପାଠକମାନଙ୍କ ପାଇଁ ସହାୟକ ହେବ ।



ଶ୍ରୀଯୁକ୍ତ ରୁଦ୍ରପ୍ରସନ୍ନ ଦ୍ୱିବେଦୀ କଟକ ଜିଲ୍ଲାରେ ୧୯୩୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ରେଭେନ୍‌ସା କଲେଜିଏଟ୍ ବିଦ୍ୟାଳୟ, ରେଭେନ୍‌ସା ମହାବିଦ୍ୟାଳୟ ଓ ପାଟନା ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରି ଅଧ୍ୟାପକ ଚାକିରୀରେ ଯୋଗ ଦେଲାପରେ ରାଜ୍ୟ କୃଷି ବିଭାଗରେ ବିଭିନ୍ନ ପଦପଦବୀ, ବିଭାଗୀୟ ମୁଖ୍ୟ, ନିର୍ଦ୍ଦେଶକ, 'ମୃତ୍ତିକା ସଂରକ୍ଷଣ' ପରିଚାଳନା ନିର୍ଦ୍ଦେଶକ, 'ଓଡ଼ିଶା କାଜୁ ନିଗମ' ଅତିରିକ୍ତ ଶାସନ ସଚିବ 'କୃଷି' ପଦବୀରୁ ୧୯୯୭ ମସିହା ଜାନୁୟାରୀ ମାସରେ ଅବସର ଗ୍ରହଣ କରିଥିଲେ । ଅବସର ପରେ ବିଭିନ୍ନ ସଂସ୍ଥା ସହ ପରାମର୍ଶଦାତା ଭାବେ ସଂଶ୍ଳିଷ୍ଟ ଅଛନ୍ତି । ପିତା ସ୍ୱର୍ଗତ ରାଧାନାଥ ଦ୍ୱିବେଦୀଙ୍କ ଜ୍ୟୋତିଷ ଚର୍ଚ୍ଚା ଓ ଫଳିତ ଜ୍ୟୋତିଷ ଭବିଷ୍ୟବାଣୀରେ ଅନୁପ୍ରାଣିତ ହୋଇ ୧୯୭୦ ମସିହାରେ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ ପ୍ରତି ଆଗ୍ରହ ପ୍ରକାଶ କରି ଦୀର୍ଘ ଦୁଇ ଦଶନ୍ଧି ଧରି ବିଭିନ୍ନ ମାଧ୍ୟମରେ ଜ୍ୟୋତିଷ ଶାସ୍ତ୍ର ସମ୍ବନ୍ଧୀୟ ଆଲୋଚନାରେ ଯୋଗଦାନ ଓ ଜ୍ୟୋତିଷ ଚର୍ଚ୍ଚା, ଅଧ୍ୟୟନକୁ ନିଜର ଆନନ୍ଦଲାଭ ବୃତ୍ତି ଭାବେ ଗ୍ରହଣ କରିଛନ୍ତି । ୨୦୦୫ ମସିହାରେ ଏସିଆ ଫଳିତ ଜ୍ୟୋତିଷ ବିଶାରଦ ସମ୍ମିଳନୀରେ **'ନିର୍ମାଲ୍ୟ'** ପୁରସ୍କାର ଓ **'ଜ୍ୟୋତିଷଗୌରବ'** ଉପାଧି ଲାଭ କରିଛନ୍ତି ।

- ପ୍ରକାଶକ